# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, February 11/2026 | Page 14 | ₹ 7.00

୫୨ଶ ଭାଗ ୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 79 | ମୂଲ୍ୟ ₹୭/-




## ପ୍ରମୋଦ ଭଗତଙ୍କ ପ୍ରଭାବୀ ପ୍ରଦର୍ଶନ

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ।

୧୨

୧୦

## ରାଜପାଲଙ୍କୁ ସହାୟତା କରିବେ ସୋନୁ ସୁଦ୍

ହାସ୍ୟାଭିନେତା ରାଜପାଲ ଯାଦବ ଚେକ୍ ବାଉନ୍ସ ମାମଲାରେ ତିହାର ଜେଲରେ ଆତ୍ମସମର୍ପଣ କରିଥିବାବେଳେ ତାଙ୍କୁ ସହାୟତା କରିବାକୁ ଅଭିନେତା ସୋନୁ ସୁଦ୍ ଆଗେଇ ଆସିଛନ୍ତି।









# ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ମ୍ୟାପିଂରେ
## ଆମକୁ ସହଯୋଗ କରନ୍ତୁ - ଅତ୍ୟଧିକ ପ୍ରକ୍ରିୟାକରଣରୁ ନିଜକୁ ଦୂରେଇ ରଖନ୍ତୁ!

12001/10/2526

### ମ୍ୟାପିଂ କରିବା ଅତ୍ୟନ୍ତ ସହଜ:

ଆପଣଙ୍କୁ କେବଳ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ- ୨୦୦୨ ତାଲିକାରୁ ଯାଞ୍ଚ ଏବଂ ଚିହ୍ନଟ କରି ଏହା ବିଷୟରେ ନିକଟସ୍ଥ ବୁଥ୍-ସ୍ତରୀୟ ଅଧିକାରୀ (BLO)ଙ୍କୁ ଜଣାଇବାର ଅଛି ।

### ଏବେ ହିଁ ଘରେ ବସି ୨୦୦୨ ଭୋଟର ତାଲିକାରୁ ନାମ ଯାଞ୍ଚ କରନ୍ତୁ:

୧ voters.eci.gov.in ୱେବସାଇଟ୍ କୁ ଯାଆନ୍ତୁ

୨ Search Your Name in Last SIR ରେ କ୍ଲିକ୍ କରନ୍ତୁ

୩ ୨୦୦୨ ଭୋଟର ବିବରଣୀ ଅନୁସାରେ ବିକଳ୍ପ ଗୁଡ଼ିକ ଚୟନ କିମ୍ବା ପ୍ରବେଶ କରନ୍ତୁ

୪ କ୍ୟାପଚାର ସଠିକ ପ୍ରବେଶ କରି ➡ Search ରେ କ୍ଲିକ୍ କରନ୍ତୁ

୫ ନାମ ସହ ସମାନ ଥିବା ସମସ୍ତ ଭୋଟରଙ୍କ ଏକ ତାଲିକା ଏହିପରି ପ୍ରଦର୍ଶିତ ହେବ

୬ ଏହା ମଧ୍ୟରୁ ଆପଣଙ୍କ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ ଚିହ୍ନଟ କରି ବିବରଣୀ ଗୁଡ଼ିକ ଟିପି ରଖନ୍ତୁ

* ମନେରଖନ୍ତୁ-
ଏହି ମ୍ୟାପିଂ ପ୍ରକ୍ରିୟା ଦ୍ୱାରା ଆପଣ ନିଜକୁ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ସମୟରେ ଅତ୍ୟଧିକ ପ୍ରକ୍ରିୟାକରଣରୁ ଦୂରେଇ ରଖିପାରିବେ ଏବଂ ଭୋଟର ତାଲିକାରେ ନିଜ ନାମକୁ ସୁନିଶ୍ଚିତ କରିପାରିବେ ।

### ଏକ ବିକଳ୍ପ ଉପାୟ:

ଯଦି ସମସ୍ତ ବିବରଣୀ ପ୍ରବେଶ ପରେ ମଧ ଆପଣଙ୍କର କୌଣସି ତଥ୍ୟ ମିଳୁ ନାହିଁ, ତେବେ:

୧ ପାର୍ଶ୍ୱରେଥିବା ଟ୍ୟାବ୍ Search in last SIR E-Roll କୁ କ୍ଲିକ୍ କରନ୍ତୁ

୨ ୨୦୦୨ ମସିହା ଅନୁସାରେ ବିବରଣୀ ଗୁଡ଼ିକ ଚୟନ କରନ୍ତୁ ➡ View ରେ କ୍ଲିକ୍ କରନ୍ତୁ

୩ ଭୋଟର ତାଲିକାରୁ ଆପଣଙ୍କ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ ସହ ଅନ୍ୟ ପରିବାର ସଦସ୍ୟଙ୍କ ନାମ ସ୍ୱୟଂ ଯାଞ୍ଚ କରି ଚିହ୍ନଟ କରନ୍ତୁ ଏବଂ ବିବରଣୀ ଗୁଡ଼ିକ ଟିପି ରଖନ୍ତୁ

> ଟିପି ରଖିଥିବା ନାମ ଏବଂ ବିବରଣୀ ଗୁଡ଼ିକ ବିଷୟରେ ଯଥାଶୀଘ୍ର ନିକଟସ୍ଥ ବୁଥ୍-ସ୍ତରୀୟ ଅଧିକାରୀ (BLO)ଙ୍କୁ ଜଣାନ୍ତୁ

> ସେ ଏହାକୁ ବର୍ତ୍ତମାନର ଭୋଟର ତାଲିକା ସହ ସମନ୍ୱୟ କରି ମ୍ୟାପିଂ ପ୍ରକ୍ରିୟାକୁ ପୂର୍ଣ୍ଣ କରିବେ ।

OIPR-12001/12198/2/25-26/0001

### ଅଧିକ ସୂଚନା ପାଇଁ

ଭୋଟର ହେଲ୍ପଲାଇନ୍ ନମ୍ବର ୧୯୫୦ ରେ କଲ୍ କରନ୍ତୁ

କିମ୍ବା

ECINet ରେ 'Book a Call with BLO' ବିକଳ୍ପ ବ୍ୟବହାର କରନ୍ତୁ

ଆସନ୍ତୁ ଏକାଠି ହୋଇ ଭୋଟର ତାଲିକାକୁ ସୁସ୍ଥ ଏବଂ ସ୍ୱଚ୍ଛ କରିବା
ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବା



ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
Chief Electoral Officer, Odisha

Follow us on :
CEO Odisha | Ceoodisha | odishaceo | Chief Electoral Officer Odisha | ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା Channel

ଦିଲ୍ଲୀରେ ଆଜି




ଏପ୍‌ଷ୍ଟିନ୍ ଫାଇଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ଥିବାରୁ ଏହାର ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ମଙ୍ଗଳବାର ବିକ୍ଷୋଭ କରାଯାଉଛି। (ଫଟୋ-ଚମନ ଗୌତମ)

## ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ

ନୂଆଦିଲ୍ଲୀ,୧୦।୨(ପି.ଟି.)

### ବିର୍ଲା ପକ୍ଷପାତ ଢଙ୍ଗରେ କାର୍ଯ୍ୟ କରୁଛନ୍ତି: ବିରୋଧୀ



ଓମ୍ ବିର୍ଲା

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦବୀରୁ ହଟାଇବା ପାଇଁ ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ନୋଟିସ ଦାଖଲ କରିଛନ୍ତି। ବିର୍ଲା ଗୃହକାର୍ଯ୍ୟ ପରିଚାଳନାରେ ଖୋଲାଖୋଲି ପକ୍ଷପାତ ଢଙ୍ଗରେ କାର୍ଯ୍ୟ କରିବା ସହ ସାମ୍ବିଧାନିକ ପଦବୀର ଦୁରୁପଯୋଗ କରୁଥିବା ନେଇ ବିରୋଧୀ ଅଭିଯୋଗ ଆଣିଛନ୍ତି। କଂଗ୍ରେସ ସଦସ୍ୟଙ୍କ ବିରୋଧରେ ସେ ନିର୍ଦ୍ଦିଷ୍ଟ ମିଥ୍ୟା ଅଭିଯୋଗ ଆଣିଥିବା ବିରୋଧୀ କହିଛନ୍ତି। ତେଣୁ ନୈତିକତା ଦୃଷ୍ଟିରୁ ବିର୍ଲା ଅନାସ୍ଥା ପ୍ରସଙ୍ଗର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ପରିଚାଳନା କରିବେ ନାହିଁ ବୋଲି କହିଥିବା ସୂତ୍ରରୁ ଜଣାପଡ଼ିଛି। ବିରୋଧୀ ଦଳ ଦେଇଥିବା ନୋଟିସକୁ ଅନୁଧ୍ୟାନ କରି ସଂସଦୀୟ ନିୟମାବଳୀ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିର୍ଲା ଲୋକ ସଭା ମହାସଚିବ ଉତ୍ପଳ କୁମାର ସିଂଙ୍କୁ କହିଛନ୍ତି।

ସମ୍ବିଧାନର ଅନୁଚ୍ଛେଦ ୯୪(ସି) ଅନୁଯାୟୀ ବିଭିନ୍ନ ବିରୋଧୀ ଦଳ ତରଫରୁ ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ, ମୁଖ୍ୟ ହୁଇପ୍ କେ. ସୁରେଶ ଏବଂ ହୁଇପ୍ ମହମ୍ମଦ ଜାଭେଦ ନିମ୍ନ ସଦନର ମହାସଚିବ ଉତ୍ପଳ କୁମାର ସିଂଙ୍କ ନିକଟରେ ନୋଟିସ ଦାଖଲ କରିଛନ୍ତି। ଉକ୍ତ ନୋଟିସ୍‌ରେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ବାମଦଳ, ଆର୍‌ଜେଡି, ଶିବସେନା(ୟୁବିଟି) ଏବଂ ଏନ୍‌ସିପି-ଏସ୍‌ପି ସମେତ ବିରୋଧୀ ଦଳଗୁଡ଼ିକର ୧୨୦ ଜଣ ଏମ୍‌ପି ସ୍ୱାକ୍ଷର କରିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ କହିବା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଅନୁମତି ମିଳି ନ ଥିଲା। ୩ ତାରିଖରେ ବିରୋଧୀ ଦଳର ୮ ସଦସ୍ୟଙ୍କୁ ବଜେଟ ଅଧିବେଶନରୁ ନିଲମ୍ବନ କରାଯାଇଥିଲା। କଂଗ୍ରେସ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ଆସନ ପାଖକୁ ଯାଇ ଅବାଞ୍ଛିତ କାର୍ଯ୍ୟ କରିଥାନ୍ତେ ବୋଲି ସୂଚନା ଥିବା ବିର୍ଲା ଅଭିଯୋଗ ଆଣି ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ନ ଆସିବାକୁ କହିଥିଲେ। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଅପମାନଜନକ ଅଭିଯୋଗ ଥିଲା ବୋଲି ନୋଟିସରେ କୁହାଯାଇଛି।

ଲୋକ ସଭା ସଚିବାଳୟ ପକ୍ଷରୁ କୁହାଯାଇଛି, ନୋଟିସକୁ ଅନୁଧ୍ୟାନ କରାଯାଇ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ। ପ୍ରସ୍ତାବ ସଂଖ୍ୟାଗରିଷ୍ଠ ଭୋଟରେ ଗୃହୀତ ହେଲେ ବାଚସ୍ପତିଙ୍କୁ ବହିଷ୍କାର କରାଯାଇପାରିବ।

## ଆସାମ ଭୋଟର ତାଲିକାରୁ ୨.୪ ଲକ୍ଷ ନାମ ବାଦ୍ ପଡ଼ିଲା

ନୂଆଦିଲ୍ଲୀ,୧୦।୨

ଆସାମର ସମସ୍ତ ୧୨୬ ବିଧାନସଭା କ୍ଷେତ୍ରକୁ ନେଇ ହୋଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପରେ ମଙ୍ଗଳବାର ନିର୍ବାଚନ କମିଶନ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଛନ୍ତି। ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୨,୪୯,୫୮,୧୩୯ ରହିଥିବାବେଳେ ୨,୪୩,୪୮୫ ଜଣଙ୍କ ନାମ ବାଦ୍ ପଡ଼ିଛି। ପୂର୍ବରୁ ପ୍ରକାଶିତ ଚିଠା ତାଲିକାରେ ୨,୫୨,୦୧,୬୨୪ ଭୋଟର ରହିଥିଲେ। ଆସାମରେ ପୁରୁଷ ଭୋଟର ସଂଖ୍ୟା ୧,୨୪,୮୨,୨୧୩ ଓ ମହିଳା ୧,୨୪,୭୫,୫୮୩। ୩୪୩ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ନଭେମ୍ବର ୨୨ରୁ ଡିସେମ୍ବର ୨୦ ପର୍ଯ୍ୟନ୍ତ ଘରକୁ ଘର ଯାଞ୍ଚ ଡିସେମ୍ବର ୨୭ରେ ଚିଠା ତାଲିକା ପ୍ରକାଶ ପାଇଥିଲା।

## ଗୌରବ ଗୋଗୋଇଙ୍କ ବିରୋଧରେ ୫୦୦ କୋଟିର ମାନହାନି ମାମଲା କଲେ ହିମନ୍ତ

ନୂଆଦିଲ୍ଲୀ,୧୦।୨

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର କଂଗ୍ରେସ ନେତା ଗୌରବ ଗୋଗୋଇ, ଜିତେନ୍ଦ୍ର ସିଂ ଏବଂ ଭୂପେଶ ବଘେଲଙ୍କ ବିରୋଧରେ ୫୦୦ କୋଟି ଟଙ୍କାର ମାନହାନି ମାମଲା ଦାଏର କରିଛନ୍ତି। ସେମାନେ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ବିରୋଧରେ ମିଥ୍ୟା ଏବଂ ଅପମାନଜନକ ଅଭିଯୋଗ ଆଣିଥିବା ହିମନ୍ତ କହିଛନ୍ତି। ସାହସ କିମ୍ବା ପ୍ରମାଣ ଥିଲେ ପ୍ରତ୍ୟେକ ଅଭିଯୋଗକୁ ଆଇନ ଅଦାଲତରେ ପ୍ରମାଣ କରନ୍ତୁ। ସେମାନଙ୍କ ସୁଚିନ୍ତିତ ଅପପ୍ରଚାର କିମ୍ବା ରାଜନୈତିକ ନାଟକବାଜିରେ ସେ ଭୟଭୀତ ନୁହନ୍ତି ବୋଲି ହିମନ୍ତ କହିଛନ୍ତି।

# ଏବେ ବି ଭାରତର ଆଭିମୁଖ୍ୟ ଅସ୍ପଷ୍ଟ

**ଭାରତ-ଆମେରିକା ବାଣିଜ୍ୟ ବୁଝାମଣା(ଟ୍ରେଡ୍ ଡିଲ୍)କୁ ଐତିହାସିକ ବୋଲି କୁହାଯାଉଛି। ଭାରତ ଉପରେ ଆମେରିକା ଲଗାଇଥିବା ୫୦% ଟାରିଫ୍‌କୁ ୧୮%କୁ ହ୍ରାସ କରିଥିବାରୁ ଏହା ଭାରତ ପାଇଁ ସହାୟକ ହେବ ବୋଲି ବିଚାର କରାଯାଉଛି। ଏହି ଦ୍ୱିପାକ୍ଷିକ ବାଣିଜ୍ୟ କାରବାରର ସର୍ତ୍ତ ସମ୍ପର୍କରେ ଉଭୟ ରାଷ୍ଟ୍ର ପକ୍ଷରୁ ସୂଚନା ଜାରି କରାଯାଇଥିଲା ବେଳେ ଆସନ୍ତା ମାର୍ଚ୍ଚ ମଧ୍ୟଭାଗରେ ନୀତିଗତ ଭାବେ ଚୁକ୍ତି ସ୍ୱାକ୍ଷର ହେବ। ଏହା ମଧ୍ୟରେ ଟ୍ରେଡ୍ ଡିଲକୁ ନେଇ ହ୍ୱାଇଟ୍ ହାଉସ୍ ମଙ୍ଗଳବାର 'ଫ୍ୟାକ୍ଟଶିଟ୍' ଜାରି କରିଛି। ପୂର୍ବରୁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଟ୍ରେଡ୍ ଡିଲ୍‌ର ବିଭିନ୍ନ ଦିଗରେ ସୂଚାଇ ସାରିଥିଲେ ମଧ୍ୟ ଏବେ ବି ଆମେରିକାର ସର୍ତ୍ତକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଉଙ୍କି ମାରୁଛି। ବିଶେଷକରି ରାଷ୍ଟ୍ରପତି ଟ୍ରମ୍ପ ଟ୍ରେଡ୍ ଡିଲ୍‌କୁ ନେଇ ଯାହା କହୁଛନ୍ତି ତାହାକୁ ନୂଆଦିଲ୍ଲୀ ସ୍ପଷ୍ଟ କରିପାରୁ ନାହିଁ। ଏହାକୁ ନେଇ ଲଗାତର ସଂସଦରେ ଅଚଳାବସ୍ଥା ଦେଖାଯାଇଛି।**

ନୂଆଦିଲ୍ଲୀ,୧୦।୨

ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣାକୁ ନେଇ ଏବେ ସଂସଦଠାରୁ ଆରମ୍ଭ କରି ଅର୍ଥନୈତିକ ବିଶାରଦମାନଙ୍କ ମହଲରେ ଅନେକ ପ୍ରଶ୍ନ ଉଠିଛି। ବିଶେଷକରି ହ୍ୱାଇଟ୍ ହାଉସ୍ ମଙ୍ଗଳବାର ' ଇଣ୍ଡିଆ-ୟୁଏସ୍ ଟ୍ରେଡ୍ ଡିଲ୍ ଫ୍ୟାକ୍ଟଶିଟ୍' ଜାରି କରିବା ପରେ ଏଥିରେ ଟ୍ରେଡ୍ ଡିଲର ମୁଖ୍ୟ ସର୍ତ୍ତଗୁଡିକ ସମ୍ପର୍କରେ ସ୍ପଷ୍ଟ କରିବା ପରେ ଭାରତର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠିଛି।ଆମେରିକା ଜବାବୀ ଟାରିଫ୍‌କୁ ୫୦% ରୁ ୧୮%କୁ ହ୍ରାସ କରିଛି। ୨୦୨୫ ଅଗଷ୍ଟରେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୫୦% ଲାଗୁ କରିଥିଲେ ହେଁ ଏହାପୂର୍ବରୁ ଭାରତୀୟ ସାମଗ୍ରୀ ଉପରେ ୨ ରୁ ୩ ପ୍ରତିଶତ ଟାରିଫ୍ କାର୍ଯ୍ୟକାରୀ କରାଯାଉଥିଲା। ସାମ୍ପ୍ରତିକ ସ୍ଥିତିରେ ଭାରତ ଉପରେ ୧୮% ଟାରିଫ୍ ଦେଶ ପାଇଁ କିଭଳି

### ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ନେଇ ହ୍ୱାଇଟ୍ ହାଉସ୍‌ର ଫ୍ୟାକ୍ଟଶିଟ୍



ଲାଭଦାୟକ ହେବ ବୋଲି ପ୍ରଶ୍ନ ଉଠିଛି। ସେହିପରି ରୁଷିଆରୁ ଭାରତ ତେଲ କିଣିବା ପ୍ରସଙ୍ଗକୁ ଏହି ଫ୍ୟାକ୍ଟଶିଟ୍‌ରେ ଆମେରିକା ମୁଖ୍ୟ ସର୍ତ୍ତ ଭାବେ ଦର୍ଶାଇଥିଲା ବେଳେ ଏଦିଗରେ ମଧ୍ୟ ଭାରତର ଆଭିମୁଖ୍ୟ ସ୍ପଷ୍ଟ ହୋଇନାହିଁ। ଭାରତ ରୁଷିଆରୁ ତେଲ କିଣିବ ନାହିଁ ବୋଲି ଟ୍ରମ୍ପ ସର୍ତ୍ତ ରଖିଥିଲେ ହେଁ ଏହି ବିଷୟକୁ ରୁଷିଆ କିମ୍ବା ଭାରତ ସ୍ପଷ୍ଟ କରିନାହାନ୍ତି। ଗୋଟିଏ ପଟେ ତେଲ କିଣା ନେଇ ଭାରତଠାରୁ ସେଭଳି କିଛି ସନ୍ଦେଶ ମିଳିନାହିଁ ବୋଲି ରୁଷିଆ କହୁଥିଲା ବେଳେ ଭାରତ ନିଜ ସୁବିଧା ପାଇଁ କେଉଁଠୁ ତେଲ କିଣିବ ତାହା ନିଜସ୍ୱ ବ୍ୟାପାର ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କିନ୍ତୁ ରୁଷିଆରୁ ତେଲ କିଣିବା ବନ୍ଦ ନ କଲେ ଟ୍ରମ୍ପ ପ୍ରତ୍ୟାହାର କରିନେଇଥିବା ୨୫% ଦଣ୍ଡାତ୍ମକ ଟାରିଫ୍ ପୁଣିଥରେ ଭାରତ ଉପରେ ଲାଗୁ କରିବାକୁ ପରୋକ୍ଷ ଚେତାବନୀ ଦେଇଛନ୍ତି। ସେହିପରି ଭାରତ ଆମେରିକା ପାଇଁ କେଉଁସବୁ କ୍ଷେତ୍ରରେ ଶୂନ ପ୍ରତିଶତ ଟାରିଫ ଲଗାଇବ ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ। ଅନ୍ୟ ପ୍ରସଙ୍ଗ ମଧ୍ୟରେ ଭାରତ ଚାଷୀଙ୍କ ସ୍ୱାର୍ଥହାନି ହେବା ଭଳି କୌଣସି ସର୍ତ୍ତ ରଖିନାହିଁ ବୋଲି କହୁଥିଲେ ହେଁ ଆମେରିକା ପକ୍ଷରୁ କୃଷିଦ୍ରବ୍ୟକୁ ନେଇ ଯେଉଁ ଚିଠା ଜାରି କରାଯାଇଛି ତାହା ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏହାଛଡ଼ା ଆଗାମୀ ଦିନରେ ଭାରତ ଆମେରିକାଠାରୁ ୫୦୦ ବିଲିୟନ ଡଲାର ମୂଲ୍ୟର କାରବାର କରିବାକୁ ଆମେରିକା ସର୍ତ୍ତରେ ଦର୍ଶାଇଥିଲା ବେଳେ କେଉଁ କ୍ଷେତ୍ରରେ ଭାରତ ଏତେ ପରିମାଣର ସାମଗ୍ରୀ କ୍ରୟ କରିବ ବୋଲି ପ୍ରଶ୍ନ ଉଠିଛି।

## ନରଓ୍ୱଣେଙ୍କ ପୁସ୍ତକକୁ ନେଇ ବିବାଦ ତେଜିଲା

ନୂଆଦିଲ୍ଲୀ,୧୦।୨

ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରଓ୍ୱଣେଙ୍କ ପୁସ୍ତକ ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ବିବାଦ ଆହୁରି ବଢ଼ିଛି। ଏହି ପୁସ୍ତକ ପ୍ରକାଶନ ହେବା ପୂର୍ବରୁ ଏହାର ପିଡିଏଫ୍ ଲିକ୍ ହେବା ଘଟଣାରେ ଦିଲ୍ଲୀ ପୋଲିସ ସୋମବାର ଏତଲା ଦାଏର କରିଥିଲା। ଏହାପରେ ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱରେ ଥିବା ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ (ପିଆର୍‌ଏଚ୍‌ଆଇ) ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ପିଆର୍‌ଏଚ୍‌ଆଇ କହିଛି, ନରଓ୍ୱଣେଙ୍କ ଦ୍ୱାରା ଲିଖିତ ପୁସ୍ତକ ପ୍ରକାଶ ପାଇ ନଥିବା ବେଳେ ଏହାର କୌଣସି ମୁଦ୍ରିତ କପି କିମ୍ବା ଡିଜିଟାଲ ଫର୍ମ ସାର୍ବଜନୀନ କରାଯାଇ ନାହିଁ। ପ୍ରକାଶନ ସଂସ୍ଥାର ଏହି ସ୍ପଷ୍ଟୀକରଣ ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କିଏ ମିଛ କହୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ଜେନେରାଲ ନରଓ୍ୱଣେ ଏବଂ ପେଙ୍ଗୁଇନ୍ ମଧ୍ୟରୁ କିଏ ମିଛ କହୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ନରଓ୍ୱଣେ ମଙ୍ଗଳବାର ନିରବତା ଭାଙ୍ଗି ପ୍ରକାଶନ ସଂସ୍ଥା ପ୍ରତି ସମର୍ଥନ ଜଣାଇଛନ୍ତି।

# ମଣିପୁରରେ ସାନି ହିଂସା ପରେ କର୍ଫ୍ୟୁ ଜାରି

ଇମ୍ଫାଲ,୧୦।୨

### ଇଣ୍ଟରନେଟ୍ ସେବା ବନ୍ଦ

ମଣିପୁରରେ ନାଗା ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷକୁ ନେଇ ଉଖ୍ରୁଲ୍ ଜିଲା ଅନ୍ତର୍ଗତ ଲିଟାନ ବ୍ୟବସାୟିକ ସହରରେ ଉତ୍ତେଜନା ଜାରି ରହିଥିଲାବେଳେ ସାନି ହିଂସାକାଣ୍ଡ ଘଟିବାରୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି ହେବା ସହ ୫ ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ସଶସ୍ତ୍ର ଆକ୍ରମଣକାରୀମାନେ ସୋମବାର ରାତିରେ ଲିଟନ ସାରେଇଖୋଙ୍ଗ ଗ୍ରାମରେ ପଶି ଅନେକ ଘରେ ନିଆଁ ଲଗାଇଦେବାରୁ ଲୋକେ ରାତାରାତି ଘରଦ୍ୱାର ଛାଡ଼ି ପଳାଇବାକୁ ବାଧ୍ୟ ହୋଇଛନ୍ତି। ସେମାନେ ଅନେକ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିବାରୁ ସମଗ୍ର ପାର୍ବତ୍ୟାଞ୍ଚଳ ଜିଲାରେ ଆତଙ୍କ ଖେଳିଯାଇଥିଲା। ଅଧିକ ହିଂସାକାଣ୍ଡ ଘଟିବା ଆଶଙ୍କାରେ ଅନେକେ ଘରଦ୍ୱାର ଛାଡ଼ି କାଙ୍ଗପୋକ୍‌ପି ଜିଲାର ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି।

ଉତ୍ତେଜନା ବଢ଼ିବାରୁ ମଣିପୁର ସରକାର ସମଗ୍ର ଉଖ୍ରୁଲ ଜିଲାରେ ତୁରନ୍ତ ଇଣ୍ଟରନେଟ୍ ସେବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତି ପ୍ରତି ବିପଦ ସୃଷ୍ଟି ହୋଇଥିବା ଗୃହ ବିଭାଗ କମିଶନରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ୫ ଦିନ ପାଇଁ ଇଣ୍ଟରନେଟ ବନ୍ଦ ରହିବାକୁ ଥିବାବେଳେ ପୋଡ଼ାଜଳା ଘଟଣା ପରେ ଜିଲାରେ କର୍ଫ୍ୟୁ ଜାରି ହେବା ସହ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। କୋନ୍‌ସାରାମ ଗ୍ରାମ କର୍ତ୍ତୃପକ୍ଷ ହିଂସାକାଣ୍ଡକୁ ନିନ୍ଦା କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଏବଂ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରିବାକୁ ନିବେଦନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ସହାୟତା ପ୍ରଦାନ ସହ ଆଇନ ଶୃଙ୍ଖଳା ରକ୍ଷା ଲାଗି କଠୋର ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଛି।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

ଢାକା,୧୦।୨(ପି.ଟି.)

ବାଂଲାଦେଶ ପାର୍ଲାମେଣ୍ଟ ନିର୍ବାଚନର ମାତ୍ର ୨ ଦିନ ପୂର୍ବରୁ ସୋମବାର ରାତିରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ମିମେନସିଂ ଜିଲାରେ ଏହି ହତ୍ୟାକାଣ୍ଡ ଘଟିଛି, ଯେଉଁଠି ପୂର୍ବରୁ ଅନ୍ୟ ଜଣେ ହିନ୍ଦୁ ଦିପୁ ଚନ୍ଦ୍ର ଦାସଙ୍କୁ ପିଟି ହତ୍ୟା କରାଯିବା ସହ ଜାଳିଦିଆଯାଇଥିଲା। ସୋମବାର ହତ୍ୟାର ଶିକାର ହୋଇଥିବା ୬୨ ବର୍ଷୀୟ ସୁଶେନ ଚନ୍ଦ୍ର ସର୍କାର ଜଣେ ଚାଉଳ ବ୍ୟବସାୟୀ ଏବଂ ଦକ୍ଷିଣକାଣ୍ଡ ଗ୍ରାମର ବାସିନ୍ଦା। ବୋଗର ବଜାର ଛକଠାରେ ତାଙ୍କର 'ଭାଇ ଭାଇ ଏଣ୍ଟରପ୍ରାଇଜ୍' ରହିଛି। ଦୁର୍ବୃତ୍ତମାନେ ଦୋକାନରେ ପଶି ସର୍କାରଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିବା ସହ ଦୋକାନରୁ ଅନେକ ଲକ୍ଷ ଟାକା ଚୋରି କରିନେଇଛନ୍ତି। ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ୨୦୨୪ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ତୀବ୍ର ହେବାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ଷମତାଚ୍ୟୁତ ହୋଇଥିଲେ। ଏହାପରେ ସେଠାରେ ହିନ୍ଦୁମାନେ ଆକ୍ରମଣର ଶିକାର ହୋଇଆସୁଛନ୍ତି।

## ଦୁର୍ନୀତି ସୂଚକାଙ୍କ: ୯୧ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୧୦।୨(ପି.ଟି.)

୧୮୨ଟି ଦେଶ ଓ ଅଞ୍ଚଳକୁ ନେଇ ହୋଇଥିବା ଦୁର୍ନୀତି ଧାରଣା ସୂଚକାଙ୍କ (ସିପିଆଇ) ୨୦୨୫ ସର୍ଭେରେ ଭାରତ ୫ ସ୍ଥାନ ଉପରକୁ ଉଠି ୯୧ତମ ସ୍ଥାନରେ ରହିଛି। ପୂର୍ବବର୍ଷ ତୁଳନାରେ ଭାରତର ସ୍କୋର ୧ ପଏଣ୍ଟ ବଢ଼ିଛି। ଗତବର୍ଷ ଭାରତ ଦୁର୍ନୀତି ସୂଚକାଙ୍କର ୯୬ତମ ସ୍ଥାନରେ ରହିଥିଲା ବୋଲି ବୈଶ୍ୱିକ ଏନ୍‌ଜିଓ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ସଦ୍ୟ ପ୍ରକାଶିତ ସିପିଆଇରୁ ଜଣାପଡ଼ିଛି। ୨୦୨୫ର ଦୁର୍ନୀତି ଧାରଣା ସୂଚକାଙ୍କ ଅନୁଯାୟୀ, ଦୁର୍ନୀତି ବିଶ୍ୱର ପ୍ରତ୍ୟେକ ଭାଗରେ ଏକ ଗମ୍ଭୀର ବିପଦ ହୋଇ ରହିଛି, ଯଦିଓ ସେଥିରେ ଅଗ୍ରଗତିର ସୀମିତ ସଙ୍କେତ ଦେଖିବାକୁ ମିଳିଛି। ନେତାମାନେ କ୍ଷମତାର ଦୁରୁପଯୋଗକୁ ରୋକିବା ଦିଗରେ କାର୍ଯ୍ୟ କରିବାକୁ ହେବ। ବିଶ୍ୱର ବିଭିନ୍ନ ଭାଗରେ ସରକାର ବିରୋଧୀ ବିକ୍ଷୋଭରୁ ଜଣାପଡୁଛି ଲୋକେ ଉତ୍ତରଦାୟିତ୍ୱହୀନ ନେତୃତ୍ୱକୁ ନେଇ ଅତିଷ୍ଠ ହେବା ସହ ସଂସ୍କାର ଦାବି କରୁଛନ୍ତି।

ରିପୋର୍ଟରେ ଆହୁରି କୁହାଯାଇଛି, ଦୁର୍ନୀତି ଉପରେ ଖବର କରୁଥିବା ସାମ୍ବାଦିକମାନଙ୍କ ପ୍ରତି ବିପଦ ଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି। ଦୁର୍ନୀତି ଉପରେ ଅନୁସନ୍ଧାନମୂଳକ ଖବର ସଂଗ୍ରହ କରୁଥିବା ଖବରଦାତା ଆକ୍ରମଣ କିମ୍ବା ହତ୍ୟାର ସମ୍ମୁଖୀନ ହେଉଥିଲାବେଳେ ସରକାରଙ୍କୁ ଏଥିପାଇଁ ଉତ୍ତରଦାୟୀ କରାଯାଇପାରୁ ନାହିଁ। ଯୁଦ୍ଧ ହେଉ ନ ଥିବା ଅଞ୍ଚଳରେ ୨୦୧୨ରୁ ୮୨୯ ଜଣ ଖବରଦାତାଙ୍କୁ ହତ୍ୟା କରାଗଲାଣି। ୫୦%ରୁ କମ୍ ସିପିଆଇ ସ୍କୋର ଥିବା ଦେଶଗୁଡ଼ିକରେ ୯୦%ରୁ ଉର୍ଦ୍ଧ୍ୱ ଏଭଳି ହତ୍ୟାକାଣ୍ଡ ଘଟୁଛି। ବ୍ରାଜିଲ, ଭାରତ, ମେକ୍ସିକୋ, ପାକିସ୍ତାନ ଏବଂ ଇରାକ ଆଦି ଦେଶରେ ଦୁର୍ନୀତି ଉପରେ ରିପୋର୍ଟିଂ କରୁଥିବା ଖବରଦାତାମାନଙ୍କ ପାଇଁ ବିପଦ ରହିଥିବା ରିପୋର୍ଟରେ କୁହାଯାଇଛି।

୨୦୧୨ରୁ ୩୧ଟି ଦେଶରେ ଦୁର୍ନୀତି ହ୍ରାସ ପାଇଥିବାବେଳେ ଅନ୍ୟମାନେ ଏହି ସମସ୍ୟାର ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ଡେନ୍‌ମାର୍କ ୮୯ ପଏଣ୍ଟ ସ୍କୋର ସହ ସୂଚକାଙ୍କର ଶୀର୍ଷସ୍ଥାନ ବଜାୟ ରଖିଥିବାବେଳେ ଏହା ପଛକୁ ଫିନ୍‌ଲାଣ୍ଡ ଏବଂ ସିଙ୍ଗାପୁର ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ସୁଦାନ ଏବଂ ସୋମାଲିଆ ୯ ପଏଣ୍ଟ ସହ ଦୁର୍ନୀତି ତାଲିକାର ସବାତଳେ ରହିଛି। ଆମେରିକା ୨୯ ନମ୍ବର ଏବଂ ବ୍ରିଟେନ୍ ୨୦ତମ ସ୍ଥାନରେ ଥିବା ଜଣାପଡ଼ିଛି।

## ପାରାକୁ ଖାଇବାକୁ ଦେଇ ୨ ଲକ୍ଷ ଜରିମାନା ଗଣିଲେ

ସାଧାରଣତଃ ପଶୁ ପକ୍ଷୀଙ୍କୁ ଖାଇବାକୁ ଦେବା ଭଲ କାମ ବୋଲି ବିବେଚନା କରାଯାଏ। କିନ୍ତୁ ଯଦି ଏଥିପାଇଁ ଜଣଙ୍କ ଉପରେ ଜରିମାନା ଲଗାଯିବ, ତେବେ ଏହା ନିହାତି ଆଶ୍ଚର୍ଯ୍ୟର ବିଷୟ। ସିଙ୍ଗାପୁରର ଜଣେ ମହିଳାଙ୍କ ସହିତ ଏଭଳି ଘଟଣା ଘଟିଛି। ସେଠାରେ ଜଣେ ୭୧ ବର୍ଷୀୟା ମହିଳାଙ୍କ ବିରୋଧରେ ବାରମ୍ବାର ବନ୍ୟ ପକ୍ଷୀମାନଙ୍କୁ ଖାଇବାକୁ ଦେବା ଅଭିଯୋଗରେ ୩,୨୦୦ ସିଙ୍ଗାପୁର ଡଲାର ବା ୨୨୭,୮୪୫ ଟଙ୍କା ଜରିମାନା କରାଯାଇଛି। ମହିଳା ଜଣକ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ଚାରୋଟି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପକ୍ଷୀମାନଙ୍କୁ ଖାଇବାକୁ ଦେବା



ପାଇଁ ମହିଳା ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଏହା ପ୍ରଥମ ଥର ନୁହେଁ। ଗତ ବର୍ଷ ମେ'ରେ, ସମାନ ଅପରାଧ ଏବଂ ପକ୍ଷୀ ଧରିବାରେ ବାଧା ସୃଷ୍ଟି କରିବା ପାଇଁ ତାଙ୍କୁ ୧,୨୦୦ ସିଙ୍ଗାପୁର ଡଲାର ଜରିମାନା କରାଯାଇଥିଲା। ଯଦିଓ ସେ ସେତେବେଳେ କୋର୍ଟକୁ କହିଥିଲେ, ସେ ଏହା ଆଉ କରିବେ ନାହିଁ, କିନ୍ତୁ ଗୋଟିଏ ମାସ ମଧ୍ୟରେ ମହିଳା ପୁଣି ସମାନ କାମ କରିଥିଲେ।

ପବ୍ଲିକ ପ୍ରସିକ୍ୟୁଟର ମାମଲାରେ ପ୍ରମାଣ ଉପସ୍ଥାପନ କରିଥିଲେ ଯେ, ମହିଳା ଜଣକ ଜୁଲାଇ ୨୦୨୫ରୁ ଜାନୁଆରୀ ୨୦୨୬ ମଧ୍ୟରେ ୯ଟି ପୃଥକ ସମୟରେ ପାରାକୁ ଶସ୍ୟ ଏବଂ ରୁଟି ଖୁଆଇଥିଲେ। କୋର୍ଟରେ ପ୍ରଦର୍ଶିତ ଭିଡିଓ ଫୁଟେଜରେ ମହିଳା ଜଣକୁ ତାଙ୍କ ଫ୍ଲାଟ ନିକଟରେ ପାରା ଘେରି ରହିଥିବା ଦେଖାଯାଇଥିଲା।

ଧରିତ୍ରୀ 52 Years

# ଧରିତ୍ରୀ
# DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ | Bhubaneswar, Wednesday, February 11/2026 | ପୃଷ୍ଠା-୧









ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ନୂଆ ଆମ୍ବୁଲାନ୍ସଗୁଡ଼ିକର ଲୋକାର୍ପଣ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

# ବକେୟା ଚାଲାଣ ଥିଲେ ମିଳିବନି ପିୟୁସିସି: ହାଇକୋର୍ଟ

**କଟକ,୧୦।୨(କାର୍ତ୍ତିକ ସାହୁ)**

ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)କୁ ନେଇ ଗତ କିଛି ମାସ ଧରି ଦେଖାଦେଇଥିବା ବିବାଦରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ୯୦ ଦିନରୁ ଊର୍ଦ୍ଧ୍ୱ ଧରି ମୋଟରଯାନର ବକେୟା ଚାଲାଣ ରହିଥିଲେ ପିୟୁସିସି କରିହେବ ନାହିଁ। ପିୟୁସିସି କରିବାକୁ ହେଲେ ମୋଟରଯାନ ମାଲିକ ସମ୍ପୃକ୍ତ ଯାନର ୯୦ ଦିନରୁ ଊର୍ଦ୍ଧ୍ୱ ସମସ୍ତ ଚାଲାଣ ପୈଠ କରିବାକୁ ବାଧ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଚାଲାଣ ଥିଲେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ କରିହେବ ନାହିଁ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଉଚ୍ଚ ଅଦାଲତରେ ଆଗତ ଏକ ମାମଲାର ଶୁଣାଣିରେ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମାମଲାରେ ଯୁକ୍ତି ଉପସ୍ଥାପନ କରି କେନ୍ଦ୍ରୀୟ ମୋଟରଯାନ ଆଇନ ଆଧାରରେ ସରକାରଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଆଇନସମ୍ମତ ବୋଲି କହିଥିଲେ। କେନ୍ଦ୍ର ମୋଟରଯାନ ଆଇନ ଧାରା ୧୬୭, ଉପଧାରା ୧୨ ଅନୁଯାୟୀ ବକେୟା ଚାଲାଣ ଥିଲେ



ପିୟୁସିସି ଆବେଦନ ହୋଇପାରିବ ନାହିଁ ବୋଲି ହାଇକୋର୍ଟଙ୍କୁ ସେ ଅବଗତ କରିବା ପରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ଆବେଦନକାରୀ ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଥିଲା ଯେ, ପରିବହନ କମିଶନରଙ୍କ ପକ୍ଷରୁ ୨୦୨୫ ଡିସେମ୍ବର ୨୦ରେ ପେଟ୍ରୋଲ, ଡିଜେଲ ବିକ୍ରି କରୁଥିବା ସମସ୍ତ ତୈଳ କମ୍ପାନୀକୁ ଲେଖାଯାଇଥିବା ଚିଠି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏଥିରେ ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟରଯାନ ନିୟମାବଳୀ, ୧୯୮୯ର ଉଲ୍ଲଂଘନ କରାଯାଇଛି। ଏପରି କି ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର କରିବାବେଳେ ସମ୍ପୃକ୍ତ ମୋଟରଯାନର ଇ-ଚାଲାଣ ଦେୟ ପ୍ରଦାନ ପାଇଁ ବାଧ କରାଯାଉଛି ବୋଲି ଆବେଦନକାରୀଙ୍କ ଓକିଲ ଦର୍ଶାଇଥିଲେ। ତେଣୁ ମୋଟରଯାନ ଆଇନ ସମ୍ବନ୍ଧିତ ☞ପୃଷ୍ଠା-୨

## ପିୟୁସିସି କୋହଳ ଅବଧି ଏପ୍ରିଲ ୧ ଯାଏ ବଳବତ୍ତର: ପରିବହନ ମନ୍ତ୍ରୀ

**କଟକ,୧୦।୨(କାର୍ତ୍ତିକ ସାହୁ)**

ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ପାଇଁ ୯୦ ଦିନରୁ ଊର୍ଦ୍ଧ୍ୱ ବକେୟା ଥିବା ଚାଲାଣ ପୈଠ ବାଧ୍ୟତାମୂଳକ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ମୋଟରଯାନ ବ୍ୟବହାରକାରୀଙ୍କ ମଧ୍ୟରେ ଛନକା ପଶିଛି। ତେବେ ଲୋକଙ୍କ ଦ୍ୱନ୍ଦ୍ୱ ଦୂର କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଙ୍ଗଳବାର ତାଙ୍କ 'X' ହ୍ୟାଣ୍ଡେଲରେ ଏନେଇ ମତପ୍ରକାଶ କରି କହିଛନ୍ତି, ମୋଟରଯାନର ପିୟୁସିସି କରାଇବାକୁ ଜନସାଧାରଣଙ୍କ ସୁବିଧା ପାଇଁ ବିଗତ ଦିନରେ କୋହଳ କରାଯାଇଥିଲା। କେନ୍ଦ୍ରୀୟ ମୋଟର ଯାନ ଆଇନର ଧାରା ୧୬୭ ☞ପୃଷ୍ଠା-୨

# ସ୍ୱାସ୍ଥ୍ୟସେବାରେ ଆଉ ୨୫୦ ଆମ୍ବୁଲାନ୍ସ

**ଭୁବନେଶ୍ୱର,୧୦।୨(ବନ୍ଦନା ସେଠୀ)**

ରାଜ୍ୟ ସ୍ୱାସ୍ଥ୍ୟସେବାରେ ଯୋଡ଼ିହେଲା ଆଉ ୨୫୦ଟି ଆମ୍ବୁଲାନ୍ସ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସବୁ ନୂଆ '୧୦୮ ଆମ୍ବୁଲାନ୍ସ'ର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ

### ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

- ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ମେଡିକାଲକୁ ନିରନ୍ତର ଆମ୍ବୁଲାନ୍ସ ସେବା ମିଳିବ
- ବିମାନ ଯୋଜନାରେ ଏୟାରଷ୍ଟ୍ରିପ୍‌ରେ ଆମ୍ବୁଲାନ୍ସ ସେବା ବଢ଼ିବ

ଲଗାତର ପଦକ୍ଷେପ ନିଆଯାଉଛି। ରାଜ୍ୟର ସବୁ ବ୍ଲକ୍‌ରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟ ସେବାରେ ସାମିଲ କରାଯାଇଛି। ଏହାସହିତ ବିମାନବନ୍ଦରରେ ଆମ୍ବୁଲାନ୍ସ ସେବାକୁ ଆହୁରି ବୃଦ୍ଧି କରାଯିବ। ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

'୧୦୮ ଆମ୍ବୁଲାନ୍ସ ସେବା'ରେ ଉନ୍ନତି ଆଣିବା ସହ କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ କିଣିଛନ୍ତି। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୩ରେ ୧୫୦ଟି ଆମ୍ବୁଲାନ୍ସ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହୋଇଥିଲା। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ଜରୁରିକାଳୀନ ସେବାରେ ସାରା ରାଜ୍ୟରେ ୮୬୬ଟି ଆମ୍ବୁଲାନ୍ସ ନିୟୋଜିତ ହୋଇଛି। ସେହିପରି ଗର୍ଭବତୀ ଏବଂ ଅସୁସ୍ଥ ଶିଶୁଙ୍କ ପାଇଁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପିଲା ଏବେ ଭାବପ୍ରବଣ**

## ୟୁପିଆଇ ଅଚଳ: ଡିଜିଟାଲ ପେମେଣ୍ଟ ବାଧାପ୍ରାପ୍ତ

**ନୂଆଦିଲ୍ଲୀ,୧୦।୨**

ଭାରତରେ ବହୁଳ ବ୍ୟବହୃତ ଡିଜିଟାଲ ପେମେଣ୍ଟ ନେଟ୍‌ୱର୍କ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ମଙ୍ଗଳବାର ସନ୍ଧ୍ୟାରେ କିଛି ସମୟ ପାଇଁ ଅଚଳ ହୋଇଯାଇଥିଲା। ଫଳରେ ଟଙ୍କା ଦେଣନେଣରେ ବାଧା ସୃଷ୍ଟି ହୋଇଥିଲା। ଦିଲ୍ଲୀ, ମୁମ୍ବାଇ, କୋଲକାତା, ହାଇଦ୍ରାବାଦ, ବେଙ୍ଗାଲୁରୁ ସମେତ ବିଭିନ୍ନ ବୃହତ୍ ସହରରୁ ଏଭଳି ଅଭିଯୋଗ ଆସିଥିବାବେଳେ ଏହା ଦେଶବ୍ୟାପୀ ସମସ୍ୟା ବୋଲି ଜଣାପଡ଼ିଥିଲା। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ସହ ଫୋନ୍‌ପେ, ଗୁଗଲ୍‌ପେ ଏବଂ ପେଟିଏମ୍ ଆଦିରେ ଟଙ୍କା ପୈଠ, ସ୍ଥାନାନ୍ତର ଏବଂ କ୍ୟୁଆର୍ ସ୍କାନ୍ ହୋଇପାରୁ ନ ଥିବା ଆଉଟେଜ୍ ଟ୍ରାକରରେ ☞ପୃଷ୍ଠା-୨

# ଆୟୁଷ ଡାକ୍ତରଙ୍କ ଦରମା ୨୦ରୁ ୪୦ ହଜାର ବଢ଼ିଲା

**ଭୁବନେଶ୍ୱର,୧୦।୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତରଙ୍କ ଅବଦାନ ପ୍ରତି ଗୁରୁତ୍ୱଦେଇ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନେଇଥିବା ନିଷ୍ପତ୍ତି ଅନୁଯାୟୀ, ଏନ୍‌ଏଚ୍‌ଏମ୍(ନ୍ୟାଶନାଲ ହେଲ୍‌ଥ ମିଶନ)ରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

୫ ବର୍ଷରୁ କମ୍ ସମୟ ଅବଧିରେ ସେବାରତ ଆୟୁଷ ଡାକ୍ତରଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬ ହଜାର ୯୪୮ ଟଙ୍କା ହୋଇଛି। ସେହିପରି ୫ରୁ ୧୦ ବର୍ଷ ମଧ୍ୟରେ ସେବା କରିଥିବା ଡାକ୍ତରଙ୍କ ଦରମା ମାସିକ ୨୫ ହଜାର ଟଙ୍କା ବୃଦ୍ଧି ପାଇଛି। ଏବେ ସେମାନଙ୍କ ଦରମା ୭୪ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ୧୦ରୁ ୧୫ ବର୍ଷ ସେବା ପାଇଁ ମାସକୁ ୩୦ ହଜାର ଟଙ୍କା ପାଉଥିବା ଡାକ୍ତରଙ୍କ ଦରମା ୮୦ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ଯେଉଁମାନେ ୧୫ ବର୍ଷରୁ ଅଧିକ ଦିନ କାମ କଲେଣି ସେମାନଙ୍କ ଦରମା ୪୦ ହଜାର ଟଙ୍କା ବଢ଼ି ୯୧ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ସରକାର ବାର୍ଷିକ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ୭ ଦଫା ଦାବି ନେଇ ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଏପରିକି ଅହୋରାତ୍ର ଧାରଣା ମଧ୍ୟ ଦିଆଯାଇଥିଲା। ଶେଷରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବା ସହ ଦାବି ପୂରଣର ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାକରି ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି ନେଇ ଘୋଷଣା କରିଛନ୍ତି।

## ୧୩ରେ ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର,୧୦।୨(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବିଧାନସଭାରେ ବଜେଟ ଅଧିବେଶନ ୧୭ରୁ ଆରମ୍ଭ ହେବ। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ କସରତ ଗତ ଦେଢ଼ମାସ ଧରି ଚାଲିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କୁ କିଭଳି ମୌଳିକ ସୁବିଧା ସୁଯୋଗ ହାତପାଆନ୍ତାରେ ମିଳିବ ଏବଂ ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ ତାହାକୁ ନେଇ ଫେବୃଆରୀ ୧୩ ଅପରାହ୍ନ ୫ଟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ରହିଛି।

ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ୩୬ତମ ମନ୍ତ୍ରିମଣ୍ଡଳ ବୈଠକ ତଥା ରାଜ୍ୟ କ୍ୟାବିନେଟ ବୈଠକରେ ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ସମେତ ପ୍ରାୟ ୭ ବିଭାଗର ୯ଟି ପ୍ରସ୍ତାବ ଆସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ☞ପୃଷ୍ଠା-୨

# ୩ ଘଣ୍ଟା ମଧ୍ୟରେ ହଟିବ ଆପତ୍ତିଜନକ କଣ୍ଟେଣ୍ଟ

**ନୂଆଦିଲ୍ଲୀ,୧୦।୨**

### ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ପାଇଁ ନୂଆ ନିୟମ

ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ଡିଜିଟାଲ ପ୍ଲାଟ୍‌ଫର୍ମରେ ପୋଷ୍ଟ କରାଯାଉଥିବା ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଆଧାରିତ କଣ୍ଟେଣ୍ଟ ଏବଂ ଭିଜୁଆଲ୍ ଓ ଅଡିଓ ଆଦିକୁ ସୁନିୟନ୍ତ୍ରିତ କରିବା ଲାଗି କେନ୍ଦ୍ର ସରକାର ନୂଆ ନିୟମ ଆଣିଛନ୍ତି। ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍, ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ ସମେତ ଅନ୍ୟାନ୍ୟ ଡିଜିଟାଲ ମିଡିଆ ପ୍ଲାଟ୍‌ଫର୍ମ ପାଇଁ ରହିଥିବା



ନିୟମରେ ସଂଶୋଧନ ଆଣି ଆଇଟି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ସଂଶୋଧନ ନିୟମ, ୨୦୨୬ ଚଳିତ ମାସ ୨୦ ତାରିଖରୁ ଲାଗୁ କରିବାକୁ କେନ୍ଦ୍ର ସରକାର ସୋମବାର ଘୋଷଣା କରିଛନ୍ତି। ଏହି ନୂଆ ନିୟମ ଅନୁସାରେ ପ୍ରଥମଥର ଲାଗି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ ☞ପୃଷ୍ଠା-୨




## ଆଜି ମହାପ୍ରଭୁଙ୍କ ବନକଲାଗି ନୀତି

ପୁରୀ,୧୦।୨(ଅଜିତ୍ କୁମାର ମହାନ୍ତି): ଫାଲ୍‌ଗୁନ କୃଷ୍ଣପକ୍ଷ ନବମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଶ୍ରୀମୁଖଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତିଗୁଡ଼ିକ ମଧ୍ୟରେ ଏହି ନୀତି ଅନ୍ୟତମ। ଦତ୍ତମହାପାତ୍ର ସେବକ ଏହି ଗୁପ୍ତ ବନକଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଏହା ଗୁପ୍ତନୀତି ହୋଇଥିବାରୁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦତ୍ତମହାପାତ୍ର ସେବକମାନେ ନୀତି ଶେଷକରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି କରାଯିବ। ପରେ ମହାପ୍ରଭୁଙ୍କ ଦର୍ଶନ ପୁନର୍ବାର ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କନଭେନସନ ସେଣ୍ଟର, ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଘୁମୁସର ଉତ୍ସବ-୨୦୨୬, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷ୍ଟେଟ୍ ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ ଓଡ଼ିଶା' ର ୬ଷ୍ଠ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନୀ, ସ୍ଥାନ: ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ୱାଟକୋ ପକ୍ଷରୁ ୧୧୫ ଜଳ ବିଶୋଧନାଗାର କାରଖାନାଠାରେ ମିଳିତ ମକ୍‌ଡ୍ରିଲ ପ୍ରଦର୍ଶନ, ସ୍ଥାନ: କାରଖାନା ପରିସର, ମୁଣ୍ଡଳୀ, ସମୟ: ଅପରାହ୍ନ ୩ଟା।
- ୧୭ ତମ ଫଗୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଇନ୍ଦିରାଗାନ୍ଧୀ ମିନି ଷ୍ଟାଡିୟମ,ପଙ୍କାଳ, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ସପ୍ତମ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ଷଷ୍ଠ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ରାଜ୍ୟସ୍ତରୀୟ ବସ୍ ମାଲିକ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ପୌରସଦନ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସାରସ୍ୱତ ସେକେଣ୍ଡାରୀ ସ୍କୁଲ ଅଫ ଏଜୁକେଶନ ଆଣ୍ଡ ଭୋକେଶନାଲ ଷ୍ଟଡିଜ୍‌ର ବୈଠକ, ସ୍ଥାନ: ନିଗମାନନ୍ଦ ସାରସ୍ୱତ ଆଶ୍ରମ, ଲୋକନାଥ ରୋଡ୍, ସମୟ: ପୂର୍ବାହ୍ନ ୧୧ଟା୩୦।
- ଆତ୍ମନିର୍ଭରଶୀଳ ଭାରତ ଓ ସ୍ୱଦେଶୀ ମେଳା, ସ୍ଥାନ: ତାଳବଣିଆ ପଡ଼ିଆ, ସମୟ: ଅପରାହ୍ନ ୫ଟା।

**ଖୋର୍ଦ୍ଧା**
- କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ସୁରକ୍ଷା ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏମ୍‌ଜି ଇଣ୍ଟରନ୍ୟାଶନାଲର ବାର୍ଷିକ ଉତ୍ସବ, ସ୍ଥାନ: ଜାମଝାଡ଼ି, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଔପଦା, ସମୟ: ମଧ୍ୟାହ୍ନ ୧୨ଟା।
- ଭାଗବତ କଥାମୃତ ପ୍ରବଚନ ସଭା, ସ୍ଥାନ: ଗୋଷ୍ଠାୟତ କମ୍ପ୍ଲେକ୍ସ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।
- ବାଗିଙ୍ଗିଆ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବାଗିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ରୂପ୍‌ସା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ୟୁଜିଏମ୍‌ଇ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ାପାଟଣା, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର ନୀଳମଣି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ କେନ୍ଦ୍ରୀୟ ବଜେଟ୍-୨୦୨୬ କୃଷକ ସମ୍ବାଦ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ତିହିଡ଼ି ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ୱାନ ଡେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ନାହା, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: କୃଷି ବିଭାଗ, ଚମ୍ପୁଆ, ସମୟ: ମଧ୍ୟାହ୍ନ ୧୧ଟା।
- ୫ମ ବାର୍ଷିକୀ ବ୍ଲକ୍‌ସ୍ତରୀୟ କଳାକାର ସମ୍ମିଳନୀ, ସ୍ଥାନ: ହାଟଡ଼ିହୀ, ଚମାରତିରା, ସମୟ: ପୂର୍ବାହ୍ନ ୧୧ ଟା।
- ୮୦୦ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ନେଇ ପୁରୀ ଗସ୍ତ, ସ୍ଥାନ: ଯୋଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

**ମୟୂରଭଞ୍ଜ**
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କଲେଜ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମୀ ବାବା ତିଲିକା ମାଝୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ,ସ୍ଥାନ: ସିନ୍ଦୁରକୁଇଲି, ଉଦଳା, ସମୟ:ଅପରାହ୍ନ ୩ଟା।
- ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାଇରଙ୍ଗପୁର ମହତାବ ଭବନ,ସମୟ: ଅପରାହ୍ନ ୫ଟା୩୦।

**ବ୍ରହ୍ମପୁର**
- ୩ୟ ଜିଲା ସ୍ୱାସ୍ଥ୍ୟ ମହୋତ୍ସବ,ସ୍ଥାନ: ଖଲ୍ଲିକୋଟ କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସିଟି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସିଟି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଶରଣ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଏକଘରିଆ, ଓଡ଼ାପଡ଼ା ବ୍ଲକ, ସମୟ: ଅପରାହ୍ନ ୩ଟା ୩୦ମିନିଟ।

**ଅନୁଗୋଳ**
- ବୁଢା ଠାକୁରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଛେଣ୍ଡିପଦା ବ୍ଲକର ପରା, ସମୟ: ସକାଳ ୭ଟା।

**ଜଗତ୍‌ସିଂହପୁର**
- ପାରାଦୀପ କଲେଜ ଏନ୍‌ସିସି ଛାତ୍ରୀମାନଙ୍କୁ ନେଇ ଜାତୀୟ ସେବା ଦିବସ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକ, ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।

**ଯାଜପୁର**
- ଜିଲାସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ନବମ ଦିବସରେ ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ, ଭରତ ଓ ହନୁମାନ ମିଳନ ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ଭୋର ୬ଟାରୁ ରାତି ୯ଟା।
- ବାଲ୍ୟ ବିବାହ ମୁକ୍ତିରଥର ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ, ସ୍ଥାନ: ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ:ଅପରାହ୍ନ ୪ଟା।

**ରାୟଗଡ଼ା**
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଟିଟିମିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଣପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ ଟା।
- ପିଏମ୍‌ଶ୍ରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡମ୍ବସରା, ଗୁଣପୁର ବ୍ଲକ୍, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ମହୋତ୍ସବ, ସ୍ଥାନ: ଝରିଗାଁ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୪୫।

**କୋରାପୁଟ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ଦିନ ଦୟାଲ ଉପାଧ୍ୟାୟଙ୍କୁ ସମର୍ପଣ ଦିବସ ପାଳନ, ସ୍ଥାନ: ଭାଜପା କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ରଜତ ଜୟନ୍ତୀ ଉଦ୍‌ଯାପନୀ, ସ୍ଥାନ: କୁନ୍ଦୁରା, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବୈପାରୀଗୁଡ଼ା, ସମୟ: ଅପରାହ୍ନ ୫ଟା ୪୫।

**ସମ୍ବଲପୁର**
- ବୁଢ଼ାରାଜା ବାଳିକା ଉଚ୍ଚବିଦ୍ୟାଳୟ ପକ୍ଷରୁ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସକାଶେ ସ୍ୱତନ୍ତ୍ର ଆଶୀର୍ବାଦ ସମାରୋହ, ସ୍ଥାନ: ଦେହେରିପାଲି ସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗୀର ଜିଲା ଓ ବରଗଡ ଜିଲାର ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ହୀରକୁଦ କ୍ରୀଡାସଂଘ ପକ୍ଷରୁ ସମ୍ବଲପୁର ଓ ସୁନ୍ଦରଗଡ଼ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ, ସ୍ଥାନ: ହୀରାକୁଦ ସ୍ଥିତ ସୁଭାଷ ମଇଦାନ, ସମୟ: ଅପରାହ୍ନ ୩ଟା।
- ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧର୍ମଘଟ ସକାଶେ ଶୋଭାଯାତ୍ରା, ସ୍ଥାନ: ବୀରସୁରେନ୍ଦ୍ର ସାଏ ମାର୍ଗ, ସମୟ: ଅପରାହ୍ନ ୪ଟା।

**ରାଉରକେଲା**
- ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ଉଦିତ ନଗର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଉରକେଲା ଆଇନ ମହାବିଦ୍ୟାଳୟର କ୍ରୀଡା ଉତ୍ସବର ଉଦଯାପନୀ ସମାରୋହ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଏସ୍‌ପି ପ୍ରାୟୋଜିତ ପୁସ୍ତକ ମହୋତ୍ସବର ୯ମ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଜିଲା ମହୋତ୍ସବ ଯତ୍‌ରା ଓ ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ଦିବସ, ସ୍ଥାନ: ସୁନ୍ଦରଗଡ଼ ସରକାରୀ କଲେଜ ସମ୍ମୁଖ ଯତ୍‌ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ଶିକ୍ଷକ ଦକ୍ଷତା ତାଲିମ ଶିବିର, ସ୍ଥାନ: ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ଅମ୍ବାପାଲି, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ:ବ୍ଲକ ଶିକ୍ଷା ଅଧିକାରୀଙ୍କ ସଭାକକ୍ଷ, ଅମ୍ବାଭୋନା, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଭିବି ଜି ରାମ ଜି ସଚେତନତା କର୍ମଶାଳା, ସ୍ଥାନ: କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧ତମ ବାର୍ଷିକ ଉତ୍ସବ, ସ୍ଥାନ: କର୍ଲାମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୨ଟା।

**ସୁବର୍ଣ୍ଣପୁର**
- ସୋନପୁର କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ:କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଏଇଏସ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଅଡାଲ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଶିବତୁଲା ଭିନ୍ନକ୍ଷମ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

**ନୂଆପଡ଼ା**
- ୧୯ତମ ଆର୍‌ଏସ୍‌ସିସି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।

**ଖାରସୁଗୁଡ଼ା**
- ଭାଗବତ ପଠନ କାର୍ଯ୍ୟକ୍ରମ, ସ୍ଥାନ: ଶିବ ମନ୍ଦିର, ବାଗଡ଼ିହି, ସମୟ: ସକାଳ ୮ଟା।
- ବିଧାନସଭା ଷ୍ଟାଣ୍ଡିଂ କମିଟିର ବୈଠକ, ସ୍ଥାନ: ଜିଲାପାଳଙ୍କ ବୈଠକ ଗୃହ, ବେହେରାମାଳ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ରବିଙ୍କ ସହ ମଙ୍ଗଳଙ୍କ ସଂଯୋଗ ଦୈହିକ ସୁସ୍ଥତା, ପାରିବାରିକ ଶାନ୍ତି ଏବଂ ଆଲୋଚନା ସକାଶେ ଅନୁକୂଳ ରହିବ। ବିଶିଷ୍ଟବ୍ୟକ୍ତିଙ୍କ ଗହଣରେ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ପାଇବେ। ସ୍ଥଗିତ କର୍ମାରମ୍ଭ, ବ୍ୟବସାୟିକ ସଫଳତା, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି କରିପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କହାନି ଯୋଗୁ ମନ ଭାରାକ୍ରାନ୍ତ ରହିବ।

**ବୃଷ** — ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ, ଆଲୋଚନାଦି ପ୍ରୀତିପ୍ରଦ ରହିବ। କିନ୍ତୁ ରୋହିଣୀ କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ ତକଲିପି ଭୋଗ କରିବାକୁ ପଡ଼ିପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଆକ୍ଷେପୋକ୍ତିକୁ ଠିକ୍ ଭାବେ ବୁଝିପାରିବେ ନାହିଁ।

**ମିଥୁନ** — ଯେକୌଣସି ପରିସ୍ଥିତି ହେଉନା କାହିଁକି ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ସ୍ଥଗିତ କାର୍ଯ୍ୟକୁ ପୂରା କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି।

**କର୍କଟ** — ଆଜି ଉନ୍ନତ ଚିନ୍ତାଧାରାସମ୍ପନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନର ସୁଯୋଗ ପ୍ରାପ୍ତ ହେବ। ଶତ୍ରୁମାନଙ୍କର ସମସ୍ୟା ସୃଷ୍ଟି ମନକୁ ଭାରାକ୍ରାନ୍ତ କରିପାରେ। ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ନିକଟରେ ଦୀର୍ଘଦିନରୁ ରହିଯାଇଥିବା ବକେୟା ପାଇପାରନ୍ତି।

**ସିଂହ** — ଚତୁର୍ଥସ୍ଥ ଚନ୍ଦ୍ର ପାରିବାରିକ ସମ୍ପର୍କକୁ ନଷ୍ଟକଲେ ମଧ୍ୟ କର୍ମକ୍ଷେତ୍ର ସକାଶେ ଉନ୍ନତ ସ୍ଥିତି ପ୍ରଦାନ କରିବ। ପାରିପାର୍ଶ୍ୱିକ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବା ପରେ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବିଭିନ୍ନ ଯୋଜନା କରିବାର ଚେଷ୍ଟା ସଫଳ ହେବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ଭଲ ରହିବ।

**କନ୍ୟା** — ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତି ଲୋକସମ୍ପର୍କ ହ୍ରାସ କରିପାରେ। ସାମାଜିକ ସ୍ତରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସମସ୍ୟା ରହିଥିଲେ ମଧ୍ୟ ବୁଝିବିଚାରି କାମ କରିବା ସଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ ଈର୍ଷା କରିପାରନ୍ତି।

**ତୁଳା** — କର୍ମାଧିପତିଙ୍କ ଧନାଧିପତିଙ୍କ ସହ କେନ୍ଦ୍ରାବସ୍ଥାନ ଅର୍ଥପ୍ରାପ୍ତି ସହ ପଦାଧିକାରୀଙ୍କ ପ୍ରୀତିଭାଜନ କରାଇବ। ବିଶାଖା ନକ୍ଷତ୍ର ସକାଶେ ନିଜ ଲୋକଙ୍କ ବିରୁଦ୍ଧାଚରଣ ପରିବେଶକୁ ସରଗରମ କରିବ। ବ୍ୟବସାୟିକ, ସାମାଜିକ, ଅଭିବୃଦ୍ଧି ବଢ଼ିବାରୁ ଖୁସି ରହିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ।

**ବିଛା** — ମଙ୍ଗଳ କର୍ମାଧିପତିଙ୍କ ସହ ଅବସ୍ଥାନ କରିଥିବାରୁ ଦୃଢ଼ ପଦକ୍ଷେପ ନେଇ ସ୍ଥଗିତକାର୍ଯ୍ୟ ସମ୍ପନ୍ନ କରିପାରନ୍ତି। ଅନୁରାଧା ନକ୍ଷତ୍ରର କର୍ମକ୍ଷେତ୍ର ସମସ୍ୟାବହୁଳ ହେବ। ସହକର୍ମୀ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି ଅସୁବିଧା ହେବନି। ଚେଷ୍ଟା କରୁଥିବା କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ, ବ୍ୟବସାୟ କ୍ଷେତ୍ରରେ ସମସ୍ୟାଜନିତ କେତେକ ପରିସ୍ଥିତିରୁ ଚିନ୍ତିତ ରହିବେ।

**ଧନୁ** — ଅସଜଡ଼ା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ। ଉତ୍ତରାଷାଢ଼ା ନକ୍ଷତ୍ରର ଶିକ୍ଷା, ଅଧ୍ୟାପନା କ୍ଷେତ୍ରରେ ସମସ୍ୟା ଦୂର ହେବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର** — ବନ୍ଧୁମିଳନ ସହ ବୈବାହିକ ସମ୍ପର୍କସ୍ଥାପନର ଶୁଭସୂଚନା ଖୁସି କରାଇବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ସାମାଜିକ ସ୍ତରରେ ଶ୍ରବଣା ନକ୍ଷତ୍ର ମନର ଦୁଃଖକୁ ଲୁଚାଇ ରଖି ଉପର ମନରେ ହସି ହସି କଥା କହିବେ।

**କୁମ୍ଭ** — ଷଷ୍ଠାଧିପତି କର୍ମକ୍ଷେତ୍ରରେ ଅବସ୍ଥାନ କରିଥିବାରୁ କଳହଜନିତ ମନ ଅଶାନ୍ତ ରହିବ। ଶତଭିଷା ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ। ଯୋଜନା ମୁତାବକ କାମରେ ଲାଗିପଡନ୍ତୁ, ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପାରନ୍ତି।

**ମୀନ** — ନୀଚରାଶିରେ ଚନ୍ଦ୍ରଙ୍କ ସ୍ଥିତି ସନ୍ତାନଙ୍କ ଦାୟିତ୍ୱହୀନ କାର୍ଯ୍ୟକଳାପରୁ ଅସନ୍ତୁଷ୍ଟ କରାଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହଯୋଗ ଆଶାକରି ନିରାଶ ହେବେ। ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଗବେଷଣା, ଅଧ୍ୟୟନ, ଅଧ୍ୟାପନା ସଙ୍ଗକୁ ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ ସମସ୍ୟା ସମାଧାନ ରାସ୍ତା ଉନ୍ମୁକ୍ତ ହୋଇପାରେ।

ଆଜି ଫେବୃୟାରୀ ୧୧ ତାରିଖ। ଫାଲ୍‌ଗୁନ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ଦିବା ଘ.୧୦।୫୨ମି.ଗତେ ଜ୍ୟେଷ୍ଠା ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦।୩୬ମି. ଗତେ ଘ.୧୧।୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୫ମି. ମଧ୍ୟେ ରାହୁ କାଳ।

# ୨୭ ପରେ ଅନୁଦାନ ମନା

**ଖର୍ଚ୍ଚ ସମୟସୀମା ଦେଲା ଅର୍ଥ ବିଭାଗ**

ଭୁବନେଶ୍ୱର,୧୦।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ମାସ ୧୭ରୁ ଆରମ୍ଭ ହେବାକୁଥିବା ବଜେଟ ଅଧିବେଶନକୁ ଦୃଷ୍ଟିରେ ରଖାଯାଇ ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗ ପାଇଁ ଅର୍ଥ ଖର୍ଚ୍ଚ ସଂକ୍ରାନ୍ତରେ ଶେଷ ସମୟସୀମା ବା ଡେଡ୍‌ଲାଇନ୍ ଟଣାଯାଇଛି। ଏନେଇ ମଙ୍ଗଳବାର ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଏକ ନିର୍ଦ୍ଦେଶନାମା ସବୁ ବିଭାଗର ସଚିବଙ୍କୁ ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ବିଭାଗ ପକ୍ଷରୁ ଜାନୁଆରୀ ୧୭ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ନିର୍ଦ୍ଦେଶନାମାରେ ଜାନୁଆରୀ ୩୧ ମଧ୍ୟରେ ଅନୁଦାନ ଆଦେଶ (ସାଙ୍କ୍‌ଶନ ଅର୍ଡର) ଦେବାକୁ କୁହାଯାଇଥିଲା। କାରଣ ଅନୁଦାନ ନିର୍ଦ୍ଦେଶ ଯଦି ଏକସମୟରେ ସବୁ ବିଭାଗର ବିଭିନ୍ନ ପ୍ରକଳ୍ପରୁ ଆସିବ, ତେବେ ଅର୍ଥ ବିଭାଗ ଏବଂ ରାଜକୋଷ ଉପରେ ଚାପ ପଡ଼ିବ। ଏସବୁକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ମାତ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ଏହି ଅବଧିକୁ ବୃଦ୍ଧି କରାଯାଇଛି। ଜାନୁଆରୀ ୩୧ ପରିବର୍ତ୍ତେ ଫେବୃଆରୀ ୨୭କୁ ବୃଦ୍ଧି କରାଯାଇଛି। ତେବେ ୨୭ ପରେ କୌଣସି ଅନୁଦାନ ଆଦେଶକୁ ବିଚାରକୁ ନିଆଯିବନାହିଁ। ସେହିପରି ଉକ୍ତ ଅବଧି ମଧ୍ୟରେ ସବୁ ବିଭାଗର ଆଲଟ୍‌ମେଣ୍ଟ କାର୍ଯ୍ୟ ଓ ବଳକା ଅର୍ଥ ସମର୍ପଣ(ସରେଣ୍ଡର) କରିବାକୁ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦରେ ବଜେଟରେ ବ୍ୟବସ୍ଥା ହୋଇଥିବା ଅର୍ଥକୁ ରସିଦ୍ ଜରିଆରେ ସମର୍ପଣ କରିବାର ଆବଶ୍ୟକତା ରହିଛି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ମୂତୁରୀ ଶୋଇବା,
ତୁ ତ ମୂତୁରୀ, ମୁଁ ତ ମୂତୁରୀ
ହେଁସ କାହିଁପାଇଁ ଧୋଇବା।**

ଯେଉଁଠାରେ ଉଭୟ ପକ୍ଷ ଦୋଷଯୁକ୍ତ ହୋଇଥା'ନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବା ଉଚିତ ହୋଇନଥାଏ। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଉଁଶିଲା କୁକୁର ମୁହଁରେ ବୋକ।**

ଛୋଟ ଲୋକକୁ ମୁହଁ ଦେଲେ ସିଏ ମୋଟେ କାହାକୁ ଖାତିର କରୁ ନ ଥିବାର ଦେଖିବାକୁ ମିଳିଥାଏ। ଆବଶ୍ୟକତାଠାରୁ ଅଧିକ ଆଦର କଲେ ଧରାକୁ ସରା ମଣିବାରେ ହେଳା କରି ନ ଥାନ୍ତି। ତେଣୁ ଛୋଟ ଲୋକକୁ ପ୍ରଶ୍ରୟ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ବକେୟା ଚାଲାଣ...

କୌଣସି ବକେୟା ଚାଲାଣ ଥିଲେ ଗାଡ଼ିର ପିୟୁସି ପରୀକ୍ଷା କରାଯାଇପାରିବ ନାହିଁ ବୋଲି ସରକାର ଦେଇଥିବା ନିର୍ଦ୍ଦେଶକୁ ବାଧ୍ୟତାମୂଳକ କରା ନ ଯିବା ସହ ବିନା ପିୟୁସିରେ ତେଲ ପ୍ରଦାନ କରିବାକୁ ଆବେଦନକାରୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ଏହି ମାମଲାରେ ବାଣିଜ୍ୟ ଓ ପରିବହନ ସଚିବ, ପରିବହନ କମିଶନର, ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ଓ ବିଭିନ୍ନ ତୈଳ କମ୍ପାନୀର ଓଡ଼ିଶା ମୁଖ୍ୟଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

ପ୍ରକାଶ ଯେ, ରାଜ୍ୟ ସରକାର ପ୍ରତ୍ୟେକ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରିଥିବାବେଳେ ବକେୟା ଚାଲାଣ ଥିଲେ ପିୟୁସି ପ୍ରମାଣପତ୍ର ମିଳିପାରିବ ନାହିଁ ବୋଲି ଗତ ଡିସେମ୍ବର ୨୦ରେ ନିର୍ଦ୍ଦେଶନାମା ଜାରି କରିଥିଲେ। ଏପରି କି ପିୟୁସି ପ୍ରମାଣ ପତ୍ର ନ ଥିଲେ ପେଟ୍ରୋଲ ଓ ଡିଜେଲ ମିଳିପାରିବ ନାହିଁ ବୋଲି ପରିବହନ କମିଶନର ତୈଳ କମ୍ପାନୀକୁ ଚିଠି ଲେଖିଥିଲେ। ଏହା ପରେ ସାଧାରଣ ଲୋକମାନେ ପିୟୁସି ପ୍ରମାଣପତ୍ର କରିବା ପାଇଁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ବର୍ଗରୁ ଅସନ୍ତୋଷ ଦେଖା ଦେବା ପରେ ରାଜ୍ୟ ସରକାର ଏହାକୁ ପର୍ଯ୍ୟାୟକ୍ରମେ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କୋହଳ କରିଥିଲେ। ହାଇକୋର୍ଟରେ ଏ ସମ୍ପର୍କରେ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ ସରକାର ସାମୟିକ ସମୟ ପାଇଁ ବକେୟା ଚାଲାଣ ଥିଲେ ସୁଦ୍ଧା ପିୟୁସିସି କରିହେବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପିୟୁସିସି ନ ଥିଲେ ପେଟ୍ରୋଲ ପମ୍ପରେ ତେଲ ମିଳିପାରିବ ନାହିଁ ବୋଲି ଜାରି କରିଥିବା ନିର୍ଦ୍ଦେଶାନାମା ପ୍ରତ୍ୟାହାର କରିଛନ୍ତି। ଏନେଇ ଗତ ଜାନୁଆରୀ ୨୭ତାରିଖରେ ହାଇକୋର୍ଟରେ ହୋଇଥିବା ଶୁଣାଣିରେ ଅଦାଲତଙ୍କୁ ଅବଗତ କରିସାରିଛନ୍ତି।

## ପିୟୁସିସି କୋହଳ...

ଓ ଉପଧାରା ୧୨ ଅନୁଯାୟୀ ପ୍ରଦୂଷଣ ପ୍ରମାଣପତ୍ର ପାଇବା ପାଇଁ ୯୦ ଦିନରୁ ଅଧିକ ଚାଲାଣ ପୈଠ କରିବା ବାଧ୍ୟତାମୂଳକ। ମାତ୍ର ରାଜ୍ୟ ସରକାର ଏହାକୁ ଗତ ଜାନୁଆରୀ ମାସରେ ଏପ୍ରିଲ ପହିଲା ପର୍ଯ୍ୟନ୍ତ କୋହଳ କରିଥିଲେ। ୯୦ଦିନରୁ ଅଧିକ ଚାଲାଣ ଥିଲେ ବି ପିୟୁସିସି କରାଯାଇପାରିବ ବୋଲି ଜନସାଧାରଣଙ୍କୁ ସୁବିଧା ଦିଆଯାଇଥିଲା। ହାଇକୋର୍ଟଙ୍କ ରାୟ ପରେ ବି ସେହି କୋହଳ ଅବଧି ବଳବତ୍ତର ରହିଛି। ତେଣୁ ଏହି ସମୟ ମଧ୍ୟରେ ସମସ୍ତ ମୋଟର ଯାନ ବ୍ୟବହାରକାରୀ ଆଇନ ଅନୁଯାୟୀ ପିୟୁସିସି କରାଇ ନେବାକୁ ମନ୍ତ୍ରୀ ଜେନା ସୂଚନା ଦେଇ କହିଛନ୍ତି।

## ସ୍ୱାସ୍ଥ୍ୟସେବାରେ ଆଉ...

'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସଡ୍ ଲାଇଫ୍ ସପୋର୍ଟ ବା ଏଏଲ୍‌ଏସ୍ ଆମ୍ବୁଲାନ୍ସ ଏବଂ ଖାରସୁଗୁଡ଼ାସ୍ଥିତ କ୍ୟାନ୍‌ସର ହସ୍ପିଟାଲ ପାଇଁ ୨ଟି ଏଏଲ୍‌ଏସ୍ ଆମ୍ବୁଲାନ୍ସ ନିୟୋଜିତ ରହିଛି। ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡ. ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଘଣ୍ଟା ମଧ୍ୟରେ...

କରାଯାଉଥିବା ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଦ୍ୱାରା ପ୍ରସ୍ତୁତ କଣ୍ଟେଣ୍ଟ, ଡିପ୍‌ଫେକ୍ ଭିଡିଓ, ସିନ୍ଥେଟିକ୍ ଅଡିଓ ଏବଂ ପରିବର୍ତ୍ତିତ ଭିଜୁଆଲ୍ ଆଦିକୁ ଗୋଟିଏ ଫ୍ରେମ୍‌ୱାର୍କରେ ରଖାଯାଇ ନିୟନ୍ତ୍ରଣ କରାଯିବ। କେନ୍ଦ୍ର ସରକାରଙ୍କ ଏହି ପରିବର୍ତ୍ତିତ ଏବଂ ସଂଶୋଧିତ କାର୍ଯ୍ୟଧାରାରେ ସମସ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ଡିଜିଟାଲ୍ ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ସଂସ୍ଥା ଏସ୍‌ଜିଆଇ(ସିନ୍ଥେଟିକାଲି ଜେନେରେଟେଡ୍ ଇନ୍‌ଫର୍ମେସନ)କୁ ଲେବୁଲଯୁକ୍ତ କରିବେ। ଅଡିଓ କଣ୍ଟେଣ୍ଟ ପାଇଁ ଡିସ୍‌କ୍ଲୋଜର୍ କ୍ଲିପ୍ ସମୟ ଏବଂ ଭିଜୁଆଲ କଣ୍ଟେଣ୍ଟ ପାଇଁ ଲେବୁଲ ଭିଜୁଆଲ ଡିସ୍‌ପ୍ଲେ ଏରିଆ ଅତିକମ୍‌ରେ ମୋଟ ଏରିଆର ୧୦% ରହିବ। କୌଣସି ନିୟାମକ ପ୍ରାଧିକରଣ କିମ୍ବା ଅଦାଲତ ଦ୍ୱାରା ଚିହ୍ନଟ ଆପତ୍ତିଜନକ କଣ୍ଟେଣ୍ଟକୁ ୩ ଘଣ୍ଟା ମଧ୍ୟରେ ହଟାଇବାକୁ ବାଧ୍ୟ ହେବେ। ପୂର୍ବରୁ ଏହି ସମୟ ସୀମା ୩୬ ଘଣ୍ଟା ରହିଥିଲା। ସେହିପରି ୟୁଜରମାନେ ଏଆଇ ଦ୍ୱାରା ପ୍ରସ୍ତୁତ କିମ୍ବା ପରିବର୍ତ୍ତିତ କଣ୍ଟେଣ୍ଟ ପୋଷ୍ଟ କରିବା ସମୟରେ ତା'ର ସମ୍ପୂର୍ଣ୍ଣ ତଥ୍ୟ ରଖିବେ। ସମସ୍ତ ପ୍ଲାଟଫର୍ମ କୌଣସି ପୋଷ୍ଟ ଅପ୍‌ଲୋଡ୍ କରିବା ପୂର୍ବରୁ ୟୁଜରଙ୍କଠାରୁ ଘୋଷଣାପତ୍ର ଗ୍ରହଣ କରିବେ ଏବଂ ତାହାର ସତ୍ୟତା ପାଇଁ ଆବଶ୍ୟକ ବୈଷୟିକ ବ୍ୟବସ୍ଥା କରିବେ। ସେହିପରି ସମସ୍ତ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ନିୟମିତ ଏବଂ ସ୍ଥାୟୀ ଭାବେ ମେଟା ସମ୍ପର୍କରେ ତଥ୍ୟ ଦେବେ, ଯଦ୍ଦ୍ୱାରା ଯେକୌଣସି କଣ୍ଟେଣ୍ଟର ମୂଳଉତ୍ସକୁ ଖୋଜିବାରେ ସହଜ ହେବ। ମଧ୍ୟସ୍ଥ ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ସଂସ୍ଥା ପ୍ରାଥମିକ ଲେବୁଲ କିମ୍ବା ମେଟା ଡାଟାକୁ ହଟାଇପାରିବେ ନାହିଁ କି ଏହାକୁ ଗୋପନ ରଖିପାରିବେ ନାହିଁ। ପୋଷ୍ଟ କରାଯାଉଥିବା କଣ୍ଟେଣ୍ଟ ସିନ୍ଥେଟିକ୍ ବ୍ୟବସ୍ଥାରେ ପ୍ରସ୍ତୁତ ହୋଇଛି କି ଏଆଇ ଦ୍ୱାରା ପ୍ରସ୍ତୁତ ହୋଇଛି ତାହାକୁ ନିଶ୍ଚିତ କରିବେ ବୋଲି ନୂଆ ନିୟମରେ ଉଲ୍ଲେଖ ରହିଛି।

## ୟୁପିଆଇ ଅଚଳ...

ଦେଖାଇଥିଲା। ସର୍ଭିସ୍ ପ୍ରୋଭାଇଡର ନଟ୍ ଆଭଲେବଲ୍ ଲେଖାଥିବା ବାର୍ତ୍ତା ଆସିଥିଲା। କେତେଜଣ ୟୁଜର ବିଭିନ୍ନ ବ୍ୟାଙ୍କ ଏବଂ ୟୁପିଆଇ ଆପ୍‌ରେ ଉଦ୍ୟମ କରି ବିଫଳ ହେବାରୁ ଜରୁରୀ କିଣାକିଣି ପାଇଁ ନଗଦ ଅର୍ଥ ପୈଠ କରିବା କିମ୍ବା କାର୍ଡ ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲେ।

## ୧୩ରେ ରାଜ୍ୟ...

ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏଥର ସମସ୍ତ ବିଭାଗର ସଚିବଙ୍କଠାରୁ ଓଡ଼ିଶା ବିକାଶ-୨୦୩୬ ଏବଂ ଭାରତ ବିକାଶ-୨୦୪୭ ଲାଗି ୫ଟି ଲେଖାଏ ପ୍ରସ୍ତାବ ଲୋଡ଼ାଯାଇଥିଲା, ଯେଉଁଥିରେ କି ବିଭାଗୀୟ ସଚିବମାନେ ସରକାରଙ୍କ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ରଖି ତାଙ୍କର ସୁଚିନ୍ତିତ ପ୍ରସ୍ତାବ ଦେବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜାନୁଆରୀ ପହିଲାରେ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ବିଭାଗୀୟ ସଚିବମାନେ ସେମାନଙ୍କର ସୁଚିନ୍ତିତ ପ୍ରସ୍ତାବମାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬ ଜୁନ୍‌ରେ ରାଜ୍ୟର ୨୮ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଏବଂ ୭ଟି ପୌରପାଳିକାର ନିର୍ବାଚନ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ୨୦୨୭ରେ ପଞ୍ଚାୟତ ନିର୍ବାଚନ ରହିଛି। ଏସବୁ ଦୃଷ୍ଟିରୁ ଆସନ୍ତା ବଜେଟ ଅଧିବେଶନର ବହୁ ଗୁରୁତ୍ୱ ରହିଛି। କେନ୍ଦ୍ର ବଜେଟର ଝଲକ ରାଜ୍ୟ କ୍ୟାବିନେଟରେ ମଧ୍ୟ ଦେଖିବାକୁ ମିଳିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ବରଗଡ଼ ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପ୍ରତିବାଦରେ ମଙ୍ଗଳବାର ଏସ୍‌ପିଙ୍କ ବଦଳି ଦାବିରେ ଓକିଲ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ କରୁଛନ୍ତି। (ରିପୋର୍ଟ: ପୃଷ୍ଠା-୯)

# ୩ ମହିଳାଙ୍କୁ ମାରିଦେଲା ହାତୀ

## ୪ ଗୁରୁତର, ଗୋଠଛଡ଼ା ଦନ୍ତାହାତୀକୁ ନେଇ ଆତଙ୍କ

**କ୍ରମାଗତ ଜଙ୍ଗଲ ଉଜୁଡ଼ୁଥିବାରୁ ହାତୀ ବାସ ଓ ଆହାର ସଙ୍କଟର ସମ୍ମୁଖୀନ ହୋଇ ଜନପଦକୁ ଆସୁଛନ୍ତି। ଫଳରେ ହାତୀ-ମଣିଷ ସଂଘର୍ଷ ଘଟୁଛି। କେଉଁଠି ହାତୀ ଆକ୍ରମଣରେ ସାଧାରଣ ଲୋକଙ୍କ ଜୀବନ ଯାଉଛି ତ, କେଉଁଠି ଏହି ବିଶାଳକାୟ ପ୍ରାଣୀର ଜୀବନ ନେଉଛନ୍ତି ଲୋକେ। ମଙ୍ଗଳବାର ଢେଙ୍କାନାଳରେ ଦନ୍ତା ଆକ୍ରମଣରେ ୩ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଗୁରୁତର ଆହତ ହୋଇଛନ୍ତି।**

**ଢେଙ୍କାନାଳ,୧୦।୨(ରତନ ନାୟାର)**

ଜଙ୍ଗଲକୁ ଜାଳେଣି ସଂଗ୍ରହ ପାଇଁ ଯାଇଥିବା ବେଳେ ମଙ୍ଗଳବାର ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ୩ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ମହିଳା ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଢେଙ୍କାନାଳ ଜିଲା ସଦର ଥାନା ସଦର ରେଞ୍ଜ୍ କାଇମାଟି ଗ୍ରାମପଞ୍ଚାୟତର ଲୋଚାପଲି ଗ୍ରାମରେ। ଆହତମାନଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଘଟଣାରୁ ଜଣାପଡିଛି ଯେ, ଲୋଚାପଲି ଗ୍ରାମର ୧୦ରୁ ୧୫ ମହିଳା ଓ ପୁରୁଷ ପ୍ରତିଦିନ ଭଳି ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ଚାଲିଚାଲି ଜାଳେଣି କାଠ ସଂଗ୍ରହ କରିବା ପାଇଁ ନିକଟସ୍ଥ ପାଟପୁରା ଜଙ୍ଗଲକୁ ଯାଇଥିଲେ। ରାସ୍ତାରେ ଗୋଟିଏ ଗୋଠଛଡ଼ା ଦନ୍ତାହାତୀ ଛିଡ଼ା ହୋଇଥିଲା। ହାତୀଟି ସେମାନଙ୍କୁ ଦେଖି ଗର୍ଜନ କରି ଗୋଡ଼ାଇବା ସହିତ ଆକ୍ରମଣ କରିଥିଲା। ଫଳରେ ୭ଜଣ ମହିଳା ଗୁରୁତର ଆହତ ହୋଇଥିବା ବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ସହାୟତାରେ ଅଞ୍ଚଳବାସୀ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୪ଜଣ ଗୁରୁତର ଆହତ ହୋଇଥିଲେ। ମୃତ ମହିଳାମାନେ ହେଲେ ଇନ୍ଦୁମତି ପଧାନ (୬୦), ଚୁନି ବେହେରା (୫୦) ଓ କୁନ୍ତଳା ପଧାନ (୫୦)। ଆହତମାନେ ହେଲେ ରମା ଦେହୁରୀ (୪୦), ରଶ୍ମିତା ପଧାନ (୩୫), ଝିଲି ପଧାନ (୩୫)। ଅନ୍ୟ ଜଣଙ୍କର ପରିଚୟ ମିଳିନାହିଁ। ଏହି ଘଟଣାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡିଥିବା ବେଳେ ବନ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଗୋଠଛଡ଼ା ଦନ୍ତାହାତୀକୁ ନେଇ ଲୋଚାପଲି ଓ ଆଖପାଖ ଗ୍ରାମରେ ଆତଙ୍କ ଖେଳିଯାଇଛି। ଏହି ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ସଦର ରେଞ୍ଜର ଉଚ୍ଛବ ଚନ୍ଦ୍ର ପ୍ରଧାନ କହିଛନ୍ତି, ଗୋଠଛଡ଼ା ଦନ୍ତାହାତୀଟି ଉକ୍ତ ଅଞ୍ଚଳରେ ରହିଥିବା ସମ୍ପର୍କରେ ଆମର ପାଟ୍ରୋଲିଂ କରୁଥିବା ବନ କର୍ମଚାରୀମାନେ ଅଞ୍ଚଳବାସୀଙ୍କୁ ସତର୍କ କରାଇଥିଲେ। ସେମାନଙ୍କୁ ଜଙ୍ଗଲ ଯିବାକୁ ମନା ହୋଇଥିଲା। ତଦନ୍ତ କରାଯାଇ ମୃତାହତ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ତୁରନ୍ତ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ଉକ୍ତ ଅଞ୍ଚଳରେ ପୂର୍ବରୁ ବୁଲୁଥିବା ଆଉ ଏକ ଗୋଠଛଡ଼ା ହାତୀ (ଯାହାକୁ କି ବନବିଭାଗ ମଣ୍ଟୁ ବୋଲି ନାମ ଦେଇଛି) ମହିଳାମାନଙ୍କୁ ଆକ୍ରମଣ କରିଥିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି, ଗୋଡ଼ାଇଥିବା ହାତୀଟି ମଣ୍ଟୁ ନୁହେଁ। ଦନ୍ତାହାତୀ ମଣ୍ଟୁ ବର୍ତ୍ତମାନ କଟକ ଜିଲା ଅଞ୍ଚଳରେ ଅଛି। ଗୋଡ଼ାଇ ଥିବା ହାତୀଟି ଉକ୍ତ ଅଞ୍ଚଳରେ ନୂଆକରି ପ୍ରବେଶ କରିଛି। ଏଥିପାଇଁ ଗ୍ରାମବାସୀଙ୍କୁ ସତର୍କ କରାଯାଇଥିଲା। ଏହି ଘଟଣାକୁ ନେଇ ତଦନ୍ତ କରାଯାଉଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ସଦର ତହସିଲଦାର ସ୍ୱାଧୀନ ବେହେରା ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି।

# ୨୩,୩୮୭ କନିଷ୍ଠ ଶିକ୍ଷକଙ୍କୁ ପଦୋନ୍ନତି

## ଖୁବ୍‌ଶୀଘ୍ର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ଦିଆଯିବ

**ଭୁବନେଶ୍ୱର,୧୦।୨ (ସୁଚିସ୍ମିତା ସାହୁ)**

ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୩,୩୮୭ ଜଣ କନିଷ୍ଠ ଶିକ୍ଷକଙ୍କୁ ବରିଷ୍ଠ (ଏସ୍‌ଇଏସ୍) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସୋମବାର ପ୍ରକାଶିତ ଏହି ଚୂଡ଼ାନ୍ତ ତାଲିକାରେ ସମ୍ପୃକ୍ତ ଶିକ୍ଷକଙ୍କ ନାମ ଉଲ୍ଲେଖ କରାଯାଇଛି। ଏ ସଂକ୍ରାନ୍ତରେ ସୂଚନା ଦେଇ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା ପ୍ରକାଶ କରିଛନ୍ତି, ୧୯୯୩ ମସିହା ନିଯୁକ୍ତି ନିୟମ ଅନୁଯାୟୀ ଜୁନିଅର ଏସ୍‌ଇଏସ୍‌ମାନଙ୍କୁ ପଦୋନ୍ନତି ଦିଆଯାଇଛି। ୩୦ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କଠାରୁ ପଦୋନ୍ନତିପ୍ରାପ୍ତ ଶିକ୍ଷକଙ୍କ ଚରିତ୍ର ପଞ୍ଜିକା ପ୍ରମାଣପତ୍ର (ସିସିଆର୍) ଏବଂ ସମ୍ପତ୍ତି ତାଲିକା ଆସିବା ପରେ ଏମାନଙ୍କୁ ଖାଲିଥିବା ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତ କରାଯିବ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ରହିବ। କନିଷ୍ଠ ଶିକ୍ଷକଙ୍କ ପଦୋନ୍ନତି ନେଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବାରମ୍ବାର ଯାଞ୍ଚ ପରେ ନିର୍ଦ୍ଦେଶାଳୟ ପକ୍ଷରୁ ତାଲିକା ଜାରି କରାଯାଇଛି। ☞ପୃଷ୍ଠା-୯

# ଭାରତୀୟଙ୍କ ଗଚ୍ଛିତ ସୁନା ମୂଲ୍ୟ ଜିଡିପିଠାରୁ ଅଧିକ

**ନୂଆଦିଲ୍ଲୀ,୧୦।୨**

ବିଶ୍ୱର ଯେକୌଣସି ଦେଶ ତୁଳନାରେ ସୁନା ପ୍ରତି ଭାରତୀୟଙ୍କ ମୋହ ସବୁଠୁ ଅଧିକ। ପାରମ୍ପରିକ ଦୃଷ୍ଟିରୁ କିମ୍ବା ପ୍ରଚଳିତ ଧାରା ଅନୁସାରେ ବିତ୍ତଶାଳୀଙ୍କଠାରୁ ଆରମ୍ଭ କରି ଗରିବ, କେହି ସୁନା ମୋହରୁ ବର୍ତ୍ତି ପାରିନାହାନ୍ତି। ତେବେ କିଛି ବର୍ଷ ମଧ୍ୟରେ ସୁନା ମୂଲ୍ୟ ଆକାଶଛୁଆଁ ହେବାରୁ ଭାରତୀୟଙ୍କ ଗଚ୍ଛିତ ସୁନା ମଧ୍ୟ ତଦନୁପାତିକ ବୃଦ୍ଧି ପାଇଛି। ଏ ସମ୍ପର୍କରେ କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ ଭାରତୀୟଙ୍କ ଗଚ୍ଛିତ ସୁନା ମୂଲ୍ୟ ଦେଶର ଜିଡିପିକୁ ଟପିଯାଇଛି। ବର୍ତ୍ତମାନ ଭାରତୀୟଙ୍କ ନିକଟରେ ଯେତିକି ସୁନା ମହଜୁଦ ରହିଛି ତାହାର ପରିମାଣ ପାଖାପାଖି ୩୦ ହଜାର ଟନ୍ ହେବ। ବର୍ତ୍ତମାନ ସୁନା ମୂଲ୍ୟ ଅନୁସାରେ ଭାରତୀୟଙ୍କ ସୁନା ମୂଲ୍ୟ ୫ ଟ୍ରିଲିୟନ ଡଲାର ଟପିଯିବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍) ଏବଂ ୱାର୍ଲଡ ଇକୋନୋମିକ୍ ଆଉଟ୍‌ଲୁକ୍ ରିପୋର୍ଟ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତର ଜିଡିପି ୪.୧୨୫ ଟ୍ରିଲିୟନ ରହିବ। ☞ପୃଷ୍ଠା-୯




ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। **-ଶ୍ରୀଅରବିନ୍ଦ**



# ପିଲା ଏବେ ଭାବପ୍ରବଣ

ଗୋଟିଏ ସପ୍ତାହ ଭିତରେ ଦୁଇଟି ଆତ୍ମହତ୍ୟାଜନିତ ଘଟଣା ଏବେ ଦେଶର ବିବେକକୁ ଦୋହଲାଇ ଦେଇଛି। ୪ ଫେବୃଆରୀରେ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ବହୁତଳ ପ୍ରାସାଦର ୯ମ ମହଲାରୁ ୩ ଭଉଣୀ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ୧୨, ୧୪ ଓ ୧୬ ବର୍ଷ ବୟସର ଏହି ତିନି ଭଉଣୀ ସ୍ମାର୍ଟଫୋନ୍‌ରେ ଗେମ୍ ଖେଳୁଥିଲେ। ସେମାନଙ୍କ ଆସକ୍ତି ଏତେ ମାତ୍ରାରେ ବଢ଼ିଯାଇଥିଲା ଯେ, ଅଭିଭାବକ ତାହାକୁ ଛଡ଼ାଇ ନେଇଥିଲେ। ଏହି କ୍ରୋଧରେ ୩ ଭଉଣୀ ଆତ୍ମହତ୍ୟା କରିଥିବା କୁହାଯାଉଛି। ଦ୍ୱିତୀୟ ଦୁଃଖଦ ଖବରଟି ବିହାରର ଔରଙ୍ଗାବାଦରେ ଘଟିଛି। ପୁଅମାନଙ୍କ ସହ ମିଳାମିଶା କରୁଥିବାରୁ ନାବାଳିକାଙ୍କୁ ସେମାନଙ୍କ ମା'ବାପା ଗାଳି କରିବାରୁ ୫ ନାବାଳିକା ଏକାଠି ବିଷ ପିଇ ଦେଇଥିଲେ। ପରିଣତି ୪ ଜଣଙ୍କ ଜୀବନ ନେବାରେ ଶେଷ ହୋଇଥିବା ବେଳେ ଜଣେ ବଞ୍ଚିଯାଇଛନ୍ତି। ୨୯ ଜାନୁଆରୀରେ ଏହି ଘଟଣା ଘଟିଥିଲେ ମଧ୍ୟ ୯ ଫେବୃଆରୀରେ ତାହା ଲୋକଲୋଚନକୁ ଆସିଛି। ଜୀବିତ ନାବାଳିକା ସବୁ କଥା ବଖାଣିଛନ୍ତି। ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ, ଆତ୍ମହତ୍ୟା କରିଥିବା ନାବାଳିକାଙ୍କ ବୟସ ୧୦ରୁ ୧୪ ବର୍ଷ ମଧ୍ୟରେ।

ପ୍ରଥମ ଘଟଣାର ପୁନରାବୃତ୍ତି ଓଡ଼ିଶା ସମେତ ଦେଶର ବିଭିନ୍ନ ଭାଗରେ ବାରମ୍ବାର ଘଟୁଛି। ଗଣମାଧ୍ୟମ ଆଢୁଆଳରେ ରହିଯାଉଥିବା ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚପିଯାଉଛି। ଏହି ବିଷୟ ପ୍ରଘଟ ହେବା ପରେ ମାତାପିତା, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଚିନ୍ତାରେ ପଡ଼ିଯିବା ସ୍ୱାଭାବିକ। ଘରେ କେଉଁଭଳି ସଂସ୍କାରର ଅଭାବ ଓ ସ୍କୁଲରେ କେଉଁ ଧରଣ ଶିକ୍ଷାରୁ ବଞ୍ଚିତ ହେଲେ ଏଭଳି ଘଟଣା ଘଟିପାରେ, ଭାବିଲା ବେଳକୁ ଅନେକଙ୍କ ମୁଣ୍ଡ ଝାଇଁଝାଇଁ ହେଉଥିବ। ସ୍ମାର୍ଟଫୋନ୍‌ର ପ୍ରାବଲ୍ୟ ପିଲାଙ୍କ ପାଇଁ କୋଭିଡ୍ ସମୟରୁ ବଢ଼ିଯାଇଛି। ସ୍କୁଲ ବନ୍ଦ ହୋଇଯିବା ପରେ ଅନ୍‌ଲାଇନ୍ କ୍ଲାସ ହୋଇଥିଲା ଶିକ୍ଷା ପ୍ରଦାନର ବିକଳ୍ପ ଧାରା। କିନ୍ତୁ ତାହା ଆସକ୍ତି ପାଲଟିଯିବାରୁ ବିଡ଼ମ୍ବନା ଆରମ୍ଭ ହେଲା। ସ୍ମାର୍ଟଫୋନ୍ ପଢ଼ା ପାଇଁ ବିଶେଷ ଉପଯୋଗୀ। କିନ୍ତୁ ପଢ଼ା ବ୍ୟତିରେକେ ତାହାକୁ ଅପବ୍ୟବହାର କରାଗଲେ ଫଳ ମୃତ୍ୟୁକୁ ଡାକିଆଣୁଛି। ସମ୍ଭବତଃ ଭୟଙ୍କର ସ୍ଥିତିକୁ ଉପଲବ୍ଧି କରିବା ପରେ ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ଏକ ଆଇନ ଆଣି ୧୬ ବର୍ଷ ବୟସରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷିଦ୍ଧ କରିଛି। ତାହା ଦେଖାଦେଖି କେତେକ ୟୁରୋପୀୟ ରାଷ୍ଟ୍ର ମଧ୍ୟ ସମାନ ଆଇନ ଆଣିବା ଲାଗି ଚିନ୍ତା କଲେଣି। ଭାରତ ଏ ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ଗୋଟେ ଚାପ ସୃଷ୍ଟି ହେଲାଣି। ସୂଚନା ବା ଶିକ୍ଷା ପାଇବା ପାଇଁ ସର୍ଚ୍ଚ ଇଞ୍ଜିନ୍‌ଗୁଡ଼ିକ ସକ୍ରିୟ ଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ କଣ୍ଟେଣ୍ଟ୍ ଏବଂ ପିଲାଙ୍କୁ ଆକୃଷ୍ଟ କଲା ଭଳି ଗେମ୍ ହାଉଯାଉ ହେଉଥିବାରୁ ପିଲେ ବାୟା। ପିଲାମାନଙ୍କ ମନ ସର୍ବଦା ଚଞ୍ଚଳ। ଏମିତି ବି ମଣିଷର ଚରିତ୍ର ନକାରାତ୍ମକତାକୁ ଶୀଘ୍ର ଗ୍ରହଣ କରି ନେଇଥାଏ। ସେହି ଦୃଷ୍ଟିରୁ ଦେଖିଲେ, ଲୋଭାତୁର ବିଷୟ ଆଖିରେ ପଡ଼ିଗଲେ ସେଥିରୁ ଦୃଷ୍ଟି ହଟାଇବା କଷ୍ଟକର। ସମ୍ଭ୍ରମ ହେଉ ବା ଲୋକଲଜ୍ଜାକୁ ଡରି ବୟସ୍କ ବ୍ୟକ୍ତି ନିଜେ ଜାକିଜୁକି ହୋଇପାରେ, କିନ୍ତୁ ପିଲାକୁ ତାହା କବଳିତ କରିଦେଲେ ଆସକ୍ତିରେ ଶୀଘ୍ର ଅନ୍ତ ଘଟେନି। ଏଇଠି କୁହାଯାଇପାରେ ଯେ, ପିଲା ଏକୁଟିଆ ରହିଲେ କିମ୍ବା ତା' ପ୍ରତି ମାତାପିତାଙ୍କ ଆବେଗିକ ସମ୍ପର୍କ ଊଣା ହେଲେ କିମ୍ବା ଦୁର୍ବଳ ପାରିବାରିକ ସମ୍ପର୍କ ସେମାନଙ୍କୁ ସ୍ମାର୍ଟଫୋନ୍‌ସର୍ବସ୍ୱ କରିଦିଏ। ଏଥିପାଇଁ ମାତାପିତା ଓ ବୟସ୍କମାନେ ବେଶି ଦାୟୀ। ପିଲାମାନଙ୍କୁ ଶାରୀରିକ ଖେଳକୁଦରେ ନ ମିଶାଇଲେ, ଭ୍ରମଣପ୍ରିୟ କରିବାର ଅବସର ସୃଷ୍ଟି ନ କଲେ ଏବଂ ସର୍ବୋପରେ ପାରିବାରିକ ହସଖୁସି ପାଇଁ ସମୟ ନ ଦେଲେ ସେମାନେ ବିଗିଡ଼ିଯିବା ଥୟ। ଗାଜିଆବାଦ ଘଟଣାରେ ସ୍ଥିତି କ'ଣ ଥିଲା ତାହା ଦୂରରୁ କହିବା ସମ୍ଭବ ନୁହେଁ। କିନ୍ତୁ ସ୍ମାର୍ଟଫୋନ୍ ବ୍ୟବହାର କରିବା ସଂକ୍ରାନ୍ତରେ ମାତାପିତା କେଉଁଭଳି ପରାମର୍ଶ ଦେଇ ସେମାନଙ୍କୁ ନିୟନ୍ତ୍ରଣ ଭିତରେ ରଖିଥିଲେ ଭଲ ହୋଇଥାଆନ୍ତା, ତାହା ମନସ୍ତାତ୍ତ୍ୱିକ ପ୍ରଶ୍ନର ଉତ୍ତର ଅପେକ୍ଷା କରେ। ଖୁବ୍ କମ୍ ବୟସର ୩ ଭଉଣୀ ଜଣକ ପରେ ଜଣେ ୯ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି କି ଅନ୍ୟ କୌଣସି ଆପରାଧିକ ଘଟଣା ଘଟିଛି, ତାହା ତଦନ୍ତସାପେକ୍ଷ। ଯଦି ସ୍ମାର୍ଟଫୋନ୍ ଆସକ୍ତି ଯୋଗୁ ସେଥିରୁ ନିବୃତ୍ତ ରହିବା ପାଇଁ ପାରିବାରିକ ଚାପ ପଡ଼ିଥାଏ, ତେବେ ସମଗ୍ର ବୟସ୍କ ବର୍ଗଙ୍କ ପାଇଁ ଏହା ଏକ ସତର୍କଘଣ୍ଟି ବୋଲି କୁହାଯାଇପାରେ।

ପ୍ରଥମ ଘଟଣା ସହ ଦ୍ୱିତୀୟ ଘଟଣାର ସାମଞ୍ଜସ୍ୟ ପିଲାମାନଙ୍କ ବୟସକୁ ନେଇ ହୋଇପାରେ। କିନ୍ତୁ ସ୍ଥିତି ଭିନ୍ନ। ୧୦ରୁ ୧୪ ବର୍ଷ ବୟସର ନାବାଳିକାମାନେ ପୁଅମାନଙ୍କ ସହ ଏମିତି କିଭଳି ମିଳାମିଶା କରୁଥିଲେ ଯେ, ସାମାନ୍ୟ ମା'ବାପାଙ୍କ ଗାଳି ସେମାନଙ୍କୁ ମରିବାକୁ ବାଧ୍ୟ କଲା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ପିଲାମାନେ ଅବାଟରେ ଗଲେ ମାତାପିତା ଓ ଅଭିଭାବକ ଆକଟ କରିଥାଆନ୍ତି। ପିଲାଙ୍କୁ ନିୟନ୍ତ୍ରଣରେ ରଖିବା ମଧ୍ୟ ବଡ଼ଙ୍କ କର୍ତ୍ତବ୍ୟ। ସ୍ୱଳ୍ପ ବୟସରେ ସେମାନେ ପ୍ରିଭେସି ବିଷୟରେ ଯଦି ସଚେତନ ହୋଇଥିବେ, ତେବେ ସେମାନଙ୍କ ବିଚାରଶୀଳତାକୁ ମଧ୍ୟ ପରଖିବା ଦରକାର। ଯଦି ସେମାନେ ମାତାପିତାଙ୍କ ଗାଳିରେ ଭୟଭୀତ ହୋଇଯାଇଥିବେ, ତାହା ହେଲେ ଚରମ ପଦକ୍ଷେପ ନେବାକୁ ମନସ୍ଥ କରିଥାଇପାରନ୍ତି। ଏଥିରୁ ବୁଝାପଡୁଛି ଯେ, ଏବେକାର ପିଲାମାନେ ଅତ୍ୟଧିକମାତ୍ରାରେ ଭାବପ୍ରବଣ ହୋଇପଡୁଛନ୍ତି। ଏଥିପାଇଁକି ସାମାଜିକ ଚାପ ଓ ବିଶେଷକରି ସାମାଜିକ ଗଣମାଧ୍ୟମର ଭୂମିକା ରହୁଛି। ଏହାର ଏକମାତ୍ର ଔଷଧ ହୋଇପାରେ ପିଲାଙ୍କ ସହିତ ଅଭିଭାବକମାନେ ଅଧିକ ସମୟ ବିତାଇବା ଏବଂ ସେମାନଙ୍କ କଥା ଶୁଣି ତାଙ୍କ ମାନସିକତାକୁ ଠଉରାଇବା । ଏହାବ୍ୟତୀତ, ବୋଧହୁଏ, ଅନ୍ୟ କୌଣସି ସମାଧାନ ନ ଥାଇପାରେ।

**ଏବେକାର ପିଲାମାନେ ଅତ୍ୟଧିକମାତ୍ରାରେ ଭାବପ୍ରବଣ ହୋଇପଡୁଛନ୍ତି। ଏଥିପାଇଁକି ସାମାଜିକ ଚାପ ଓ ବିଶେଷକରି ସାମାଜିକ ଗଣମାଧ୍ୟମର ଭୂମିକା ରହୁଛି। ଏହାର ଏକମାତ୍ର ଔଷଧ ହୋଇପାରେ ପିଲାଙ୍କ ସହିତ ଅଭିଭାବକମାନେ ଅଧିକ ସମୟ ବିତାଇବା ଏବଂ ସେମାନଙ୍କ କଥା ଶୁଣି ତାଙ୍କ ମାନସିକତାକୁ ଠଉରାଇବା । ଏହାବ୍ୟତୀତ, ବୋଧହୁଏ, ଅନ୍ୟ କୌଣସି ସମାଧାନ ନ ଥାଇପାରେ।**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 2 | 8 | | |
| 2 | 1 | 8 | | | 9 | | | |
| 7 | | 4 | | | 3 | | 2 | 6 |
| | 7 | | | 2 | | 5 | | |
| 5 | | | 6 | | | | | |
| 1 | | 2 | 8 | 9 | | | | |
| | | | 9 | | | | | |
| 8 | 3 | | | | 1 | 9 | | 7 |
| 9 | 5 | 1 | 4 | 7 | | 2 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 8 | 9 | 4 | 5 | 2 | 3 | 7 |
| 3 | 7 | 9 | 2 | 6 | 8 | 5 | 4 | 1 |
| 5 | 4 | 2 | 1 | 3 | 7 | 8 | 6 | 9 |
| 2 | 5 | 6 | 8 | 7 | 4 | 1 | 9 | 3 |
| 7 | 8 | 4 | 3 | 1 | 9 | 6 | 5 | 2 |
| 9 | 3 | 1 | 6 | 5 | 2 | 7 | 8 | 4 |
| 4 | 1 | 5 | 7 | 8 | 3 | 9 | 2 | 6 |
| 6 | 2 | 3 | 5 | 9 | 1 | 4 | 7 | 8 |
| 8 | 9 | 7 | 4 | 2 | 6 | 3 | 1 | 5 |

ଗତକାଲିର ଉତ୍ତର

# ସମ୍ବଳ ପାଇଁ ଅଧିକ ଋଣ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। ବାସ୍ତବ କଥା ହେଉଛି, ଯେଉଁ ଦଳ ଶାସନ କରୁ ବା ଯିଏ ପ୍ରଧାନମନ୍ତ୍ରୀ ବା ଅର୍ଥମନ୍ତ୍ରୀ ହୁଅନ୍ତୁନା କାହିଁକି, ପ୍ରତ୍ୟେକ ବର୍ଷ ଆପେଆପେ ନାମାଙ୍କନ ମୂଲ୍ୟରେ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧିପାଇବ। ନାମାଙ୍କନ ଜିଡିପି ମଧ୍ୟ ବୃଦ୍ଧି ପାଇବ। କେବଳ କରୋନା ପରି ଦୁଃସମୟ ବା ବିଶ୍ୱ ଆର୍ଥିକ ସଙ୍କଟ ଭଳି ବିଭିନ୍ନ ଖରାପ ପରିସ୍ଥିତିକୁ ଛାଡ଼ିଦେଲେ ଏସବୁ ସର୍ବଦା ବୃଦ୍ଧି ପାଇଥାଏ। ମୁଦ୍ରାସ୍ଫୀତି ମଧ୍ୟ ସମ୍ପୂର୍ଣ୍ଣ ମୂଲ୍ୟକୁ ବୃଦ୍ଧିକରେ। ଏଣୁ ବଜେଟକୁ ସମୀକ୍ଷା କଲାବେଳେ ନାମାଙ୍କନ ଜିଡିପି ଅନୁସାରେ ବିଭିନ୍ନ ବ୍ୟୟ, ବିତ୍ତୀୟ ସୂଚକାଙ୍କ ମୂଲ୍ୟକୁ ବିଚାରକୁ ନିଆଯାଇଥାଏ।

୨୦୨୫-୨୬ ବର୍ଷ ପାଇଁ ନାମାଙ୍କନ ଜିଡିପି ୧୦.୧% ଏବଂ ପ୍ରାୟସ ଦ୍ୱାରା ଆକଳିତ ମୁଦ୍ରାସ୍ଫୀତିକୁ (୨.୩ ରୁ ୩.୮%) ବିଚାରକୁ ବାସ୍ତବ ଜିଡିପି ୬.୩ରୁ ୬.୮ % ହେବ ବୋଲି ଆକଳନ କରାଯାଇ ବଜେଟ ଉପସ୍ଥାପନ କରାଯାଇଥିଲା। ତଥାପି ବାସ୍ତବ ଜିଡିପି ଅଭିବୃଦ୍ଧି ବର୍ତ୍ତମାନ ୭.୪% ହେବ ବୋଲି ଆକଳନ କରାଯାଇଥିବା ବେଳେ ନାମାଙ୍କନ ଜିଡିପି ଅଭିବୃଦ୍ଧି ୮% କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି, ଯାହା ଆର୍ଥିକ ଗଣିତକୁ ବିଚଳିତ କରୁଛି। ବିଶେଷକରି ପାଇକାରୀ ମୂଲ୍ୟ ସୂଚକାଙ୍କ ଉପରେ ନିର୍ଭରଶୀଳତା ଯୋଗୁ ଜିଡିପି ଆକଳନରେ ତ୍ରୁଟି ରହୁଛି ଏବଂ ମୁଦ୍ରାସ୍ଫୀତିର ପ୍ରଭାବ ଠିକ୍ ଭାବେ ମୂଲ୍ୟାୟନ ହୋଇପାରୁନାହିଁ। ଏହି ୨୦୨୬-୨୭ ବଜେଟରେ ନାମାଙ୍କନ ଜିଡିପି ୧୦% ଏବଂ ପ୍ରାୟସ ଦ୍ୱାରା ଆକଳିତ ମୁଦ୍ରାସ୍ଫୀତିକୁ (୨.୮ ରୁ ୩.୨%) ବିଚାରକୁ ନେଇ ବାସ୍ତବ ଜିଡିପି ୬.୮ ରୁ ୭.୨% ହେବ ବୋଲି ଆକଳନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟରେ ମୋଟ ବ୍ୟୟବରାଦ ୫୦,୬୫,୩୪୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୨୦୨୬-୨୭ରେ ୫୩,୪୭,୩୧୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ମାତ୍ର ୫.୫% ବୃଦ୍ଧି। ଗତବର୍ଷର ସଂଶୋଧିତ ଅଟକଳ ଉପରେ ମାତ୍ର ୭.୭୦% ବୃଦ୍ଧି। ଏହାର ଅର୍ଥ ବଜେଟର ଆକାର ବୃଦ୍ଧି ଧାର୍ଯ୍ୟ ନାମାଙ୍କନ ଜିଡିପି ବୃଦ୍ଧି ହାର ୧୦%ଠାରୁ କମ୍। ଏହାର ଅର୍ଥ ବଜେଟ ଏକ ସଙ୍କୁଚିତ ବଜେଟ। ଚିନ୍ତାଜନକ ବିଷୟ ହେଉଛି ୨୦୨୫-୨୬ ବଜେଟର ସଂଶୋଧିତ ଆକଳନରେ ମୋଟ ବ୍ୟୟବରାଦ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୪୯,୬୪,୮୪୨ କୋଟି ଟଙ୍କା ହୋଇଛି। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ , ଗ୍ରାମୀଣ ବିକାଶ ଆଦି ଗୁରୁତ୍ୱପୂର୍ଣ୍ଣ



କ୍ଷେତ୍ରରେ ଧାର୍ଯ୍ୟ ବ୍ୟୟବରାଦ ହ୍ରାସ ପାଇଛି। ନାମାଙ୍କନ ଅଭିବୃଦ୍ଧି କମ୍ ହେବା ଏବଂ ସଂଶୋଧିତ ଆକଳନରେ ମୋଟ ବ୍ୟୟବରାଦ ହ୍ରାସ ପାଇବା କିଛି ବର୍ଷହେବ ଦେଖିବାକୁ ମିଳୁଛି, ଯାହା ଚିନ୍ତାଜନକ। ୨୦୨୪-୨୫ ରେ ସଂଶୋଧିତ ବଜେଟ ଆକଳନ ୧,୦୪,୦୨୫କୋଟି ଟଙ୍କା ହ୍ରାସ ପାଇ ନ ଥିଲା।

ଅତ୍ୟନ୍ତ ଚିନ୍ତାଜନକ ହେଉଛି ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟ ବରାଦ ବହୁତ କମ୍। ୧୯୭୦ରୁ ୨୦୨୩ ମଧ୍ୟରେ ଭାରତରେ ଏହା ହାରାହାରି ୧୫.୧୧% ହୋଇଥିଲା। ୨୦୨୦-୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୭% ଥିଲାବେଳେ ୨୦୨୪-୨୫ ରେ ୧୪.୬ % କୁ ହ୍ରାସ ପାଇଥିଲା ଏବଂ ୨୦୨୫-୨୬ରେ ୧୪.୨%କୁ ହ୍ରାସ ପାଇବ ବୋଲି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୨୦୨୬-୨୭ରେ ଏହା ପୁନଶ୍ଚ ୧୩.୬% କୁ ହ୍ରାସ ପାଇବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟର ବ୍ୟୟ ମିଶି ୨୦୨୪ରେ ଜିଡିପିର୨୮.୩୮ % ହୋଇଥିଲାବେଳେ ଏହା ଫ୍ରାନ୍ସରେ ୫୭.୧୭% , ଇଟାଲୀ ୫୦.୫୬ % ,ୟୁରୋ ଏରିଆ ୪୯.୫% , ଜର୍ମାନୀ ୪୮.୪%, ସ୍ପେନ୍ ୪୫.୩୪%, ଜାପାନ ଏବଂ ଗ୍ରେଟ୍ ବ୍ରିଟେନ ୩୯.୧% , ଆମେରିକାରେ ୩୭.୯୨% ଓ ସୁଇଜରଲାଣ୍ଡ ୩୨% ରହିଛି। ସବୁଠାରୁ ଚିନ୍ତାଜନକ ଘଟଣା ହେଉଛି ରିଜର୍ଭ ବ୍ୟାଙ୍କ ଓ ରାଷ୍ଟ୍ରାୟତ୍ତ କ୍ଷେତ୍ରରୁ ପ୍ରଚୁର ଲାଭାଂଶ ଓ ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର ବାବଦରେ ପ୍ରଚୁର ସମ୍ବଳ (ଏ ବର୍ଷ ୮୦,୦୦୦ କୋଟି ଟଙ୍କା) ପ୍ରାପ୍ତ ସତ୍ତ୍ୱେ ଆଶାନୁରୂପ ଭାବେ ମୋଟ ରାଜସ୍ୱ ବୃଦ୍ଧି ପାଉନାହିଁ।

୨୦୨୫-୨୬ରେ ମୋଟ ରାଜସ୍ୱ ପ୍ରାପ୍ତି ୩୪.୨୦ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲାବେଳେ ଏହା ସଂଶୋଧିତ ଅଟକଳରେ ୩୩.୪୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ୨୦୨୨-୨୩ ପରଠାରୁ ଏହି ହ୍ରାସ ପ୍ରକ୍ରିୟା ବେଶି ଦେଖା ଦେଇଛି। ୨୦୨୬-୨୭ରେ ୩୫.୩୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହି ବୃଦ୍ଧି ଆଶାନୁରୂପ ନୁହେଁ। ବେଶି ଚିନ୍ତାର ବିଷୟ ହେଉଛି ଟିକସ ଫାଙ୍କି ରୋକିବାରେ ବିଫଳ ହେବା ଏବଂ ଧନୀ ଓ କର୍ପୋରେଟମାନଙ୍କୁ ଅଧିକ ରିହାତି ଦେବା ଯୋଗୁ ଜିଡିପି ଅନୁସାରେ ଟିକସ ଅନୁପାତ ହ୍ରାସ ପାଇଚାଲିଛି। ଏହା ୨୦୧୩-୧୪ରେ ୧୧.୫% ଥିଲାବେଳେ ୨୦୨୫-୨୬ରେ ୧୧.୪%କୁ ହ୍ରାସ ପାଇଥିଲା ଏବଂ ୨୦୨୬-୨୭ରେ ଆହୁରି ୧୧.୨% କୁ ହ୍ରାସ ପାଇବ। ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟ ର ଟିକସ ମିଶି ୧୭ ରୁ ୧୮% ହେଲା ବେଳେ ଓଇସି ଦେଶରେ ଏହା ହାରାହାରି ୩୫%। ଯେତେବେଳେ ଧନୀଙ୍କ ଉପରେ ସମ୍ପଦ କର ଓ କର୍ପୋରେଟ ଟିକସ ହାର ବୃଦ୍ଧିକରି ଅଧିକ ସମ୍ବଳ ସଂଗ୍ରହ କରି ଜନହିତକର କାର୍ଯ୍ୟରେ ବ୍ୟୟ କରିବାର ଥିଲା, ସେତେବେଳେ କର୍ପୋରେଟଙ୍କ ସ୍ୱାର୍ଥ ସାଧନ ପାଇଁ ସର୍ବନିମ୍ନ ବିକଳ୍ପ ଟିକସକୁ ୧୫% ରୁ ୧୪%କୁ ହ୍ରାସ କରିଛନ୍ତି। ଏହା ଅଯୌକ୍ତିକ ଏବଂ ନିନ୍ଦନୀୟ, ବିଶେଷକରି ଯେତେବେଳେ ଗରିବମାନେ ପରୋକ୍ଷ ଟିକସ ଦ୍ୱାରା ଅସମାନୁପାତିକ ଭାବରେ ବୋଝ ହୁଅନ୍ତି।

ଅର୍ଥମନ୍ତ୍ରୀ ଦୃଢ଼ ଭାବରେ କହିଛନ୍ତି, ଗତ ୧୨ବର୍ଷ ଧରି ଭାରତର ଅର୍ଥନୈତିକ ଗତିପଥ ସ୍ଥିରତା, ଆର୍ଥିକ ଶୃଙ୍ଖଳା, ନିରନ୍ତର ଅଭିବୃଦ୍ଧି ଏବଂ ମଧ୍ୟମ ମୁଦ୍ରାସ୍ଫୀତି ଦ୍ୱାରା ଚିହ୍ନିତ ହୋଇଛି। ବିତ୍ତୀୟ ନିଅଣ୍ଟ ଜିଡିପି ଅନୁସାରେ ୨୦୨୫-୨୬ରେ ୪.୪% ଥିଲାବେଳେ ୨୦୨୬-୨୭ରେ ୪.୩%କୁ ହ୍ରାସ ପାଇବ ଏବଂ କେନ୍ଦ୍ର ଋଣ-ଜିଡିପି ଅନୁପାତ ୫୬.୧ %ରୁ ୫୫.୬ % ହ୍ରାସ ପାଇବ। କିନ୍ତୁ ସରକାର ୨୦୨୬-୨୭ରେ ୧୬,୯୫,୭୬୮ କୋଟି ଟଙ୍କା ଋଣ କରିବେ ଯାହା ପୂର୍ବବର୍ଷ ୧୫,୫୮,୪୯୨ କୋଟି ଟଙ୍କା ତୁଳନାରେ ଅଧିକ। କେବଳ ଡେଟେଡ୍ ସିକ୍ୟୁରିଟିଜ ମାଧ୍ୟମରେ ବଜାରରୁ ୧୧.୭ ଲକ୍ଷ କୋଟି ଟଙ୍କା ଋଣ କରିବେ। କିନ୍ତୁ ଅସଲ କଥା ହେଉଛି ବହୁ ଆଗରୁ ପ୍ରଚଳିତ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା ଆଇନ (ଏଫ୍‌ଆର୍‌ବିଏମ୍)ଅନୁସାରେ ବିତ୍ତୀୟ ନିଅଣ୍ଟ ଓ କେନ୍ଦ୍ର ଋଣ ଜିଡିପି ଅନୁସାରେ ଯଥାକ୍ରମେ ୩% ଓ ୪୦% ରହିବା ଆବଶ୍ୟକ। କିନ୍ତୁ କରୋନା ମହାମାରୀ ଯୋଗୁ ୨୦୨୦-୨୧ରେ ବିତ୍ତୀୟ ନିଅଣ୍ଟ ୯.୩% ଏବଂ ଋଣ ୬୧.୫% କୁ ବୃଦ୍ଧି ପାଇଥିଲା। ସରକାର ଏ ପର୍ଯ୍ୟନ୍ତ ସେହି ସମସ୍ୟାରୁ ମୁକୁଳିପାରିନାହାନ୍ତି। ଏଥିପାଇଁ ଏକ କୋହଳ ନିୟମ କରିଛନ୍ତି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ଋଣ ମିଶି ଜିଡିପିର ୮୨% ପାଖାପାଖିରେ ଅଛି, ଯାହା ୬୫%ରେ ସୀମିତ ରହିବା ଉଚିତ। କିନ୍ତୁ ବେଶି ଚିନ୍ତାର ବିଷୟ ହେଉଛି ସୁଧ ବାବଦରେ ସରକାର ବଜେଟର ୨୦% ବ୍ୟୟ କରୁଛନ୍ତି। ସୁଧ ବାବଦ ଦେୟ ମୋଟ ରାଜସ୍ୱ ପ୍ରାପ୍ତିର ୨୫%ରେ ରହିବା କଥା , କିନ୍ତୁ ଗତବର୍ଷ ୩୭% ଧାର୍ଯ୍ୟ କରାଯାଇଥିଲାବେଳେ ସଂଶୋଧିତ ଅଟକଳରେ ୩୮.୧୨% କୁ ବୃଦ୍ଧି ପାଇଛି ଏବଂ ୨୦୨୫-୨୬ରେ ଏହା ୩୯.୭୩%କୁ ବୃଦ୍ଧିପାଇବ। ଗୋଟିଏ ପଟେ ଋଣ ବୃଦ୍ଧି ପାଇବା ଓ ଅନ୍ୟ ପଟେ ସୁଧ ବାବଦ ଦେୟ ବୃଦ୍ଧି ପାଇବା ଦର୍ଶାଉଛି ଯେ ଆର୍ଥିକ ସ୍ଥିତି ଭଲ ନାହିଁ।

ମୋ: ୯୪୩୭୨୦୮୭୬୨

# ପ୍ରକୃତି ଭୋଗ୍ୟ ନୁହେଁ, ସୁରକ୍ଷାଯୋଗ୍ୟ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ବିକାଶର ଦୌଡ଼ରେ ଆମେ ପ୍ରାୟ ଭୁଲିଯାଉଛୁ ଯେ ନୀରବଥିବା ଏହି ପ୍ରକୃତି ଅସୀମ ନୁହେଁ। ଆମେ ଭାବୁଛୁ ପ୍ରକୃତିରେ ଯାହା କିଛି ନଷ୍ଟ ହେଉଛି, ସେସବୁ ଧୀରେ ଧୀରେ ପୁଣି ଥରେ ଫେରିଆସିବ। କିନ୍ତୁ ଏହି ଭାବନା ହିଁ ସବୁଠାରୁ ବଡ଼ ଭ୍ରମ। ପ୍ରକୃତି କୌଣସି ପୁନର୍ନବୀକରଣୀୟ ସାଧନ ନୁହେଁ, ଯାହାକୁ ଆମେ ବାରମ୍ବାର ଅବହେଳା କରିବା ଏବଂ ଆଶା ରଖିବା ଯେ ସେ ଆମକୁ କ୍ଷମା କରିଦେବ ! ବଣଜଙ୍ଗଲ, ଗଛଲତା କାଟି ଦେଲେ ପୁଣି ନୂତନ ଜଙ୍ଗଲ ସୃଷ୍ଟି କରାଯାଇପାରିବ, ନଦୀ ଦୂଷିତ ହେଲେ ବର୍ଷା ଦ୍ୱାରା ଶୁଦ୍ଧ ହୋଇଯିବ, ପାହାଡ଼, ଖଣି ଭାଙ୍ଗିଲେ ପ୍ରକୃତି ପ୍ରତିକ୍ରିୟାହୀନ ହେବେ ; ଏମିତି ଅନେକ ଧାରଣା ଆମକୁ ଚିନ୍ତାମୁକ୍ତ କରିଦେଇଛି। ମାତ୍ର ପ୍ରକୃତ ସତ ଯେତେବେଳେ ଆମ ଆଗକୁ ଆସିବ ଆଉ କିଛି କରିବାକୁ ନ ଥିବ ; ଯାହାର ଆରମ୍ଭ ସ୍ୱରୂପ ଆଜି ଦେଖାଯାଉଛି ଜଳବାୟୁ ପରିବର୍ତ୍ତନ, ଅତ୍ୟଧିକ ଉତ୍ତାପ, ଅନିୟମିତ ବର୍ଷା, ବନ୍ୟା, ସୁନାମି, ଭୂମିକମ୍ପ, ଭୂସ୍ଖଳନ ଆଦି ଅନେକ ବିପର୍ଯ୍ୟୟ। ଏସବୁ ପ୍ରତିକ୍ରିୟା ଦେଖାଇ ପ୍ରକୃତି ପ୍ରତିଶୋଧ ନେଉନାହିଁ, ସେ କେବଳ ଆମ କଲା କର୍ମର ଉତ୍ତର ଫେରାଉଛି ବୋଲି ବୁଝିବାର ସମୟ ଆସିଯାଇଛି।

କିଛି ଉଦାହରଣ ଦେଇ ଏହାକୁ ସ୍ପଷ୍ଟ କରାଯାଇପାରେ ; ଯେପରିକି କ୍ରମେ ହ୍ରାସ ପାଉଥିବା ଆମାଜନ୍‌ଜଙ୍ଗଲ ଯୋଗୁ ସମଗ୍ର ପୃଥିବୀର ଜଳବାୟୁରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଘଟିଛି। ଆମାଜନ୍ ଜଙ୍ଗଲକୁ 'ପୃଥିବୀର ଫୁସ୍‌ଫୁସ୍' ବୋଲି କୁହାଯାଏ, କାରଣ ଏହା ବିପୁଳ ପରିମାଣରେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରେ। ଆମାଜନ୍‌ର ଘଞ୍ଚ ଯୋଗୁ ଏହା 'ରେନ୍ ଫ୍ୟାକ୍ଟ୍ରି' ଭଳି ମଧ୍ୟ କାମ କରେ। ଏହା ହ୍ରାସ ହେଲେ କାର୍ବନ ପରିମାଣ ବୃଦ୍ଧିପାଇବା ଯୋଗୁ ବାୟୁମଣ୍ଡଳର ଉଷ୍ଣତା ବଢ଼ୁଛି। ଅନିୟମିତ ବର୍ଷା ଯୋଗୁ କେତେବେଳେ ଜଳ ସଙ୍କଟ ତ କେତେବେଳେ ବନ୍ୟା ସମସ୍ୟା ଦେଖାଯାଉଛି। ଜଙ୍ଗଲରେ ବସବାସ କରୁଥିବା ପଶୁପକ୍ଷୀ, କୀଟପତଙ୍ଗ ଏବଂ ଆଦିବାସୀ ସମ୍ପ୍ରଦାୟ କ୍ଷତିଗ୍ରସ୍ତ ହେଉଛନ୍ତି। ପରିବେଶବିତ୍‌ମାନେ ସତର୍କ କରିଛନ୍ତି, ଆମାଜନ ଜଙ୍ଗଲ ଯଦି ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ନଷ୍ଟ ହୁଏ ତେବେ ତାହା ଜଙ୍ଗଲରୁ ଶୁଷ୍କ ଘାସଭୂମିରେ ପରିଣତ ହେବା ସମ୍ଭାବନା ରହିଛି, ଯାହା ପୃଥିବୀ ପାଇଁ ଭୟାବହ ପରିସ୍ଥିତି ସୃଷ୍ଟିକରିବ। ଜଳବାୟୁ ପରିବର୍ତ୍ତନ ଓ ବର୍ଷାର ଅନିୟମିତତା କୃଷିରେ ଉତ୍ପାଦନ ହ୍ରାସ କରିବ, ଖାଦ୍ୟ ଦରବୃଦ୍ଧି ଏବଂ ଦୁର୍ଭିକ୍ଷର ଆଶଙ୍କା ବୃଦ୍ଧିକରିବ।

ସେହିପରି ଓଡ଼ିଶାର ଚିଲିକା ହ୍ରଦକୁ ମଧ୍ୟ ଏକ ସଜୀବ ଉଦାହରଣ ରୂପେ ନିଆଯାଇପାରେ। କିଛି ଦଶକ ପୂର୍ବେ ଚିଲିକା ହ୍ରଦ ଥିଲା ଏକ ସମୃଦ୍ଧ ପ୍ରାକୃତିକ ପରିବେଶ। ଦେଶ ବିଦେଶର ପକ୍ଷୀ, ମତ୍ସ୍ୟଜୀବୀଙ୍କ ଜୀବିକା ଓ ଜଳଜ ସମ୍ପଦରେ ଭରପୂର ଏହି ହ୍ରଦ ଓଡ଼ିଶାର ଗର୍ବ ଥିଲା। କିନ୍ତୁ ଅତ୍ୟଧିକ



ମାଛଧରା, ଅବୈଧ ଘେରିବାଡ଼, ଶିଳ୍ପଜ ଆବର୍ଜନା ଓ ପର୍ଯ୍ୟଟନର ଅନିୟନ୍ତ୍ରିତ ଚାପ ଚିଲିକାକୁ ଧୀରେ ଧୀରେ ରୋଗାକ୍ରାନ୍ତ କରିଦେଲା। ପ୍ରକୃତିକୁ ନିଜ ସ୍ୱାର୍ଥ ସାଧନ ପାଇଁ ବ୍ୟବହାର କରିବା ଫଳରେ ହ୍ରଦଜଳର ଗୁଣ ନଷ୍ଟହେଲା, ମାଛ ସଂଖ୍ୟା ହ୍ରାସ ପାଇଲା, ପକ୍ଷୀମାନେ ଦୂରେଇଗଲେ।

ଏହି ସମୟରେ ଓଡ଼ିଶାର ବୁଦ୍ଧିଜୀବୀ ଏବଂ ଶୁଭାକାଂକ୍ଷୀମାନେ ଅନୁଭବକଲେ ଯେ ଚିଲିକାକୁ ସୁରକ୍ଷାର ଆବଶ୍ୟକତା ରହିଛି। ସରକାର, ପରିବେଶବିତ୍ ଓ ସ୍ଥାନୀୟ ଲୋକଙ୍କ ସାମୂହିକ ପ୍ରୟାସରେ ଚିଲିକାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେଲା। ମୁଖ୍ୟ ନଦୀ ମୁଖ ଖୋଲାଗଲା, ଅବୈଧ ଘେରିବାଡ଼ ହଟାଗଲା, ମାଛଧରାରେ ନିୟମ ଆସିଲା। ଫଳସ୍ୱରୂପ ଆଜି ଚିଲିକା ପୁନର୍ବାର ଜୀବନ୍ତ ହୋଇଉଠିଛି, ପକ୍ଷୀ ଫେରିଛନ୍ତି, ମତ୍ସ୍ୟଜୀବୀଙ୍କ ମୁହଁରେ ହସ ଫୁଟିଛି। ସମୟ ଥାଇ ଚିଲିକା ପାଇଁ ଏହି ପଦକ୍ଷେପ ଆମକୁ ଶିଖାଏ ଯେ, ପ୍ରକୃତି ସହ ସମନ୍ୱୟ ରଖିଲେ ହିଁ ମନୁଷ୍ୟର ଭବିଷ୍ୟତ ସୁରକ୍ଷିତ। ଜଙ୍ଗଲ କାଟି, ନଦୀକୁ ଦୂଷିତକରି , ପାହାଡ଼ ଭାଙ୍ଗି ଆମେ କିଛି ସମୟ ପାଇଁ ଲାଭାନ୍ୱିତ ହୋଇପାରୁ, କିନ୍ତୁ ଭବିଷ୍ୟତରେ ଏହା ଆମ ଅସ୍ତିତ୍ୱକୁ ନଷ୍ଟକରେ।

ଆମେ ଅନେକ ସମୟରେ ଯୁକ୍ତି ବାଢୁ ଏବଂ ନିଜ ମନକୁ ଏହା କହି ବୁଝାଇଦେଉ ଯେ, ଏକୁଟିଆ ଜଣେ ମଣିଷ କ'ଣ ପରିବର୍ତ୍ତନ ଆଣିପାରିବ ? ଏହି ପ୍ରଶ୍ନ ହିଁ ଅସାବଧାନତାର ସର୍ବଶ୍ରେଷ୍ଠ ନିଦର୍ଶନ। ଗୋଟିଏ ଗଛ, ଛୋଟ ଏକ ଜଳବିନ୍ଦୁ, ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ଏସବୁର ସମାହାରରେ ହିଁ ତ ଆଗାମୀ ପୃଥିବୀର ଭବିଷ୍ୟତ ଗଢ଼ିହୁଏ। ଏଣୁ ଜଣେ ଜଣେ ଚାହିଁଲେ ହିଁ ବିରାଟ ପରିବର୍ତ୍ତନ ସମ୍ଭବ ହୋଇପାରିବ। ପ୍ରକୃତି ସହ ଆମ ସମ୍ପର୍କ ମାଲିକାନାର ନୁହେଁ, ସହାବସ୍ଥାନର ହେବା ଉଚିତ। ଆମେ ଯେମିତି ଚାହିଁଲେ ସେମିତି ଏହାକୁ ବ୍ୟବହାର କରିପାରିବା ନାହିଁ! ଭୁଲ୍ ପରେ ଭୁଲ୍ କରି ପ୍ରକୃତିକୁ କ୍ଷମା ମାଗିବାର ସୌଜନ୍ୟ, ପ୍ରତାରଣା ବ୍ୟତୀତ ଆଉ କିଛି ନ ହୋଇପାରେ! ଆସନ୍ତାକାଲି ଅନୁତାପ ନ କରି ଆଜିଠାରୁ ଚିନ୍ତାଧାରାରେ ପରିବର୍ତ୍ତନ, ଆଚରଣରେ ସଂଶୋଧନ ଓ ଦାୟିତ୍ୱବୋଧ ସହ ଦୂରଦୃଷ୍ଟି ରଖିଲେ ହିଁ କିଛି ଉପକାର ମିଳିପାରିବ ବୋଲି ଆଶା କରାଯାଇପାରେ। ବୁଝିବାକୁ ହେବ ଯେ ପ୍ରକୃତିକୁ ରକ୍ଷାକରି ଆମେ କିଛି ଉପକାର କରୁନାହୁଁ, ବରଂ ଏହାର ସୁରକ୍ଷା ଆମର ଦାୟିତ୍ୱ ବୋଲି ଭାବିନେବା ଉଚିତ।

ଶେଷକଥା ହେଉଛି ପ୍ରକୃତି ପୁନର୍ନବୀକରଣୀୟ ନୁହେଁ, ଏହା ଏକ ଏଭଳି ସାଧନ ଯାହାକୁ ଠିକ୍ ଭାବରେ ବ୍ୟବହାର ନ କଲେ ଆମର ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲିହୋଇଯିବ। ପ୍ରକୃତି ଅଛି, ତେଣୁ ଆମେ ଅଛୁ। ଏହା ଏକ ସଜୀବ ବ୍ୟବସ୍ଥା, ଯାହାକୁ ସମ୍ମାନ ଓ ସଂଯମ ସହ ବ୍ୟବହାର କରିବା ଆବଶ୍ୟକ। ଏହାକୁ ଅସୀମ ଭାବି ଅବହେଳାକଲେ ଆସନ୍ତା ପିଢ଼ି ପାଇଁ କେବଳ ଅଭାବ ଓ ଅନୁତାପ ଛାଡ଼ିଯିବା ହିଁ ସାର ହେବ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ସ୍ୱାସ୍ଥ୍ୟସେବାରେ ଆଧୁନିକୀକରଣ ହୋଇଥିଲେ ମଧ୍ୟ ଏବେ ଭାରତର ଗ୍ରାମାଞ୍ଚଳର ବହୁ ମେଡିକାଲରେ ଲୋକଙ୍କୁ ଉନ୍ନତ ଆଇସିୟୁ ସୁବିଧା ମିଳି ପାରୁନାହିଁ। ଫଳରେ ଜଟିଳ ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ସ୍ଥଳେ ଆଇସିୟୁ ପାଇଁ ସହରରେ ଥିବା ବଡ଼ ହସ୍ପିଟାଲକୁ ଆସି ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଣୁ ଗ୍ରାମାଞ୍ଚଳରେ ଟେଲି ଆଇସିୟୁ ସେବା ଯୋଗାଇ ଦେଇ ରୋଗୀଙ୍କ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ଡା. ଦିଲୀପ ରମଣ ଏବଂ ଡା. ଧ୍ରୁବ ଯୋଶୀ । ସେମାନଙ୍କ ପଦକ୍ଷେପ ଯୋଗୁ ଏବେ ଗ୍ରାମୀଣ ହସ୍ପିଟାଲଗୁଡ଼ିକରେ ଲୋକେ ଆଇସିୟୁ ସେବା ପାଇ ପାରୁଛନ୍ତି। ଡା. ଯୋଶୀ ଓ ଡା. ରମଣ ଆମେରିକାର କ୍ଲିଭେଲାଣ୍ଡ କ୍ଲିନିକ୍‌ର କ୍ରିଟିକାଲ କେୟାରରୁ ଚାକିରି ଛାଡ଼ି ସେମାନେ ଭାରତ ଫେରି ଆସି 'ଟେଲି ଆଇସିୟୁ ପ୍ଲାଟଫର୍ମ' ଗଠନ କରିଥିଲେ। ଏବେ ସୁଦ୍ଧା ତା' ମାଧ୍ୟମରେ ୧୭ଟି ରାଜ୍ୟରେ ଅନେକ ଗ୍ରାମୀଣ ଡାକ୍ତରଖାନାରେ ଆଇସିୟୁ ବ୍ୟବସ୍ଥା କରାଯାଇ ୪୦,୦୦୦ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆଗଲାଣି। ଟେଲି ଆଇସିୟୁ ପ୍ଲାଟଫର୍ମର କମାଣ୍ଡ ସେଣ୍ଟର(ଯାହାକୁ ରାଡାର କୁହାଯାଉଛି) ତା' ସହ ଅଂଶୀଦାର ହସ୍ପିଟାଲଗୁଡ଼ିକର ଆଇସିୟୁ ସହ ସଂଯୋଗ କରାଯାଇ ଏକ ପ୍ରଶିକ୍ଷଣପ୍ରାପ୍ତ ଡାକ୍ତରୀ ଟିମ୍ ଦ୍ୱାରା ଚିକିତ୍ସା ସଞ୍ଚାଳନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୧ ଫେବୃଆରୀ ୧୯୭୭

- ପୂର୍ବତନ ଲୋକ ସଭା ସଦସ୍ୟ ଶଙ୍କର ଗିରିଙ୍କ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ।
- ଢାକାରେ ଥିବା ଡେପୁଟି ହାଇକମିଶନର ଅରୁଣକାନ୍ତି ଦାସଙ୍କୁ ହଙ୍ଗେରୀର ଭାରତୀୟ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପ୍ରଦାନ।

## ଚିରନ୍ତନୀ

ପୁରୁଷର ମନ ଘୁଣାରେ ଭରେ
ଦେଖି ସେ ଅଖି
ଛଳନା ତିଆରି ଦେଖାଅ ତୋର
କି ଅଛି ବାକି ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାଲ୍ୟବନ୍ତ ମହୋତ୍ସବକୁ ନେଇ ପ୍ରଶ୍ନ

ମହାଶୟ,

ମାଲକାନଗିରି ଜିଲାରେ ଆୟୋଜିତ 'ମାଲ୍ୟବନ୍ତ ମହୋତ୍ସବ' କେବଳ ଏକ ସାଂସ୍କୃତିକ ଉତ୍ସବ ନୁହେଁ, ବରଂ ସ୍ୱାଭିମାନ ଓ ବିକାଶର ଏକ ଶକ୍ତ ମାଧ୍ୟମ। ମହୋତ୍ସବ ମାଧ୍ୟମରେ ମାଲକାନଗିରିର ଲୋକନୃତ୍ୟ, ଲୋକଗୀତ, ଜନଜାତୀୟ କଳାକୃତି, ହସ୍ତଶିଳ୍ପ ଓ ପାରମ୍ପରିକ ଖାଦ୍ୟର ପ୍ରଦର୍ଶନ କରାଯାଉଛି। ବଣ୍ଡା, ଗୋଣ୍ଡ, ପରଜା, କୋୟା ପରି ଜନଜାତିଙ୍କ ସାଂସ୍କୃତିକ ଅଭିବ୍ୟକ୍ତି ମାଲ୍ୟବନ୍ତକୁ ଏକ ଅନନ୍ୟ ଆକାର ଦେଇଥାଏ। ଏହା ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରେ। ତଥାପି, ଜିଲାର ଜଣେ ଲୋକ ଭାବେ ମୋ ମନରେ କିଛି ପ୍ରଶ୍ନ ଉଠୁଛି। ମହୋତ୍ସବ କେବଳ ମଞ୍ଚୀୟ କାର୍ଯ୍ୟକ୍ରମ ଓ ଆଡମ୍ବରରେ ସୀମିତ ରହୁନାହିଁ କି ? ସ୍ଥାନୀୟ କଳାକାର ଓ ଶିଳ୍ପୀମାନେ କେତେ ମାତ୍ରାରେ ଆର୍ଥିକ ଲାଭ ପାଉଛନ୍ତି ? ମହୋତ୍ସବ ପରେ ସେମାନଙ୍କ ଜୀବିକାରେ କିଛି ସ୍ଥାୟୀ ପରିବର୍ତ୍ତନ ଆସୁଛି କି ? ଆବଶ୍ୟକ ହେଉଛି ମାଲ୍ୟବନ୍ତ ମହୋତ୍ସବକୁ ଦୀର୍ଘମିଆଦୀ ବିକାଶ ରୂପରେ ଯୋଡ଼ିବା। ସ୍ଥାନୀୟ ଉତ୍ପାଦ ପାଇଁ ବଜାର ସୃଷ୍ଟି, ପର୍ଯ୍ୟଟନ ଢାଞ୍ଚାର ଉନ୍ନତି, ଯୁବପିଢ଼ିଙ୍କୁ କଳା-ସଂସ୍କୃତି ସହ ଯୋଡ଼ିବା ଦିଗରେ ଗୁରୁତ୍ୱ ଦିଆଗଲେ ମହୋତ୍ସବର ମୂଲ୍ୟ ଆଉ ବଢ଼ିପାରିବ। ମାଲ୍ୟବନ୍ତ ମହୋତ୍ସବ ମାଲକାନଗିରି ପାଇଁ ଏକ ସୁଯୋଗ, ନିଜକୁ ରାଜ୍ୟ ଓ ଦେଶ ମାନଚିତ୍ରରେ ଆଉ ଭଲଭାବେ ପରିଚିତ କରାଇବାର। ଆବଶ୍ୟକ କେବଳ ଦୃଢ଼ ଦୃଷ୍ଟିକୋଣ, ସ୍ଥାନୀୟ ଲୋକଙ୍କ ସହଭାଗିତା ଓ ଆଡମ୍ବର ଠାରୁ ଅଧିକ ଅର୍ଥପୂର୍ଣ୍ଣ ଯୋଜନା।

**-ସୁରଜ କୁମାର ବେହେରା, ଏମ୍‌ଭି ୭୯, ମାଲକାନଗିରି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାବୁ



@ ବରେନ୍



@ କୀର୍ତ୍ତି



@ ଶୈଳେନ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଞ୍ଜିକାରେ ନିର୍ଭୁଲ୍ ତଥ୍ୟ ପ୍ରକାଶ କରିବାକୁ ନିର୍ଦ୍ଦେଶ

ପୁରୀ,୧୦।୨
(ଅଜିତ୍ କୁମାର ମହାନ୍ତି)




ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ।

## ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପଞ୍ଜିକା ସମୀକରଣ ବୈଠକ

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପଞ୍ଜିକା ସମୀକରଣ ବୈଠକ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୀତିପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ସୁରକ୍ଷା ପ୍ରଶାସକ ହେମନ୍ତ ପାଢ଼ୀ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ରଙ୍କ ସହ ମୁକ୍ତିମଣ୍ଡପ ପଣ୍ଡିତ ସଭା, ପୂଜାପଣ୍ଡା ନିଯୋଗ, ଶ୍ରୀମନ୍ଦିର କମାଣ୍ଡର, ପରିଚାଳନା କମିଟିର ସଦସ୍ୟ, ତଢ଼ଉକରଣଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଜିକାରେ ନିର୍ଭୁଲ୍ ତଥ୍ୟ ପ୍ରକାଶ କରିବାକୁ ପଞ୍ଜିକାରଙ୍କୁ ମୁଖ୍ୟ ପ୍ରଶାସକ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ପ୍ରକାଶନ ସଂସ୍ଥାଗୁଡ଼ିକ ଯେଉଁ ପାଣ୍ଡୁଲିପି ପ୍ରକାଶ କରିଥିଲେ, ତାହାରି ଉପରେ ଆଲୋଚନା କରାଯାଇଛି। ୨୦୨୬-୨୭ ପାଞ୍ଜି ଏବଂ କ୍ୟାଲେଣ୍ଡରରେ ଯେପରି ସମସ୍ତ ତଥ୍ୟ ନିର୍ଭୁଲ୍, ତ୍ରୁଟିଶୂନ୍ୟ ରହିବ ସେ ନେଇ ନିର୍ଦ୍ଦେଶ ଦିଆଯାଇଛି। ବିଗତ ଦିନରେ ଯେଉଁ ପାଣ୍ଡୁଲିପି ହୋଇଥିଲା, ତାହାକୁ ନୀତି ପ୍ରଶାସକଙ୍କ ସ୍ତରରେ ତର୍ଜମା କରାଯାଇଥିଲା। ନିର୍ଦ୍ଦିଷ୍ଟ କିଛି ନୀତି ପାଇଁ ଅଧିକ ତର୍ଜମା ଆବଶ୍ୟକ ରହିଥିଲା, ତାହାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭାପତି, ପୂଜାପଣ୍ଡା ନିଯୋଗର ସଦସ୍ୟ, କମାଣ୍ଡର, ଦଇତାପତି ନିଯୋଗର ବରିଷ୍ଠ ସଦସ୍ୟ, ଶ୍ରୀମନ୍ଦିର ପୁରୋହିତ, ତଢ଼ଉକରଣ, ଜ୍ୟୋତିଷ, ସେବାୟତ ଉପସ୍ଥିତ ରହି ଆଲୋଚନା କରିଥିଲେ। ଶ୍ରୀମନ୍ଦିରରେ ପାଳନ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ଠିକ୍ ଏବଂ ନିର୍ଭୁଲ୍ ପାଇଁ ଆଲୋଚନା ହୋଇଛି। ୫ଜଣ ପ୍ରକାଶକ ନିର୍ଭୁଲ୍ ତଥ୍ୟ ପଞ୍ଜିକାରେ ପ୍ରକାଶନ କରିବେ। ପଞ୍ଜିକାରେ ନିର୍ଭୁଲ୍ ତଥ୍ୟ ପ୍ରକାଶ ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। କୋହିନୂର, ରାଧାରମଣ, ଭାଗ୍ୟଦୀପ, ଅରୁଣୋଦୟ, ଜିଏନ୍ ତ୍ରିପାଠୀକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି। ଚଳିତବର୍ଷ ମଧ୍ୟ ପ୍ରଶାସନ ପକ୍ଷରୁ ଓଡ଼ିଆ ନବବର୍ଷ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ। ଯେଉଁ ପ୍ରକାଶନ ସଂସ୍ଥା ଶ୍ରୀମନ୍ଦିର ନୀତିକାନ୍ତି ନେଇ ଭୁଲ୍ ଛାପିବେ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବୈଠକରେ ୨୦୨୬-୨୭ ବର୍ଷର ଶ୍ରୀମନ୍ଦିର ପଞ୍ଜିକା ଚୂଡ଼ାନ୍ତ କରିବା ନିମିତ୍ତ ସମ୍ପୃକ୍ତ ସମସ୍ତ ସେବାୟତ ବନ୍ଧୁ, ପୂଜାପଣ୍ଡା ନିଯୋଗ, ଛତିଶା ନିଯୋଗ ନାୟକ, ତଢ଼ଉକରଣ, ଦଇତାପତି ନିଯୋଗ, ଶ୍ରୀମନ୍ଦିର ଜ୍ୟୋତିଷ, ଦେଉଳ ପୁରୋହିତ ଏବଂ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପ୍ରତିନିଧିଙ୍କର ସକ୍ରିୟ ସହଯୋଗ ଓ ଦାୟିତ୍ୱପୂର୍ଣ୍ଣ ପରାମର୍ଶ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ବିଧାୟକ ବାବୁ ସିଂଙ୍କ ବିରୋଧରେ ମାମଲା ଚାଲିବ

## ହାଇକୋର୍ଟରେ ଅନ୍ତରୀଣ ପିଟିଶନ୍ ଖାରଜ

କଟକ/ପୁରୁଣା ଭୁବନେଶ୍ୱର,୧୦।୨
(କାର୍ତ୍ତିକ ସାହୁ/ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ ଅଶୋକ ପଣ୍ଡା କରିଥିବା ନିର୍ବାଚନୀ ମାମଲା ଚାଲିବ। ମାମଲାକୁ ଖାରଜ କରିବା ପାଇଁ ବାବୁ ସିଂଙ୍କ ପକ୍ଷରୁ ହୋଇଥିବା ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲା ଶୁଣାଣି କରି ମୂଳ ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ମାର୍ଚ୍ଚ ୯ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସୂଚନାନୁସାରେ, ଭୁବନେଶ୍ୱର ଏକାମ୍ର ବିଧାନସଭା ନିର୍ବାଚନୀ ମାମଲାରେ ଭାଜପା ପ୍ରାର୍ଥୀ ତଥା ବିଧାୟକ ବାବୁ ସିଂଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ପରାଜିତ ବିଜେଡି ପ୍ରାର୍ଥୀ ଅଶୋକ ପଣ୍ଡା ଖୁବ୍ କମ୍ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ଏହାପରେ ପରାଜିତ ପ୍ରାର୍ଥୀ ପଣ୍ଡା ବିଧାୟକ ସିଂଙ୍କ ବିରୋଧରେ ନିର୍ବାଚନୀ ମାମଲା ରୁଜୁ କରିଥିଲେ। ବିଧାୟକ ସିଂ ପ୍ରାର୍ଥିପତ୍ର ଦାଖଲ ସମୟରେ ଅନେକ ତଥ୍ୟ ଲୁଚାଇଛନ୍ତି। ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ବିଧାୟକ ପଦ ରଦ୍ଦ କରାଯାଉ ବୋଲି ସେ ପ୍ରାର୍ଥନା କରିଛନ୍ତି। ମାମଲାର ଶୁଣାଣି ପୂର୍ବରୁ ଖାରଜ ପାଇଁ ବିଧାୟକ ସିଂ ଏକ ଅନ୍ତରୀଣ ପିଟିଶନ୍ ରୁଜୁ କରିଥିଲେ।

# ଓଡ଼ିଶା ଉପକୂଳରେ ଡଲ୍‌ଫିନ୍ ସଂଖ୍ୟା ବଢ଼ିଲା

ଭୁବନେଶ୍ୱର, ୧୦।୨(ବନ୍ଦନା ସେଠୀ)



ଓଡ଼ିଶା ଉପକୂଳରେ ବଢ଼ିଲା ଡଲ୍‌ଫିନ୍ ସଂଖ୍ୟା। ୨୦୨୫-୨୬ ସର୍ଭେ ଅନୁଯାୟୀ ଓଡ଼ିଶା ଉପକୂଳରେ ମୋଟ ୭୬୫ ଡଲ୍‌ଫିନ୍ ଏବଂ ଅନ୍ୟାନ୍ୟ ସିଟାସିଆନ ରହିଥିବା ପିସିସିଏଫ୍ ପ୍ରେମ୍ କୁମାର ଝା ମଙ୍ଗଳବାର ତାଙ୍କ ଏକ୍ସ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ଚିଲିକା ଲାଗୁନର ଇରାୱାଡି ଡଲ୍‌ଫିନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ହମ୍ପବ୍ୟାକ୍ ଡଲ୍‌ଫିନ ଆଦି ସଂଖ୍ୟା ଆଶାତୀତ ବୃଦ୍ଧି ହୋଇଛି। ବନ୍ୟପ୍ରାଣୀ ବିଭାଗ ମଧ୍ୟରେ ନିରନ୍ତର ବାସସ୍ଥାନ ସୁରକ୍ଷା, ସମ୍ପ୍ରଦାୟ ସମ୍ପୃକ୍ତି, ବୈଜ୍ଞାନିକ ତଦାରଖ ଏବଂ ସମନ୍ୱିତ ସଂରକ୍ଷଣ ପ୍ରୟାସ ଏହି ସଫଳତା ଆଣିଦେଇଛି। ଡଲ୍‌ଫିନ୍‌ଙ୍କ ସଂଖ୍ୟା ବୃଦ୍ଧି ଓଡ଼ିଶା ଉପକୂଳରେ ଉଲ୍ଲେଖନୀୟ ସଂରକ୍ଷଣର ମାଇଲଖୁଣ୍ଟ ରେକର୍ଡ କରିଛି। ଏଥିସହ ଏହା ସୁସ୍ଥ ସାମୁଦ୍ରିକ ଏବଂ ଉପକୂଳବର୍ତ୍ତୀ ଇକୋସିଷ୍ଟମ, ଦୃଢ଼ ସଂରକ୍ଷଣ ବ୍ୟବସ୍ଥା ଏବଂ ଓଡ଼ିଶା କୂଳରେ ଲୋକ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ବଢ଼ୁଥିବା ସହାବସ୍ଥାନର ପ୍ରତିଫଳନ ବୋଲି ପିସିସିଏଫ ଉଲ୍ଲେଖ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ଚେନ୍ନାଇ (ତାମିଲନାଡୁ)ର ଏକ ଚିକେନ୍ ଦୋକାନ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
ଯୋଗାଯୋଗ
86800 00062

ଆବଶ୍ୟକ
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ - ଭୁବନେଶ୍ୱର। 9692566745 କୁ ବାୟୋଡାଟା ପଠାନ୍ତୁ।

See Career Appointment on every Wednesday & Saturday

REQUIRED
Required 2 Nos. of MARKETING (FEMALE) for a Educational Institute at Unit - 8, Bhubaneswar.
Cont.: 7609065707 (M)
email: msujata82@gmail.com

WALK-IN-INTERVIEW
Date: 18th & 19th Feb. 2026 | Time Starts from 11 A.M.
1.GNM: B.Sc. Nursing
2.Lab. Technician: DMLT/B.Sc. MLT
SUN HOSPITAL PVT. LTD.
Jubuli Town, Kantanali Bypass, Dhenkanal
Contact: 8249206554 | 7978091292 | 7735098892

## ODISHA COAL AND POWER LTD.

Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664

### NOTICE INVITING TENDER

NIT No.: OCPL/SER-224/2026 Dt.: 11.02.2026

Sealed bids in prescribed format are invited from theTravel Agencies / Tour Operators for the following work:

| Sl. No. | Name of the Work | Cost of Tender Paper | Issue of Tender Document | Start date of Download and Submission of Tender document | Last Date of Submission/ Opening of Bid |
|---|---|---|---|---|---|
| 1 | Hiring of Light Commercial Vehicles for the Site Office of Odisha Coal and Power Limited at Sarbahal, Sundargarh, Odisha | NIL | 11.02.2026 | 11.02.2026 | 03.00 P.M./03.30 P.M. on 24.02.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., **www.tendersodisha.gov.in** or may refer our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Chief Operating Officer**

## CENTRE FOR DISTANCE AND ONLINE EDUCATION UNDER FAKIR MOHAN UNIVERSITY

VYASA VIHAR, BALASORE

### CORRIGENDUM

**Advertisement No. Estt.(T)-II-52/2026/1414 Dated: 10.2.26**

**Ref.: Advertisement No. Estt. (T)-II-52/2026/1368, Dated: 09.02.2026**

This is with reference to the Advertisement bearing No. Estt. (T)-II-52/2026/1368, Dated: 09.02.2026, inviting application for the post of Director, Centre for Distance and Online Education (CDOE).

"The complete applications in the prescribed form along with photocopies of two sets of all credential must reach the office of the Registrar, Fakir Mohan University, Balasore, Odisha, India - 756089 latest by 17.02.2026".

Thus the date 13.01.2026 may be read as 17.02.2026.

The inconvenience is regretted.

All other terms and conditions remain unchanged.

**Sd./- Registrar**

## SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

### ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273**
**(ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**

## बैंक ऑफ़ बड़ौदा Bank of Baroda

### କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ୍: sarcut@bankofbaroda.com

### ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଆପେଣ୍ଡିକ୍ସ- IV - A (ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଭୌତିକ ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା/ପରିଚାଳନା ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ଯାଞ୍ଚ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ବାଲଗୋପାଳ ମିନେରାଲ୍ସ ପ୍ରା. ଲିଃ., ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ, ମ୍ୟୁନିସିପାଲିଟି ଅଫିସ୍ ନିକଟ, ସା/ପୋ.: ଯୋଡା, କେନ୍ଦୁଝର-୭୫୮୦୩୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ, ପିତା: ହରିରାମ ଅଗ୍ରୱାଲ, କ୍ରୀଷା କୁଞ୍ଜ, ଓଲ୍ଡ ମୁନିସିପାଲ ଅଫିସ୍ ନିକଟ, ଭିଉପଏଣ୍ଟ ହୋଟେଲ ନିକଟ, ବାଂଶପାଣି ରୋଡ, ଯୋଡା, କେନ୍ଦୁଝର-୭୫୮୦୩୪ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶୁଭେନ୍ଦୁ ପଟ୍ଟନାଏକ, ପିତା: ଶ୍ରୀ ସନ୍ତୋଷ ପଟ୍ଟନାଏକ, ଯୋଡା ବସ୍ତି, ଯୋଡା, କେନ୍ଦୁଝର - ୭୫୮୦୩୪, ୨) ଶ୍ରୀ କମଳ କୁମାର ପାତ୍ର, ସହିଦନଗର, ଯୋଡା, କେନ୍ଦୁଝର - ୭୫୮୦୩୪, ୩) ଶ୍ରୀ ମୁନ୍ନା ବେହେରା, ପିତା: ଶ୍ରୀ କିର୍ତ୍ତନ ବେହେରା, ସାଗର ଟ୍ରାନ୍ସପୋର୍ଟ କମ୍ପ୍ଲେକ୍ସ, ଟେରେସା ସ୍କୁଲ ନିକଟ, ଯୋଡା, କେନ୍ଦୁଝର - ୭୫୮୦୩୪ | ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଯାହାର ପ୍ଲଟ୍ ନଂ.: ୪୫, ଖାତା ନଂ.: ୨୯/୧୪, କ୍ଷେତ୍ର: ଏକର ୧.୩୭ ଡିସିମିଲି, ମୌଜା: ଜଳହରି, ତହସିଲ: ବଡବିଲ, ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା | ଟ.୨,୭୭,୨୩,୧୭୫/- + (ଡିମାଣ୍ଡ ନୋଟିସ୍ ୨୭.୦୪.୨୦୧୨ରିଖ ଅନୁଯାୟୀ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ତା.୦୯.୦୮.୨୦୨୫ ସୁଦ୍ଧା ବକେୟା ଟ.୧୨,୬୫,୦୭,୬୫୨.୪୨ + ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୭,୪୦,୦୦୦/- / ଟ.୨,୭୪,୦୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୨.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦେବବ୍ରତ ମହାନ୍ତି, ପିତା: ରାଇଚରଣ ମହାନ୍ତି, ୨) ଶ୍ରୀମତୀ ମିହିର କୁମାରୀ ମହାନ୍ତି, ୩) ଶ୍ରୀ ସୁବ୍ରତ କୁମାର ମହାନ୍ତି, ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ଶ୍ରୀମତୀ ମିହିର କୁମାରୀ ମହାନ୍ତି, ଶ୍ରୀ ଦେବବ୍ରତ ମହାନ୍ତି ଏବଂ ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୪୨୨, ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର | ଟ.୧୩,୩୨,୬୬୩/- + (ଡିମାଣ୍ଡ ନୋଟିସ୍ ୦୧.୦୧.୨୦୧୬ରିଖ ଅନୁଯାୟୀ ୦୧.୧୧.୨୦୧୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା ତା.୧୨.୦୭.୨୦୨୫ ସୁଦ୍ଧା ଟ.୫୯,୦୧,୯୮୧.୮୭+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୩,୩୨,୦୦୦/- / ଟ.୨,୩୩,୨୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୨.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୩. | ଋଣଗ୍ରହୀତା: ମେସର୍ସ ସାଇ ମୋଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ସା: ସମରାଇପୁର, ଏସ୍‌ବିଡି ଇଣ୍ଟରନ୍ୟାଶନାଲ୍ ସ୍କୁଲ ନିକଟ, ଭଦ୍ରକ - ୭୫୬୧୮୧, ଶ୍ରୀ ଦୁର୍ଯ୍ୟୋଧନ ଦାସ, ପିତା: ଶ୍ରୀ ଗଙ୍ଗାଧର ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ - ୭୫୬୧୮୧ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମନୋରମା ଦାସ, ସ୍ୱାମୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ - ୭୫୬୧୮୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୨୪/୪୬୯୬,ଖାତା ନଂ.: ୭୬୬/୮୪୭, ପରିମିତ ମୋଟ କ୍ଷେତ୍ର: ଏକର ୦.୨୦ ଡିସିମିଲି, ମୌଜା: ଗେଲପୁର, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ | ଟ.୨୨,୦୮,୬୮୪/- + (ଡିମାଣ୍ଡ ନୋଟିସ୍ ୦୭.୦୯.୨୦୨୫ରିଖ ଅନୁଯାୟୀ ୦୧.୦୮.୨୦୧୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା ତା.୦୯.୦୨.୨୦୨୬ ସୁଦ୍ଧା ଟ.୪୪,୨୯,୬୩୦.୪୦+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୫.୦୩.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୭,୦୦,୦୦୦/- / ଟ.୭୦,୦୦୦/- / ଟ.୧୫,୦୦୦/- | ଭୌତିକ | ୧୨.୦୩.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ : **https://www.bankofbaroda.bank.in/e-auction.htm** ଏବଂ **https://baanknet.com** ଦେଖନ୍ତୁ । ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ:
କ୍ର.ନଂ.: ୧ ଓ ୨ ନିମନ୍ତେ- ୨୭.୦୨.୨୦୨୬ ଏବଂ କ୍ର.ନଂ.: ୩ ନିମନ୍ତେ- ୧୫.୦୩.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୧୦.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## PUBLIC NOTICE

SAHARA INDIA PARIWAR

It has come to our notice that Mr. Naveen Maurya has issued certain newspaper advertisements, made representations to revenue authorities, and released public statements in relation to properties situated at Berhampur, Odisha, claiming to act for and on behalf of Sahara India Pariwar.

We hereby clarify and place on record that Mr. Naveen Maurya has no authority whatsoever, whether express or implied, actual or ostensible, to represent, act for, or bind Sahara India Pariwar or any of its entities in any manner whatsoever, including but not limited to issuing any notices, making any representations, publishing any statements, or lodging any complaints for or on behalf of Sahara India Pariwar in relation to the Berhampur property or any other property of the Group.

Any publications, representations, statements or communications issued by Mr. Naveen Maurya in this regard are wholly unauthorised, do not represent the Sahara India Pariwar or its position and shall not be binding on Sahara India Pariwar in any manner whatsoever.

Members of the public, government authorities, and all concerned parties are hereby advised to disregard any such unauthorised communications, representations, or claims.

This clarification is being issued in the interest of transparency and to prevent any misunderstanding or misrepresentation.

**For Sahara India Pariwar**
**Authorised Signatory**
**Date: 10 February 2026**
**Place: Lucknow**

## OFFICE OF THE TAHASILDAR, BALIANTA

**e-mail: tahasilbalianta@gmail.com**
**Nic Mail: tah.balianta-od@nic.in**

**Letter No. 800** **Dt.04.02.2026**

### PROCLAMATION

**Sub.:** Auction sale of property with two storyed building over Plot No. 317 of Mouza - Tiranpada arising out of Civil Execution No. 32/2015 of Family Court-II, BBSR.

No. 24001/19/2526: It is hereby proclaimed that the auction sale of the following attached scheduled land along with two storied building standing thereon as per order of the Hon'ble Family court-II, BBSR arising out of Civil Execution No. 32/2015 is required to be held on Dt.06.03.26 at 11.00 A.M. in the Office of the Tahasildar Balianta. The intending candidate who wants to participate in this auction sale has to deposit the security amount in shape of BD. as detailed below. The auction sale will be finalized in favour of the highest bidder and the highest bidder is to deposit the entire bid amount at once. The security deposit of others will be returned back soon after finalization of auction sale. Any default by the participant will lead to forfeiture of security deposit.

**LAND SCHEDULE**

Mouza - Tiranpada, Khata No. 180/6, Plot No. 317, Area - Ac.0.310
Cost of the lands and suilding = Rs.1,40,54,340.00
Security Deposit = Rs. 14,05,434.00

**OIPR-24001/24050/3/25-26/0001** **Sd./- Tahasildar, Balianta**

## झारखण्ड सरकार

### उपायुक्त का कार्यालय (जिला बाल संरक्षण इकाई), धनबाद

मिश्रित भवन, Ground Floor, कमरा नम्बर - 7
दुरभाष - 7903353045
Email ID - dcps-dhanbad@jharkhandmail.gov.in

### गुमशुदा बच्चे की सूचना

एतद् द्वारा सूचित किया जाता है कि गुमशुदा बच्ची के बारे में पता लगाना है। जिसकी विवरणी निम्नवत है–



| | |
|---|---|
| नाम– | मिरू |
| लिंग– | स्त्री0 |
| पिता का नाम– | अज्ञात |
| माता का नाम– | अज्ञात |
| उम्र– | 12 वर्ष |
| रंग– | काला |
| ऊचाई– | 52 cm |
| वजन– | 29 kg |

बालिका मिरू, माता–पिता– अज्ञात, उम्र–12 वर्ष, रंग–काला। दिनांक–15.12.2025 को राजगंज थाना द्वारा बालिका को बाल कल्याण समिति, धनबाद में प्रस्तुत किया गया है। वर्तमान में बालिका मिशनरीज ऑफ चैरिटी, धनबाद में आवासित है। बालिका माता–पिता का नाम तथा पता बताने में असमर्थ है। बालिका थोड़ा–थोड़ा संथाली बोल पाती है।

आम जनता से अपील है कि इस बालक के संबंध में अगर कोई जानकारी उपलब्ध हो तो जिला बाल संरक्षण पदाधिकारी, धनबाद के संपर्क नम्बर–7903353045 पर जानकारी दे सकते है अथवा जिला बाल संरक्षण इकाई, धनबाद के कार्यालय मिश्रित भवन के कमरा नम्बर–7 में जानकारी दे सकते है।

कार्यालय का पता:–
जिला बाल संरक्षण इकाई, मिश्रित भवन के कमरा नं0–7
धनबाद। संपर्क नं0–7903353045

(साधना कुमारी)
जिला बाल संरक्षण पदाधिकारी, धनबाद

PR 372744 Women, Child Development & Social Security (25-26)_D

# ବୋଲଗଡ଼ ବିଡିଓଙ୍କ ବଦଳି ଦାବି ତେଜିଲା



ବିଡିଓଙ୍କ ବଦଳି ଦାବିରେ ବାହାରିଥିବା ଶୋଭାଯାତ୍ରା।

**ବୋଲଗଡ଼,୧୦।୨(ଦେବବ୍ରତ ହୋତା)**

୭୭ତମ ସାଧାରଣତନ୍ତ୍ର ଦିବସରେ ବ୍ଲକସ୍ତରୀୟ ପରେଡ୍ ନ ହେବା, ଜନପ୍ରତିନିଧିଙ୍କୁ ଅସମ୍ମାନ ଓ ଅଣଦେଖା କରିବା ସହ ମନମୁଖି କାର୍ଯ୍ୟକଳାପ ନେଇ ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ବିରୋଧରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ତାଙ୍କୁ ଏଠାରୁ ବଦଳି କରିବା ଦାବି ନେଇ ମଙ୍ଗଳବାର ଜନପ୍ରତିନିଧି, ବିଭିନ୍ନ ଦଳର କର୍ମୀ ଓ କାର୍ଯ୍ୟକର୍ତ୍ତା, ବିଭିନ୍ନ ସଙ୍ଗଠନ ଏବଂ ବ୍ଲକର ୧୯ଟି ପଞ୍ଚାୟତର ଜନସାଧାରଣ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅହୋରାତ୍ର ଗଣଧାରଣାରେ ବସିଛନ୍ତି।

ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ହଜାର ହଜାର ମହିଳା ପୁରୁଷ ଏକତ୍ରିତ ହୋଇ ସେଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେଠାରେ ବିଧାୟକ ପ୍ରଦୀପ ସାହୁ ପହଞ୍ଚି ଆନ୍ଦୋଳନକୁ ସମର୍ଥନ କରିବା ସହ ଶୀଘ୍ର ବିଡିଓଙ୍କ ବଦଳି ନ ହେଲେ ବ୍ଲକ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଏହି ଆନ୍ଦୋଳନରେ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ପ୍ରଭାତୀ ରାଉତରାୟ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ଉପାଧ୍ୟକ୍ଷ ରମେଶ ସାହୁ, ସମସ୍ତ ଜିଲାପରିଷଦ ସଭ୍ୟ, ୩୦ରୁ ଊର୍ଦ୍ଧ୍ୱ ସରପଞ୍ଚ ଓ ସମିତିସଭ୍ୟ, କଂଗ୍ରେସ ନେତା ଉମେଶ ମହାପାତ୍ର, ଭାଜପା ମଣ୍ଡଳ ସଭାପତି ଦିପନ ବିଶ୍ୱାଳ, ଭାଜପା ନେତା ଅଜିତ ପଟ୍ଟନାୟକ ଓ ସଞ୍ଜୟ ବେହେରା, ସାମାଜିକକର୍ମୀ ଲଲାଟେନ୍ଦୁ ସିଂ, ବୀର ଦାସ, ଓକିଲ ସଂଘ ସଭାନେତ୍ରୀ ଗୌରୀ ଦେବୀ, କଳାଙ୍ଗ ଗ୍ରାମ କମିଟି ସଭାପତି ପ୍ରଶାନ୍ତ ହୋତା, ବଣିକ ମହାସଂଘ ସଭାପତି ପାଣ୍ଡବ ସାହୁ ଏବଂ ଅନେକ ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ ସାମିଲ ହୋଇ ବିଡିଓଙ୍କ ବଦଳି ନ ହେବା ପର୍ଯ୍ୟନ୍ତ ବ୍ଲକ ଆଗରେ ଧାରଣା ଓ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

## ଜନପ୍ରତିନିଧିଙ୍କ ସମେତ ଜନସାଧାରଣଙ୍କ ଧାରଣା

ଅନ୍ୟପକ୍ଷରେ ତାଙ୍କର କୌଣସି ଭୁଲ ନାହିଁ ବୋଲି ଏ ସମ୍ପର୍କରେ ବିଡିଓ ସୁମନ ସୁଧା କୁଣ୍ଡୁ କହିଛନ୍ତି ଯେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ। ଅଯଥାରେ ତାଙ୍କୁ ହଇରାଣ କରାଯାଉଛି।

ପ୍ରକାଶ ଯେ, ଉପୁଜିଥିବା ଏହି ବିବାଦରେ ବିଡିଓଙ୍କ ସପକ୍ଷରେ ଏବଂ ବିପକ୍ଷରେ ଗତ କିଛିଦିନ ମଧ୍ୟରେ ଦୁଇ ଗୋଷ୍ଠୀ ହୋଇ ଜିଲା ପ୍ରଶାସନ ନିକଟରେ ନିଜର ପକ୍ଷ ରଖିଥିବା ବେଳେ ଅଞ୍ଚଳବାସୀଙ୍କ ପକ୍ଷରୁ ଗତ ମାସ ୨୮ ତାରିଖରେ ବିଡିଓଙ୍କ ବଦଳି ଦାବିରେ ବୋଲଗଡ଼ ବନ୍ଦ ଡାକରା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ୧୦ଲକ୍ଷ ଟଙ୍କାର ସୁନାରୁପା ଅଳଙ୍କାର ଚୋରି



**ବାଘମାରୀ,୧୦।୨ (ମିହିର ରଞ୍ଜନ ମହାପାତ୍ର)**

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ସିମୋର ହାଇସ୍କୁଲ ନିକଟ ନୂଆସାହିର ରଞ୍ଜନ ମିଶ୍ରଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ୧୦ଲକ୍ଷ ଟଙ୍କାର ସୁନାରୁପା ଅଳଙ୍କାର ଚୋରି ହୋଇଛି। ଏନେଇ ରଞ୍ଜନଙ୍କ ବୋହୂ ନନ୍ଦିନୀ ପ୍ରଭା ପାଣିଗ୍ରାହୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୦/୨୬)ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ରଞ୍ଜନ ଏବଂ ତାଙ୍କ ପୁଅ ମାନସ ବାହାରେ ରହୁଥିବା ବେଳେ ନନ୍ଦିନୀ, ଶାଶୁ, ଅଜାଶ୍ୱଶୁର ଘରେ ରୁହନ୍ତି। ରବିବାର ରାତିରେ ସମସ୍ତେ ଖାଇବା ପରେ ଅଜାଶ୍ୱଶୁର ବାରଣ୍ଡାରେ ଶୋଇଥିବା ବେଳେ ଶାଶୁ, ନନ୍ଦିନୀ ଏବଂ ଛୋଟ ଝିଅ ଶାଶୁଙ୍କ ରୁମରେ ଶୋଇଥିଲେ। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘର ପଛପଟ ପାଚେରି ଡେଇଁ ନନ୍ଦିନୀଙ୍କ ବେଡ଼ରୁମ ଝରକା, ଲୁହା ଗ୍ରୀଲ ଖୋଲି ଘରେ ପଶିଥିଲେ। ପରେ ଘର କବାଟ ଭିତର ପଟୁ ଦେଇ ଗଡରେଜରୁ ଦୁଇଟି ସୁନାହାର, ଗୋଟିଏ ବ୍ରେସଲେଟ, ହଳେ ରିଙ୍ଗ, ହଳେ ଶଙ୍ଖା ସହିତ ରୁପାର କେତେକ ସାମଗ୍ରୀ ଲୁଟି ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସମସ୍ତ ସାମଗ୍ରୀର ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ। ତେବେ ଘରୁ ଚୋରି ହୋଇଥିବା ନେଇ ମଙ୍ଗଳବାର ସକାଳେ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏନେଇ ନନ୍ଦିନୀ ବାଘମାରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ପରେ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍‌ର ସହାୟତାରେ ତଦନ୍ତ କରିଥିଲା। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତମାନଙ୍କ ଟେଶ୍ ପାଇପାରି ନ ଥିବା ଜଣାପଡ଼ିଛି।

# ତଦନ୍ତରେ ଶିଥିଳତା ନେଇ ଏସ୍‌ପିଙ୍କୁ ଅଭିଯୋଗ

## ବାପ'ପୁଅଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

**ଖୋର୍ଦ୍ଧା,୧୦।୨(ପ୍ରଭାତ ପାଣିଗ୍ରାହୀ)**

ଆଦର୍ଶ ଥାନା ଅନ୍ତର୍ଗତ ଚିଙ୍ଗୁଡ଼ିଝର ଡାବା ନିକଟରେ ଇଲୋକ୍ଟ୍ରୋନିକ୍ସ ପାର୍ଟ୍ସ ଦୋକାନ ଦେଇଥିବା ସାଙ୍ଗରଧର ବଡ଼ଜେନା ଏବଂ ପୁଅ ସେହ୍ନାଶିଷଙ୍କୁ ଗତ ୩୦ତାରିଖରେ ମରଣାନ୍ତକ ଆକ୍ରମଣ ଘଟଣାରେ ତଦନ୍ତରେ ଶିଥିଳତା ଏବଂ କୋହଳ ଦଫା ପ୍ରତିବାଦରେ ପରିବାର ପକ୍ଷରୁ ମଙ୍ଗଳବାର ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଦିନ ରାତି ପ୍ରାୟ ୧୦ଟାରେ ବାପ'ପୁଅ ସବୁଦିନ ପରି ଦୋକାନ ବନ୍ଦ କରୁଥିଲେ। ଏହି ସମୟରେ ବୋଲଗଡ଼ ଥାନା ଅଧୀନ ମାଣିକାଗୋଡ଼ା ଗ୍ରାମର ସାହିଦ୍ ଆଫ୍ରିଦ ମାରଣାସ୍ତ୍ରରେ ଅତର୍କିତ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ଖୋର୍ଦ୍ଧା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ସ୍ନେହାଶିଷଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ବାପ'ପୁଅଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ବେଳେ ପୋଲିସ ପକ୍ଷରୁ କୋହଳ ଦଫା ଲଗାଯାଇଛି। ଦଫା ୧୨୬(୨), ୧୧୫(୨), ୧୧୮(୨), ୨୯୬, ୩୫୧(୩), ୩(୫) ଲଗାଯାଇଥିବା ବେଳେ ହତ୍ୟା ଉଦ୍ୟମ(୧୦୯) କାହିଁକି ଲଗାଯାଇନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି। ଫଳରେ ଏହି ମାମଲାର କୌଣସି ମୂଲ୍ୟ ନାହିଁ ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି। ଅନ୍ୟପଟେ ଘଟଣାକୁ ୧୨ଦିନ ବିତିଥିଲେ ମଧ୍ୟ ପୋଲିସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଅଭିଯୁକ୍ତ ଖୋଲା ବଜାରରେ ବୁଲୁଛନ୍ତି, କୌଣସି ଅଘଟଣ ଆଶଙ୍କାରେ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହିଥିବା କହିଛନ୍ତି। ବାପ'ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ନେଇ ସିସିଟିଭି ଫୁଟେଜରେ ସ୍ପଷ୍ଟ ହୋଇଥିବା ବେଳେ କୋହଳ ଦଫା ଲଗାଇବା ଏବଂ ତଦନ୍ତରେ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ପରିବାର। ଏ ସମ୍ପର୍କରେ ଥାନାଧିକାରୀ ସଞ୍ଜୟ ନାୟକ କହିଛନ୍ତି ଯେ, କୌଣସି କୋହଳ ଦଫା ଲଗାଯାଇ ନାହିଁ। ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ଆକର୍ଷଣ ସାଜିଲା ପାଇକ ଆଖଡ଼ା



ନୀଳାମ୍ବୁ ମହୋତ୍ସବର ୫ମ ସନ୍ଧ୍ୟାରେ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

**ଟାଙ୍ଗୀ/ନିରାକାରପୁର,୧୦।୨ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)**

## ନୀଳାମ୍ବୁ ମହୋତ୍ସବର ୫ମ ସନ୍ଧ୍ୟା

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଖବରଦାତା ସଂଘ ଆନୁକୂଲ୍ୟରେ ଚାନ୍ଦପୁର ଦଶଦୋଳ ପଡ଼ିଆରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ନୀଳାମ୍ବୁ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ କୁହୁଡ଼ି ରତନପୁର ମା'ମଙ୍ଗଳା ପାଇକ ଆଖଡ଼ା ଦଳ ପକ୍ଷରୁ ଆକର୍ଷଣୀୟ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକକର୍ମୀ ବିଭୁପ୍ରସାଦ ମିଶ୍ର, ସାମାଜିକକର୍ମୀ ଧ୍ରୁବ ଚରଣ ପରିଡ଼ା, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ପ୍ରିୟରଞ୍ଜନ ପାତ୍ର ଓ ଅଶ୍ୱିନୀ କୁମାର ପାତ୍ର, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଉକ୍ତ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଚାନ୍ଦପୁର ପୂର୍ବତନ ସରପଞ୍ଚ ନଥିମଲ୍ଲ ମହାରାଜୀ, ଶିଳ୍ପୋଦ୍ୟୋଗୀ ଦର୍ଶନ କୁମାର ସାହୁ,ସାମାଜିକକର୍ମୀ ଦୀପକ ସେନାପତି, କନ୍ଧନୟାଗଡ଼ ପୂର୍ବତନ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧିଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀକଳାକୁଞ୍ଜ ଡ୍ୟାନ୍ସ ଏକାଡେମୀ ଖୋର୍ଦ୍ଧା, ଲଭ୍‌ଲି ଡ୍ୟାନ୍ସ ଏକାଡେମୀ, ସରସ୍ୱତୀ ଶିଶୁ ମନ୍ଦିର ଚାନ୍ଦପୁର, ବାବା ବାଲୁଙ୍କେଶ୍ୱର ନୃତ୍ୟ ମନ୍ଦିର, ମଦର ଷ୍ଟାର ପବ୍ଲିକ ସ୍କୁଲ, ରିଦିମ ଡ୍ୟାନ୍ସ ଏକାଡେମୀ, ନାଦବ୍ରହ୍ମ ସଙ୍ଗୀତ ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରଜନୀକାନ୍ତ ମିଶ୍ର, ପ୍ରଶାନ୍ତ କୁମାର ବେହେରା, ପ୍ରଦୀପ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର କାର୍ଯ୍ୟ ସମ୍ପାଦନ କରିଥିଲେ।

# ବ୍ଲକସ୍ତରୀୟ ଜାତୀୟ କୃମିନାଶକ ଦିବସ

**ବେଗୁନିଆ,୧୦।୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଜାତୀୟ କୃମିନାଶକ ଦିବସ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ କୈଳାସ ଚନ୍ଦ୍ର ସେଠୀ, ନଳିନୀପ୍ରଭା ଦେବୀ ଉପସ୍ଥିତ ଥିଲେ। କୃମିରୋଗର ସଂକ୍ରମଣ ଓ ପ୍ରତିକାର ସମ୍ପର୍କରେ ଡା. ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ସାଧାରଣତଃ ଅପରିଷ୍କାର ହାତରେ ଖାଇବା ଓ ଅପରିଷ୍କାର ବସ୍ତ୍ର ପିନ୍ଧିବା ଦ୍ୱାରା ପିଲାମାନଙ୍କ ଶରୀରର କୃମିରୋଗ ଦେଖାଦେଇଥାଏ। ଶିଶୁଙ୍କଠାରୁ ଆରମ୍ଭ କରି ବାଳିକା, ବାଳକମାନଙ୍କ ଶରୀରରେ ସଂକ୍ରମିତ ହେଲେ ରକ୍ତହୀନତା, ଦୃଷ୍ଟିହୀନତାଜନିତ ରୋଗ ଦେଖାଯାଏ। ଅପରପକ୍ଷରେ ଶରୀରକୁ ଦୁର୍ବଳ କରିବା ଦ୍ୱାରା ମାନସିକ ଓ ଶାରୀରିକ ବିକାଶରେ କ୍ଷତି ଘଟାଇଥାଏ ବୋଲି ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ପ୍ରଭାସିନୀ ପଣ୍ଡା କହିଥିଲେ। ଡା. ଆଚାର୍ଯ୍ୟ ପ୍ରଥମେ ପିଲାମାନଙ୍କୁ ବଟିକା ଖୁଆଇ ଶୁଭାରମ୍ଭ କରିଥିଲେ। ଏହି ରୋଗର ପ୍ରତିଷେଧକ ପାଇଁ ପିଲାମାନଙ୍କୁ ସିରପ୍ ଓ ବଟିକା ବଣ୍ଟନ କରାଯାଇଥିଲା। ବ୍ଲକର ମୋଟ ୧୪୧ଟି ସରକାରୀ ବିଦ୍ୟାଳୟ, ଯୁକ୍ତ ୨ ବିଦ୍ୟାଳୟ ସହିତ ୨୮ଟି ବେସରକାରୀ ଶିକ୍ଷାନୁଷ୍ଠାନ, ୨୩୬ ଅଙ୍ଗନୱାଡି କେନ୍ଦ୍ରରେ ୧ବର୍ଷରୁ ଅଧିକ ଏବଂ ୧୯ ବର୍ଷରୁ କମ ବୟସର ଛାତ୍ରୀଛାତ୍ରଙ୍କୁ ଏହି ବଟିକା ଏବଂ ସିରପ ବଣ୍ଟନ କରାଯାଇଛି। ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୯ ତାରିଖରେ ବଣ୍ଟନ କରାଯିବ ବୋଲି ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ପଣ୍ଡା କହିଛନ୍ତି।


ବ୍ଲକସ୍ତରୀୟ ଜାତୀୟ କୃମିନାଶକ ଦିବସରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

# ବିଦ୍ୟାଳୟର ବାର୍ଷିକୋତ୍ସବ

**ଜଟଣୀ,୧୦।୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ବଜାରସ୍ଥିତ ଟିନି ଟଟ୍‌ସ ମୋଣ୍ଟେସୋରି ସ୍କୁଲର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜେବି ରେଲୱେ ଇନ୍‌ଷ୍ଟିଚ୍ୟୁଟ ପରିସରରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉତ୍କଳ ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଆଣ୍ଡ ଟକ୍ନୋଲୋଜିର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ସାମନ୍ତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲର ଭାଇସ ଚେୟାରମ୍ୟାନ ବିକାଶ ବାହିନୀପତି, ସମ୍ପାଦକ ଜନ୍ମେଜୟ ମଣ୍ଡଳ, ଆସ୍ଥା ଷ୍ଟଡି ସେଣ୍ଟରର ପ୍ରତିଷ୍ଠାତା ଭାବନା ମିଶ୍ର, ଗୌରୀ ସାଂସ୍କୃତିକ ପାଠଶାଳା ପ୍ରତିଷ୍ଠାତା ଶ୍ରୀମା ଜଗଦ୍ଦେବ, ଆଇନଜୀବୀ ଅକ୍ଷାଂଶୁ ଶେଖର ନାୟକ, ଶରତ ଚନ୍ଦ୍ର ପାଇକରାୟ, ବୃନ୍ଦାବନ ସୁବୁଦ୍ଧି, ସ୍କୁଲର ପ୍ରିନ୍ସିପାଲ ତାହେରା ବେଗମ, ରାଜା ୱେଲଫେୟାର ଟ୍ରଷ୍ଟର ଚେୟାରମ୍ୟାନ ମହମ୍ମଦ ପରୱାଜ ହାଇଦର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶୁଭଲକ୍ଷ୍ମୀ ସାମନ୍ତରା, ସ୍ୱାଗତିକା ସାହୁ, ପ୍ରୀୟଲିଶା ମହାନ୍ତି, ମହମ୍ମଦ ୱାଇସ ରାଜା, ଅର୍ଷି ରାଜା, ହବିବୁର ରହେମନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# କ୍ଲବ୍ ମର୍ନିଂଷ୍ଟାର, ମଙ୍ଗଳା କ୍ଲବ୍ ଫାଇନାଲରେ

**ଖୋର୍ଦ୍ଧା,୧୦।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ରାତ୍ରିକାଳୀନ କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇଟି ସେମିଫାଇନାଲ ମ୍ୟାଚ୍ ହୋଇଛି। ପ୍ରଥମ ମ୍ୟାଚ୍ ଆୟୋଜକ କ୍ଲବ ମର୍ନିଂଷ୍ଟାର ଖୋର୍ଦ୍ଧା ଏବଂ ଆଫ୍ରିକାନ-୧୧ ସେଞ୍ଚୁରିଆନ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକରରେ ୪-୧ ଗୋଲରେ କ୍ଲବ ମର୍ନିଂଷ୍ଟାର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚକୁ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିବା ବେଳେ ମଙ୍ଗଳା କ୍ଲବ କଟକ ଏବଂ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୦ ଗୋଲରେ ମଙ୍ଗଳା କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚକୁ ଆର୍.କେ ମହାନ୍ତି, ପ୍ରଫୁଲ୍ଲ କୁମାର ବେହେରା, ବିଦେଶୀ ନାୟକ, ଅମ୍‌ଜାଦ ଖାନ ପରିଚାଳନା କରିଥିଲେ ସେହିପରି ଦ୍ୱିତୀୟ ମ୍ୟାଚକୁ ସେଖାବତ ଖାନ, ଅଭିନାଶ ପଟ୍ଟନାୟକ, ସାଗିର ଅହମ୍ମଦ ଓ ଅମଜାଦ ଖାନ ପରିଚାଳନା କରିଥିଲେ। ଅତିଥିଭାବେ କଳିଙ୍ଗ ପାଇକ କପ୍‌ର ମୁଖ୍ୟ ଉପଦେଷ୍ଟା ସଞ୍ଜୟ ପଟ୍ଟନାୟକ, ୬ଷ୍ଠ ବାଟାଲିୟନ ଡେପୁଟି କମାଣ୍ଡର ମନ୍ମଥ ପାଢ଼ୀ, ବରିଷ୍ଠ ଖବରଦାତା ଶୁଭ୍ରାଂଶୁ ସାମନ୍ତରାୟ, ପ୍ରଣବ ମହାନ୍ତି, ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ହାତୀ ଆକ୍ରମଣରେ ଜଣେ ଆହତ

**ବେଗୁନିଆ,୧୦।୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତର ଇନ୍ଦିପୁର ଗ୍ରାମର ଆନନ୍ଦ ମାଝୀ(୩୨) ମଙ୍ଗଳବାର ୮ଟାରେ ସିକୋ ଗ୍ରାମରୁ ସଉଦା କରି ଘରକୁ ଫେରୁଥିଲେ। ଗ୍ରାମ ମୁଣ୍ଡରେ ଥିବା ଖେଳପଡ଼ିଆ ପଟୁ ଆସୁଥିବା ଏକ ହାତୀକୁ ଦେଖି ସେ ଭୟଭୀତ ହୋଇଯାଇଥିଲେ। ଏହାପରେ ହାତୀ ତାଙ୍କୁ ଟେକି ତଳେ କଚାଡ଼ି ଦେଇଥିଲା। ଫଳରେ ତାଙ୍କର ଡାହାଣ ହାତ ଏବଂ ବାମ ଗୋଡ଼ ଭାଙ୍ଗିଯାଇଛି। ଚିକିତ୍ସା ନିମନ୍ତେ ତାଙ୍କୁ ଖୋର୍ଦ୍ଧା ମେଡିକାଲ ପଠାଯାଇଛି। ବିଦ୍ୟୁତ୍ କାଟ ଯୋଗୁ ବାରମ୍ବାର ଏପରି ଘଟଣା ଘଟୁଛି ବୋଲି ସାମାଜିକ କର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର କହିଛନ୍ତି।

# ସେଭେନ ଟୁ କ୍ଲବ୍ ଖୋର୍ଦ୍ଧା ସେମିରେ

**ବେଗୁନିଆ,୧୦।୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୌଡ଼ିଆପଡ଼ା-ଇନ୍ଦିପୁର ଖେଳପଡ଼ିଆରେ ଚାଲିଥିବା ୯ମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଖୋର୍ଦ୍ଧାର ସେଭେନ ଟୁ କ୍ଲବ ଏବଂ ଖଣ୍ଡପଡ଼ାର ଏଫ୍‌ସି କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୦ ଗୋଲରେ ସେଭେନ ଟୁ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପରିଡ଼ା, ମନୋଜ ସାମନ୍ତସିଂହାର, ଲକ୍ଷ୍ମୀଧର ଚୌଧୁରୀ ଏବଂ ସନ୍ତୋଷ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଯୋଗେଶ୍ୱର ଛୋଟରାୟ ଯୋଗଦେଇଥିଲେ। ବିଜୟି ଟିମ୍‌ର ସୋନୁ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ କୁମାର ପାଟ୍ଟଶାଣୀ, ଅର୍ଜୁନ ବଳିୟାରସିଂହ, ବଳଭଦ୍ର ପାଟ୍ଟଶାଣୀ, ସର୍ବେଶ୍ୱର ମଙ୍ଗରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ବୁଧବାର ଖୋର୍ଦ୍ଧାର ଏଫ୍‌ସି କ୍ଲବ ଏବଂ କଟକର ଚାନ୍ଦ୍ କ୍ଲବ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।


ସୋନୁ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଯୁବି ରକଷ୍ଟାର ବିଜୟୀ

**ଯାଁଳା,୧୦।୨(ବୁଲା ବାରିକ)**

ରାଜଧାନୀ ଉପକଣ୍ଠ ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଯୁବି ରକଷ୍ଟାର ଏବଂ ବିଜେତା ୱାରିୟର୍ସ ମଧ୍ୟରେ ହୋଇଥିଲା। ଟସ୍ ଜିତି ଯୁବି ରକଷ୍ଟାର ବୋଲିଂ ନିଷ୍ପତ୍ତି ନେଇଥିଲା। ବିଜେତା ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୯ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆବିଷ୍କାର ପଟ୍ଟନାୟକ ୫୭ରନ କରିଥିଲେ। ଯୁବି ରକଷ୍ଟାର ଟିମର ରାକେଶ ବିଶ୍ୱାଳ ୫ଟି ଉଇକେଟ ଅକ୍ତିଆର କରିଥିଲେ। ଯୁବି ରକଷ୍ଟାର ଟିମ୍ ୧୨.୨ ଓଭରରେ ୬ ଉଇକେଟ ବିନିମୟରେ ୧୧୩ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ସୁଜିତ୍ କୁମାର ଲେଙ୍କା ୪୩ ରନ କରିଥିଲେ। ବିଜେତା ୱାରିୟର୍ସର ଗଣେଶ ଚାପା ୩ ଟି ଉଇକେଟ ନେଇଥିଲେ। ଦିଲୀପ କୁମାର ସାମଲ ଏବଂ ବିଭୁ ପ୍ରସାଦ ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିଲେ। ତମାଣ୍ଡୋ କ୍ରିକେଟ କ୍ଲବର ଉପସଭାପତି ରାଜେଶ ପ୍ରଧାନ ଅତିଥିଭାବେ ଯୋଗଦେଇ ରାକେଶ ବିଶ୍ୱାଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଏମ୍‌ସିସି କାକଟପୁର ଏବଂ ମାଇଟି ୟଙ୍ଗଷ୍ଟାର ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଅତିଥିଙ୍କଠାରୁ ରାକେଶ ବିଶ୍ୱାଳ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# 'ଗଣତାନ୍ତ୍ରିକ ପରମ୍ପରା ସୁରକ୍ଷା ପାଇଁ ବାଚସ୍ପତିମାନେ ଯତ୍ନବାନ୍ ହୁଅନ୍ତୁ'

## ବାଚସ୍ପତି କମିଟି ସମ୍ମିଳନୀରେ ଯୋଗଦେଲେ ସୁରମା ପାଢ଼ୀ

ଭୁବନେଶ୍ୱର,୧୦।୨ (ସୁଚିସ୍ମିତା ସାହୁ)

ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ପ୍ରବର୍ତ୍ତିତ ଧାରା ଅନୁରୂପ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ଗଠିତ ବାଚସ୍ପତି କମିଟି ସମ୍ମିଳନୀ ମହାରାଷ୍ଟ୍ର ବିଧାନସଭାଠାରେ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ନାରୱେକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିଥି ଭାବେ କର୍ଣ୍ଣାଟକ ବାଚସ୍ପତି ୟୁ.ଟି. ଖାଦିର ଫରିଦ, ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ ଲଙ୍ଗକୁମେରଙ୍କ ସହ ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଆଲୋଚନା କରିଥିଲେ। ଏହି ଅବସରରେ ସୁରମା କହିଲେ, ଦଶମ ଅନୁସୂଚୀ ହେଉଛି ଦଳବଦଳ ନିରୋଧ ଆଇନ। ୧୯୮୫ ମସିହାରେ ଆମ ସମ୍ବିଧାନର ୫୨ତମ ସଂଶୋଧନରେ ଲାଗୁ କରାଯାଇଛି। ଏହାଦ୍ୱାରା 'ଆୟା ରାମ, ଗୟା ରାମ' ଭଳି ଏକ ଖରାପ ପରମ୍ପରାକୁ ପ୍ରତିହତ କରାଯାଇଛି। ନିର୍ଦ୍ଦିଷ୍ଟ ଦଳ ମଧ୍ୟରେ ଉପୁଜିଥିବା ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ କ୍ଷେତ୍ରରେ ବହୁମାତ୍ରାରେ ଅଙ୍କୁଶ ଲାଗିପାରିଛି। ଏହି ଆଇନ ଅନୁଯାୟୀ ଦଳବଦଳକାରୀ ତଥା ଦଳଚ୍ୟୁତ ବିଧାୟକ ଓ ସାଂସଦମାନଙ୍କୁ ନିର୍ଦ୍ଦିଷ୍ଟ ଦଳରୁ ନିଲମ୍ବନ ଓ ସଭ୍ୟପଦ ରଦ୍ଦ କରାଯାଇପାରିଛି। ସେହିପରି ୨୦୦୩ ମସିହାରେ ୯୧ତମ ସମ୍ବିଧାନ ସଂଶୋଧନରେ ଏହି ବ୍ୟବସ୍ଥାକୁ ଆହୁରି କଠୋର ଓ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଏ କ୍ଷେତ୍ରରେ ୨୦୨୩ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଦଳବଦଳ କ୍ଷେତ୍ରରେ ବାଚସ୍ପତିଙ୍କୁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଦିଗରେ ଗୁରୁତ୍ୱାରୋପ କରିଛନ୍ତି। ସେଣୁ ଭବିଷ୍ୟତରେ ଗଣତାନ୍ତ୍ରିକ ପରମ୍ପରାକୁ ସୁରକ୍ଷିତ ରଖିବା ଦିଗରେ ବାଚସ୍ପତିମାନେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ସୁରମା କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଏପ୍ରିଲ ୨୦ ଓ ୨୧ରେ ଭୁବନେଶ୍ୱର କିମ୍ବା ପୁରୀଠାରେ କମିଟିର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଏଥିସହ ଆଗାମୀ ୮ ମାସ ମଧ୍ୟରେ କମିଟିର ରିପୋର୍ଟ ଲୋକ ସଭା ବାଚସ୍ପତିଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସମ୍ମିଳନୀରେ ବାଚସ୍ପତିଙ୍କ ସହ ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ବିଧାନସଭା ଗବେଷଣା ଶାଖାର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।


ସମ୍ମିଳନୀରେ ଅନ୍ୟ ରାଜ୍ୟର ବାଚସ୍ପତିଙ୍କ ସହ ସୁରମା ପାଢ଼ୀ।

# ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ୍ କଲେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ


ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସାକ୍ଷାତ୍ କରୁଛନ୍ତି।

ଭୁବନେଶ୍ୱର,୧୦।୨ (ବନ୍ଦନା ସେଠୀ)

ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଡା. ଆଶୁତୋଷ ବିଶ୍ୱାସ ସୋମବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସାକ୍ଷାତ୍ କରିଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ସହଯୋଗମୂଳକ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହିଅବସରରେ ଡା. ବିଶ୍ୱାସ ମୁଖ୍ୟ ଶାସନ ସଚିବଙ୍କୁ ଏମ୍ସ ଭୁବନେଶ୍ୱରରେ ରୋଗୀସେବା ସହିତ ଜଡ଼ିତ ପ୍ରମୁଖ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ଗବେଷଣା ଏବଂ ଡାକ୍ତରୀ ଶିକ୍ଷା ପ୍ରଦାନ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା, ସ୍ୱାସ୍ଥ୍ୟସେବା ପ୍ରଦାନରେ ଉନ୍ନତି ଆଣିବା, ସଂସ୍ଥାଗତ ସହାୟତାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଲୋକଙ୍କ ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିବା ପାଇଁ ସମନ୍ୱିତ ପ୍ରୟାସ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବ ଗର୍ଗ ସ୍ୱାସ୍ଥ୍ୟସେବା ପ୍ରତି ଏମ୍ସ ଭୁବନେଶ୍ୱର ଦ୍ୱାରା ଗ୍ରହଣ କରାଯାଇଥିବା ବ୍ୟାପକ ଏବଂ ସାମଗ୍ରିକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟର ସାମଗ୍ରିକ ଲାଭ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢ଼ାଇବା ଏବଂ ସାଙ୍ଗଠନିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ।



ଆସନ୍ତା ୧୨ ତାରିଖରେ ହେବାକୁ ଥିବା ଭାରତ ବନ୍ଦକୁ ସଫଳ କରିବା ପାଇଁ ସିପିଆଇ, ଏଆଇଟିୟୁସି, ବିକେଏମ୍ୟୁ ପକ୍ଷରୁ ରାଜମହଲ ଛକରେ ଶୋଭାଯାତ୍ରା।(ଫଟୋ: ମନୋରଞ୍ଜନ ମିଶ୍ର)

## ସିସିଟିଭିରେ କଏଦ ହେଲା ଦୋକାନରୁ ଚୋରିର ଦୃଶ୍ୟ

ବାରଙ୍ଗ,୧୦।୨(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ଗ୍ରାମ ଡାବା ଛକରେ ଥିବା ରଘୁଗଡ଼ର ଦିବ୍ୟାଙ୍ଗ ଯୁବକ ନିରଞ୍ଜନ ନାୟକଙ୍କର ଏକ ଚା'ପାନ ଦୋକାନରୁ ଚୋରି ହୋଇଛି। ଚୋରମାନେ ଦୋକାନ କବାଟ ଭାଙ୍ଗି ବିସ୍କୁଟ, ଅଣ୍ଡା, ସାବୁନ ସହ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନେଇଯାଇଛନ୍ତି। ନିରଞ୍ଜନ ଏ ସମ୍ପର୍କରେ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ ଚୋରି ଘଟଣାସବୁ କଏଦ ହୋଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ନିରଞ୍ଜନ ସୋମବାର ରାତିରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ମଙ୍ଗଳବାର ସକାଳୁ ଆସିବା ପରେ ଦୋକାନରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

## ସଂଘବଦ୍ଧ ଆକ୍ରମଣ ବେଳେ ଯୁବକଙ୍କୁ ଛୁରାମାଡ଼

ବାଲିପାଟଣା,୧୦।୨(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଧୀନ ଅଠାନ୍ତର ଛକଠାରେ ମଙ୍ଗଳବାର ସଂଘବଦ୍ଧ ଆକ୍ରମଣ ବେଳେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ସେ ହେଲେ ପବିତ୍ର ମଲ୍ଲିକ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସୂଚନା ମୁତାବକ, ପବିତ୍ର ଅପରାହ୍ଣରେ ଅଠାନ୍ତର ଛକରେ ତାଙ୍କ ଗାଡ଼ି ମାଲିକଙ୍କ କାର୍ଯ୍ୟାଳୟରେ ବସିଥିଲେ। ଏହି ସମୟରେ ସଂଘବଦ୍ଧ ଭାବେ କେତେଜଣ ଯୁବକ କୌଣସି କାରଣକୁ ନେଇ ଅଠାନ୍ତର ଗ୍ରାମର ପ୍ରଭୁଦତ୍ତ ମହାନ୍ତିଙ୍କୁ ଆକ୍ରମଣ କରିବା ସହ ମାଡ଼ ମାରୁଥିଲେ। ମାନବିକତା ଦୃଷ୍ଟିରୁ ପବିତ୍ର ସେଠାକୁ ଯାଇ ପ୍ରଭୁଦତ୍ତଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିବା ବେଳେ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ଏକ ଛୁରିରେ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ପୋଲିସକୁ ଦେଖି ଦୁର୍ବୃତ୍ତମାନେ ଖସିଯିବାକୁ ଚେଷ୍ଟା କରିବା ବେଳେ ଲୋକେ ଦୁଇଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଅନ୍ୟପଟେ ଗୁରୁତର ଅବସ୍ଥାରେ ପ୍ରଭୁଦତ୍ତଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ସର୍ଭେ ମାଧ୍ୟମରେ ବନ୍ଧକ ଶ୍ରମିକ ଚିହ୍ନଟ ଉପରେ ଗୁରୁତ୍ୱ



ଅତିଥିମାନେ ବନ୍ଧକ ଶ୍ରମ ପ୍ରଥା ଉଚ୍ଛେଦ ପାଇଁ ଶପଥ ପାଠ କରାଉଛନ୍ତି।

ଭୁବନେଶ୍ୱର, ୧୦।୨ (ବନ୍ଦନା ସେଠୀ)

ବନ୍ଧକ ଶ୍ରମ ପ୍ରଥା(ଉଚ୍ଛେଦ) ଆଇନ ୧୯୭୬ର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ସୁରକ୍ଷା ମଞ୍ଚ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ବନ୍ଧକ ଶ୍ରମ ପ୍ରଥା ଉଚ୍ଛେଦ ପାଇଁ ସାମାଜିକ ସଙ୍ଗଠନ ଓ ବୁଦ୍ଧିଜୀବୀମାନେ ଶପଥ ନେଇଥିଲେ। ସମାରୋହରେ ବରିଷ୍ଠ ପ୍ରଶାସକ ତଥା ବନ୍ଧକ ଶ୍ରମିକ ଗବେଷକ ଡ. ଲକ୍ଷ୍ମୀଧର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଘୃଣ୍ୟ ପ୍ରଥାର ଅବସାନ ପାଇଁ ରାଜ୍ୟବ୍ୟାପୀ ସର୍ଭେ ମାଧ୍ୟମରେ ଚିହ୍ନିତିକରଣ, ଉଦ୍ଧାର ଓ ଥଇଥାନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ପ୍ରଚଳିତ ଆଇନର ପ୍ରଭାବୀ କ୍ରିୟାନ୍ୱୟନ ପାଇଁ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ପୂର୍ବତନ ପ୍ରଶାସକ ଅରବିନ୍ଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବନ୍ଧକ ଶ୍ରମ ପ୍ରଥା(ଉଚ୍ଛେଦ) ଆଇନକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସାହୁ ସାମାଜିକ ସଙ୍ଗଠନଗୁଡ଼ିକ ତୃଣମୂଳସ୍ତରରେ ବନ୍ଧକ ଶ୍ରମିକମାନଙ୍କୁ ଚିହ୍ନଟ କରିବା ସହିତ ନିକଟସ୍ଥ ସରକାରୀ କର୍ମଚାରୀ ଓ ଥାନାରେ ଜଣାଇବାକୁ ଆହ୍ୱାନ ଦେଇଥିଲେ। ମଞ୍ଚର ଆବାହକ ଡ. ଅମୀୟ ଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଶିଶୁ ସୁରକ୍ଷା ଆୟୋଗର ବରିଷ୍ଠ ସଦସ୍ୟା ସୁଜାତା ନାୟକ, ଆଇନଜୀବୀ ପ୍ରମୋଦ କିଶୋର ଆଚାର୍ଯ୍ୟ, ଧୀରେନ୍ଦ୍ର ନାଥ ପାତ୍ର, ଅବସରପ୍ରାପ୍ତ ଶ୍ରମଅଧିକାରୀ ନୀଳାମ୍ବର ମିଶାଲ, ସାମ୍ବାଦିକା ରାକ୍ଷୀ ଘୋଷ ପ୍ରମୁଖ ଯୋଗଦେଇଥିଲେ। ସୁରକ୍ଷା ମଞ୍ଚର ରାଜ୍ୟସ୍ତରୀୟ ସମନ୍ୱୟ ସମିତିର ସଭ୍ୟ ଲୋକନାଥ ମିଶ୍ର, ସୁଦର୍ଶନ ଛୋଟରାୟ, ଦିଲ୍ଲୀପ କୁମାର ଦାସ, ଆଶିଷ କୁମାର ରାଜହଂସ ପ୍ରମୁଖ ମତ ରଖିବା ସହ ଆଗାମୀ ଦିନପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଥିଲେ।

## ଫାଇଲେରିଆ ନିରାକରଣ ପାଇଁ ଆରମ୍ଭହେଲା ଏମ୍ଡିଏ

### ୧୦ ଦିନ ଧରି ୭ ଜିଲାରେ ଚାଲିବ ସାମୂହିକ ଔଷଧ ସେବନ

ଭୁବନେଶ୍ୱର, ୧୦।୨(ବନ୍ଦନା ସେଠୀ)

୨୦୨୭ ସୁଦ୍ଧା ମଶାଜନିତ ରୋଗ 'ଲିମ୍ଫାଟିକ୍ ଫାଇଲେରିଆସିସ୍'ର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାମୂହିକ ଔଷଧ ସେବନ(ଏମ୍ଡିଏ) କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ମଙ୍ଗଳବାର ଚଳିତବର୍ଷର ଏମ୍ଡିଏ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶୁଭାରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର କମିଶନର ତଥା ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଫେବୃଆରୀ ୧୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏମ୍ଡିଏ ଅଭିଯାନରେ ବଲାଙ୍ଗୀର, ବରଗଡ଼, ଗଞ୍ଜାମ, ଢେଙ୍କାନାଳ ଓ ଯାଜପୁର ଜିଲାର ୭ଟି ବ୍ଲକ/ସହରାଞ୍ଚଳର ପ୍ରାୟ ୭.୪୦ ଲକ୍ଷ ଲୋକଙ୍କୁ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବାକୁ ଦିଆଯିବ। ଔଷଧ ଠିକ୍ ଭାବେ ଓ ନିରୀକ୍ଷଣ ସହିତ ସେବନ ସୁନିଶ୍ଚିତ କରିବା ପାଇଁ ୨୨୦୦ ଜଣ ପ୍ରଶିକ୍ଷିତ କର୍ମୀ ନିଯୁକ୍ତ ହୋଇଛନ୍ତି। ୨୧୦ ସୁପରଭାଇଜର ସେମାନଙ୍କ କାର୍ଯ୍ୟକୁ ନିରୀକ୍ଷଣ କରୁଛନ୍ତି।


ଏମ୍ଡିଏ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଅଧିକାରୀମାନେ।

## ଅଧ୍ୟାପିକାଙ୍କ ଲକରରୁ ଚୋରିକରି ଡ୍ରାଇଭର ଗିରଫ

ଭୁବନେଶ୍ୱର,୧୦।୨(ତ୍ରିନାଥ ମହାନ୍ତି)

ଜଣେ କନିଷ୍ଠ ଅଧ୍ୟାପିକାଙ୍କ ଲକ୍ରରୁ ସୁନାଗହଣା ଚୋରି ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ଡ୍ରାଇଭର କାମଦେବ ନାୟକଙ୍କୁ ନରସିଂହପୁରରୁ ଗିରଫ କରିଛି। ଅଭିଯୋଗକାରିଣୀ ଭୁବନେଶ୍ୱରର ବଡ଼ଗଡ଼ ଥାନା ଅନ୍ତର୍ଗତ ମେଘେଶ୍ୱର କଲୋନୀରେ ରୁହନ୍ତି। ୨୦୨୩ ଜାନୁୟାରୀ ୧୨ରୁ ସେ କାମଦେବଙ୍କୁ ଡ୍ରାଇଭର ଭାବରେ ନିୟୋଜିତ କରିଥିଲେ। ୨୦୨୪ ଜୁଲାଇରେ ତାଙ୍କ ଲକରରୁ କିଛି ସୁନା ଅଳଙ୍କାର ଓ ପରେ ୨୦୨୫ ଡିସେମ୍ବର ୨୪ରେ ସେ ଆଉ ଏକ ସୁନା ହାର ଚୋରି ହୋଇଥିବା ଅଧ୍ୟାପିକା ଜଣକ ଜାଣିବାକୁ ପାଇଥିଲେ। ଗତ ଜାନୁଆରୀ ୨୬ ତାରିଖ ସକାଳେ କାମଦେବ ମାଲିକାଣୀଙ୍କୁ ନ ଜଣାଇ ଜିନିଷପତ୍ର ଧରି ଘରୁ ବାହାରି ଯାଇଥିଲେ। ଏଥିରେ ସନ୍ଦେହ କରି କାମଦେବ ତାଙ୍କ ସୁନା ଅଳଙ୍କାର ଚୋରି କରିଥିବା ନେଇ ଥାନାରେ ରିପୋର୍ଟ ଦାଖଲ କରିଥିଲେ। ସୋମବାର ନିର୍ଭରଯୋଗ୍ୟ ସୂଚନା ଆଧାରରେ, କାମଦେବଙ୍କୁ କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ନୂଆପାଟଣା ଅଞ୍ଚଳରୁ ସ୍ଥାନୀୟ ପୋଲିସର ସହଯୋଗରେ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ଅଧ୍ୟାପିକାଙ୍କ ପରିବାର ସଦସ୍ୟଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସେ ନିୟମିତ ଭାବରେ ଘରୁ ସୁନା ଅଳଙ୍କାର ଚୋରି କରି ଭୁବନେଶ୍ୱର ଅଶୋକନଗରରେ ଥିବା ମଣପୁରମ ଫାଇନାନ୍ସ ଶାଖାରେ ବନ୍ଧକ ରଖିଥିଲେ ଏବଂ ସେହି ଟଙ୍କାକୁ ନିଜର ଆବଶ୍ୟକତା ପାଇଁ ଖର୍ଚ୍ଚ କରିଥିଲେ ବୋଲି ସ୍ୱୀକାର କରିଥିଲେ। ମଙ୍ଗଳବାର ଅଭିଯୁକ୍ତଙ୍କ ନେତୃତ୍ୱରେ, ମଣପୁରମ ଫାଇନାନ୍ସରୁ ମୂଳ ବନ୍ଧକ କାଗଜପତ୍ର ସହିତ ଏକ ବନ୍ଧକ ସୁନା ହାର ଜବତ କରାଯାଇଥିଲା।



ଭାରତ ଓ ଶ୍ରୀଲଙ୍କା ଆୟୋଜନରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ଭାରତୀୟ କ୍ରିକେଟ ଦଳକୁ ଶୁଭେଚ୍ଛା ଜଣାଇ ଭିଏସ୍ଏସ୍‌ନଗରସ୍ଥିତ ମୋ ସଂଗ୍ରହାଳୟରେ ସ୍କୁଲ ଛାତ୍ରୀଛାତ୍ରମାନେ ନିଆରା ଢ଼ଙ୍ଗରେ ଏକ କେକ୍ ପ୍ରସ୍ତୁତ କରିଛନ୍ତି।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ ଉଦ୍‌ଘାଟନ କଲେ ଗଜପତି ମହାରାଜ

ଭୁବନେଶ୍ୱର,୧୦।୨(ସୁଚିସ୍ମିତା ସାହୁ)

ଏଜି ପୁରୁଣା ଓ ନୂଆ ଏଜି ନାଗରିକ ସମିତି ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ ମଙ୍ଗଳବାର ସ୍ଥାନୀୟ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଗଜପତି ମହାରାଜ ଦିବ୍ୟସିଂହ ଦେବ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟର ସ୍ୱାମିଜୀ ସ୍ୱରୂପାନନ୍ଦ ସରସ୍ୱତୀ, କଟକ ସୁବୋଧ କୃଷ୍ଣ ମିଶନର ପ୍ରମୁଖ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ, ପୁରୀ ରାଧାବଲ୍ଲଭ ମଠର ମଠାଧୀଶ ତଥା ଓଡ଼ିଶା ପଞ୍ଚରାତ୍ର ସମିତି ସଭାପତି ମହନ୍ତ ରାମକୃଷ୍ଣ ଦାସ, ପ୍ରମୁଖ ମହାଲେଖାକାର ଡି. ସାହୁ, ଭୁବନେଶ୍ୱର ଦିବ୍ୟ ଜୀବନ ସଂଘର ସ୍ୱାମିଜୀ ବ୍ରହ୍ମାତ୍ମାନନ୍ଦ ସରସ୍ୱତୀ ଯୋଗଦେଇଥିଲେ।

ସକାଳେ ୧୦୮ କଳସ ଶୋଭାଯାତ୍ରା ଏଜି କଲୋନିଠାରୁ ବାହାରି ସତ୍ୟାନନ୍ଦ ଆଶ୍ରମଠାରେ ପହଞ୍ଚିବା ପରେ କଳସ ସ୍ଥାପନ ହୋଇଥିଲା। ମହନ୍ତ ରାମକୃଷ୍ଣ ଦାସ ଓ ସ୍ୱାମିଜୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ସ୍କନ୍ଧ ପୁରାଣର ଶ୍ରୀକ୍ଷେତ୍ର ମାହାତ୍ମ୍ୟ, ଶ୍ରୀକ୍ଷେତ୍ରକୁ ବ୍ରହ୍ମାଙ୍କ ଆଗମନ, କାକ ମୁକ୍ତି, ଯମଲକ୍ଷ୍ମୀ ସମ୍ବାଦ, ଇନ୍ଦ୍ରଦ୍ୟୁମ୍ନ, ବିଶ୍ୱାବସୁ, ନୀଳମାଧବ ଦର୍ଶନ ଉପରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଏଜି ଅତୁଲ ପ୍ରକାଶ, ଆୟକର କମିଶନର ନିରଜା ପ୍ରଧାନ, ବରିଷ୍ଠ ଉପମହାଲେଖାକାର ଭରତ ଚନ୍ଦ୍ର ବେହେରା, ମନୋଜ ଏକ୍କା, ଭୀମଲେଶ କୁମାର, ବିକାଶ କୁମାର, ଭୁବନେଶ୍ୱର ଦିବ୍ୟଜୀବନ ସଂଘ ସଭାପତି ରାଧାଶ୍ୟାମ ଦାସ ପ୍ରମୁଖ କଥାମୃତ ଶ୍ରବଣ କରିଥିଲେ। ପୁରୁଣା ଏଜି କଲୋନିର ସମ୍ପାଦକ ଦୀପ୍ତିରଞ୍ଜନ ରାୟ, ସଭାପତି ରାଜ କିଶୋର ମହାପାତ୍ର, ନୂଆ ଏଜି କଲୋନିର ସଭାପତି ଏ. ନାଗାରାଜୁ, ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, କମଲ କିରଣ, ଶାରଦା ପ୍ରସନ୍ନ ମହାପାତ୍ର, କୈଳାସ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଜାତୀୟସ୍ତରୀୟ ସଫ୍ଟବଲ୍ ପ୍ରତିଯୋଗିତାରେ ବ୍ରୋଞ୍ଜ ଜିତିଲେ ଓଡ଼ିଆ ଛାତ୍ର

ଭୁବନେଶ୍ୱର,୧୦।୨(ସୁଚିସ୍ମିତା ସାହୁ)

ଛତିଶଗଡ଼ର ବିଳାସପୁରଠାରେ ଅନୁଷ୍ଠିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ସଫ୍ଟବଲ୍ ପ୍ରତିଯୋଗିତାରେ ଓଡ଼ିଶାର ଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ସର୍ବଭାରତୀୟସ୍ତରରେ ବ୍ରୋଞ୍ଜ ପଦକ ହାସଲ କରିପାରିଛି। ପଞ୍ଜାବକୁ ୩/୦ ରନ୍‌ରେ ହରାଇ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଫେବୃଆରୀ ୪ରୁ ୮ ତାରିଖଯାଏ ଆୟୋଜିତ ଏହି ପ୍ରତିଯୋଗିତାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ମୋଟ ୧୬ଜଣିଆ ଟିମ ଅଂଶଗ୍ରହଣ କରିଥିଲା। ରାଜ୍ୟର ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଆହୁରି ସଫଳତା ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା ମତ ପ୍ରକାଶ କରିଛନ୍ତି।

ଏହି ପ୍ରତିଯୋଗିତାରେ କୋଚ୍ ବିଭୁଦତ୍ତ ରଥଙ୍କ ତତ୍ତ୍ୱାବଧାନରେ ଅଧିନାୟକ ରାଜୁ ପୀଡ଼ିଷିକା, ଉପ-ଅଧିନାୟକ ତାରିଣୀ ପ୍ରଧାନ, ଜୟନ୍ତ କୁମାର ମହନ୍ତ, ରାଜେଶ ପ୍ରଧାନ, ସୁଜନ ବାସ୍କେ, ସୋନୁ କର୍ଣ୍ଣମୀ, ସୌମ୍ୟରଞ୍ଜନ ଜେନା, ସୁଦାମ କାଡ୍ରାକା, ସ୍ୱାଗତ ଡଙ୍ଗ, ଗୁରୁ ପ୍ରସାଦ ମଲ୍ଲିକ, ପ୍ରଜ୍ଞାନ ସାହୁ, ଅମୂଲ୍ୟ ଦେବନାଥ, ଦିବ୍ୟଜ୍ୟୋତି ଜେନା, ରୁଦ୍ରପ୍ରତାପ ବାରିକ, ଶୁଭାଶିଷ ଦେବନାଥ, ଧର୍ମେନ୍ଦ୍ର ପୀଡ଼ିଷିକା ଅଂଶ ଗ୍ରହଣ କରିଥିଲେ। ଏହି ଯୁବ ଖେଳାଳିଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ବନ୍ଦନା ମହାପାତ୍ର, ଯୁଗ୍ମ ନିର୍ଦ୍ଦେଶକ ଫୁଲମଣି ମୁର୍ମୁ, ସହକାରୀ ନିର୍ଦ୍ଦେଶକ (ଶାରୀରିକ ଶିକ୍ଷା) ଜ୍ୟୋତି ପ୍ରସାଦ ପରିଡ଼ା ଓ ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ଦାଶ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି।


ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଅଧିକାରୀଙ୍କ ସହ ବିଜେତା ଛାତ୍ରମାନେ।

**୧୯୮୫ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ**

ତେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)- କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ୧୯୮୫ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ ଉତ୍ସବ କାଳୁପଡ଼ାସ୍ଥିତ ଗଡ଼ଚଣ୍ଡୀ ପୀଠ ଅରାଗଡ଼ ପାହାଡ଼ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସାଂସଦ ସଭାପତି ସୁଶୀଳ ପ୍ରଧାନଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ସମାବେଶରେ ଛାତ୍ରବନ୍ଧୁ ନିର୍ମଳ ପରିଡ଼ା, ଧୁଶାସନ ମଙ୍ଗରାଜ, ପୂର୍ଣ୍ଣଚନ୍ଦ୍ର ବେହେରା, ପର୍ଶୁରାମ ଭଞ୍ଜ, ଧନେଶ୍ୱର ରାଉତରାୟ, ବନିତା ଜଗଦେବ, ସୁଚିତ୍ରା ଜେନା, ଗଉରୀ ପ୍ରଧାନ, ରଞ୍ଜନା ପ୍ରଧାନ ପ୍ରମୁଖ ସାମିଲ ହୋଇ ପର୍ଯ୍ୟଟନସ୍ଥଳୀ ବିଶ୍ୱନାଥ ମୁଣ୍ଡିଆର ଉନ୍ନତୀକରଣ ପାଇଁ ଆଲୋଚନା କରିଥିଲେ। ବିଶ୍ୱନାଥ ପାହାଡ଼ ଓ ଗଡ଼ଚଣ୍ଡୀ ପୀଠର କିପରି ବିକାଶ ହେବ ସେ ନେଇ ତୁରନ୍ତ ସରକାରଙ୍କୁ ଏକ ଦାବିପତ୍ର ଦେବାକୁ ସ୍ଥିର କରାଯାଇଥିଲା।




୧୦।୨।୨୦୨୬

| | |
|---|---|
| ୫,୮୪,୦୨୫ ଟଙ୍କା | |
| ସୁନା | ୮.୬୫୦ ଗ୍ରାମ୍ |
| ରୁପା | ୬୧.୧୦୦ ଗ୍ରାମ୍ |

# ଆତ୍ମନିର୍ଭର ଭାରତ, ସ୍ୱଦେଶୀ ମେଳା ଅଭିଯାନ ଉଦ୍‌ଘାଟିତ



ଆତ୍ମନିର୍ଭର ଭାରତ, ସ୍ୱଦେଶୀ ମେଳା ଅଭିଯାନର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଚାଷୀ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧୦।୨(ଅଜିତ୍ କୁମାର ମହାନ୍ତି)

ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିଛନ୍ତି ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଅଭିଯାନ। ଏହା ମାଧ୍ୟମରେ କଳାକାର ଓ ଶିଳ୍ପୀଙ୍କ ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରି ଦ୍ୱାରା ସେମାନେ ଆର୍ଥିକ ଦୃଷ୍ଟିରୁ ଉପକୃତ ହେବା ସହ କଳାର ପରିଚୟ ମିଳିପାରିବ ବୋଲି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ୫ଦିନିଆ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳାକୁ ଉଦ୍‌ଘାଟନ କରି ବିଧାୟକ ପଟ୍ଟନାୟକ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ଆର୍ଥିକ

**କୃଷି, ଯୁବ, ମହିଳା, ଗରିବଙ୍କ ବିକାଶ ହିଁ ବିକଶିତ ଭାରତର ମୂଳଦୁଆ**

ସମୃଦ୍ଧିରେ ସାମିଲ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି। ୪ ବର୍ଗ ଯଥା କୃଷି, ଯୁବ, ମହିଳା ଓ ଗରିବଙ୍କ ବିକାଶ ହିଁ ବିକଶିତ ଭାରତର ମୂଳଦୁଆ। ନିଜର ପରିଶ୍ରମ ଓ ନିଷ୍ଠା ଯୋଗୁ ଆଜି ସେମାନେ ଉନ୍ନତିପଥରେ ସଫଳତା ଲାଭ କରିଛନ୍ତି। ଏହା ସେମାନଙ୍କ ଦକ୍ଷତା ପ୍ରଦର୍ଶନର ଏକ ଉପଯୁକ୍ତ ମଞ୍ଚ ବୋଲି ପଟ୍ଟନାୟକ କହିଛନ୍ତି।

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି ମେଳାରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଡିଏଫ୍‌ଓ ମଗର ଧନ୍ଜ ରାଓସୋ, ଆଇପିଏସ୍ ପ୍ରୋବେଶନର ଅନୋଖା କେ ବିଜୟା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସିଡିପିଓ ଡା. ଶରତ ଚନ୍ଦ୍ର ବେହେରା, ଜିଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅତିଥିମାନେ ଛେଳି ଚାଷ ପାଇଁ ପିପିଲିର ଅଭିମନ୍ୟୁ ମଲ୍ଲିକ, ଗୋ ପାଳନ ପାଇଁ ବ୍ରହ୍ମଗିରିର ମଞ୍ଜୁଲତା ମାଣିଆ, ନିମାପଡ଼ା ଡେଣୁଆଁ ଗ୍ରାମର ବାବା ପୂର୍ଣ୍ଣେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସତ୍ୟବାଦୀ ସାମନ୍ତରାପୁରର ମୌସୁମୀ ଦଳାଇଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଜିଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଅତିଥିମାନେ ମହାପ୍ରଭୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ମେଳାର ଉଦ୍‌ଘାଟନ କରି ମେଳା ପରିଦର୍ଶନ କରିଥିଲେ। ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମେଳା, ହସ୍ତଶିଳ୍ପ ମେଳା, ବୁକ୍ କାଫେ ଇତ୍ୟାଦିର ୧୯୪ଟି ଷ୍ଟଲ୍ ବ୍ୟବସ୍ଥା ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ସହ ବିଭିନ୍ନ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ସେହିପରି ସଂସ୍କୃତି ବିଭାଗ ପକ୍ଷରୁ ବୁକ୍ କାଫେ, ବରପୁତ୍ରଙ୍କ ତଥ୍ୟଭିତ୍ତିକ ପ୍ରଦର୍ଶନୀ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଓର୍‌ମାସ୍‌ର ସିଇଓ ନିଗମ ଦାସ କାର୍ଯ୍ୟ ପରିଚାଳନା କରିଥିଲେ।

## ଲୋକନାଥ ପୀଠ ପରିଦର୍ଶନ କରି ସମୀକ୍ଷାକଲେ ଜିଲାପାଳ

ପୁରୀ,୧୦।୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୧୫ରେ ମହାଶିବରାତ୍ର ଓ ୧୩ରେ ପଙ୍କୋଦ୍ଧାର ଏକାଦଶୀ। ୨ ଦିନରେ ଶ୍ରୀଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କର ପ୍ରବଳ ଜନସମାଗମର ଆଶା କରାଯାଉଥିବାରୁ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମଙ୍ଗଳବାର ଅପରାହ୍ନରେ ସମୀକ୍ଷା କରିଛନ୍ତି। ଜିଲାପାଳ ପରିଡ଼ା ଶ୍ରୀଲୋକନାଥଙ୍କ ପୀଠରେ ପହଞ୍ଚି ଠାକୁରଙ୍କ ଦର୍ଶନ ସହ ମନ୍ଦିର ପରିସର ଅନୁଧ୍ୟାନ କରିଥିଲେ। ପରେ ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମାକରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଜିଲାପାଳ ନିରୀକ୍ଷଣ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା, ଦୀପ ପ୍ରଜ୍ୱଳନ ସ୍ଥାନ, ପାନୀୟ ଜଳ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ସମୀକ୍ଷା ସମୟରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶ୍ରୀ ଶ୍ରୀ ଲୋକନାଥ ଦେବ ମନ୍ଦିର ଟ୍ରଷ୍ଟର ସଦସ୍ୟ ରବି ନାରାୟଣ ପଣ୍ଡା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## 'ସମ୍ପର୍କ' ଅନୁଷ୍ଠାନ ପକ୍ଷରୁ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର




ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ପୁରୀ,୧୦।୨(ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସଚେତନତା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ ଓ ଚିକିତ୍ସା ଶିବିର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଶିବିରରେ ଯୋଡ଼ା ବେଦନା ଓ ଗୁଣ୍ଠିଆ, ଗ୍ୟାସ୍, ଅଜୀର୍ଣ୍ଣ, କବଜ, ମଧୁମେହ, ଉଚ୍ଚ ରକ୍ତଚାପ, ନିଦ୍ରାହୀନତା, ମାନସିକ ଚାପ, ସ୍ମୃତିଶକ୍ତି ହ୍ରାସ ଓ ସାଧାରଣ ଦୁର୍ବଳତା, ବିଭିନ୍ନ ପ୍ରକାର ବାତ ଭଳି ରୋଗଗୁଡ଼ିକର ଆୟୁର୍ବେଦ ଚିକିତ୍ସା ଓ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହାସହ ନାଡ଼ି ପରୀକ୍ଷା, ସାଧାରଣ ସ୍ୱାସ୍ଥ୍ୟ ଯାଞ୍ଚ, ବୋନ୍ ମିନେରାଲ୍ ଡେନ୍‌ସିଟି, ରକ୍ତ ଶର୍କରା, ବଡି ମାସ୍ ଇଣ୍ଡେକ୍ସ ଆଦି ପରୀକ୍ଷା କରାଯାଇଥିଲା। ଶିବିରକୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡା. ନାରାୟଣ ଚନ୍ଦ୍ର ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଉପସ୍ଥିତ ଥିଲେ। ଶିବିରରେ କାୟା ଚିକିତ୍ସା ବିଭାଗର ପ୍ରାଧ୍ୟାପିକା ଡାକ୍ତର ସୋନାଲିକା ଜେନାଙ୍କ ସମେତ ଡା. ଭାରତୀ ଲତା ଆଚାର୍ଯ୍ୟ, ଡା. ସୂର୍ଯ୍ୟକାନ୍ତ ପୃଷ୍ଟି, ଡା. ଶିବାନୀ ଦାସ, ଡା. ସୁନନ୍ଦିତା ପ୍ରଧାନ, ଡା. ଜ୍ୟୋତ୍ସ୍ନାମୟୀ ପାଲ, ଡା. ଦିଗମ୍ବର ନାୟକ, ଡା. ସୌମ୍ୟଦତ୍ତ ସାମନ୍ତରାୟ, ଡା. ସତ୍ୟନାରାୟଣ ସାହୁ, ଡା. ସନ୍ଧ୍ୟା ବାହାଲିଆ, ଡା. ଈପ୍ସିତା ଜେନା ଓ ଡା. ସ୍ୱାଗତ ଦତ୍ତ ପ୍ରମୁଖ ଅନୁଭବୀ ଆୟୁର୍ବେଦ ଡାକ୍ତରମାନେ ୧୪୫ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସେବା ପ୍ରଦାନ କରିଥିଲେ। ସମ୍ପର୍କ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଶିବିର ପରିଚାଳନା କରି ବରିଷ୍ଠ ନାଗରିକଙ୍କୁ ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ଆୟୁର୍ବେଦ ଆପଣାଇବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶୁଭ ପ୍ରସାଦ ଶର୍ମା, ବିଶ୍ୱଜିତ୍ ମିଶ୍ର, ରାକେଶ କୁମାର ବାରିକ ଓ ଅଂଶୁଜିତ୍ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ସଂକ୍ଷେପରେ

## ପୁରୀ ବେଳାଭୂମିରେ ବିଚରଣ କରୁଛନ୍ତି ଶତାଧିକ ଶାମୁକା

ପୁରୀ,୧୦।୨(ଅଜିତ୍ କୁମାର ମହାନ୍ତି)

ପୁରୀ ବେଳାଭୂମିରେ ରାତିରେ ଶତାଧିକ ଜୀବନ୍ତ ଶାମୁକା ବିଚରଣ କରୁଥିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ସେହିପରି ସୂର୍ଯ୍ୟୋଦୟ ପରେ ପୁନର୍ବାର ସେମାନେ ସମୁଦ୍ର ଭିତରକୁ ଚାଲିଯାଉଛନ୍ତି। ଏହାକୁ ଦେଖି ପର୍ଯ୍ୟଟକମାନେ ବେଶ୍ ଖୁସି ପ୍ରକଟ କରୁଛନ୍ତି। ଶାମୁକା ଗୁଡ଼ିକ ଛୋଟ ଛୋଟ ଶଙ୍ଖ ଆକୃତିର। ହଠାତ୍ ଏପରି ଶତାଧିକ ଶାମୁକା ବେଳାଭୂମିକୁ ଆସୁଥିବା ଦେଖାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏପରି ହୋଇଥାଇପାରେ ବୋଲି ଅନୁମାନ କରାଯାଇଛି। ଏଥିପ୍ରତି ବିଶେଷଜ୍ଞମାନେ ଦୃଷ୍ଟିଦେବାକୁ ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ବିଭିନ୍ନ ବ୍ୟକ୍ତିବିଶେଷ ସେମାନଙ୍କ ସୋସିଆଲ ମିଡିଆରେ ଜୀବନ୍ତ ଶାମୁକା ବେଳାଭୂମିରେ ବୁଲିଥିବାର ଭିଡିଓ ଓ ଫଟୋ ପୋଷ୍ଟ କରିଛନ୍ତି। ଏପରିକି ଆନ୍ତର୍ଜାତିକ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମଧ୍ୟ ତାଙ୍କ ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରିଛନ୍ତି।

## ହୋଟେଲ ଉପରକୁ ବୋମାମାଡ଼

ପୁରୀ,୧୦।୨(ଅଜିତ୍ କୁମାର ମହାନ୍ତି)

ପୁରୀରେ ମଙ୍ଗଳବାର ବିଳମ୍ବିତ ରାତିରେ ବଳିଆପଣ୍ଡା ଥାନା ଅନ୍ତର୍ଗତ ପ୍ରାଚୀ ଛକ ନିକଟରେ ଥିବା ଏକ ହୋଟେଲ୍ ଉପରକୁ ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଫଳରେ ହୋଟେଲର ଝରକା କବାଟ ଭାଙ୍ଗିରୁଜି ଯାଇଛି। ତେବେ କେଉଁ କାରଣରୁ ଓ କାହିଁକି ବୋମାମାଡ଼ ହୋଇଛି, ତାହା ଜଣାପଡ଼ିନାହିଁ। ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ଼ ହୋଇଥିବା ଅନୁମାନ କରାଯାଉଛି। ଏନେଇ ପୋଲିସ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

## ୨୦୦୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

କଣାସ,୧୦।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତରେ ପ୍ରତିଷ୍ଠିତ ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟର ୨୦୦୩ ମସିହା ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ବଡ଼ସାନପୁଟରେ ପ୍ରତିଷ୍ଠିତ ମା' ଜାଗୁଲେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନ ଉତ୍ସବରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ବିଦ୍ୟାଳୟ ଛାଡ଼ିବା ଠାରୁ ଆଜିପର୍ଯ୍ୟନ୍ତ ୨୩ ବର୍ଷ ଧରି ନିଜର କର୍ମମୟ ଜୀବନ ସମ୍ପର୍କରେ ପ୍ରତ୍ୟେକ ଛାତ୍ରୀଛାତ୍ର ବକ୍ତବ୍ୟ ରଖିଥିଲେ।

# ଜିଲା ପୋଲିସର ଅପରାଧ ସମୀକ୍ଷା ବୈଠକ



ମାସିକ ଅପରାଧ ସମୀକ୍ଷା ବୈଠକରେ ପୁରୀ ଏସ୍‌ପି ପ୍ରତୀକ ସିଂ ଏବଂ ଅନ୍ୟ ଅଧିକାରୀମାନେ ।

ପୁରୀ,୧୦।୨(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସର ମାସିକ ଅପରାଧ ସମୀକ୍ଷା ବୈଠକ ମଙ୍ଗଳବାର ପୂର୍ବାହ୍ନରେ ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୬ ବର୍ଷ ପାଇଁ ପୁରୀ ପୋଲିସର କାର୍ଯ୍ୟ ପରିକଳ୍ପନା, ଅପରାଧ ନିୟନ୍ତ୍ରଣ ନୀତି, ଜନସୁରକ୍ଷା ଓ ଆଧୁନିକ ପୋଲିସିଂ ପ୍ରଣାଳୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ସଭାରେ ଆଇପିଏସ୍ ପ୍ରୋବେଶନର ଅନୋଖା କେ. ବିଜୟା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ସମେତ ସମସ୍ତ ସବ୍‌ଡିଭିଜନ୍‌ର ଅଧିକାରୀ, ଥାନାଧିକାରୀ, କୋର୍ଟର ପୋଲିସ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଏସ୍‌ପି ସିଂ କହିଛନ୍ତି, ଜନସାଧାରଣଙ୍କ ସୁରକ୍ଷା, ଆଇନଶୃଙ୍ଖଳା ରକ୍ଷା ଓ ଆଧୁନିକ ପ୍ରଣାଳୀରେ ଅପରାଧ ନିୟନ୍ତ୍ରଣ ପୁରୀ ପୋଲିସର ପ୍ରମୁଖ ଲକ୍ଷ୍ୟ। ସେ ସମସ୍ତ ଅଧିକାରୀଙ୍କୁ ସତ୍ୟ, ନିଷ୍ଠା ଓ ଜନସେବା ମନୋଭାବ ରଖି କାମ କରିବାକୁ ପରାମର୍ଶ ଦେଇଥିଲେ। ୨୦୨୬ରେ ପୋଲିସ କାର୍ଯ୍ୟକଳାପରେ ଆଧୁନିକ ଟେକ୍ନୋଲୋଜିର ବ୍ୟବହାରକୁ ଆହୁରି ବୃଦ୍ଧି କରିବାକୁ କୁହାଯାଇଛି। ସିସିଟିଭି ମନିଟରିଂ, ଡିଜିଟାଲ ତଦନ୍ତ, ସାଇବର ଟୁଲ୍, ଡାଟା ଆନାଲିସିସ୍ ଓ ଅନ୍ୟାନ୍ୟ ଆଧୁନିକ ପ୍ରଣାଳୀ ମାଧ୍ୟମରେ ଅପରାଧ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସନ୍ଦେହଜନକ ବ୍ୟକ୍ତି ଓ ଅପରାଧପ୍ରବଣ ଅଞ୍ଚଳ ଉପରେ ନିୟମିତ ନଜର, ଚେକିଂ ଓ ଇଣ୍ଟେଲିଜେନ୍ସ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ମାମଲାର ତ୍ୱରିତ ତଦନ୍ତ କରିବା ଓ ଅପରାଧୀଙ୍କୁ ଶୀଘ୍ର ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଠିକ୍ ତଦନ୍ତ, ଡକ୍ୟୁମେଣ୍ଟେଶନ, ଚାର୍ଜଶିଟ୍ ଦାଖଲ କରିବାକୁ ଗୁରୁତ୍ୱ ଦିଆଯାଇଛି। ଭିକ୍ଟିମ୍‌ମାନଙ୍କୁ ସମୟୋଚିତ ସହାୟତା ଓ ଆଇନଗତ ସହଯୋଗ ଯୋଗାଇ ମାମଲାରେ ନ୍ୟାୟ ମିଳିବାକୁ ନିଶ୍ଚିତ କରିବା, ଜରୁରୀ ସେବା ୧୧୨କୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରିବାକୁ କୁହାଯାଇଛି। ବୈଠକରେ ଗତମାସର ଅପରାଧ ପରିସ୍ଥିତି, ଚାଲୁଥିବା ମାମଲାର ଅବସ୍ଥା, ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ପ୍ରଗତି, ଟ୍ରାଫିକ୍ ବ୍ୟବସ୍ଥାପନା, ସାଇବର ଅପରାଧ ନିୟନ୍ତ୍ରଣ ଓ ଆଗାମୀ ଦିନର କାର୍ଯ୍ୟ ପରିକଳ୍ପନା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ବୀଣାପାଣି ଶିଶୁମନ୍ଦିରର ତ୍ରୟୋବିଂଶ ବାର୍ଷିକୋତ୍ସବ

ଚାରିଛକ,୧୦।୨(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତରେ ଥିବା ବୀଣାପାଣି ଶିଶୁମନ୍ଦିରର ତ୍ରୟୋବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବ୍ଲକ ସହ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ମୁଖ୍ୟବକ୍ତା ସିଆର୍‌ସିସି ଭୋଦରର ମଧୁସୂଦନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଠାକୁରପାଟଣା ରତ୍ନପୀଠ ବିଦ୍ୟାନିକେତନ ପ୍ରଧାନଶିକ୍ଷକ ଧରଣୀଧର ନାୟକ, କଳାପାଞ୍ଚଣ ପଞ୍ଚାୟତ ସମିତିସଭ୍ୟା ସସ୍ମିତା ପାତ୍ର, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ପୂର୍ବତନ ଶିକ୍ଷକ ନୃସିଂହ ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଝାଟୁ ମହାରଣା, ଭୋଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃପାସିନ୍ଧୁ ସ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସଭାରେ ମାଧବ ମାଧବାନନ୍ଦ ଜୀଉ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସାହୁ ସଭାପତିତ୍ୱ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ବୀଣାପାଣି ଶିଶୁମନ୍ଦିର ଶିକ୍ଷାନୁଷ୍ଠାନର ଉତ୍ତମ ଶିକ୍ଷା ସହିତ ନୃତ୍ୟ, ସଙ୍ଗୀତ, କମ୍ପ୍ୟୁଟର ଶିକ୍ଷା ଓ ବିଭିନ୍ନ ପ୍ରକାର କ୍ରୀଡ଼ା ଉପରେ ଗୁରୁତ୍ୱ ଦେଇଛନ୍ତି ବୋଲି ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଲିଙ୍ଗରାଜ ସାହୁ, ପ୍ରଧାନ ଆଚାର୍ଯ୍ୟ ପୀତବାସ ଶତପଥୀଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କର୍ମଚାରୀ, ଅଭିଭାବକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ନବକଳେବର ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ



ପୁରୀ,୧୦।୨(ଅଜିତ୍ କୁମାର ମହାନ୍ତି)

ନବକଳେବର ରୋଡ୍ ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିଶୁଙ୍କ ମା'ମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିଶୁମାନେ ଅତିଥି ତଥା ମା'ମାନଙ୍କୁ ଦୀପ, ଧୂପ, ପୁଷ୍ପ ଦେଇ ବନ୍ଦାପନା କରିଥିଲେ। ଶିଶୁମାନେ ନୃତ୍ୟ, ଗୀତ ପରିବେଷଣ କରି ଅତିଥି ଓ ମା'ମାନଙ୍କର ମନ ମୋହିଥିଲେ। ପ୍ରଧାନ ଆଚାର୍ଯ୍ୟା ମମତା ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ସମରେନ୍ଦ୍ର ମିଶ୍ର ଓ ସମ୍ପାଦକ ରାଜକିଶୋର ମହାନ୍ତି ମା'ମାନେ ଶିଶୁଙ୍କୁ ଉତ୍ତମ ଚରିତ୍ର ଶିକ୍ଷାଦେବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତନ ପ୍ରଧାନ ଆଚାର୍ଯ୍ୟା ପ୍ରମିଳା ଗୁରୁମା' କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସହକର୍ମୀ ଆଚାର୍ଯ୍ୟା ସବିତା ଦାସ, ପ୍ରତିମା ରଥ, ପୁଷ୍ପଲତା ପଡ଼ିଆରୀ, ଅନିତା ପ୍ରିୟଦର୍ଶିନୀ, ଶ୍ରଦ୍ଧାଞ୍ଜଳି ମହାନ୍ତି, ରଶ୍ମିତା ସାମର୍ଥା, ନିତୁ ସିଂ, ମନୀଷା ମିଶ୍ର, ଶୁଭଲକ୍ଷ୍ମୀ ପ୍ରଧାନ, ସତ୍ୟଭାମା ସ୍ୱାଇଁ, ଲିପ୍ସିତା ରାଉତ, ଲିପା ଦାସ, ତିଳୋତ୍ତମା ଦେଇ, ରଞ୍ଜିତା ମହାନ୍ତି, ସାଗ୍ନିକା ସ୍ୱାଇଁ, କବିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବେଗୁନିଆ ଛକ ମହୋତ୍ସବ ଉଦ୍‌ଘାଟିତ

ଗୋପ,୧୦।୨(ଭାରତୀ ଭୂଷଣ ଉପାଧ୍ୟାୟ)

ବିକଶିତ ପୁଷ୍ପ ପ୍ରସ୍ଫୁଟିତ ହେଲେ ହଜିଯାଉଥିବା ଲୋକକଳା, ସଂସ୍କୃତି ପରମ୍ପରା ବଞ୍ଚିବ। ଏହି ମାଟି ଭକ୍ତ ବଳରାମ ଦାସଙ୍କ ମାଟି ହୋଇଥିବା ବେଳେ ତାଙ୍କ ଲିଖିତ ଦାଣ୍ଡି ରାମାୟଣ ଓ ଲକ୍ଷ୍ମୀ ପୁରାଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ବଞ୍ଚି ରହିଥିଲା। ତୃତୀୟ ବାର୍ଷିକ ବେଗୁନିଆ ଛକ ମହୋତ୍ସବ ସୋମବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ମତ ଦେଇଛନ୍ତି। ମହାବୀର ଯାତ୍ରା କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କମିଟି ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ତଥା ମା' ଭୁଆସୁଣି ବିଦ୍ୟାପୀଠର ପ୍ରଧାନଶିକ୍ଷକ ବିଭୁଦତ୍ତ ନାୟକ ଓ ବିଶିଷ୍ଟ ବ୍ୟବସାୟୀ ଜୟକୃଷ୍ଣ ମହାପାତ୍ର ଯୋଗଦେଇ ମହୋତ୍ସବ ସହିତ ସଂସ୍କୃତି ପରମ୍ପରା ସବୁ ସମୟରେ ଯୋଡ଼ିହୋଇ ରହିଛି। ମହୋତ୍ସବ କମିଟି ପକ୍ଷରୁ ଗତବର୍ଷ ମାଟ୍ରିକ ପରୀକ୍ଷା ବ୍ଲକ ଟପ୍ପର ହୋଇଥିବା ଛାତ୍ରୀ ସୋନାଲି ବାରିକଙ୍କ ସମେତ ବରିଷ୍ଠ ଶିକ୍ଷକ ଓ ଆଉ କେତେଜଣ ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶେଷଭାଗରେ ମା' ଭୁଆଁସୁଣି ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ ସହିତ ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରାଯାଇଥିଲା। ମହୋତ୍ସବ କାର୍ଯ୍ୟକ୍ରମକୁ ସଂଗ୍ରାମ କେଶରୀ ଭୋଳ ମଞ୍ଚ ସଂଯୋଜନା କରିଥିଲେ। ଏହି ତୃତୀୟ ବାର୍ଷିକ ବେଗୁନିଆ ଛକ ମହୋତ୍ସବ ୫ଦିନ ଧରି ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡ଼ିଛି।



ଉତ୍ସବରେ ଗତବର୍ଷର ମାଟ୍ରିକ ଟପ୍ପରଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଏପ୍ରିଲ୍ ୧୬ରୁ ଜନଗଣନା

**୨ ପର୍ଯ୍ୟାୟରେ ହେବ**

ପୁରୀ,୧୦।୨(ଅଜିତ୍ କୁମାର ମହାନ୍ତି)

ଜନଗଣନା ପ୍ରତି ୧୦ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ। ତେବେ ୨୦୨୧ କରୋନା ପାଇଁ ଏହା ପ୍ରଭାବିତ ହୋଇ ବନ୍ଦ ରହିଥିଲା। ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୨୭ ମସିହାକୁ ଯୋଗ୍ୟ ବର୍ଷ ଭାବେ ଧରାଯାଇ ତାହାର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ କହିଛନ୍ତି। ଜନଗଣନା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ପୂର୍ବାହ୍ନରେ ସର୍କିଟ୍‌ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ଭୋଇ ଏହି ଜାତୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଜନଗଣନାର ଆବଶ୍ୟକତା, ନାଗରିକ ଓ ଗଣନାକାରୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।




ଜନଗଣନା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ବିସ୍ତୃତ ସୂଚନା ଦେଇ ରାଜ୍ୟ ଜନଗଣନା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ହାରାଧନ କର୍ମୀ ଅଧିକାରୀ ଓ କର୍ମଚାରୀଙ୍କ ନିଯୁକ୍ତି, ଜନଗଣନା ସମ୍ପର୍କରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସୂଚନା, ମାଷ୍ଟର ଟ୍ରେନର୍, ଫିଲ୍ଡ ଟ୍ରେନର ଏନୁମେରେଟର, ସୁପରଭାଇଜରଙ୍କୁ ପ୍ରଶିକ୍ଷଣ, ଗୃହ ସର୍ଭେ, ଜୋନ୍ ଅନୁସାରେ ଗଣନାକାରୀଙ୍କୁ ଦାୟିତ୍ୱ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ୨ଟି ପର୍ଯ୍ୟାୟରେ ଏହି ଗଣନା ହେବ। ୨୦୨୬ ଏପ୍ରିଲ୍ ୧୬ରୁ ୧୫ ମେ' ୨୦୨୬ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଓ ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ଗଣନାକାର୍ଯ୍ୟ ଚାଲିବ ବୋଲି ସେ କହିଥିଲେ। ଏଥିସହ ସ୍ୱ–ଗଣନା ପୋର୍ଟାଲ ମାଧ୍ୟମରେ ନିଜେ ନିଜର ତଥ୍ୟ ପ୍ରଦାନ କରିବାର ସୁବିଧା ଗୃହ ଗଣନା ପୂର୍ବରୁ ଅର୍ଥାତ ୧ ଏପ୍ରିଲ୍‌ରୁ ୧୫ ଏପ୍ରିଲ ୨୦୨୬ ମଧ୍ୟରେ ଦାଖଲ କରିପାରିବେ। ଠିକ୍ ଜନସଂଖ୍ୟା ଗଣନା ବିଭିନ୍ନ ଆକଳନରୁ ଦ୍ୱନ୍ଦ୍ୱ ଦୂର କରି ଜନସଂଖ୍ୟାର ଏକ ନିର୍ଣ୍ଣାୟକ, ସରକାରୀ ଗଣନା ପାଇବା, ବୟସ, ଲିଙ୍ଗ, ଶିକ୍ଷା, ସାକ୍ଷରତା, ଧର୍ମ, ଭାଷା ଏବଂ ବୈବାହିକ ସ୍ଥିତି ସମେତ ଜନସଂଖ୍ୟା ଗଠନ ଉପରେ ତଥ୍ୟ ସଂଗ୍ରହ, ବିଶ୍ଳେଷଣ କରିବା ସମ୍ପର୍କରେ ଏହି ଗଣନା ସହାୟତା କରିଥାଏ। ବୈଠକରେ ଉପଜିଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ, ଜନଗଣନାର ସହକାରୀ ନିର୍ଦ୍ଦେଶକ ତଥା ନୋଡାଲ୍ ଅଫିସର ଚନ୍ଦ୍ରମୋହନ ମହାନ୍ତ, ପରିସଂଖ୍ୟାନ ଅନୁଧ୍ୟାନକାରୀ ବିଜୟ କୁମାର ସାହୁ, ଜିଲାର ସମସ୍ତ ତହସିଲଦାର ତଥା ଚାର୍ଜ ଅଫିସର, ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଚାର୍ଜ ଅଫିସର, ସହକାରୀ ଜିଲାପାଳ ଦିବ୍ୟାଜ୍ୟୋତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଖ୍ରୀଷ୍ଟ କଲେଜ ଦର୍ଶନ ବିଭାଗର ବାର୍ଷିକ ପାଠଚକ୍ର

କଟକ,(ଶିକ୍ସା ପ୍ରିୟଦର୍ଶିନୀ): ଖ୍ରୀଷ୍ଟ କଲେଜ ଦର୍ଶନ ବିଭାଗର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ମଧୁମିତା ପାତ୍ର ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ହିମାଂଶୁ ଶେଖର ସାମଲ ଯୋଗଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ବିଜ୍ଞାନର ଅଗ୍ରଗତି ମଧ୍ୟରେ ଦର୍ଶନ ଶାସ୍ତ୍ର କିଭଳି ଭାବେ ବାସ୍ତବ ଭୂମିକା ଅଛି ସେ ବିଷୟରେ ଆଲୋଚନା କରାଯାଇଥିଲା। ଦର୍ଶନ ବିଭାଗର ମୁଖ୍ୟ ସୁମନ ରାଏ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପିକା ଇତିଶ୍ରୀ ପୃଷ୍ଟି ପାଠଚକ୍ର ବିଷୟରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ସୌମ୍ୟରଞ୍ଜନ ବେହେରା ପରିଚାଳନା କରିଥିଲେ। ଅଧାପିକା କ୍ଷିତୀଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



ଓଡ଼ିଶା ପୋଲିସ ପକ୍ଷରୁ ମଙ୍ଗଳବାର ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଚାଲିଥିବା ୭୪ତମ ରାଜ୍ୟସ୍ତରୀୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ ଉଦ୍‌ଯାପନୀରେ ଅତିଥିଙ୍କ ଗହଣରେ ଭାଗନେଇଥିବା ଖେଳାଳିମାନେ।

# ଦଳଗତ ଦାୟିତ୍ୱବୋଧର ଶିକ୍ଷା ଦିଏ କ୍ରୀଡ଼ା: ଡିଜିପି

**୭୪ତମ ରାଜ୍ୟସ୍ତରୀୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ ଉଦ୍‌ଯାପିତ**

କଟକ,୧୦।୨(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସ ପକ୍ଷରୁ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଚାଲିଥିବା ୭୪ତମ ରାଜ୍ୟସ୍ତରୀୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳାଳିମାନଙ୍କୁ ଆଗାମୀ ଦିନରେ ଉତ୍କର୍ଷ ପ୍ରଦର୍ଶନ କରିବା ସହ ଓଡ଼ିଶା ପୋଲିସର ସୁନାମ ବଢ଼ାଇବାକୁ ଡିଜିପି ପରାମର୍ଶ ଦେଇଥିଲେ। କ୍ରୀଡ଼ା ଶାରିରୀକ ସୁସ୍ଥତା ସହିତ ଶୃଙ୍ଖଳା, ସଂଯମତା, ଆତ୍ମବିଶ୍ୱାସ, ନେତୃତ୍ୱ ଓ ଦଳଗତ ଦାୟିତ୍ୱବୋଧର ଶିକ୍ଷା ଦେଇଥାଏ ବୋଲି ଡିଜିପି ମତବ୍ୟକ୍ତ କରିଥିଲେ।

ସୂଚନାନୁସାରେ, ଚାମ୍ପିୟନଶିପରେ ବିଭିନ୍ନ ପୋଲିସ ଜିଲା, ବାଟାଲିୟନ ଏବଂ ୟୁନିଟ୍‌ର ୩୭ଟି ପୋଲିସ ଟିମ ଅଂଶଗ୍ରହଣ କରିଥିଲେ। ୭୫ଜଣ ମହିଳା ଖେଳାଳିଙ୍କ ସମେତ ସମୁଦାୟ ୫୦୨ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡିଜିପି ଦ୍ରୁତତମ ପୁରୁଷ ଆଥଲେଟ ଭାବେ ବ୍ରହ୍ମପୁରର କନଷ୍ଟେବଲ ଅଭିଷେକ ଦଳବେହେରା, ଦ୍ରୁତତମ ମହିଳା ଆଥଲେଟ ଭାବେ କମିଶନରେଟ ଭୁବନେଶ୍ୱରର -ଏ ଟିମର ବନିତା ଲାକ୍ରା, ଅନ୍ତର୍ଜାତୀୟ ମାରାଥନ ରନର ତଥା ଶ୍ରେଷ୍ଠ ମାରାଥନ ରନର ଭାବେ ପଞ୍ଚମ ଆଇଆର ବାଟାଲିୟନର କନଷ୍ଟେବଲ ସୁଧାଂଶୁ ନାୟକ, ଶ୍ରେଷ୍ଠ ଡେକାଥଲନ ଆଥଲେଟ ଭାବେ କୋରାପୁଟ ଜିଲାର କନଷ୍ଟେବଲ ଅଂଶୁମାନ ରାୟଗୁରୁ, ୧୦,୦୦୦ ମିଟର ଏବଂ ୫୦୦୦ ମିଟର ଦୌଡ଼ରେ ଅଷ୍ଟମ ଏସଆଇଆରବିଏନ, ଭଞ୍ଜନଗରର କନଷ୍ଟେବଲ ଅଶୋକ ଦଣ୍ଡସେନା, ୩୦୦୦ ମିଟର ଷ୍ଟେପଲ ଚେଜରେ ପୁରୀ ଜିଲାର କୁନା ମାରାଣ୍ଡି, ପୁରୁଷ ବିଭାଗର ଶ୍ରେଷ୍ଠ ଆଥଲେଟ ଭାବେ ଓଏସଏପି ଷଷ୍ଠ ବାଟାଲିୟନ କଟକର ହାବିଲଦାର ବିଘ୍ନରାଜ ମିରିଡିଆ, ମହିଳା ବିଭାଗର ଶ୍ରେଷ୍ଠ ଆଥଲେଟ ଭାବେ ସୁନ୍ଦରଗଡ ଜିଲାର କନଷ୍ଟେବଲ ସବିତା ଟପୋ, ଉଦୀୟମାନ ଆଥଲେଟ ଭାବେ କେନ୍ଦୁଝରର ଜିଲାର କନଷ୍ଟେବଲ ସୁଖି ବାସ୍କେ, ଶ୍ରେଷ୍ଠ ଜିଲା ଟିମ ଭାବେ କେନ୍ଦୁଝରକୁ ଡିଜିପି ପୁରସ୍କୃତ କରିଥିଲେ। ସମସ୍ତ କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ସୁନ୍ଦରଗଡ ଜିଲାକୁ ସତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ମହିଳା ବିଭାଗରେ ଦଳଗତ ଚାମ୍ପିୟନ ଟ୍ରଫି ରାଉରକେଲା ଜିଲା ହାସଲ କରିଥିବା ବେଳେ ସୁନ୍ଦରଗଡ଼ ଜିଲା ରନରଅପ୍ ହୋଇଥିଲା। ପୁରୁଷ ବିଭାଗରେ ଷଷ୍ଠ ବାଟାଲିୟନ କଟକକୁ ଟିମ ଚାମ୍ପିୟନ ଏବଂ ତୃତୀୟ ବାଟାଲିୟନ କୋରାପୁଟକୁ ରନରଅପ ଭାବେ ଡିଜିପି ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ରାଉରକେଲା ପୋଲିସ ଜିଲା, ଶ୍ରେଷ୍ଠ ପରେଡ ପ୍ରଦର୍ଶନକାରୀ ଦଳ ଭାବେ ପୁରୀ ଜିଲା ଏବଂ ଶ୍ରେଷ୍ଠ କ୍ୟାମ୍ପ ପରିଚାଳନା ଦଳ ଭାବେ ତୃତୀୟ ଏସଏସବିଏନ ଗଜପତିକୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ ଧନ୍ୟବାଦ ଦେଇଥିଲେ। ପରିଚାଳନା କମିଟି ଅଧକ୍ଷ ସଞ୍ଜୟ କୁମାରଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ବନ୍ଧୁତା ସ୍ଥାପନ ପ୍ରଲୋଭନ ଦେଖାଇ ଯୁବକଙ୍କୁ ଲୁଟିନେଲେ ଯୁବତୀ

**ଯୁବତୀଙ୍କ ସମେତ ୨ ସହଯୋଗୀ ଗିରଫ**

କଟକ,୧୦।୨(କୁମାରଶ୍ରୀ)

ବନ୍ଧୁତା ସ୍ଥାପନ ପ୍ରଲୋଭନ ଦେଖାଇ ଜଣେ ଯୁବକଙ୍କୁ ନିଶା ଦେଇ ଲୁଟ୍ କରିଥିବା ଜଣେ ଯୁବତୀ ଏବଂ ତାଙ୍କ ୨ ସହଯୋଗୀଙ୍କୁ ମଙ୍ଗଳବାର ପୁରୀଘାଟ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଷ୍ଟରମାଇଣ୍ଡ ଇତିଶ୍ରୀ ସାହୁ, ମହେଶ କୁମାର ଦାସ ଏବଂ ନରେନ୍ଦ୍ର ମହାରଣା। ଗିରଫଙ୍କଠାରୁ ଏକ ବୁଲେଟ୍, ଏକ ଇଲେକ୍ଟ୍ରିକ୍ ସ୍କୁଟର, ୨ଟି ହାତଘଣ୍ଟା, ୨ଟି ମୋବାଇଲ୍, ୫ଟି ସୁନାଚେନ୍, ଗୋଟିଏ ସୁନାମୁଦି, ନଗଦ ୫୩ ହଜାର ୫୦୦ଟଙ୍କା, ଏଟିଏମ୍ ଓ ଆଧାର କାର୍ଡ ଜବତ ହୋଇଛି।

ଘଟଣାରୁ ପ୍ରକାଶ, କଟକ ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ଗାଁର ପ୍ରିୟଭୂଷଣ ନନ୍ଦ ପୁରୀଘାଟ ଥାନାରେ ଜାନୁଆରୀ ୧୧ରେ ଲୁଟ ସଂକ୍ରାନ୍ତୀୟ ଏତଲା ଦେଇଥିଲେ। ସେ ଏତଲାରେ ଦର୍ଶାଇଥିଲେ ଯେ, ତାଙ୍କ ଭାଇ ବିନ୍ଧୁଭୂଷଣ ନନ୍ଦଙ୍କୁ ଗତ ଜାନୁଆରୀ ୧୦ରେ ଜଣେ ମହିଳା ଫୋନ୍ କରି ପ୍ରଲୋଭିତ କରିବା ସହିତ ହରିପୁର-ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲକୁ ଡାକିଥିଲେ। ଯୁବତୀ ପ୍ରଲୋଭନ କରି ଦେଖା କରିବାକୁ ଜିଦ୍ ଧରିଥିଲେ। ବିନ୍ଧୁଭୂଷଣ ଯୁବତୀଙ୍କ କଥାରେ ପଡ଼ି ହୋଟେଲକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଯୁବତୀ ଶାଳୀନ ବ୍ୟବହାର କରି ହୋଟେଲର ଏକ ପ୍ରକୋଷ୍ଠକୁ ଡାକିନେଇଥିଲେ। କିଛି ସମୟ ପରେ ଯୁବତୀ ମୃଦୁପାନୀୟ ଦେଇଥିଲେ। ବିନ୍ଧୁଭୂଷଣ ଏହା ପିଇବା ପରେ ଅଚେତ ହୋଇ ପଡ଼ିଥିଲେ। ଚେତା ଫେରିବା ବେଳକୁ ତାଙ୍କ ବେକର ସୁନାଚେନ୍, ହାତମୁଦି, ପର୍ସରେ ଥିବା ନଗଦ ୧ ଲକ୍ଷ ଟଙ୍କା ନ ଥିଲା। ଏପରିକି ଫୋନ ପେ'ରେ ୮୦ ହଜାର ଟଙ୍କା ମଧ୍ୟ ଟ୍ରାନ୍ସଫର କରି ନେଇଥିଲେ ଅଭିଯୁକ୍ତ। ପ୍ରିୟଭୂଷଣଙ୍କ ଏତଲାକ୍ରମେ ପୋଲିସ ମାମଲା ନଂ. ୧୪, ବିଏନଏସ୍ ଧାରା ୧୨୩, ୩୦୯(୬), ୧୦୯, ୩୧୭(୨)ରେ ମାମଲା ରୁଜୁ କରିଥିଲା। ପୋଲିସ ହୋଟେଲ ଷ୍ଟାଫଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ତଥ୍ୟ ପ୍ରମାଣ ଯୋଗାଡ ହେବା ପରେ ଇତିଶ୍ରୀଙ୍କୁ ପୋଲିସ କାବୁ କରିଥିଲା। ପରେ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୨ ଜଣଙ୍କୁ ଧରିଥିଲା। ପୋଲିସର କହିବା ମୁତାବକ, ବିନ୍ଧୁଭୂଷଣଙ୍କୁ ବହୁ ପୂର୍ବରୁ ଇତିଶ୍ରୀ ଜାଣିଥିଲେ। ପ୍ରେମ ଜାଲରେ ଫସାଇ ଇତିଶ୍ରୀ ଏଭଳି ଲୁଟ୍ କରିଥିବା ପୁରୀଘାଟ ଥାନା ପକ୍ଷରୁ କୁହାଯାଇଛି।

# ୨୨ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ବୀମା ସଖୀ ନିଯୁକ୍ତିପତ୍ର



ସଖୀ ନିଯୁକ୍ତିପତ୍ର ପାଇଥିବା ମହିଳାଙ୍କ ସହ ଅତିଥିମାନେ।

ମଙ୍ଗୁଳି-ଜଗତପୁର,୧୦।୨(ମାନସ ସାମଲ)

ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀ ପ୍ରଧାନମନ୍ତ୍ରୀ ବୀମା ସଖୀ ଭାରତୀୟ ଜୀବନ ବୀମା ନିଗମ ଜିଲା କାର୍ଯ୍ୟାଳୟରେ ଭାରତୀୟ ଜୀବନ ବୀମା ନିଗମ ଦ୍ୱାରା ସ୍ୱତନ୍ତ୍ର କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୨ମହିଳାଙ୍କୁ ପ୍ରଧାନମନ୍ତ୍ରୀ ବୀମା ସଖୀ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ଜୀବନ ବୀମା ଜିଲା ଶାଖା କାର୍ଯ୍ୟାଳୟର ମୁଖ୍ୟ ଜୀବନ ବୀମା ପରାମର୍ଶଦାତା ଶ୍ରୀକାନ୍ତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କଟକ ଜିଲା ଗ୍ରାମୀଣ ଭାରତୀୟ ଜନତା ପାର୍ଟି ଉପସଭାପତି ହିମାଂଶୁ ମହାନ୍ତି ପ୍ରଧାନମନ୍ତ୍ରୀ ବୀମା ସଖୀ ନିଯୁକ୍ତିପତ୍ର ବଣ୍ଟନ କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ଏଭଳି ପ୍ରୟାସ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର ସହ ଆର୍ଥିକ ସ୍ଥିତି ସୁଦୃଢ଼ କରିବ ବୋଲି କହିଥିଲେ। ଜୀବନ ବୀମା ବରିଷ୍ଠ ଶାଖା ପ୍ରବନ୍ଧକ ବିଶ୍ୱରଞ୍ଜନ ଜାଲି, ଶାଖା ପରିଚାଳକ ଦୀପ୍ତିକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବିଭାଗରେ ଜଟିଳ ଅସ୍ତ୍ରୋପଚାର ସଫଳ

କଟକ,୧୦।୨(ଶିକ୍ସା ପ୍ରିୟଦର୍ଶିନୀ)

ଏସସିବିର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ସୋମବାର ବିଳମ୍ବିତ ରାତିରେ କଟକ ତୁଳସୀପୁର ଅଞ୍ଚଳର ଜଣେ ଯୁବକଙ୍କ ବେକରେ ଆଘାତ ଲାଗିଥିଲା। ଗୁରୁତର ଯୁବକଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ପ୍ଲାଷ୍ଟିକ ସର୍ଜରି ବିଭାଗର ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଯୁବକଙ୍କ ଅସ୍ତ୍ରୋପଚାର କରିଥିଲେ। କିଛି ଘଣ୍ଟାର ଅସ୍ତ୍ରୋପଚାର ପରେ ଯୁବକ ଜଣଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ବୁଧବାର ଗଣମାଧ୍ୟମକୁ ପ୍ରଦାନ କରାଯିବା ବୋଲି ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

### ଗଣିତ ଶିକ୍ଷକ ଗୌର ମୋହନ କରଙ୍କ ପରଲୋକ

କଟକ,୧୦।୨(କାର୍ତ୍ତିକ ସାହୁ)

ସତ୍ୟବ୍ରତ ଷ୍ଟାଡିୟମସ୍ଥିତ ବାରବାଟୀ ଯୋଗ ଆସୋସିଏଶନ ପ୍ରତିଷ୍ଠାତା ସମ୍ପାଦକ ଓ ବିଶିଷ୍ଟ ଗଣିତ ଶିକ୍ଷକ ଗୌର ମୋହନ କର(୮୪)ଙ୍କ ବିଜୁ ପଟ୍ଟନାୟକ ଛକସ୍ଥିତ



ବାସଭବନରେ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ଜଣେ ଦକ୍ଷ ସଙ୍ଗଠକ, ଅତ୍ୟନ୍ତ ମେଳାପି, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ସତ୍ୟବ୍ରତ ଷ୍ଟାଡିୟମରେ ଦକ୍ଷିଣ ପୂର୍ବ କୋଣରେ ରୋପିତ ବୋଧିଦ୍ରୁମ ନିକଟରେ ୧୯୯୮ରେ କେତେଜଣ ସମଭାବାପନ୍ନ ବ୍ୟକ୍ତିଙ୍କୁ ନେଇ ସେ ବାରବାଟୀ ଯୋଗ ଅନୁଷ୍ଠାନ ଆରମ୍ଭ କରିଥିଲେ। ତାଙ୍କ ନେତୃତ୍ୱରେ ସେ ଅନେକ ଥର ରାଜ୍ୟସ୍ତରୀୟ ଓ ସର୍ବଭାରତୀୟ ଯୋଗ ପ୍ରତିଯୋଗିତା ସେ କଟକ ସେଣ୍ଟ ଜୋସେଫ ବାଳିକା ବିଦ୍ୟାଳୟର ଜଣେ ଅତ୍ୟନ୍ତ ଉଚ୍ଚକୋଟୀର ଗଣିତ ଶିକ୍ଷକ ଥିଲେ। ମୃତ୍ୟୁ ଶେଷଶଯ୍ୟା ନିକଟରେ ସ୍ତ୍ରୀ କନକଲତା କର, ଝିଅପୁଅ, ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବାରବାଟୀ ଯୋଗ ଅନୁଷ୍ଠାନ ସଭାପତି ମନୋରଞ୍ଜନ ମହାନ୍ତି, ଡାକ୍ତର ନିରଞ୍ଜନ ତ୍ରିପାଠୀ, ଭିଜିଲାନ୍ସ ଏସ୍‌ପି ଜଗନ୍ନାଥ ନାୟକ, ଆଡ୍‌ଭୋକେଟ ହିମାଂଶୁ ପଟ୍ଟନାୟକ, ଯୋଗ ଶିକ୍ଷକ ଦେବାଶିଷ ହାଲଦାର ପ୍ରମୁଖ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ବିଧାୟିକା


ବିଭାଗୀୟ ଅଧିକାରୀଙ୍କ ସହ ବିଧାୟିକା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ସମୀକ୍ଷା କରୁଛନ୍ତି।

କଟକ,୧୦।୨(ଶିକ୍ସା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରିଛନ୍ତି ବିଧାୟିକା ସୋଫିଆ ଫିର୍ଦ୍ଦୋସ। ମଙ୍ଗଳବାର ଅପରାହ୍ଣରେ ସହରର ଗୌରବ ତଥା ରୁପା ତାରକସି ଶିଳ୍ପର ପ୍ରସାର ନିମନ୍ତେ ନିର୍ମାଣାଧୀନ ନୂତନ ତାରକସି ହବ୍ କୋଠା କାର୍ଯ୍ୟ ବୁଲି ଦେଖିଥିଲେ। ସେଠାରେ ଉପସ୍ଥିତ ଅଧିକାରୀ ଓ ଆର୍କିଟେକ୍ଟମାନଙ୍କ ସହ ନିର୍ମାଣ ଶୈଳୀ ଓ ମାନ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଏହାସହ କଟକର ଐତିହ୍ୟକୁ ବଜାୟ ରଖିବା ସହ ଏହି ପ୍ରକଳ୍ପ ଯେପରି ସୁଚାରୁରୂପେ ଶେଷ ହେବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ସେହିପରି ପେଟାନାଳ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରି ସିଏମ୍‌ସି ଏବଂ ଡ୍ରେନେଜ୍ ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ପେଟାନାଳର ସୌନ୍ଦର୍ଯ୍ୟକରଣ, ନୂତନ ବ୍ରିଜ୍ ନିର୍ମାଣ ଏବଂ ଅଟକି ରହିଥିବା ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକୁ ତୁରନ୍ତ ଆରମ୍ଭ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହରର ଐତିହାସିକ ବାରବାଟୀ ଗଡ଼ଖାଇର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ବିଧାୟିକା ବୁଲି ଦେଖିବା ସହ ଏହାର ସ୍ୱଚ୍ଛତା ଓ ସଂରକ୍ଷଣ ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ସିଏମ୍‌ସି ଅଧିକାରୀ, ଡ୍ରେନେଜ୍ ଅଧିକାରୀ, ଜିଲା ପର୍ଯ୍ୟଟନ ଅଧିକାରୀ, ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ବୈଷୟିକ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, କର୍ପୋରେଟର ଲିଜା ରାଉତ ଓ ଭାନୁ ସେନାପତି, ବରିଷ୍ଠ ନେତା କେଦାର ପୃଷ୍ଟି, ଶୈଳବାଳା ଜେନା, ଅଜିତ କୁମାର ବେହେରା, ଦିଲ୍ଲୀପ ମହାନ୍ତି, ଜିତେନ୍ଦ୍ର ନାୟକ, ଦେବେନ୍ଦ୍ର ସେଠୀ, ବିବେକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି କଟକରେ ବିଦ୍ୟୁତ୍ କାଟ

ଭୁବନେଶ୍ୱର,୧୦।୨(ଅନୁରାଧା ମହାରଣା)

ଗୁରୁତ୍ୱପୂର୍ଣ୍ଣ ଯାନ୍ତ୍ରିକ ଉନ୍ନତୀକରଣ, ମରାମତି ଓ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ପାଇଁ ବୁଧବାର କଟକର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍ ଟିପିସିଓଡିଏଲ୍ ପକ୍ଷରୁ 'ଏକ୍ସ' ମାଧ୍ୟମରେ ବିଦ୍ୟୁତ୍ କାଟ ସମ୍ପର୍କରେ ସୂଚନା ଦିଆଯାଇଛି। କଟକର କିଶନନଗର ରାମକୁମାରପୁର ଅଞ୍ଚଳରେ ସକାଳ ୧୦ଟାରୁ ଅପରାହ୍ଣ ୨ଟା ୮, ମହାନଦୀ ବିହାର ଗଣ୍ଡରପୁର ଓ କିଶନନଗର ମାଳୀପୁର ଅଞ୍ଚଳରେ ସକାଳ ୧୦ଟାରୁ ଅପରାହ୍ଣ ୨ଟା, ଖପୁରିଆ ଅଞ୍ଚଳରେ ସକାଳ ୧୧ଟାରୁ ଅପରାହ୍ଣ ୩ଟା, ଶିଶୁଭବନ ଟାଉନ ହଲ୍ ଅଞ୍ଚଳରେ ସକାଳ ୯ଟା ୩୦ରୁ ଅପରାହ୍ଣ ୧ଟା ୩୦, ବିଡ଼ାନାସୀ ଅଞ୍ଚଳରେ ସକାଳ ୧୦ଟାରୁ ଅପହରାହ୍ଣ ୧ଟା ୩୦, କନ୍ଦରପୁର ଅଲ ଇଣ୍ଡିଆ ରେଡିଓ ଅଞ୍ଚଳରେ ସକାଳ ୧୦ଟାରୁ ଅପରାହ୍ଣ ୧ଟା ଏବଂ ଚାଉଳିଆଗଞ୍ଜ ଅଞ୍ଚଳରେ ସକାଳ ୧୦ଟା ୩୦ରୁ ଅପରାହ୍ଣ ୧ଟା ୨୫ ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ତେବେ ଦୀର୍ଘ ସମୟ ବିଦ୍ୟୁତ୍ ସେବା ବ୍ୟାହତ ହେବା ସୂଚନା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଜାଗର ପାଇଁ ଶେଷ ପ୍ରସ୍ତୁତି ବୈଠକ

କଟକ ସଦର,୧୦।୨(ସୁଶାନ୍ତ କୁମାର ଜେନା)

କଟକ ସଦର ଅନ୍ତର୍ଗତ ପରମହଂସ ନାଥ ଦେବଙ୍କ ପୀଠରେ ଜାଗରଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନଙ୍କ ଯାତାୟାତ, ବିଦ୍ୟୁତ୍, ପାନୀୟ ଜଳ, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଭିଡ଼ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଏସିପି ସୁଧାଂଶୁ ଭୂଷଣ ଜେନା, ତହସିଲଦାର ଦେବଦତ୍ତ ପ୍ରଧାନ, ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଟକ ସଦର ବିକାଶ ମଞ୍ଚର ସମ୍ପାଦକ ସୁବୋଧ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କଟନିଛଟନି ପ୍ରତିବାଦରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

କଣ୍ଟାପଡ଼ା,୧୦।୨(ସୁରନାରାୟଣ ସାହୁ)

ମଣ୍ଡିରେ ଧାନ ସଂଗ୍ରହ ସମୟରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ରୁ ୭କେଜି ପର୍ଯ୍ୟନ୍ତ ଧାନ କଟନିଛଟନି କରାଯାଉଛି। ଏହାର ପ୍ରତିବାଦରେ ମଙ୍ଗଳବାର କଣ୍ଟାପଡା କିଷାନ କଂଗ୍ରେସ ପକ୍ଷରୁ କଣ୍ଟାପଡ଼ା ତହସିଲ ସମ୍ମୁଖରେ କୃଷି ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବ୍ଲକ କିଷାନ କଂଗ୍ରେସ ସଭାପତି ଉଲ୍ଲାସ ଖଣ୍ଡୁଆଳଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସାମିଲ ହୋଇଥିଲେ। କଟକ ଜିଲା କିଷାନ କଂଗ୍ରେସ ସଭାପତି ନିମାଇଁ ଚରଣ ରାଉତରାୟ ଯୋଗଦେଇ ବିଜେଡି ସରକାର ସମୟରେ କୁଇଣ୍ଟାଲ ପିଛା ୩ କେଜି ଧାନ କଟନିଛଟନି କରାଯାଉଥିବା ବେଳେ ଭାଜପା ସରକାର ଅମଳରେ ଏହା ସୀମା ଉଲ୍ଲଂଘନ କରିଛି ବୋଲି କହିଥିଲେ। ଚାଷ ସମୟରେ ଚାଷୀମାନେ ବର୍ଦ୍ଧିତ ମଜୁରିରେ ଚାଷକାମ କରିବା ସହ କଳାବଜାରରୁ ଯୁରିଆ କିଣି ଆର୍ଥିକ କ୍ଷତି ସହିଥିଲେ। ଅପରପକ୍ଷେ ମଣ୍ଡିରେ ଧାନକ୍ରୟ ସମୟରେ ୫ରୁ ୭କେଜି ପର୍ଯ୍ୟନ୍ତ କଟନି ଛଟନି କରିବା ଚଳିତ ସରକାରର ମିଲରମାନଙ୍କ କୃଷିମାରଣ ନୀତିକୁ ସମର୍ଥନ କରୁଛି ବୋଲି ଅଡଶପୁର ଗ୍ରାମପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ତଥା କଂଗ୍ରେସ ନେତା ପ୍ରଦ୍ୟୁମ୍ନ ଖଟାଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଧିଷ୍ଠିର ପ୍ରଧାନ, ସଦାଶିବ ସାହୁ, ନିରଞ୍ଜନ ଜଟ, ବେଣୁଧର ସ୍ୱାଇଁ, ଅଗାଧୁ ପ୍ରଧାନ, ଆଲେକ ଜାଣ୍ଡାର ମଲିକ, କବିପ୍ରସାଦ ମଲିକ, ପ୍ରକାଶ ଚନ୍ଦ୍ର ବେହେରା, ଅଭିମନ୍ୟୁ ବାରିକ, ତ୍ରିଲୋଚନ ବେହେରା, ଦେବେନ୍ଦ୍ର ସାମନ୍ତରାୟ, ପ୍ରଫୁଲ୍ଲ ମଲିକ, ବିଶ୍ୱମ୍ଭର ବେହେରା ପ୍ରମୁଖ ଯୋଗଦେଇ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ।



କଣ୍ଟାପଡ଼ା କିଷାନ କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

# କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି

**ଏସ୍‌ସିବି ଆଇସିୟୁରୁ ରୋଗୀ ଖସିପଡ଼ିବା ଘଟଣା**

କଟକ,୧୦।୨(ଶିକ୍ସା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ମେଡିସିନ ଆଇସିୟୁରୁ ରୋଗୀ ବେଡ୍‌ରୁ ତଳକୁ ପଡ଼ିବା ଘଟଣା ପରେ ମେଡିକାଲ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଉପରେ ତତ୍ପରତା ଦେଖାଇଛନ୍ତି। ଉକ୍ତ ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ଘଟଣାର ତଦନ୍ତ କରାଯାଇଛି। ଘଟଣା ସମୟରେ ଯେଉଁ କର୍ମଚାରୀ କାର୍ଯ୍ୟରେ ନିୟୋଜିତ ଥିଲେ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏପରିକି ପ୍ରାୟତଃ ସବୁ ଆଇସିୟୁରେ ନିୟୋଜିତ କର୍ମଚାରୀଙ୍କୁ ବଦଳାଯାଇଛି। ପ୍ରାଥମିକ ତଦନ୍ତ କରାଯାଇଥିବାବେଳେ ଆଗାମୀ ଦିନରେ ଏହାର ସମ୍ପୂର୍ଣ୍ଣ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଙ୍ଗଳବାର ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ କହିଛନ୍ତି। ତେବେ ଏସ୍‌ସିବିର ଆଇସିୟୁରେ ଅବ୍ୟବସ୍ଥାର ଏହା ପ୍ରଥମ ଘଟଣା ନୁହେଁ ବରଂ ଗତବର୍ଷ ହୋଲି ସମୟରେ ମଧ୍ୟ କର୍ମଚାରୀ ଆଇସିୟୁ ପରିସରରେ ହୋଲି ଖେଳିବା ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ସୂଚନାଥାଉକି, ଏସ୍‌ସିବି ମେଡିକାଲର ନ୍ୟୁ ମେଡିସିନ ବିଭାଗର ଦ୍ୱିତୀୟ ମହଲାରେ ଥିବା ଆଇସିୟୁରେ ରୋଗୀଙ୍କ ଦୟନୀୟ ଅବସ୍ଥାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଗୁରୁତର ମହିଳାଙ୍କ ପାଖରେ କେହି ନ ଥିବାବେଳେ ମହିଳା ଜଣକ ବେଡ୍‌ରୁ ତଳକୁ ଖସି ପଡ଼ିଥିଲେ। ସେହିପରି ଅନ୍ୟ ଜଣେ ବୃଦ୍ଧାଙ୍କ ହାତରୁ ରକ୍ତ ବୋହୁଥିବାବେଳେ ଅକ୍ସିଜେନ ତଳେ ପଡ଼ିଯାଇଥିବା ଭିଡିଓ ଭାଇରାଲ ହୋଇଥିଲା। ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଉକ୍ତ ଘଟଣାର ଏକ ଭିଡିଓ ପୋଷ୍ଟ ଜାରି କରି ତଦନ୍ତ ଦାବି କରିଥିଲେ।

## ତଦନ୍ତ ଦାବି କଲା ଏସ୍‌ସିବି ରୋଗୀ ସୁରକ୍ଷା ମଞ୍ଚ



ଏସ୍‌ସିବି ରୋଗୀ ସୁରକ୍ଷା ମଞ୍ଚ ପକ୍ଷରୁ ମେଡିକାଲ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଏସ୍‌ସିବି ରୋଗୀ ସୁରକ୍ଷା ମଞ୍ଚ ପକ୍ଷରୁ ମେଡିକାଲ ଅଧୀକ୍ଷକଙ୍କୁ ମଙ୍ଗଳବାର ଆଇସିୟୁରେ ଅବ୍ୟବସ୍ଥାର ଭିଡିଓ ଭାଇରାଲ ଘଟଣାରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ମେଡିକାଲ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଦାବିପତ୍ର ମେଡିକାଲ ପ୍ରଶାସନିକ ଅଧିକାରୀ ସୁବାସ ରାଏଙ୍କୁ ପ୍ରଦାନ କରାଯାଇଥିଲା। ଅବ୍ୟବସ୍ଥା ନେଇ ମେଡିକାଲ କର୍ତ୍ତୃପକ୍ଷ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଛି। ଏକ ସପ୍ତାହ ମଧ୍ୟରେ ଯଦି ଦାବି ପୂରଣ କରା ନ ଯିବ ତେବେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦିଆଯିବ ବୋଲି ସଙ୍ଗଠନ ସଦସ୍ୟ ସୁରେଶ ମହାନ୍ତି ସୂଚନା ଦେଇଛନ୍ତି। ଦାବିପତ୍ରକୁ ଗ୍ରହଣ କରିବା ସହ ଘଟଣାର ତଦନ୍ତ କରାଯାଉଥିବା ନେଇ ପ୍ରଶାସନିକ ଅଧିକାରୀ ସୁବାସ ରାଏ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ମହାନ୍ତି, ସୁରେଶ ଭୂଆଁ, ବାପୁଜୀ କର, ରାମଚନ୍ଦ୍ର ରାଣ, କାର୍ତ୍ତିକ କୁମାର ସାହୁ, ଆକାଶ ପଟ୍ଟନାୟକ, ସନ୍ତୋଷ ସାହାଣି, ପ୍ରହ୍ଲାଦ ମହାରଣା, ବିବେକ ସେନାପତି, ସଂଗ୍ରାମ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟଧାରାରେ ସାମିଲ ହେବାକୁ ମାଓବାଦୀଙ୍କୁ ଶେଷ ସୁଯୋଗ

**ଆତ୍ମସମର୍ପଣର ୬୦ ଦିନ ମଧ୍ୟରେ ମିଳିବ ଥଇଥାନ ପ୍ୟାକେଜ**

- ୩ ମାସରେ ମାଓବାଦୀଙ୍କ ପାଇଁ ଦ୍ୱିତୀୟ ସଂଶୋଧନ ଥଇଥାନ ପ୍ୟାକେଜ
- ରାଜ୍ୟ ବାହାରର ମାଓବାଦୀ ଚାହିଁଲେ ଏହାର ସୁବିଧା ନେଇପାରିବେ
- କେନ୍ଦ୍ରୀୟ କମିଟି ସଭ୍ୟ ପାଇଁ ୧.୧୦ କୋଟି ଟଙ୍କା ପୁରସ୍କାର ରାଶି

ଭୁବନେଶ୍ୱର,୧୦।୨(ତ୍ରିନାଥ ମହାନ୍ତି)

ସମାଜର ମୁଖ୍ୟ ଧାରାରେ ସାମିଲ ହେବା ପାଇଁ ମାଓବାଦୀଙ୍କୁ ସରକାର ଶେଷ ସୁଯୋଗ ଦେଇଛନ୍ତି। ମାର୍ଚ୍ଚ ମାସ ସୁଦ୍ଧା ଦେଶରୁ ମାଓବାଦୀ ମୁକ୍ତ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ ହେବାକୁ ବିଭିନ୍ନ ସ୍କିମ୍ ଆପଣାଯାଉଛି। ୩ ମାସ ମଧ୍ୟରେ ସରକାର ଦ୍ୱିତୀୟ ଥର ମାଓବାଦୀଙ୍କ ଥଇଥାନ୍ ପ୍ୟାକେଜ ସଂଶୋଧନ କରିଛନ୍ତି। ଆତ୍ମସମର୍ପଣର ୬୦ଦିନ ମଧ୍ୟରେ ଥଇଥାନ ପ୍ୟାକେଜ ଚୂଡ଼ାନ୍ତ କରାଯିବ ଓ ୧୮୦ଦିନ ମଧ୍ୟରେ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବାକୁ ସଂଶୋଧିତ ବିଜ୍ଞପ୍ତି ଜାରି ହୋଇଛି। ଏପରିକି ରାଜ୍ୟ ବାହାରର ମାଓବାଦୀମାନେ ଚାହିଁଲେ ଏହି ଥଇଥାନ ପ୍ୟାକେଜର ସମସ୍ତ ସୁବିଧା ନେଇପାରିବେ।

ଗୃହ ବିଭାଗ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ, ଏହି ସଂଶୋଧିତ ଥଇଥାନ ପ୍ୟାକେଜ ବା ପୁନର୍ବାସ ନୀତିରେ ସର୍ବଭାରତୀୟସ୍ତରର କ୍ୟାଡରଙ୍କ ପାଇଁ ନୂଆ ନିୟମ ଯୋଡ଼ାଯାଇଛି। ନୂତନ ନିୟମ ଅନୁସାରେ, ଯଦି କୌଣସି ମାଓବାଦୀ ଓଡ଼ିଶାର ନୁହଁନ୍ତି କିନ୍ତୁ ସକ୍ରିୟ ଅଛନ୍ତି, ସେମାନେ ମଧ୍ୟ ଏହି ଯୋଜନାରେ ସମସ୍ତ ସୁବିଧା ପାଇପାରିବେ। ସେହିପରି ଓଡ଼ିଶା ବାସିନ୍ଦା ଯେଉଁମାନେ ଛତିଶଗଡ଼ ବା ଆନ୍ଧ୍ର ଭଳି ରାଜ୍ୟରେ ସକ୍ରିୟ ଅଛନ୍ତି, ସେମାନଙ୍କୁ ସମ୍ପୃକ୍ତ ଜିଲାର ଏସ୍‌ପିଙ୍କ ପ୍ରମାଣପତ୍ର ଓ ଅନ୍ୟ ରାଜ୍ୟର 'ନୋ ଅବଜେକ୍ସନ ସାର୍ଟିଫିକେଟ' ଆଧାରରେ ଓ ଆତ୍ମସମର୍ପଣ କରିବାର ସୁବିଧା ମିଳିବି। ପଡୋଶୀ ରାଜ୍ୟରୁ ଆସୁଥିବା କ୍ୟାଡରଙ୍କୁ ଆତ୍ମସମର୍ପଣ ପାଇଁ ପ୍ରୋତ୍ସାହିତ କରିବା ଓ ସମଗ୍ର ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ବ୍ୟୟ (ଏସ୍‌ଆର୍‌ଇ) ଯୋଜନା ସହ ଅଧିକ ସମନ୍ୱିତ କରିବା ଏହି ନୂତନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଆତ୍ମସମର୍ପଣକାରୀ ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ସାମାଜିକ ସୁରକ୍ଷା ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ୩୬ ମାସ ବା ୩ ବର୍ଷ ପର୍ଯ୍ୟନ୍ତ ମାସିକ ୧୦ହଜାର ଟଙ୍କାର ଷ୍ଟାଇପେଣ୍ଡ ସହ ମାଗଣାରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବ। 'ଅନ୍ତ୍ୟୋଦୟ ଗୃହ ଯୋଜନା ଘର, ସ୍ୱାସ୍ଥ୍ୟ କାର୍ଡ ଓ ମାଗଣା ବା ସବ୍‌ସିଡ଼ିଯୁକ୍ତ ରାଶନ ଯୋଗାଇ ଦିଆଯିବ। ଅବିବାହିତଙ୍କ ପାଇଁ ବିବାହ ନିମନ୍ତେ ୨୫ ହଜାର ଟଙ୍କାର ଏକକାଳୀନ ସହାୟତା ରାଶି ମଧ୍ୟ ରହିଛି। ଯଦି କୌଣସି ଦମ୍ପତି ଏକାଠି ଆତ୍ମସମର୍ପଣ କରନ୍ତି, ତେବେ ସେମାନଙ୍କୁ ଦୁଇଟି ପୃଥକ ୟୁନିଟ ଭାବେ ଗ୍ରହଣ କରାଯାଇ ସମସ୍ତ ସୁବିଧା ଦିଆଯିବ। ଏହି ଯୋଜନାର ସୁବିଧା ପାଇବାକୁ ହେଲେ ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ନିଜର ସଂଗଠନ, ସହଯୋଗୀ ଓ ଆର୍ଥିକ ଉତ୍ସ ବିଷୟରେ ସବିଶେଷ ତଥ୍ୟ ଦେବା ସହ ଗଣମାଧ୍ୟମ ସମ୍ମୁଖରେ ସ୍ୱୀକାରୋକ୍ତି କରିବାକୁ ପଡ଼ିବ। ଆତ୍ମସମର୍ପଣର ୬୦ଦିନ ମଧ୍ୟରେ ଥଇଥାନ ପ୍ୟାକେଜ ଚୂଡ଼ାନ୍ତ ହେବ ଓ ୧୮୦ ଦିନ ମଧ୍ୟରେ ଏହାକୁ ସରକାର କାର୍ଯ୍ୟକାରୀ ମଧ୍ୟ କରାଇବେ। କେନ୍ଦ୍ରୀୟ କମିଟି ସଭ୍ୟ ବା ପଲିଟବ୍ୟୁରୋ ସଭ୍ୟଙ୍କ ପାଇଁ ସର୍ବାଧିକ ୧.୧୦ କୋଟି ଟଙ୍କା, ରାଜ୍ୟ କମିଟି ସଭ୍ୟଙ୍କ ପାଇଁ ୫୫ ଲକ୍ଷ ଟଙ୍କା ଓ ଆଞ୍ଚଳିକ କମିଟି ସଭ୍ୟଙ୍କ ପାଇଁ ୩୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ ହୋଇଛି। ଏହାବ୍ୟତୀତ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପୁରସ୍କାର ଥିବା ସକ୍ରିୟ ମାଓବାଦୀମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଅତିରିକ୍ତ ୧୦ଲକ୍ଷ ଟଙ୍କାର ଏକକାଳୀନ ରାଶି ଫିକ୍ସଡ ଡିପୋଜିଟ ଆକାରରେ ଦିଆଯିବ।

# ଭୁବନେଶ୍ୱରରେ ଆଜି ବିଦ୍ୟୁତ୍ କାଟ୍

ଭୁବନେଶ୍ୱର,୧୦।୨(ଅନୁରାଧା ମହାରଣା)

ଗୁରୁତ୍ୱପୂର୍ଣ୍ଣ ଯାନ୍ତ୍ରିକ ଉନ୍ନତୀକରଣ, ମରାମତି ଓ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ପାଇଁ ବୁଧବାର ଭୁବନେଶ୍ୱରରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଟିପିସିଓଡ଼ିଶା ପକ୍ଷରୁ 'ଏକ୍ସ' ମାଧ୍ୟମରେ ଏସମ୍ପର୍କରେ ସୂଚନା ଦିଆଯାଇଛି। କଳିଙ୍ଗନଗର, ଡୁମୁଡୁମା, କାଳିଜାଇ ପାଲ୍ଲାହାଟ ଅଞ୍ଚଳ ଓ ନୟାପଲ୍ଲୀ ରେଲୱେ କଲୋନି ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ଣ ୨ଟା, ବରମୁଣ୍ଡା ଫ୍ଲାଇଓଭର ଅଞ୍ଚଳ, ୟୁନିଟ୍-୪ ଓ ୟୁନିଟ୍-୯ ଅଞ୍ଚଳରେ ସକାଳ ୮ଟାରୁ ଅପରାହ୍ଣ ୧ଟା, ବାରଙ୍ଗ ଓ ଧଉଳି ହାଇଟେକ୍ ଅଞ୍ଚଳରେ ସକାଳ ୧୦ଟାରୁ ଅପରାହ୍ଣ ୩ଟା, ବରମୁଣ୍ଡା ବ୍ରହ୍ମେଶ୍ୱର ଅଞ୍ଚଳ, ଫୁଲପ୍ରିଫ୍ ଅଞ୍ଚଳରେ ସକାଳ ୮ଟା ୩୦ରୁ ଅପରାହ୍ଣ ୧ଟା, ଗେଲେଟ୍ ବରମୁଣ୍ଡା ଅଞ୍ଚଳରେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା, ୟୁନିଟ୍-୯ ରୋଡ ଅଞ୍ଚଳରେ ସକାଳ ୮ଟା ୩୦ରୁ ଅପରାହ୍ଣ ୧୨ଟା ୩୦, ଉଗ୍ରତାରା, କଳ୍ପନା ଅଞ୍ଚଳରେ ସକାଳ ୧୦ଟାରୁ ଅପରାହ୍ଣ ୨ଟା, ବଡ଼ଗଡ଼ ଗୌତମନଗର ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ଣ ୧ଟା, ଓଲ୍ଡ ଟାଉନ ଗଙ୍ଗୁଆ ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ଣ ୧୨ଟା ୩୦, ମଞ୍ଚେଶ୍ୱର, ଭିଏସ୍ଏସ୍ ନଗର ଅଞ୍ଚଳରେ ସକାଳ ୬ଟା ୩୦ରୁ ସକାଳ ୧୦ଟା, ବଡ଼ଗଡ଼ କେଦାରଗୌରୀ ଅଞ୍ଚଳ, ବଶିଷ୍ଠ ନଗର, ଶ୍ରୀରାମନଗର, ବଡ଼ଖାଁ ଓ ବିଦ୍ୟାଧରପୁର ଅଞ୍ଚଳରେ ସକାଳ ୯ଟା ୩୦ରୁ ଅପରାହ୍ଣ ୧୨ଟା ୩୦, ଫୁଲନଖରା ଅଞ୍ଚଳରେ ସକାଳ ୮ଟାରୁ ସକାଳ ୧୧ଟା, ମଞ୍ଚେଶ୍ୱର ଅଞ୍ଚଳରେ ସକାଳ ୭ଟାରୁ ୧୦ଟା, ପୁଲନଗଡ଼ା ପାହାଳ ଅଞ୍ଚଳରେ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା, ଭରତପୁର ନୂଆଗାଁ ଅଞ୍ଚଳରେ ସକାଳ ୧୦ଟାରୁ ଅପରାହ୍ଣ ୧ଟା, କାନନବିହାର ଶିଶୁଭବନ ଅଞ୍ଚଳରେ ସକାଳ ୯ଟା ୩୦ରୁ ଅପରାହ୍ଣ ୧୨ଟା ୨୫, ବଡ଼ଗଡ଼ ଲିଙ୍ଗରାଜ ଅଞ୍ଚଳରେ ଅପରାହ୍ଣ ୩ଟାରୁ ୫ଟା, ୟୁନିଟ୍-୯ ରାମଦେବୀ ବିଶ୍ୱବିଦ୍ୟାଳୟ ଅଞ୍ଚଳ ଓ ଏମ୍ଆଇ କଲୋନୀ ଅଞ୍ଚଳରେ ଅପରାହ୍ଣ ୩ଟାରୁ ୫ଟା, ଓଲ୍ଡ ଟାଉନ ଷ୍ଟେସନ ରୋଡ଼ ଅଞ୍ଚଳରେ ସକାଳ ୧୦ଟା ୩୦ରୁ ଅପରାହ୍ଣ ୧୨ଟା ୩୦ ଏବଂ ବଡ଼ଗଡ଼ କୁଆଖାଇ ଅଞ୍ଚଳରେ ସକାଳ ୭ଟାରୁ ସକାଳ ୯ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

## ପାରଦର୍ଶୀ ପୋର୍ଟାଲର ପ୍ରକ୍ରିୟାଗତ ତ୍ରୁଟି ସୁଧାରି ପୁନଃ ବିଜ୍ଞପ୍ତି ପ୍ରକାଶ କରାଯାଉ

ଭୁବନେଶ୍ୱର,୧୦।୨(ସୁଚିସ୍ମିତା ସାହୁ)

ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନେ ନିଃଶୁଳ୍କ ନାମଲେଖାଇ ଘରୋଇ ସ୍କୁଲରେ ପାଠପଢ଼ିବାର ସୁଯୋଗ ପାଇପାରୁଛନ୍ତି। ହେଲେ ୨୦୨୫-୨୬ ଶିକ୍ଷା ବର୍ଷରେ ବ୍ୟାପକ ହେରଫେର ପାଇଁ ବହୁ ଅଯୋଗ୍ୟ ନାମ ଲେଖାଇଥିଲେ। ମୋଟ ସଂରକ୍ଷିତ ସିଟ୍‌ର ୨୫ ପ୍ରତିଶତ ଅଯୋଗ୍ୟ ଆବେଦନକାରୀଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ବହୁବାର ବୈଠକ ହୋଇଥିଲେ ସୁଦ୍ଧା ଏଯାବତ ତାହାର କୌଣସି ସୁଫଳ ମିଳିପାରି ନାହିଁ। ଫଳରେ ଚଳିତ ବର୍ଷ ମଧ୍ୟ ପୁଣି ଅଯୋଗ୍ୟ ଛାତ୍ରୀଛାତ୍ର ସରକାରଙ୍କ ସୁବିଧାର ଲାଭ ପାଇବେ ଓ ଯୋଗ୍ୟ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେବେ। ତେଣୁ ସମସ୍ତ ତ୍ରୁଟିର ସଂଶୋଧନକରି ପୁନଃ ବିଜ୍ଞପ୍ତି ପ୍ରକାଶ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଦାବି କରାଯାଇଛି।

## ବେସାମରିକ ବିମାନବନ୍ଦର ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ବେସାମରିକ ବିମାନବନ୍ଦର ସୁରକ୍ଷା ପ୍ରଶିକ୍ଷଣ ଶିବିରରେ ପୋଲିସ ଏଡିଜି ଆଇନ୍ ଓ ଶୃଙ୍ଖଳା ସଞ୍ଜୟ କୁମାରଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର,୧୦।୨(ତ୍ରିନାଥ ମହାନ୍ତି)

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ପ୍ରଶିକ୍ଷଣ ଏକାଡେମୀ (ବିପିଏସ୍‌ପିଏ) ପରିସରରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବେସାମରିକ ବିମାନବନ୍ଦର ସୁରକ୍ଷା ପ୍ରଶିକ୍ଷଣ' ଶିବିର ଉଦ୍‌ଘାଟିତ ହୋଇଯାଇଛି। ପୋଲିସ ଏଡିଜି(ଆଇନ୍ ଓ ଶୃଙ୍ଖଳା) ସଞ୍ଜୟ କୁମାର ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଦୁଇ ସପ୍ତାହ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିରେ ଝାରସୁଗୁଡ଼ା, ରାଉରକେଲା, ଜୟପୁର (କୋରାପୁଟ) ଏବଂ ଉତ୍‌କେଲା (କଳାହାଣ୍ଡି) ବିମାନବନ୍ଦରରୁ ମୋଟ ୪୦ ଜଣ ପୋଲିସ ସୁରକ୍ଷା କର୍ମୀ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି।

ଏହି ଅବସରରେ ସଞ୍ଜୟ କୁମାର ପ୍ରଶିକ୍ଷାର୍ଥୀମାନଙ୍କୁ ନିଷ୍ଠାର ସହ ପ୍ରଶିକ୍ଷଣ ନେଇ ସମଗ୍ର ଦେଶରେ ଏକ ଆଦର୍ଶ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ବିଗତ ଦିନଗୁଡ଼ିକରେ ବିମାନ ବନ୍ଦର ଉପରେ ଆତଙ୍କବାଦୀ ଏବଂ ଦେଶ ବିରୋଧୀ ତତ୍ତ୍ୱଙ୍କ ନଜର ରହିଛି। ସେମାନେ ବୋମାରେ ଉଡ଼ାଇ ଦେବା ଧମକ ଦେଇ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ ଚେଷ୍ଟା କରୁଛନ୍ତି। ତେଣୁ ବିମାନ ବନ୍ଦରରେ ରହୁଥିବା ପୋଲିସ କର୍ମଚାରୀମାନେ ସ୍ୱତନ୍ତ୍ର ଟ୍ରେନିଂ ନେଲେ ସୁରକ୍ଷା ଦେଇପାରିବେ। ପୂର୍ବରୁ ରାଜ୍ୟ ବାହାରକୁ ଯାଇ ଟ୍ରେନିଂ ନେଇ ଆସୁଥିଲେ ପୋଲିସ କର୍ମଚାରୀମାନେ। କିନ୍ତୁ ବର୍ତ୍ତମାନ ବିମାନ ବନ୍ଦର ସୁରକ୍ଷା ପାଇଁ ଆମ ରାଜ୍ୟରେ ଟ୍ରେନିଂ ଦିଆଯିବ। 'ବ୍ୟୁରୋ ଅଫ୍ ସିଭିଲ ଆଭିଏଶନ୍ ସିକ୍ୟୁରିଟି' (ବିସିଏଏସ୍)ର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ ବାକ୍ସଲା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣର ବିଭିନ୍ନ ବୈଷୟିକ ଦିଗ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଓଡ଼ିଶା ସରକାରଙ୍କ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶିକା ଦେବଦତ୍ତା ସୁରଞ୍ଜିତା ଜେନା, ଏସ୍‌ପି ୟୁ.ଏସ. ମିଶ୍ର, ବିମାନ ଚଳାଚଳ ପରାମର୍ଶଦାତା ସୁରେଶ ଚନ୍ଦ୍ର ହୋତା ଉପସ୍ଥିତ ଥିଲେ। ଉପ-କମାଣ୍ଡାଣ୍ଟ ତଥା ନୋଡାଲ ଅଫିସର ଲଳିତେନ୍ଦୁ ମହାନ୍ତି ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନ୍ୟାୟ ପାଇଁ ଥାନାଠୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

**୧୫ ଭରି ସୁନାକୁ ପୋଲିସ ଖୋଜିବାରେ ବିଫଳ**

ଭୁବନେଶ୍ୱର,୧୦।୨(ତ୍ରିନାଥ ମହାନ୍ତି)

ନ୍ୟାୟ ପାଇଁ ଥାନାଠୁ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ଜଣେ ବୟସ୍କ ମହିଳା। ଲୋକ ଚୋରକୁ ଧରି ପୋଲିସରେ ଦେଇଥିଲେ। ଏପରିକି ତାଙ୍କ ଠାରୁ ସୁନା ଜବତ କରାଯାଇଥିଲା। ହେଲେ ଅଭିଯୋଗକାରୀ ପଦ୍ମାବତୀ ରାଉତଙ୍କୁ ତାଙ୍କର ୧୫ ଭରି ସୁନା ମିଳିଲା ନାହିଁ। ସେ ଭରତପୁର ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଡିସିପି, ସିପି ଏବଂ ଡିଜିପି ଅଫିସ ପର୍ଯ୍ୟନ୍ତ ଯାଇଥିଲେ। ହେଲେ କେଉଁଠି ତାଙ୍କୁ ନ୍ୟାୟ ନ ମିଳିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଅଭିଯୋଗ କରିଥିବା ପଦ୍ମାବତୀ କହିଛନ୍ତି। ତାଙ୍କ କଥା ମୁଖ୍ୟମନ୍ତ୍ରୀ ଶୁଣି ସୁନା ଫେରାଇବାକୁ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ପଦ୍ମାବତୀ କହିଛନ୍ତି।

ଭରତପୁର ଥାନା ସମ୍ ହସ୍ପିଟାଲ ପାଖ ପଣ୍ଡାବୁଦିଆ ବସ୍ତିରେ ପଦ୍ମାବତୀ ରୁହନ୍ତି। ଘରେ ତାଙ୍କର ରୋଗଣା ସ୍ୱାମୀ ଓ କିଡ୍‌ନୀ ରୋଗରେ ପୀଡ଼ିତ ସାନପୁଅ। ତେଣୁ ଆଶା ଥିଲା, ବଡ଼ ପୁଅକୁ ଭଲ କୋଚିଂ ଦେଇ ଡାକ୍ତରଟିଏ କରିବେ। ଆଉ ନିଜ ସୁନା ଗହଣା ବିକ୍ରି କରି ଦୋକାନ କରି ପରିବାର ଚଳାଇବେ। କିନ୍ତୁ ତାଙ୍କ ଆଶା ଚୂରମାର ହୋଇଗଲା। ସାନ ପୁଅକୁ ଡାକ୍ତର ଦେଖାଇବାକୁ ନେଇଥିବା ବେଳେ ଘରେ ଚୋର କଳାକନା ବୁଲାଇଦେଲେ। ସଞ୍ଚିତ ସବୁ ସୁନା ଚୋରି ହୋଇଗଲା। ଚୋରିର ମାତ୍ର କିଛି ସମୟ ଭିତରେ ଗାଁ ଲୋକେ ଚୋରକୁ ଧରି ଭରତପୁର ପୋଲିସର ଜିମା ଦେଇଥିଲେ। କିଛି ସୁନା ଓ ଟଙ୍କା ବି ତାଙ୍କ ପାଖରୁ ଜବତ କରିଥିଲେ। ଚୋର ବ୍ୟାଗରୁ ପଦ୍ମାବତୀ ଘରେ ଛାଡ଼ି ଯାଇଥିବା ମୋବାଇଲ ଫୋନ ବି ମିଳିଲା। ହେଲେ ଚୋରି କରିଥିବା ସୁନାଗହଣା ସେ ତାଙ୍କ ଆଉଜଣେ ସହଯୋଗୀଙ୍କୁ ଦେଇଦେଇଥିବା ସ୍ୱୀକାର କରିଥିଲେ। ହେଲେ ବର୍ଷେ ହେଲା ପଦ୍ମାବତୀ ଭରତପୁର ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ସୁଦ୍ଧା ପଦ୍ମାବତୀଙ୍କୁ ତାର ସୁନା ମିଳୁନି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ଜଣାଇଲେ

**ଥାନାରେ ସାମ୍ବାଦିକାଙ୍କୁ ମାଡ଼ ମାରିବା ଘଟଣା**

ଭୁବନେଶ୍ୱର,୧୦।୨(ତ୍ରିନାଥ ମହାନ୍ତି)

ଖାରବେଳନଗର ଥାନାରେ ଗତ ୩ ତାରିଖରେ ମହିଳା ସାମ୍ବାଦିକା ସୂର୍ଯ୍ୟକାନ୍ତି ନାୟକଙ୍କୁ ଥାନାରେ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଥାନା ଅଧିକାରୀ ରଜନୀକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶରେ ସେକେଣ୍ଡ ଅଫିସର ସରିତା ଶତପଥୀ ମାଡ଼ ମାରି ହାଜତରେ ବନ୍ଦ କରି ରଖିବା ଘଟଣାରେ ମହିଳା ସାମ୍ବାଦିକା ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏ ଘଟଣା ବାବଦରେ ଅବଗତ ହେଲା ପରେ ଗୁରୁତ୍ୱର ସହିତ ନେଇ ସତ୍ୟାସତ୍ୟ ଯାଞ୍ଚ କରି ଶୀଘ୍ର ରିପୋର୍ଟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦୋଷୀଙ୍କୁ କେବେ କ୍ଷମା ଦିଆଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଘଟଣା ସମ୍ପର୍କରେ ଖାରବେଳନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ଏକ ଦେୱାନୀ ମାମଲାକୁ ନେଇ ଶାଶୁ, ଶ୍ୱଶୁର, ନଣନ୍ଦଙ୍କ ସହ ସାମ୍ବାଦିକାଙ୍କ ଗଣ୍ଡଗୋଳ ହୋଇଥିଲା। ତାଙ୍କ ନାମରେ ଶାଶୁ ଥାନାରେ ଅଭିଯୋଗ କରିଥିଲେ। ସାମ୍ବାଦିକା ଗଣ୍ଡଗୋଳ ସମୟରେ ପନିକି ଧରି ହାଣିବାକୁ ଗୋଡ଼ାଇବା, ଚପଲ ଖୋଲି ପିଟୁଥିବାର ଭିଡିଓ ପୋଲିସ ପାଖରେ ରହିଛି। ଗତ ୩ ତାରିଖ ଅପରାହ୍ନ ୧ଟା ୪୦ମିନିଟରେ ସେ ଥାନାକୁ ଆସିଥିଲେ। କାମରେ ବ୍ୟସ୍ତ ଥିବାରୁ ଅତିରିକ୍ତ ଥାନା ଅଧିକାରିଣୀ ଶତପଥୀଙ୍କୁ ମାମଲା ବୁଝିବାକୁ କହିଥିଲି। ହେଲେ ସେଠାରେ ତାଙ୍କ ସହ ସାମ୍ବାଦିକା ଯୁକ୍ତିତର୍କ କରିବା ସହ ମୋ ଚ୍ୟାମ୍ବରକୁ ଆସି ମୋତେ ମଧ୍ୟ ଗାଳିଗୁଲଜ କରିଥିଲେ। ପୁଣି ୨ଟା ପାଖାପାଖି ମୋ ଚାମ୍ବରକୁ ଅତିରିକ୍ତ ଥାନା ଅଧିକାରୀ ସରିତା ଶତପଥୀଙ୍କ ସହ ଆସିଥିଲେ। ତାଙ୍କୁ ଚାମ୍ବର ବାହାରକୁ ଯିବାକୁ କହିବାରୁ ସେ ମହିଳା ଅଧିକାରିଣୀ ଶତପଥୀଙ୍କ କଲର ଧରି ମାଡ଼ ମାରିଥିଲେ। ସେଦିନର ସମସ୍ତ ଘଟଣା ସିସିଟିଭିରେ ରେକର୍ଡ ହୋଇଛି। ତଦନ୍ତ ହେଲେ ସବୁ ସତ ଜଣାପଡ଼ିବ ବୋଲି ଥାନା ଅଧିକାରୀ ମିଶ୍ର କହିଛନ୍ତି।

## 'ଗର୍ବ କରିବା କଥା' ଲୋକାର୍ପିତ




ଭୁବନେଶ୍ୱର, ୧୦।୨
(ବନ୍ଦନା ସେଠୀ)

ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳଙ୍କ ପ୍ରବନ୍ଧ ପୁସ୍ତକ 'ଗର୍ବ କରିବା କଥା' ଲୋକାର୍ପିତ ହୋଇଯାଇଛି। ଭାରତ ଉପରେ ବିଶ୍ୱ ଭବିଷ୍ୟତ ନ୍ୟସ୍ତ ଥିବାବେଳେ ବିଶ୍ୱ ଆଜି ମହାସଙ୍କଟରେ ରହିଛି। ସୁଖଭରା ଏକ ସମତୁଲ୍ୟ ବିଶ୍ୱ ପାଇଁ ଭାରତର ମାର୍ଗଦର୍ଶନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ବିଶ୍ୱର ଯଥାର୍ଥ ନେତୃତ୍ୱ ନେବାପାଇଁ ଭାରତର ସାମର୍ଥ୍ୟ ବୃଦ୍ଧି ଏକାନ୍ତ ଆବଶ୍ୟକ। ସେଥିପାଇଁ ଆମ ସଭିଙ୍କ ଭିତରେ ଜାଗ୍ରତ ହେଉ ଶ୍ରେଷ୍ଠ ଭାରତ ଗଠନର ସ୍ୱପ୍ନ ବୋଲି ପୁସ୍ତକ ଲୋକାର୍ପଣ ଉତ୍ସବରେ ମତପ୍ରକାଶ ପାଇଛି। ରବିବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ପୋଥି ଗବେଷିକା ମମତା ମିଶ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ସାବରମତୀ, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ବ୍ରହ୍ମଚାରୀ ଗୁରୁଚରଣ ଦାସ ପ୍ରମୁଖ ଯୋଗଦେଇ ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ ଭାରତ ଗଠନର ସ୍ୱପ୍ନ ଜାଗ୍ରତ ହେଉ ବୋଲି ମତ ପ୍ରକାଶ କରିଥିଲେ। ପୁସ୍ତକରେ ପ୍ରାଚୁର୍ଯ୍ୟମୟ ପ୍ରାଚୀନ ଭାରତର ଗୌରବମୟ ଇତିହାସର ସୁନ୍ଦର ଅବତାରଣା ପୂର୍ବକ ସମ୍ଭାବନା ଭରା ସମୃଦ୍ଧ ଭାରତ ଗଠନ ସମ୍ବନ୍ଧରେ ଚମତ୍କାର ଭାବେ ବିଶ୍ଳେଷଣ କରାଯାଇଛି। ଏହି ପୁସ୍ତକକୁ ଯେ କୌଣସି ଭାରତୀୟ ପଢ଼ିଲେ ମନରେ ଗର୍ବ ଓ ଗୌରବବୋଧ ଜାତହେବ ବୋଲି ଅତିଥିମାନେ କହିଛନ୍ତି। ପ୍ରଥମେ ଲେଖକ ପୁସ୍ତକ ସମ୍ପର୍କରେ କହିଥିବାବେଳେ ପ୍ରକାଶକ ବନୋଜ ତ୍ରିପାଠୀ ପ୍ରକାଶକୀୟ ଅଭିଭାଷଣ ରଖିଥିଲେ। କବି ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ଓ କବୟିତ୍ରୀ ସ୍ୱର୍ଣ୍ଣଲତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ତହସିଲ କାର୍ଯ୍ୟାଳୟ, ରାମପୁର, ଜିଲ୍ଲା: ସୁବର୍ଣ୍ଣପୁର**

**ନୋଟିସ**

No. 24001/18/2526: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମାନ୍ୟବର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସାର୍ଟିଫିକେଟ କେସ୍ ନଂ. ୦୧/୨୦୨୧ର ଆଦେଶ ମୁତାବକ ଶ୍ରୀ ନବୀନ କୁମାର ସାହୁ, ପିତା: ନାରାୟଣ ସାହୁ, ନିବାସୀ: କନ୍ଦୋମୁଣ୍ଡାଙ୍କଠାରୁ ଟ.୨,୯୯,୬୯,୦୭୭.୦୦ (ଦୁଇ କୋଟି ଅନେଶତ ଲକ୍ଷ ଅଣସ୍ତରି ହଜାର ସତସ୍ତରୀ) ଟଙ୍କା ମାତ୍ର ଆଦାୟ ନିମନ୍ତେ ନିମ୍ନ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଛି।

| କ୍ର. ସଂଖ୍ୟା | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକରରେ) |
|---|---|---|---|---|---|
| ୧ | ସାହାଜବାହାଲ | ୮୯ | ୩୩୫ | | ୦.୯୦୮ |
| ୨ | ସାହାଜବାହାଲ | ୮୯ | ୩୪୧ | | ୧.୨୩୦ |
| ୩ | ଇଚ୍ଛାପୁର | ୧୯୫ | ୧୩୦୪ | ଜଳସେଚିତ | ୦.୧୫୦ |
| ୪ | ଇଚ୍ଛାପୁର | ୧୯୫ | ୧୨୨୨ | ଘର | ୦.୦୧୮ |
| ୫ | ଇଚ୍ଛାପୁର | ୧୯୫ | ୧୨୫୫ | ଘର | ୦.୦୪୦ |
| ୬ | ଇଚ୍ଛାପୁର | ୧୯୫ | ୧୨୬୫ | ବାରି | ୦.୦୫୦ |

ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୦୨।୨୦୨୬ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ, ରାମପୁରଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

OIPR-24001/24323/1/25-26/0001 ସ୍ୱା./- ତହସିଲଦାର, ରାମପୁର

**ପୂର୍ବ ତଟ ରେଳପଥ**
**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**
ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG
(1) ଷ୍ଟେସନ ଏବଂ ସ୍ଥାନ : କଟକ-2 ଚକିଆ (ରେଳବାଇ ପ୍ରତିଷ୍ଠାନ ନିକଟରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 20.02.2026, 1530 ଘଟିକା।
(2) ଷ୍ଟେସନ ଏବଂ ସ୍ଥାନ : କେନ୍ଦୁଝର-MIX (2 ଚକିଆ-ସହ-4 ଚକିଆ) (ପ୍ଲାଟଫର୍ମ-1 ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 23.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 23.02.2026, 1530 ଘଟିକା।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଙ୍କ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1106/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସ୍‌ୟୁ/କେଜିପି/୧/୨୦୨୬, ତାରିଖ: ୦୭।୦୨।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେଗୁଡ଼ିକ ୧୫.୩୦ ଘଟିକା ପୂର୍ବରୁ ଖୋଲାଯିବ। ଟେଣ୍ଡର ନଂ.: ଇ/କେଜିପି/ଜିଏସ୍/୧/୨୦୨୬ । କାର୍ଯ୍ୟର ବର୍ଣ୍ଣନା: ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ଜିଏସ୍‌ୟୁ/ଖଡ଼ଗପୁର, ଖଡ଼ଗପୁର ମଣ୍ଡଳଙ୍କ ଅଧୀନରେ ଗତି ଶକ୍ତି ୟୁନିଟ୍‌ର ପ୍ରକଳ୍ପ ନିମନ୍ତେ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଯୋଗାଇବା ପାଇଁ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଏଜେନ୍ସି (ପିଏସ୍ଏସ୍ଏ)ର ନିଯୁକ୍ତି; ଟେଣ୍ଡର ମୂଲ୍ୟ: ₹୮,୬୧,୩୮,୨୫୪.୧୦ । ଅମାନତ ରାଶି: ₹୧୭,୨୨,୮୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ୦.୦୦ । କାର୍ଯ୍ୟର ସମାପ୍ତି ଅବଧି: ୨୪ ମାସ । ଖୋଲାଯିବା ତାରିଖ: ୧୮।୦୩।୨୦୨୬। ବିଡ଼ିଂ ଆରମ୍ଭ ତାରିଖ: ତା୦୪।୦୩।୨୦୨୬ରିଖରୁ ତା୧୮।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1165)

Your classified advertisement published in Dharitri will be listed free in Dharitri online edition : www.dharitri.com

**OFFICE OF THE NOTIFIED AREA COUNCIL, G.UDAYAGIRI**
**CORRIGENDUM**
No. 371 Dt. 07.02.2026
No. 13001/149/2526: In continuation to this Office Bid Identification No. GUDGR-NAC-02/2025-26 invite vide this Office Notice No. 290 Dt.22.01.2026, the following partial modification has been made:
1. Availability of tender online for bidding extended upto : Dt.16.02.2026 at 5.00 P.M.
2. Date & time of opening of the tender : Dt.17.02.2026 at 10.00 A.M.
3. Date & time of evaluation : Dt.18.02.2026 at 11.00 A.M.
All other terms and condition will remain unaltered.
Sd./- Executive Officer N.A.C. G.Udayagiri
OIPR-13001/13066/1/25-26/0001

**GOVERNMENT OF ODISHA**
**"e" PROCUREMENT NOTICE**
**OFFICE OF THE NOTIFIED AREA COUNCIL, DASPALLA**
**2nd Corrigendum on Tender Call Notice No. 66 Dt. 08.01.2026**
Bid Identification No. NAC-Daspalla-(SAN)-2025-26
No. 422 Dt.: 03.02.2026
No. 13001/151/2526: Corrigendum hereby issued for Tender Call Notice No. 66 / Dt.08.01.2026 for Sanitation Work of Daspalla NAC regarding extension of date opening of Financial Bid due to unavoidable circumstances.
1. Date & time of opening of Financial Bid : Dt.12.02.2026 at 11.00 A.M.
*All other terms & conditions remain unaltered.
Sd./- Executive Officer Notified Area Council, Daspalla
OIPR-13001/13141/1/25-26/0001

**OFFICE OF THE DISTRICT FISHERIES OFFICER, ANGUL**
Ph.: (06764) 236458, E-mail: dfoangul123@gmail.com
**QUOTATION CALL NOTICE**
No. 330 Date: 09.02.2026
(Hiring of Vehicle for Official Purpose on Monthly rent basis)
No. 6001/9/2526: Sealed quotations/tenders are invited from interested reputed travel agencies/tour operators or private individuals for providing 1 (One) No. of vehicle having sitting capacity not more than five including driver, for official use in District Fisheries Officer, Angul on monthly rent basis. The tender should reach the undersigned by 23.02.2026 5.30 P.M. through Registered Post/Courier. All tender shall be opened on 24.02.2026 12.00 Noon in the Office of the District Fisheries Office, Angul. The tender should be submitted to DFO, Angul, Mishra Pada, Near Jagannath Temple, Odisha, PIN Code - 759122. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available in Office of the District Fisheries Officer, Angul or can be downloaded from www.angul.odisha.gov.in from Dt.11.02.2026 to 23.02.2026.
The undersigned deserve right to postpone/cancel the tender without assign any reason thereof.
OIPR-6001/6064/1/2526/0001 Sd./- District Fisheries Officer, Angul

**ODISHA COAL AND POWER LTD.**
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664
**NOTICE INVITING TENDER**
NIT No.: OCPL/MCMP/SER-190/2026 Dt.: 11.02.2026
Bids in prescribed format are invited in www.tendersodisha.gov.in from the Agency for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of bid Submission | Last Date of Opening of Bid |
|---|---|---|---|---|---|
| 1 | Construction of Boundary wall and Pathway at Kechhobahal Kalyan Mandap, Jharsuguda, Odisha | Rs. 1000 Incl. of GST | 11.02.2026 3.00 P.M. | 07.03.2026 5.00 P.M. | 03.30 P.M. on 11.03.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.
Sd./- Sr. Manager (Contract and Commercial)

**GOVT. OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY: KARANJIA**
**DIST- MAYURBHANJ,**
**E-PROCUREMENT NOTICE**
BID IDENTIFICATION NO-06/2025-26
e-mail: itdakja@nic.in/ itdakaranjia@gmail.com
No.215, Dtd. 02.02.26
No.19001/26/2526: Bid documents consisting of Work, Estimated Costs, Cost of Tender Papers, EMD, Time of Completion, Class of Contractors and the set of terms and conditions of contract and other necessary documents can be seen/ downloaded from Govt. Website i.e. www.tendersorissa.gov.in.
1. No. of Works : 25 (Twenty Five) Nos.
2. Estimated Cost : Varies from 15.00 Lakh to 80.00 Lakh
3. Period of Completion : Varies from 3 Calendar Months to 6 Calendar Months.
4. Date & Time of availability of bid documents : From 10 AM of 4th Day of February 2026 to 21st Day of February 2026 upto 5 PM
5. Last date & time of receipt of bids in the portal : Dt. 21st Day of February 2026 upto 5 P.M.
6. Last date & time of receipt of Bids through Tender Box : Dt.23rd Day of February 2026 upto 3.00 P.M.
7. Bids received through Tender Box shall be opened on : Dt.23rd Day of February 2026 3.30 P.M. onwards
8. Name and address of the Officer Inviting Bids : Project Administrator, ITDA, Karanjia
Further details can be seen/downloaded from the procurement portal i.e. www.tendersorissa.gov.in.
Sd./- Project Administrator I.T.D.A., Karanjia
OIPR-19001/19007/1/25-26/0005

## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ି ଜବତ : ୩ ଗିରଫ ୬ ଗୋରୁ ଉଦ୍ଧାର

ଆଠଗଡ଼,୧୦।୨(ସତ୍ୟ ପ୍ରସାଦ ରଥ) ଆଠଗଡ଼ ପୋଲିସ ପକ୍ଷରୁ ମଙ୍ଗଳବାର ଭୋର ସମୟରେ ପାଟ୍ରୋଲିଂ ଚାଲିଥିବା ବେଳେ ଆଠଗଡ଼-ଭୁବନେଶ୍ୱର ରାସ୍ତାର ମୁଣ୍ଡଳୀ ସେତୁ ନିକଟସ୍ଥ ବାଉଁଶଦଣ୍ଡା ଛକ ନିକଟରୁ ମଙ୍ଗଳବାର ଭୋର ସମୟରେ ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଉକ୍ତ ଗାଡ଼ିରୁ ୬ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଗୋ ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କଟକସ୍ଥିତ ସେକ୍ ଅଫ୍‌ସର୍, ସେକ୍ ଅନ୍‌ୱର, ମିର୍ଜା ହାସିମ ବେଗ୍। ଏନେଇ ଆଠଗଡ଼ ଥାନାରେ ମାମଲା (ନଂ.୫୪/୨୬) ରୁଜୁ କରାଯାଇ ଗୋରୁମାନଙ୍କୁ ଚୌଦ୍ୱାରସ୍ଥିତ ଗୋଶାଳାରେ ଛାଡ଼ି ଦିଆଯାଇଥିବା ତଦନ୍ତକାରୀ ଅଫିସର ଅମ୍‌ଜାଦ ଅହମ୍ମଦ ଖାନ୍ ସୂଚନା ଦେଇଛନ୍ତି।

# ବିବାଦୀୟ ଜମିରେ ଧାନ ରୁଆ: ପ୍ରତିବାଦରେ ଧାରଣା

ବାଙ୍କୀ,୧୦।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)


ଧାରଣାରେ ବସିଥିବା ଅମରେନ୍ଦ୍ରପୁର ଗ୍ରାମବାସୀ।

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ପଞ୍ଚାୟତର ଅମରେନ୍ଦ୍ରପୁର ଓ ତଳପାଥପୁର ମଧ୍ୟରେ କିଛି ଦିନ ହେବ ତିକ୍ତତା ଲାଗି ରହିଛି। ସୂଚନାଯୋଗ୍ୟ, ମା' ଉର୍ଦ୍ଦେଇ ଠାକୁରାଣୀଙ୍କ ଜମିକୁ ନେଇ ଦୁଇ ଗାଁ ମଧ୍ୟରେ ବିବାଦ ଲାଗି ରହିଛି। ଉଭୟ ଗ୍ରାମ ମଧ୍ୟରେ ଆଇନଶୃଙ୍ଖଳା ଭଳି ପରିସ୍ଥିତି ଉପୁଜିବାରୁ ବାଙ୍କୀ ପ୍ରଶାସନ ଉକ୍ତ ବିବାଦୀୟ ଜମିରେ ବିଏନ୍‌ଏସ୍ ୧୬୩ ଧାରା ଲାଗୁ କରିଥିଲେ। ମାତ୍ର ମଙ୍ଗଳବାର ତଳପାଥପୁର ଗାଁର ଲୋକମାନେ ସେଠାରେ ଧାନ ରୋଇଥିଲେ। ଏହାକୁ ବିରୋଧ କରି ଅମରେନ୍ଦ୍ରପୁର ପାଥପୁରର ଗ୍ରାମବାସୀ ମଙ୍ଗଳବାର ଡମପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ଦେଇଥିଲେ। ଏ ନେଇ ଡମପଡ଼ା ଅତିରିକ୍ତ ତହସିଲଦାର ଶ୍ରୀନିବାସ ମହାରଣା ଗ୍ରାମବାସୀଙ୍କୁ ବୁଝାଇବା ସହ ସେମାନଙ୍କ ଲିଖିତ ଅଭିଯୋଗକୁ ଗ୍ରହଣ କରିଥିଲେ। ଯିଏ ସରକାରୀ ନିୟମକୁ ଉଲ୍ଲଂଘନ କରିବ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ତହସିଲଦାର ତାହା ଅନୁଧ୍ୟାନ କରିବା ପରେ ଉଭୟ ଗ୍ରାମବାସୀଙ୍କୁ ଡାକି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଧାରଣାରେ ଅମରେନ୍ଦ୍ରପୁର ଗ୍ରାମର ମହେନ୍ଦ୍ର କୁମାର ନାୟକ, ଦୁଷ୍ମନ୍ତ ସାହୁ, ପ୍ରାଣକୃଷ୍ଣ ସାହୁଙ୍କ ସମେତ ଅନେକ ଗ୍ରାମବାସୀ ସାମିଲ ହୋଇଥିଲେ।

# ସରକାରଙ୍କ ଚାଷୀ ନୀତି ବିରୋଧରେ କଂଗ୍ରେସର ବିକ୍ଷୋଭ

ସାଲେପୁର,୧୦।୨(ଅରବିନ୍ଦ ଭୂୟାଁ):



ଶୋଭାଯାତ୍ରାରେ ଯାଉଥିବା କଂଗ୍ରେସ କର୍ମୀମାନେ।

ରାଜ୍ୟ ସରକାର କୃଷିମାରଣ ନୀତି କରୁଥିବା ଅଭିଯୋଗ କରି ମଙ୍ଗଳବାର ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ସାଲେପୁର କଂଗ୍ରେସ ପକ୍ଷରୁ ହରିବନ୍ଧୁ ସତପଥୀଙ୍କ ନେତୃତ୍ୱରେ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚାଷୀମାନଙ୍କ ଧାନ କଟ୍‌ନୀଛଟ୍‌ନୀ କରାଯାଉଥିବା ଦର୍ଶାଇ କଂଗ୍ରେସ କର୍ମୀମାନେ ସାଲେପୁରସ୍ଥିତ ମା' ସାହେଶ୍ୱରୀଙ୍କ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ସରକାରଙ୍କ ବିରୋଧରେ ନାରାଦେଇ ସାଲେପୁର ବଜାର ଦେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ଓ ପଥପ୍ରାନ୍ତ ସଭା କରାଯାଇଥିଲା। ଏଥିସହ ରାଜ୍ୟ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଯୁବନେତା ବିଜ୍ଞାନନ୍ଦ ଭୂୟାଁ, କ୍ଷୀରୋଦ ବାରିକ, ବୈକୁଣ୍ଠ ସ୍ୱାଇଁ, ମନୋଜ ଖିଲାର, ପ୍ରମୋଦ ଖୁଣ୍ଟିଆ, ଚତୁର୍ଭୁଜ ସ୍ୱାଇଁ, ସିଟୁ କର, ରବୀନ୍ଦ୍ର ଜେନା, ନାରୀନେତ୍ରୀ ମିନତି ବିଶ୍ୱାଳ ଓ କଳ୍ପନା ରାଉତଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଶିକ୍ଷା ଡିଗ୍ରୀ ପାଇଁ ନୁହଁ, ଜ୍ଞାନ ଆହରଣ ଲାଗି ଉଦ୍ଦିଷ୍ଟ



ଆଠଗଡର ଗୋପବନ୍ଧୁ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଆଠଗଡ,୧୦।୨(ସତ୍ୟ ପ୍ରସାଦ ରଥ)
ଆଠଗଡର ଗୋପବନ୍ଧୁ ବିଜ୍ଞାନ କଲେଜର ୭୩ ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଯୋଗଦେଇ ଛାତ୍ରୀଛାତ୍ର ମଧ୍ୟରେ ଶୃଙ୍ଖଳା, ନୈତିକତା ଓ କର୍ତ୍ତବ୍ୟ ପରାୟଣତା ଜରୁରୀ ବୋଲି କହିଥିଲେ। ଶିକ୍ଷା କେବଳ ଡିଗ୍ରୀ ପାଇଁ ନୁହଁ ଜ୍ଞାନ ଆହରଣ ପାଇଁ ଉଦ୍ଦିଷ୍ଟ ହେବା ଦରକାର ବୋଲି ଶର୍ମା ମତପ୍ରକାଶ କରିଥିଲେ। ଛାତ୍ର ସଂସଦ ଓ ନାଟ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ କଲେଜର ଅଧ୍ୟକ୍ଷ ଡ.ଲୋକନାଥ ସାହୁ ପୌରୋହିତ୍ୟ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ସଂସଦ ଉପସଭାପତି ତଥା ଉପଦେଷ୍ଟା ଅଧ୍ୟାପକ ଡ.ଚିତ୍ତରଞ୍ଜନ ପଟ୍ଟନାୟକ ମଞ୍ଚ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜର ମୁଖପତ୍ର 'ଉତ୍କଳମଣି' ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ୨ରେ ସର୍ବୋଚ୍ଚ ନମ୍ବର ରଖିଥିବା ଏବଂ ଅନ୍ୟାନ୍ୟ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ଅର୍ଥରାଶି ସ୍ମାରକୀ ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା। ନାଟ୍ୟ ସଂସଦର ଉପସଭାପତି ପ୍ରାଧ୍ୟାପିକା ଛାୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଦୋକାନରୁ ଚୋରି, ସିସିଟିଭିରେ କଏଦ ହେଲା ଦୃଶ୍ୟ

ବାରଙ୍ଗ,୧୦।୨(ଲିଙ୍ଗରାଜ ରାଉତ)
ଗୋଡ଼ିସାହି ଫାଣ୍ଡି ଷଣ୍ଢପୁର ଗ୍ରାମ ଢାବା ଛକରେ ଥିବା ରତାଗଡ଼ ଗ୍ରାମର ଦିବ୍ୟାଙ୍ଗ ଯୁବକ ନିରଞ୍ଜନ ନାୟକଙ୍କର ଏକ ଚା'ପାନ ଦୋକାନରୁ ଚୋରି ହୋଇଥିବା ମଙ୍ଗଳବାର ଜଣାପଡ଼ିଛି। ଚୋରମାନେ ଦୋକାନ କବାଟ ଭାଙ୍ଗି ୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନେଇଯାଇଛନ୍ତି। ନିରଞ୍ଜନ ଏ ସଂକ୍ରାନ୍ତରେ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଆସି ତଦନ୍ତ ଆରମ୍ଭ କରିଛି। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ ଚୋରି ଘଟଣାସବୁ କଏଦ ହୋଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏହି ଦୋକାନ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ନିରଞ୍ଜନ ସୋମବାର ରାତିରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ମଙ୍ଗଳବାର ସକାଳୁ ଆସିବା ପରେ ଦୋକାନରୁ ଚୋରି ହୋଇଥିବା ଜଣାପଡ଼ିଥିଲା।

# ସେମିଫାଇନାଲରେ ଚାନ୍ଦ କ୍ଲବ, ୟଙ୍ଗ ଉତ୍କଳ

### ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ସାଲେପୁର,୧୦।୨(ଅରବିନ୍ଦ ଭୂୟାଁ):
ସାଲେପୁର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ସାଲେପୁର ହାଇସ୍କୁଲ ପଡ଼ିଆରେ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ତୃତୀୟ ଦିନ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଶବର କ୍ଲବ ଭୁବନେଶ୍ୱର ଓ ଚାନ୍ଦ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାନ୍ଦ କ୍ଲବ କେନ୍ଦ୍ରାପଡା ୧-୦ ଗୋଲରେ ଶବର କ୍ଲବ ଭୁବନେଶ୍ୱରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ସାଲେପୁର ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ରବୀନ୍ଦ୍ରନାଥ କର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପୂର୍ବତନ ଫୁଟ୍‌ବଲ ଖେଳାଳି ପ୍ରଦିପ୍ତ କର, ମିହିର କୁମାର ଜେନା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ସେକ୍ ହାୟତ, ପ୍ରଦୀପ୍ତ ମହାନ୍ତି, ଅଶୋକ କୁମାର ସେଠୀ ପରିଚାଳନା କରିଥିଲେ। ରସାନନ୍ଦ ସାମଲ ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମ୍ୟାଚ ପରିଚାଳନାରେ ସାଲେପୁର ସ୍ପୋର୍ଟସ୍ ଏକାଡେମୀ ସଭାପତି ପ୍ରଦୀପ୍ତ କର, ସମ୍ପାଦକ ରାଜେଶ ଭୂୟାଁ, ଉପସଭାପତି ଜୟନ୍ତ କୁମାର ଦାସ, ପରବେଶ ଅଲ୍ଲୀ, ପ୍ରେମାନନ୍ଦ ଜେନା, ସୟଦ ନବି, ରାଧାନାଥ ସାହୁ, ମଦନମୋହନ ଜେନା ପ୍ରମୁଖ ସହଯୋଗ କରିଥିଲେ। ସୋମବାର ଦ୍ୱିତୀୟ ଦିନ ମ୍ୟାଚ ୟୁନିଭରସାଲ କ୍ଲବ କୁରଙ୍ଗ ଓ ୟଙ୍ଗ ଉତ୍କଳ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୟଙ୍ଗ ଉତ୍କଳ କ୍ଲବ କଟକ ୪-୧ ଗୋଲରେ ୟୁନିଭରସାଲ କ୍ଲବ କୁରଙ୍ଗକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା।

### ଜିଲା ବିଜେଡିର କର୍ମକର୍ତ୍ତା ହେଲେ ସାଲେପୁର-ଟାଙ୍ଗୀ ବିଜେଡି ନେତା

ସାଲେପୁର,୧୦।୨(ଅରବିନ୍ଦ ଭୂୟାଁ):
ସାଲେପୁର ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତାମାନଙ୍କୁ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜିଲା ସଙ୍ଗଠନ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏଥିରେ ସାଲେପୁର ବରିଷ୍ଠ ବିଜେଡି ନେତା ଦିଲୀପ ଦାଶ ଓ ଟାଙ୍ଗୀ ବ୍ଲକ ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲଙ୍କୁ ଜିଲା ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବତନ ସାଲେପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା ଓ ଗୋପୀନାଥପୁର ପଞ୍ଚାୟତ ବିଜେଡି ନେତା ମନୋରଞ୍ଜନ ଦାଶଙ୍କୁ ଜିଲା ବିଜେଡି ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ସେହିପରି ରାଇସୁଂଗୁଡା ପଞ୍ଚାୟତ ବରିଷ୍ଠ ବିଜେଡି ନେତା ପ୍ରହ୍ଲାଦ ସିଂଙ୍କୁ ଜିଲା ବିଜେଡି ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି।

### ଜାତୀୟ ସ୍ୱତନ୍ତ୍ର ଅଲିମ୍ପିକ୍ସର ଦୌଡ଼କୁଦ ପ୍ରତିଯୋଗିତା: ସତ୍ୟଭାମାଙ୍କୁ ୨ ରୌପ୍ୟ




ଆଠଗଡ଼,୧୦।୨ (ସତ୍ୟ ପ୍ରସାଦ ରଥ)
ହରିୟାଣାର ରୋହତକସ୍ଥିତ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ବିଶ୍ୱବିଦ୍ୟାଳୟରେ ଫେବୃଆରୀ ୨ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ୱତନ୍ତ୍ର ଅଲିମ୍ପିକ ଆୟୋଜନ କରାଯାଇଥିଲା। ଏହାର ଦୌଡ଼କୁଦ ପ୍ରତିଯୋଗିତାରେ ଦିବ୍ୟାଙ୍ଗ ଛାତ୍ରୀ ସତ୍ୟଭାମା ସାହୁ ଭାଗନେଇ ୫୦ ମିଟର ଓ ୧୦୦ ମିଟର ଦୌଡ଼ରେ ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ସେ ଆଠଗଡ଼ ବ୍ଲକ ଦୋରଡ଼ସ୍ଥିତ ବନ ବିହାରୀ ମହାନ୍ତି ମାନସିକ ଅନଗ୍ରସର ଟ୍ରଷ୍ଟର ଛାତ୍ରୀ। ଟ୍ରଷ୍ଟର କୋଚ୍ ହରେକୃଷ୍ଣ ରାଉତଙ୍କ ତତ୍ତ୍ୱାବଧାନରେ ସତ୍ୟଭାମା ଏହି ବିରଳ କୃତିତ୍ୱ ହାସଲ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଟ୍ରଷ୍ଟ ସମ୍ପାଦକ ବିବେକାନନ୍ଦ ମହାନ୍ତି, ଆଠଗଡ଼ କ୍ରୀଡ଼ା ସଂସଦ ସମ୍ପାଦକ ଶ୍ୟାମାନନ୍ଦ ମହାରଣା, ସୋମନାଥ ଭକ୍ତା, ଆଠଗଡ଼ ଅଞ୍ଚଳର ଜଣାଶୁଣା କ୍ରୀଡ଼ା ସଙ୍ଗଠକ ରୁଦ୍ରଚରଣ ମହାନ୍ତି, ଶ୍ୟାମା ପ୍ରସାଦ ପଣ୍ଡା, ଆଠଗଡ଼ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବଜେଟରେ ଓଡ଼ିଶାର ବିକାଶ ପାଇଁ ଅନେକ ଯୋଜନା ରଖାଯାଇଛି: ତୁହିନ୍ ଅମର ସିହ୍ନା

କଟକ,୧୦।୨(ଶିଳ୍ପା ପ୍ରିୟଦର୍ଶିନୀ)
କେନ୍ଦ୍ରୀୟ ବଜେଟରେ ଓଡ଼ିଶାର ବିକାଶ ପାଇଁ ଅନେକ ଯୋଜନା ରଖାଯାଇଛି ବୋଲି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ତୁହିନ୍ ଅମର ସିହ୍ନା କହିଛନ୍ତି। ମଙ୍ଗଳବାର ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିହ୍ନା କହିଛନ୍ତି, ଓଡ଼ିଶାର ବିକାଶ ପାଇଁ ଯାହା ଯୋଜନା କରାଯାଇଥିଲା, ତାହା କ୍ରମଶଃ କାର୍ଯ୍ୟକାରୀ ହେଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଚଳିତ ବେଜେଟରେ ଓଡ଼ିଶାର ବିକାଶ ଦିଗରେ ଅନେକ ଯୋଜନା ରଖାଯାଇଛି। ଚଳିତ ବଜେଟ୍‌ରେ ଓଡ଼ିଶାର ଜଳପଥଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳ ଯଥା ଅନୁଗୋଳ, ତାଳଚେର, କଳିଙ୍ଗନଗର, ପାରାଦୀପ ଏବଂ ଧାମରାକୁ ଜଳପଥ ମାଧ୍ୟମରେ ସଂଯୋଗ କରାଯିବ। ଓଡ଼ିଶାର ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଏକ ନୂଆ ଯୁଗର ଆରମ୍ଭ କରିବା ସହ ରାଜ୍ୟ ଅର୍ଥନୀତିକୁ ନୂତନ ଶିଖରକୁ ନିଆଯାଇ ପାରିବ ବୋଲି ସିହ୍ନା କହିଛନ୍ତି।

ସିହ୍ନା ଆହୁରି କହିଛନ୍ତି, ରାଜ୍ୟ ଜଳପଥ ପରିବହନ କ୍ଷେତ୍ରରେ ଏକ ବଡ଼ ଧରଣର ପରିବର୍ତ୍ତନ ଆସିବାକୁ ଯାଉଛି। ଓଡ଼ିଶାରେ ଜଳପଥର ରୂପାନ୍ତର ପାଇଁ ବଜେଟରେ ୧୨,୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହା ମାଧ୍ୟମରେ ରାଜ୍ୟର ବିଭିନ୍ନ ନଦୀ ଓ ନାଳକୁ ବର୍ଷସାରା ପରିବହନ ଉପଯୋଗୀ କରାଯିବ। ସେହିପରି ଓଡ଼ିଶା ସମେତ ୪ଟି ରାଜ୍ୟରେ ବିରଳ ମୃତ୍ତିକା କରିଡର କରାଯିବ। ଏହି ପ୍ରସ୍ତାବିତ କରିଡର ଓଡ଼ିଶାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ଓଡ଼ିଶାରେ ଉପଲବ୍ଧ ବିରଳ ମୃତ୍ତିକା ପରମାଣୁ ଶକ୍ତି ଉତ୍ପାଦନରେ ବିନିଯୋଗ କରାଯିବ ବୋଲି ସିହ୍ନା କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଉପସଭାପତି ଯତୀନ ମହାନ୍ତି, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଓଡ଼ିଶା ପ୍ରଦେଶ ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ରାଜ୍ୟକାରିଣୀ ସଦସ୍ୟ ତଥା ବାଙ୍କୀ ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ଚକ୍ରବର୍ତ୍ତୀ, ପୂର୍ବତନ କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବତ୍ସ, ପୂର୍ବତନ କୋଷାଧ୍ୟକ୍ଷ ବିନୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଫାଇନାଲରେ ପ୍ରତାପ କ୍ଲବ, ଖୁଣ୍ଟକଟା କ୍ରୀଡ଼ା ପରିଷଦ

ଟିଗିରିଆ, ୧୦।୨(ଜାଫର ଖାଁ)ଟିଗିରିଆ ବ୍ଲକ ପଙ୍କାଳସ୍ଥିତ ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମରେ ଯୁବଜ୍ୟୋତି କ୍ଲବ ପକ୍ଷରୁ ୧୭ତମ ରାଜ୍ୟସ୍ତରୀୟ ଫଲ୍ଗୁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁଥ କ୍ଲବ କରଡ଼ାପଲ୍ଲୀକୁ ୧-୦ ଗୋଲ୍‌ରେ ପରାସ୍ତ କରି ପ୍ରତାପ କ୍ଲବ କଟକ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ପ୍ରତାପ କ୍ଲବର ୮ ନମ୍ବର ଖେଳାଳି ସୋମ୍ୟ ରଞ୍ଜନ ରାଉତ ଏକ ଗୋଲ୍ ସ୍କୋର କରିଥିବା ବେଳେ ୟୁଥ୍ କ୍ଲବ ବିଫଳ ହୋଇଥିଲା। ଫଳରେ ପ୍ରତାପ କ୍ଲବ ବିଜୟୀ ହୋଇଛି। ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ଖୁଣ୍ଟକଟା କ୍ରୀଡା ପରିଷଦ ୫- ୩ ଟାଇବ୍ରେକର ଗୋଲରେ ଅହମ୍ମଦିୟା କ୍ଲବ କେରଙ୍ଗକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା।

### ରାଜ୍ୟର ଗ୍ରେଡ୍ -ଏ ସମିତିରେ ସ୍ଥାନ ପାଇଛି କଳାପଥର

ବାଙ୍କୀ,୧୦।୨(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):ବାଙ୍କୀ ବ୍ଲକ କଳାପଥର ଆଦର୍ଶ ସେବା ସମବାୟ ସମିତିର ୫୮ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି କେଶବ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସହକାରୀ ନିବନ୍ଧକ ସୁରେନ୍ଦ୍ର କୁମାର ଜେନା ଯୋଗଦେଇ କଳାପଥର ସେବା ସମବାୟ ସମିତି କିପରି ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ସହ ସହାଭାଗିତା ହୋଇପାରିଛି ସେ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟ ନିର୍ବାହୀ ଅଧିକାରୀ କରୁଣାକର ସାହୁ, ବିଶିଷ୍ଟ ସମବାୟବିତ୍ ରବି ନାରାୟଣ ମଙ୍ଗରାଜ, କଳାପଥର କେନ୍ଦ୍ର ସମବାୟ ଶାଖା ପରିଚାଳକ ସତ୍ୟପ୍ରିୟ ବେହେରା, ସ୍ଥାନୀୟ ସରପଞ୍ଚ କମଳା ସ୍ୱାଇଁ, ସାମାଜିକ କର୍ମୀ ନରେଶ କୁମାର ସାହୁ, ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ବିଜନ କୁମାର ସାହୁ, ବାଙ୍କୀ ସହକାରୀ କୃଷି ଅଧିକାରୀ ଶ୍ରୀନିବାସ ଦାସ, କଳାପଥର ଗ୍ରାମ ସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ ଏବଂ ଡ. ପ୍ରିୟଦର୍ଶିନୀ ପାତ୍ର ପ୍ରମୁଖ ଦେଇଥିଲେ। ଚଳିତ ବର୍ଷ ରାଜ୍ୟରେ ୧୭ ସେବା ସମବାୟ ସମିତି ଗ୍ରେଡ୍-ଏ ପାଇଥିବାବେଳେ ସେଥିରେ କଳାପଥର ସେବା ସମିତି ସ୍ଥାନ ପାଇଛି। ସେହିପରି କଟକ ଜିଲା କୃଷି ସମ୍ମିଳନୀରେ ମଧ୍ୟ ସମିତି ଭଲ କାମ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି କହି ଅତିଥିମାନେ ପ୍ରଶଂସା କରିଥିଲେ। ମିର୍ଜା ଆନ୍‌ୱାର ଆଲ୍ଲୀବେଗ ସଂଯୋଜନା କରିଥିଲେ। ଏହି ଅବସରରେ ୩୦ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


**ପୂର୍ବ ତଟ ରେଳପଥ**
**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**
ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG
(1) ଷ୍ଟେସନ ଏବଂ ସ୍ଥାନ : କଟକ-2 ଚକିଆ (ରେଳବାଇ ପ୍ରତିଷ୍ଠାନ ନିକଟରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 20.02.2026, 1530 ଘଟିକା।
(2) ଷ୍ଟେସନ ଏବଂ ସ୍ଥାନ : କେନ୍ଦୁଝର-MIX (2 ଚକିଆ-ସହ-4 ଚକିଆ) (ପ୍ଲାଟଫର୍ମ-1 ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 23.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 23.02.2026, 1530 ଘଟିକା।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍‌ସନ ଲିଙ୍କ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1106/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସ୍‌ୟୁ/କେଜିପି/୧/୨୦୨୬, ତାରିଖ: ୦୭।୦୨।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେଗୁଡ଼ିକ ୧୫.୩୦ ଘଟିକା ପୂର୍ବରୁ ଖୋଲାଯିବ। ଟେଣ୍ଡର ନଂ.: ଇ/କେଜିପି/ଜିଏସ୍/୧/୨୦୨୬। କାର୍ଯ୍ୟର ବର୍ଣ୍ଣନା: ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ଜିଏସ୍‌ୟୁ/ଖଡ଼ଗପୁର, ଖଡ଼ଗପୁର ମଣ୍ଡଳଙ୍କ ଅଧୀନରେ ଗତି ଶକ୍ତି ୟୁନିଟ୍‌ର ପ୍ରକଳ୍ପ ନିମନ୍ତେ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଯୋଗାଇବା ପାଇଁ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଏଜେନ୍ସି (ପିଏସ୍‌ଏସ୍‌ଏ)ର ନିଯୁକ୍ତି; ଟେଣ୍ଡର ମୂଲ୍ୟ: ₹୮,୬୧,୩୮,୨୫୪.୧୦। ଅମାନତ ରାଶି: ₹୧୭,୨୨,୮୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ୦.୦୦। କାର୍ଯ୍ୟର ସମାପ୍ତି ଅବଧି: ୨୪ ମାସ। ଖୋଲାଯିବା ତାରିଖ: ୧୮।୦୩।୨୦୨୬। ବିଡ଼ିଂ ଆରମ୍ଭ ତାରିଖ: ତା୦୪।୦୩।୨୦୨୬ରିଖରୁ ତା୧୮।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1165)

Your classified advertisement published in Dharitri will be listed free in Dharitri online edition : www.dharitri.com

**OFFICE OF THE NOTIFIED AREA COUNCIL, G.UDAYAGIRI**
No. 371 **CORRIGENDUM** Dt. 07.02.2026
No. 13001/149/2526: In continuation to this Office Bid Identification No. GUDGR-NAC-02/2025-26 invite vide this Office Notice No. 290 Dt.22.01.2026, the following partial modification has been made:
1. Availability of tender online for bidding extended upto : Dt.16.02.2026 at 5.00 P.M.
2. Date & time of opening of the tender : Dt.17.02.2026 at 10.00 A.M.
3. Date & time of evaluation : Dt.18.02.2026 at 11.00 A.M.
All other terms and condition will remain unaltered.
Sd./- Executive Officer N.A.C. G.Udayagiri
OIPR-13001/13066/1/25-26/0001

**GOVERNMENT OF ODISHA**
**"e" PROCUREMENT NOTICE**
**OFFICE OF THE NOTIFIED AREA COUNCIL, DASPALLA**
**2nd Corrigendum on Tender Call Notice No. 66 Dt. 08.01.2026**
Bid Identification No. NAC-Daspalla-(SAN)-2025-26
No. 422 Dt.: 03.02.2026
No. 13001/151/2526: Corrigendum hereby issued for Tender Call Notice No. 66 / Dt.08.01.2026 for Sanitation Work of Daspalla NAC regarding extension of date opening of Financial Bid due to unavoidable circumstances.
1. Date & time of opening of Financial Bid : Dt.12.02.2026 at 11.00 A.M.
*All other terms & conditions remain unaltered.
Sd./- Executive Officer Notified Area Council, Daspalla
OIPR-13001/13141/1/25-26/0001

**ତହସିଲ କାର୍ଯ୍ୟାଳୟ, ରାମପୁର, ଜିଲ୍ଲା: ସୁବର୍ଣ୍ଣପୁର**
**ନୋଟିସ**
No. 24001/18/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମାନ୍ୟବର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସାର୍ଟିଫିକେଟ କେସ୍ ନଂ. ୦୧/୨୦୨୧ର ଆଦେଶ ମୁତାବକ ଶ୍ରୀ ନବୀନ କୁମାର ସାହୁ, ପିତା: ନାରାୟଣ ସାହୁ, ନିବାସୀ: କନ୍ଦୋମୁଣ୍ଡାଙ୍କଠାରୁ ଟ.୨,୯୯,୬୯,୦୭୭.୦୦ (ଦୁଇ କୋଟି ଅନେଶତ ଲକ୍ଷ ଅଣସ୍ତରି ହଜାର ସତସ୍ତରୀ) ଟଙ୍କା ମାତ୍ର ଆଦାୟ ନିମନ୍ତେ ନିମ୍ନ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଛି।

| କ୍ର. ସଂଖ୍ୟା | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକରରେ) |
|---|---|---|---|---|---|
| ୧ | ସାହାଜବାହାଲ | ୮୯ | ୩୩୫ | | ୦.୯୦୮ |
| ୨ | ସାହାଜବାହାଲ | ୮୯ | ୩୪୧ | | ୧.୨୩୦ |
| ୩ | ଇଚ୍ଛାପୁର | ୧୯୫ | ୧୩୦୪ | ଜଳସେଚିତ | ୦.୧୫୦ |
| ୪ | ଇଚ୍ଛାପୁର | ୧୯୫ | ୧୨୨୨ | ଘର | ୦.୦୧୮ |
| ୫ | ଇଚ୍ଛାପୁର | ୧୯୫ | ୧୨୫୫ | ଘର | ୦.୦୪୦ |
| ୬ | ଇଚ୍ଛାପୁର | ୧୯୫ | ୧୨୬୫ | ବାରି | ୦.୦୫୦ |

ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୦୨।୨୦୨୬ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ, ରାମପୁରଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।
OIPR-24001/24323/1/25-26/0001 ସ୍ୱା./- ତହସିଲଦାର, ରାମପୁର

**OFFICE OF THE DISTRICT FISHERIES OFFICER, ANGUL**
Ph.: (06764) 236458, E-mail: dfoangul123@gmail.com
**QUOTATION CALL NOTICE**
No. 330 Date: 09.02.2026
(Hiring of Vehicle for Official Purpose on Monthly rent basis)
No. 6001/9/2526: Sealed quotations/tenders are invited from interested reputed travel agencies/tour operators or private individuals for providing 1 (One) No. of vehicle having sitting capacity not more than five including driver, for official use in District Fisheries Officer, Angul on monthly rent basis. The tender should reach the undersigned by 23.02.2026 5.30 P.M. through Registered Post/Courier. All tender shall be opened on 24.02.2026 12.00 Noon in the Office of the District Fisheries Office, Angul. The tender should be submitted to DFO, Angul, Mishra Pada, Near Jagannath Temple, Odisha, PIN Code - 759122. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available in Office of the District Fisheries Officer, Angul or can be downloaded from **www.angul.odisha.gov.in** from Dt.11.02.2026 to 23.02.2026.
The undersigned deserve right to postpone/cancel the tender without assign any reason thereof.
OIPR-6001/6064/1/2526/0001 Sd./- District Fisheries Officer, Angul

**ODISHA COAL AND POWER LTD.**
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664
**NOTICE INVITING TENDER**
NIT No.: OCPL/MCMP/SER-190/2026 Dt.: 11.02.2026
Bids in prescribed format are invited in **www.tendersodisha.gov.in** from the Agency for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of bid Submission | Last Date of Opening of Bid |
|---|---|---|---|---|---|
| 1 | Construction of Boundary wall and Pathway at Kechhobahal Kalyan Mandap, Jharsuguda, Odisha | Rs. 1000 Incl. of GST | 11.02.2026 3.00 P.M. | 07.03.2026 5.00 P.M. | 03.30 P.M. on 11.03.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., **www.tendersodisha.gov.in** or may refer our website i.e. **www.ocpl.org.in.** Any clarification may please be addressed to the undersigned at the above address or by email to: **contracts@ocpl.org.in.**
Sd./- Sr. Manager (Contract and Commercial)

**GOVT. OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY: KARANJIA**
**DIST- MAYURBHANJ,**
E-PROCUREMENT NOTICE
BID IDENTIFICATION NO-06/2025-26
e-mail: itdakja@nic.in/ itdakaranjia@gmail.com
No.215, Dtd. 02.02.26
**No.19001/26/2526:** Bid documents consisting of Work, Estimated Costs, Cost of Tender Papers, EMD, Time of Completion, Class of Contractors and the set of terms and conditions of contract and other necessary documents can be seen/ downloaded from Govt. Website i.e. www.tendersorissa.gov.in.
1. No. of Works : 25 (Twenty Five) Nos.
2. Estimated Cost : Varies from 15.00 Lakh to 80.00 Lakh
3. Period of Completion : Varies from 3 Calendar Months to 6 Calendar Months.
4. Date & Time of availability of bid documents : From 10 AM of 4th Day of February 2026 to 21st Day of February 2026 upto 5 PM
5. Last date & time of receipt of bids in the portal : Dt. 21st Day of February 2026 upto 5 P.M.
6. Last date & time of receipt of Bids through Tender Box : Dt.23rd Day of February 2026 upto 3.00 P.M.
7. Bids received through Tender Box shall be opened on : Dt.23rd Day of February 2026 3.30 P.M. onwards
8. Name and address of the Officer Inviting Bids : Project Administrator, ITDA, Karanjia
Further details can be seen/downloaded from the procurement portal i.e. www.tendersorissa.gov.in.
Sd./- Project Administrator I.T.D.A., Karanjia
OIPR-19001/19007/1/25-26/0005

# ନୀଳକଣ୍ଠେଶ୍ୱର ଦେବ ମନ୍ଦିର ନୀତିକାନ୍ତି ପାଇଁ ଅର୍ଥାଭାବ

## ଆଇନ ମନ୍ତ୍ରୀଙ୍କୁ ଜଣାଇଲା ଟ୍ରଷ୍ଟ ବୋର୍ଡ

ଖୋର୍ଦ୍ଧା,୧୦।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ପୁରୁଣାଗୋଡ଼ାରେ ରହିଛି ଶ୍ରୀନୀଳକଣ୍ଠେଶ୍ୱର ଦେବ ମନ୍ଦିର। ଗଜପତି ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମନ୍ଦିର ଏବେ ଅବହେଳିତ ଅବସ୍ଥାରେ ରହିଛି। ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହି ମନ୍ଦିର ଅସ୍ତିତ୍ୱ ହରାଇବାକୁ ବସିଛି। ଅର୍ଥାଭାବରୁ ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି ହେଉଛି। ଆଗକୁ ମହାଶିବରାତ୍ରି ରହିଛି। ଶତାଧିକ ଭକ୍ତଙ୍କ ସମାଗମ ହେବା ଏଠାରେ ଦେବଙ୍କ ବିଭିନ୍ନ ପର୍ବପର୍ବାଣି ରହିଛି। ଦୈନିକ ନୀତିକାନ୍ତି, ଦେବନୀତି ପାଇଁ ଅନୁଦାନ ନ ମିଳିଲେ ମନ୍ଦିର ଚାଲିବା ସମ୍ଭବପର ନୁହଁ। ଏ ସଂକ୍ରାନ୍ତରେ ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟନ୍ୟାସ ତ୍ରିଲୋଚନ ମହାପାତ୍ର ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଆଲୋଚନା କରିବା ସହ ଲିଖିତ ଭାବେ ଜଣାଇଛନ୍ତି। ସରକାର ଏହି ମନ୍ଦିର ପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଅର୍ଥାଭାବରୁ ଦେବନୀତି ସୁଚାରୁଭାବେ ହୋଇପାରୁନାହିଁ। ଏପରି ଚାଲିଲେ ଆଗକୁ ମନ୍ଦିର ବନ୍ଦ ହୋଇଯିବା ପରିସ୍ଥିତି ସୃଷ୍ଟି ହେବ ବୋଲି ମହାପାତ୍ର କହିଛନ୍ତି।

ଅଭିଯୋଗ ଅନୁଯାୟୀ, ୧୯୦୬ ମସିହାରେ ଏହି ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତି ପାଇଁ ଗଜପତି ଏ.୩୨.୫୦୦ଡି. ଜମି ଖଞ୍ଜା କରିଥିଲେ। ୧୯୭୪ ମସିହାରେ ମଧ୍ୟ ସ୍ୱତ୍ୱ ଉଚ୍ଛେଦ ଆଇନ ଦ୍ୱାରା ମନ୍ଦିରର ପ୍ରଜା ଦଖଲ ଓ ନିଷ୍କର ସେବା ପୂଜା ପାଇଁ ଏ.୨୫.୯୩୫ଡି. ଜମିକୁ ସେମାନଙ୍କ ନାମରେ ସ୍ଥିତିବାନ ସ୍ୱତ୍ୱରେ ରେକର୍ଡଭୁକ୍ତ କରିଦେଲେ। ପୂର୍ବରୁ ପ୍ରଜାମାନଙ୍କଠାରୁ ଠାକୁରଙ୍କ ନୀତିକାନ୍ତି ଲାଗି ୨୦ବସ୍ତା ଧାନ ଆସୁଥିଲା। ସେଥିରେ ଠାକୁରଙ୍କ ନୀତିକାନ୍ତି ହେଉଥିଲା। ତେବେ ୫୧ବର୍ଷ ହେବ ଆସୁ ନାହିଁ। ପ୍ରଜା ନାମରେ ସ୍ଥିତିବାନ ଜମି ରେକର୍ଡ ଯୋଗୁ ଏବେ ମନ୍ଦିର ସେବାପୂଜାରେ ଦୈନିକ ନୀତିରେ ଅସୁବିଧା ହେଉଛି। ଏପରିକି ୩ଜଣ ସେବକ ଠାକୁରଙ୍କ ଦେବନୀତି ପାଇଁ ଆସୁନାହାନ୍ତି। ଫଳରେ ଟ୍ରଷ୍ଟ ପକ୍ଷରୁ ଦେବନୀତି ସମ୍ପନ୍ନ କରାଯାଉଛି। ଦୈନିକ ମନ୍ଦିର ସେବାପୂଜାରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ବେଳେ ମନ୍ଦିର ଚଳାଇବା କଷ୍ଟକର ହୋଇପଡିଲାଣି। ଓଡ଼ିଶା ସରକାରଙ୍କ ଓଏଲଆର ଆକ୍ଟରେ ଭୂ-ସମ୍ପତ୍ତି ଉଚ୍ଛେଦ ହୋଇଥିବା ମନ୍ଦିରକୁ ବର୍ଷକୁ ଦୁଇ ଥର ସାଲିଆନା ବୃତ୍ତି ଦେବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଏଯାବତ୍ ଦିଆଯାଉନାହିଁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ଶାସନ ସଚିବ, ରାଜସ୍ୱ ସଚିବଙ୍କ ସମେତ ହିନ୍ଦୁ ଓ ଦେବୋତ୍ତର ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସହଯୋଗ ମିଳୁନାହିଁ। ମନ୍ଦିରର ଆୟ କିଛି ନ ଥିବା ବେଳେ ସରକାରୀ ସହାୟତା ନ ମିଳିଲେ ମନ୍ଦିର କିପରି ଚାଲିବ ବୋଲି ସେ କହିଛନ୍ତି। ସେ ଆହୁରି ଲେଖିଛନ୍ତି ଯେ, ମନ୍ଦିର ସ୍ୱତ୍ୱାଧିକାରୀ ତଥା ଆନୁବଂଶିକ ଟ୍ରଷ୍ଟିଙ୍କ ନିକଟରେ ଅବଶିଷ୍ଟ ଏ୧୦.୩୨୦ଡି. ଜମି ଥିଲେ ମଧ୍ୟ ଆମର କୌଣସି ମୌଳିକ ଅଧିକାର ନାହିଁ। ଜଣେ ସରକାରୀ କର୍ମଚାରୀ ଅବସର ନେବା ପରେ ଜୀବନସାରା ପେନସନ ପାଉଥାଏ। ତେବେ ବଂଶାନୁକ୍ରମ ଭାବେ ମନ୍ଦିର ଟ୍ରଷ୍ଟ କାର୍ଯ୍ୟକୁ ଚଳାଇ ଆସୁଥିବା ସତ୍ତ୍ୱେ ମନ୍ଦିରର ବିକାଶ ପାଇଁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ୨୦୨୪ ସେପ୍ଟେମ୍ବର ୧୮ରେ ଏହି ମନ୍ଦିରର ଦେବକାର୍ଯ୍ୟ ସମ୍ପନ୍ନ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ୪୦ହଜାର ଟଙ୍କା ଅନୁଦାନ ମିଳିଥିଲା। ସେହି ଟଙ୍କାରେ ଦେବନୀତି ଚାଲିଛି। ତେବେ ମନ୍ଦିର ଦେବନୀତି ସୁଚାରୁଭାବେ ଚାଲିବା ଏବଂ ନୀତିକାନ୍ତିଠାରୁ ଦୂରେଇ ଯାଇଥିବା ସେବକଙ୍କୁ ପୁନଃ ନିଯୁକ୍ତି ଏବଂ ଆର୍ଥିକ ସହଯୋଗ ପାଇଁ ଦାବି କରିଛନ୍ତି।

## ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ 'ସୁରକ୍ଷିତ ଇଣ୍ଟରନେଟ ଦିବସ'

# ସାଇବର ସୁରକ୍ଷା ସମ୍ପର୍କରେ ବୁଝିଲେ, ଶପଥପାଠ କଲେ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା,୧୦।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ପରିସରରେ ସୂଚନା ପ୍ରଯୁକ୍ତିବିଦ୍ୟା ଓ ସାଇବର ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ 'ସୁରକ୍ଷିତ ଇଣ୍ଟରନେଟ ଦିବସ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ମାର୍ଟ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ସୁରକ୍ଷିତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ସାମ୍ପ୍ରତିକ ସମୟରେ ଏଆଇର ବ୍ୟବହାର ବଢୁଥିବାରୁ ଏହାର ସୁଯୋଗ ଓ ବିପଦ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ଜିଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭକାନ୍ତ ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗଦେଇ ବିଭିନ୍ନ ପ୍ରକାର ସାଇବର ଠକେଇ ଯଥା ଡିଜିଟାଲ ଆରେଷ୍ଟ, ଫିସିଂ ଏବଂ ଏଆଇ ଇଏସ୍ କ୍ଲୋନିଂ ସ୍କାମ ସମ୍ପର୍କରେ ଛାତ୍ରୀମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ପାସୱାର୍ଡର ସୁରକ୍ଷା, ଦୁଇ-ପର୍ଯ୍ୟାୟ ପ୍ରାମାଣିକୀକରଣ (୨ଏଫଏ) ଏବଂ ଅପରିଚିତ ଲିଙ୍କ ଉପରେ କ୍ଲିକ ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ୟୁପିଆଇ ବ୍ୟବହାର ସମୟରେ କିପରି ସତର୍କ ରହିବାକୁ ହେବ, ସେ ବିଷୟରେ ବୁଝାଇଥିଲେ। ଯଦି କେହି ସାଇବର ଠକେଇର ଶିକାର ହୁଅନ୍ତି, ତେବେ ତୁରନ୍ତ ସାଇବର ହେଲ୍ପଲାଇନ ନମ୍ବର '୧୯୩୦'କୁ କଲ କରିବାକୁ କିମ୍ବା cybercrime.gov.in ପୋର୍ଟାଲରେ ଅଭିଯୋଗ କରିବାକୁ ପଣ୍ଡା ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମ ଶେଷରେ ଛାତ୍ରୀମାନେ ଶିକ୍ଷା ଓ ଅଭିଜ୍ଞତା ବାଣ୍ଟିବା ସହ ବିଭିନ୍ନ ପ୍ରଶ୍ନ ପଚାରି ସନ୍ଦେହ ଦୂର କରିଥିଲେ। ଛାତ୍ରୀ ଏବଂ କର୍ମଚାରୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରମାଣପତ୍ର ହାସଲ କରିବା ସହ ଇଣ୍ଟରନେଟକୁ ସୁରକ୍ଷିତ ଭାବେ ବ୍ୟବହାର କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

# କଳାପଥର ଆଦର୍ଶ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

କଳାପଥର,୧୦।୨(ଗଙ୍ଗାଧର ସାହୁ)

କଳାପଥର ଆଦର୍ଶ ସେବା ସମବାୟ ସମିତି ଲିଃ ପକ୍ଷରୁ ମଙ୍ଗଳବାର ୫୮ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଋଣ ଦିଅଣ ନିଅଣରେ ସେବା ସମିତି ୨୫ ଲକ୍ଷ ୭୭ ହଜାର ୨ଶହ ୭ ଟଙ୍କା ଲାଭ କରିଛି। ରାଜ୍ୟରେ ୧୭ଟି ସେବା ସମବାୟ ସମିତ ଗ୍ରେଡ୍ ଏ ରେ ସ୍ଥାନ ପାଇଥିବାବେଳେ ତନ୍ମଧ୍ୟରୁ କଳାପଥର ସେବା ସମିତି ଅନ୍ୟତମ।

ଜିଲା କୃଷି ସମ୍ମିଳନୀରେ ମଧ୍ୟ ଭଲ କାମ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି। ବାର୍ଷିକ ବିବରଣୀ ପାଠରେ ସମିତି ସମ୍ପାଦକ କେତେ ଟଙ୍କାର ଋଣ ମହିଳା ଚାଷୀ ଓ କ୍ଷୁଦ୍ର ଚାଷୀଙ୍କୁ ଦିଆଯାଇଛି ତାହା କହିଥିଲେ। ସରକାରଙ୍କ ବଳରାମ ଯୋଜନା ୨ଶହ ମହିଳା ଚାଷୀଙ୍କ ଗ୍ରୁପକୁ ୨ କୋଟି ଟଙ୍କାର ଋଣ ମଞ୍ଜୁରି କରାଯାଇଥିଲା ୧୨ଶହ କ୍ଷୁଦ୍ର ଚାଷୀଙ୍କୁ ସେହିଭଳି ଚାଷ କ୍ଷେତ୍ରରେ ପ୍ରଗତି ପାଇଁ ୮କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମାର ମଧ୍ୟ ସଫଳ ରୂପାୟନ କରାଯାଇପାରିଛି, ଯାହାର ସୁଫଳ ଚାଷୀ ପାଇଛି ବୋଲି ସମ୍ପାଦକ ମିର୍ଜା ଅନୁୱାର ବେଗ କହିଛନ୍ତି। ମୁଖ୍ୟ ଅତିଥିଭାବେ ସହକାରୀ ନିବନ୍ଧକ ସୁରେନ୍ଦ୍ର କୁମାର ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଭାବେ କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟ ନିର୍ବାହୀ ଅଧିକାରୀ କରୁଣାକର ସାହୁ, ସରପଞ୍ଚ କମଳା ସ୍ୱାଇଁ, ବିଜନ କୁମାର ସାହୁ, ରବି ନାରାୟଣ ମଙ୍ଗରାଜ, ନରେଶ ସାହୁ, ଗଣେଶ୍ୱର ସ୍ୱାଇଁ, କେଶବ ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ୩୦ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨ କାର୍ ମୁହାଁମୁହିଁ ଧକ୍କା, ନୟାଗଡ଼ ବ୍ଲକ ଅଧ୍ୟକ୍ଷଙ୍କ ସମେତ ୩ ଆହତ

ବାଘମାରୀ,୧୦।୨(ମିହିର ରଞ୍ଜନ ମହାପାତ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ-ବେଗୁନିଆ ମଧ୍ୟରେ ଥିବା ଏକ ଇଟା ଫ୍ୟାକ୍ଟ୍ରି ନିକଟରେ ମଙ୍ଗଳବାର ଦୁଇ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଗୋଟିଏ କାରର ଚାଳକ ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ନିମାପଡ଼ା ଅଞ୍ଚଳର ଠିକାଦାର ଜୟନ୍ତ କୁମାର ସ୍ୱାଇଁ ଭୁବନେଶ୍ୱରରେ ରୁହନ୍ତି। ମଙ୍ଗଳବାର କାର୍(ଓଡି ୩୩ଏକ୍ୟୁ ୩୩୮୫)ରେ ବେଗୁନିଆରେ ଚାଲିଥିବା ଏକ ନିର୍ମାଣାଧୀନ ପ୍ରକଳ୍ପ ଦେଖିବାକୁ ଯାଉଥିଲେ। ଅପରାହ୍ନ ୨ଟାରେ ବାଘମାରୀ-ବେଗୁନିଆ ମଧ୍ୟରେ ଥିବା ଇଟା ଫ୍ୟାକ୍ଟ୍ରି ନିକଟରେ ବିପରୀତ ପଟୁ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ କାର୍(ଓଡି ୨ସିସି ୦୭୦୫)ରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ଦୁଇ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବ୍ଲକ ଅଧ୍ୟକ୍ଷଙ୍କ କାରଟି ଭାରସ୍ୟାମ ହରାଇ ରାସ୍ତାକଡ଼ ବିଲ ଭିତରକୁ ପଶିଯାଇଥିଲା। କାର ଦୁଇଟିର ବେଲୁନ ଫାଟିବା ସହ ଭାଙ୍ଗି ଚୁରମାର ହୋଇଯାଇଛି। ବ୍ଲକ ଅଧ୍ୟକ୍ଷଙ୍କ ଗାଡ଼ି ଚାଳକ ଏଥିରେ ଗୁରୁତର ହୋଇଥିବା ବେଳେ ଅଧ୍ୟକ୍ଷ ଏବଂ ଠିକାଦାର ଆହାତ ହୋଇଛନ୍ତି। ଖବରପାଇ ବାଘମାରୀ ଏବଂ ବେଗୁନିଆ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଆତମାନଙ୍କୁ ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ରାସ୍ତା ଉପରେ ଥିବା ଠିକାଦାରଙ୍କ କାରଟିକୁ ଜେସିବି ମେଶିନ ସହାୟତାରେ ସ୍ଥାନାନ୍ତର କରିଥିଲା। ପରେ ଉଭୟ ପାର୍ଶ୍ୱରେ ଅଟକିଥିବା ଯାନବାହଦ ଚଳାଚଳ ସ୍ୱାଭାବିକ ହୋଇଥିଲା। ବାଘମାରୀ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରବା ସହ ଏକ ମାମଲା (ନଂ.୪୨/୨୬) ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।




ଦୁର୍ଘଟଣାଗ୍ରସ୍ତ ୨ କାର୍।

# ସଂଘବଦ୍ଧ ଆକ୍ରମଣ ବେଳେ ଯୁବକଙ୍କୁ ଛୁରାମାଡ଼

ବାଲିପାଟଣା,୧୦।୨(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅଧୀନ ଅଠାନ୍ତର ଛକଠାରେ ମଙ୍ଗଳବାର ସଂଘବଦ୍ଧ ଆକ୍ରମଣ ବେଳେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ସେ ହେଲେ ପବିତ୍ର ମଲ୍ଲିକ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସୂଚନା ମୁତାବକ, ପବିତ୍ର ଅପରାହ୍ନରେ ଅଠାନ୍ତର ଛକରେ ତାଙ୍କ ଗାଡ଼ି ମାଲିକଙ୍କ କାର୍ଯ୍ୟାଳୟରେ ବସିଥିଲେ। ଏହି ସମୟରେ ସଂଘବଦ୍ଧ ଭାବେ କେତେଜଣ ଯୁବକ କୌଣସି କାରଣକୁ ନେଇ ଅଠାନ୍ତର ଗ୍ରାମର ପ୍ରଭୁଦତ୍ତ ମହାନ୍ତିଙ୍କୁ ଆକ୍ରମଣ କରିବା ସହ ମାଡ଼ ମାରୁଥିଲେ। ମାନବିକତା ଦୃଷ୍ଟିରୁ ପବିତ୍ର ସେଠାକୁ ଯାଇ ପ୍ରଭୁଦତ୍ତଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିବା ବେଳେ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ଏକ ଛୁରିରେ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁର୍ବୃତ୍ତମାନେ ଖସିଯିବାକୁ ଚେଷ୍ଟା କରିବା ବେଳେ ଲୋକେ ଦୁଇଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ଜାତୀୟ କୃମିନାଶକ ଦିବସ

ଟାଙ୍ଗୀ,୧୦।୨(ରଘୁନାଥ ସାହୁ)

ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱାସ୍ଥ୍ୟକର୍ମୀ କାହ୍ନୁଚରଣ ପରିଡ଼ା, ରଶ୍ମିତା ପ୍ରଧାନ, ଅଙ୍ଗନୱାଡ଼ି କର୍ମୀ ଭାରତୀ ଦେଇ, ଆଶାକର୍ମୀ ଦୀପିକା ସିଲ୍, ସୁପ୍ରିୟା ମଣ୍ଡଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାମାନଙ୍କ ଉପରେ କୃମି ସଂକ୍ରମଣର ପ୍ରଭାବ ଏବଂ କୃମିନାଶର ଉପକାର ସମ୍ପର୍କରେ କହିଥିଲେ। ଖାଲି ପାଦରେ ବାହାରେ ଚାଲିବା, ହାତ ନ ଧୋଇ ଖାଦ୍ୟ ଖାଇବା, ଖୋଲାରେ ମଳତ୍ୟାଗ କରିବା, ଅପରିଷ୍କାର ପରିବେଶ ଯୋଗୁ ପିଲାମାନଙ୍କଠାରେ କୃମି ସଂକ୍ରମଣ ହୁଏ, ଏହାର ପ୍ରଭାବରେ ରକ୍ତହୀନତା, ଦୁର୍ବଳ ଲାଗିବା, ପେଟବ୍ୟଥା, ଝାଡ଼ାବାନ୍ତି, ଓଜନ ହ୍ରାସ ଆଦି ସମସ୍ୟା ହୋଇଥାଏ। ଆଲ୍‌ବେଣ୍ଡାଜଲ ବଟିକା କୃମି ସଂକ୍ରମଣ ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ। ଏହି ଅବସରରେ ମୋଟ ୯୨ଜଣ ଶିଶୁଙ୍କୁ କୃମିନାଶକ ବଟିକା ଆଲ୍‌ବେଣ୍ଡାଜଲ ସେବନ କରିବାକୁ ଦିଆଯାଇଥିଲା। ଅବଶିଷ୍ଟ ଶିଶୁଙ୍କୁ ୧୭ ତାରିଖରେ ଦିଆଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ରୁପାଲି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ତାଲିମ ନେଲେ ୧୦୧ ଶିକ୍ଷୟିତ୍ରୀ ଶିକ୍ଷକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବେଗୁନିଆ,୧୦।୨(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ନୂତନ ପାଠ୍ୟକ୍ରମ ଓ ସଞ୍ଚାଳନ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ସମଗ୍ର ଶିକ୍ଷା ପ୍ରଦତ୍ତ ଓ ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ୫ଦିନ ଧରି ହେବାକୁ ଥିବା ଆୟୋଜିତ ଉଦ୍‌ଘାଟନୀ ଶିବିରରେ ବେଗୁନିଆ ବ୍ଲକର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ୧୦୧ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ଏଥିରେ ନୂତନ ପାଠ୍ୟକ୍ରମ ଓ ସଞ୍ଚାଳନ(ଏନସିଏଫ) ୨୦୨୫ ପ୍ରାଥମିକ ଶିକ୍ଷା ତଥା ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପରିବର୍ତ୍ତନ ଆଣିବା ମୂଳ ଲକ୍ଷ୍ୟ। ଯାହାଦ୍ୱାରା ଘୋଷା ପଦ୍ଧତିରୁ ମୁକ୍ତି ମିଳିବ। ସେହିପରି ସହଜରେ ବୁଝିବା ଓ କାର୍ଯ୍ୟ ଭିତ୍ତିକ ଶିକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେବାକୁ କୁହାଯାଇଛି। ସେହିପରି ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ଲକ୍ଷ୍ୟ, ପ୍ରକ୍ରିୟା, ଆଧାର ଓ ପରିବର୍ତ୍ତନ ପଦ୍ଧତି ଆଦି ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଘାଟନୀ ଶିବିରରେ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ ପ୍ରଭା ଦେବୀ, ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ହିମାଂଶୁ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହିତ ଶୁଭାରମ୍ଭ କରିଥିଲେ। ପ୍ରଶିକ୍ଷକ ସନ୍ତୋଷ କୁମାର ମହାପାତ୍ର, ଦାଶରଥି ସୁବୁଦ୍ଧି, ତ୍ରିନାଥ ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସରୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସିଆର୍‌ସିସି ପ୍ରଶାନ୍ତ କୁମାର ନାୟକ, ରାମାନନ୍ଦ ଦାସ ପ୍ରମୁଖ ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**
**ପାର୍କିଂ ଷ୍ଟାଣ୍ଡର ଇ-ନିଲାମ**
ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG
(1) ଷ୍ଟେସନ ଏବଂ ସ୍ଥାନ : କଟକ-2 ଚକିଆ (ରେଳବାଇ ପ୍ରତିଷ୍ଠାନ ନିକଟରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 20.02.2026, 1530 ଘଟିକା।
(2) ଷ୍ଟେସନ ଏବଂ ସ୍ଥାନ : କେନ୍ଦୁଝର-MIX (2 ଚକିଆ-ସହ-4 ଚକିଆ) (ପ୍ଲାଟଫର୍ମ-1 ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 23.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 23.02.2026, 1530 ଘଟିକା।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1106/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସ୍‌ୟୁ/କେଜିପି/୧/୨୦୨୬, ତାରିଖ: ୦୭।୦୨।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେଗୁଡ଼ିକ ୧୫.୩୦ ଘଟିକା ପୂର୍ବରୁ ଖୋଲାଯିବ। ଟେଣ୍ଡର ନଂ.: ଇ/କେଜିପି/ଜିଏସ୍/୧/୨୦୨୬ । କାର୍ଯ୍ୟର ବର୍ଣ୍ଣନା: ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ଜିଏସ୍‌ୟୁ/ଖଡ଼ଗପୁର, ଖଡ଼ଗପୁର ମଣ୍ଡଳଙ୍କ ଅଧୀନରେ ଗତି ଶକ୍ତି ୟୁନିଟ୍‌ର ପ୍ରକଳ୍ପ ନିମନ୍ତେ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଯୋଗାଇବା ପାଇଁ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଏଜେନ୍ସି (ପିଏସ୍‌ଏସ୍‌ଏ)ର ନିଯୁକ୍ତି; ଟେଣ୍ଡର ମୂଲ୍ୟ: ₹୮,୬୧,୩୮,୨୫୪.୧୦ । ଅମାନତ ରାଶି: ₹୧୭,୨୨,୮୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ୦.୦୦ । କାର୍ଯ୍ୟର ସମାପ୍ତି ଅବଧି: ୨୪ ମାସ । ଖୋଲାଯିବା ତାରିଖ: ୧୮।୦୩।୨୦୨୬। ବିଡ଼ିଂ ଆରମ୍ଭ ତାରିଖ: ତା୦୪।୦୩।୨୦୨୬ରିଖରୁ ତା୧୮।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1165)

Your classified advertisement published in Dharitri will be listed free in Dharitri online edition : www.dharitri.com

**OFFICE OF THE NOTIFIED AREA COUNCIL, G.UDAYAGIRI**
No. 371 **CORRIGENDUM** Dt. 07.02.2026
No. 13001/149/2526: In continuation to this Office Bid Identification No. GUDGR-NAC-02/2025-26 invite vide this Office Notice No. 290 Dt.22.01.2026, the following partial modification has been made:
1. Availability of tender online for bidding extended upto : Dt.16.02.2026 at 5.00 P.M.
2. Date & time of opening of the tender : Dt.17.02.2026 at 10.00 A.M.
3. Date & time of evaluation : Dt.18.02.2026 at 11.00 A.M.
All other terms and condition will remain unaltered.
Sd./- Executive Officer N.A.C. G.Udayagiri
OIPR-13001/13066/1/25-26/0001

**GOVERNMENT OF ODISHA**
**"e" PROCUREMENT NOTICE**
**OFFICE OF THE NOTIFIED AREA COUNCIL, DASPALLA**
**2nd Corrigendum on Tender Call Notice No. 66 Dt. 08.01.2026**
Bid Identification No. NAC-Daspalla-(SAN)-2025-26
No. 422 Dt.: 03.02.2026
No. 13001/151/2526: Corrigendum hereby issued for Tender Call Notice No. 66 / Dt.08.01.2026 for Sanitation Work of Daspalla NAC regarding extension of date opening of Financial Bid due to unavoidable circumstances.
1. Date & time of opening of Financial Bid : Dt.12.02.2026 at 11.00 A.M.
*All other terms & conditions remain unaltered.
Sd./- Executive Officer Notified Area Council, Daspalla
OIPR-13001/13141/1/25-26/0001

**OFFICE OF THE DISTRICT FISHERIES OFFICER, ANGUL**
Ph.: (06764) 236458, E-mail: dfoangul123@gmail.com
**QUOTATION CALL NOTICE**
No. 330 Date: 09.02.2026
(Hiring of Vehicle for Official Purpose on Monthly rent basis)
No. 6001/9/2526: Sealed quotations/tenders are invited from interested reputed travel agencies/tour operators or private individuals for providing 1 (One) No. of vehicle having sitting capacity not more than five including driver, for official use in District Fisheries Officer, Angul on monthly rent basis. The tender should reach the undersigned by 23.02.2026 5.30 P.M. through Registered Post/Courier. All tender shall be opened on 24.02.2026 12.00 Noon in the Office of the District Fisheries Office, Angul. The tender should be submitted to DFO, Angul, Mishra Pada, Near Jagannath Temple, Odisha, PIN Code - 759122. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available in Office of the District Fisheries Officer, Angul or can be downloaded from **www.angul.odisha.gov.in** from Dt.11.02.2026 to 23.02.2026.
The undersigned deserve right to postpone/cancel the tender without assign any reason thereof.
OIPR-6001/6064/1/2526/0001 Sd./- District Fisheries Officer, Angul

**ତହସିଲ କାର୍ଯ୍ୟାଳୟ, ରାମପୁର, ଜିଲ୍ଲା: ସୁବର୍ଣ୍ଣପୁର**
**ନୋଟିସ**
No. 24001/18/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମାନ୍ୟବର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସାର୍ଟିଫିକେଟ କେସ୍ ନଂ. ୦୧/୨୦୨୧ର ଆଦେଶ ମୁତାବକ ଶ୍ରୀ ନବୀନ କୁମାର ସାହୁ, ପିତା: ନାରାୟଣ ସାହୁ, ନିବାସୀ: କନ୍ଦୋମୁଣ୍ଡାଙ୍କଠାରୁ ଟ.୨,୯୯,୬୯,୦୭୭.୦୦ (ଦୁଇ କୋଟି ଅନେଶତ ଲକ୍ଷ ଅଣସ୍ତରି ହଜାର ସତସ୍ତରୀ) ଟଙ୍କା ମାତ୍ର ଆଦାୟ ନିମନ୍ତେ ନିମ୍ନ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଛି।

| କ୍ର. ସଂଖ୍ୟା | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକରରେ) |
|---|---|---|---|---|---|
| ୧ | ସାହାଜବାହାଲ | ୮୯ | ୩୩୫ | | ୦.୯୦୮ |
| ୨ | ସାହାଜବାହାଲ | ୮୯ | ୩୪୧ | | ୧.୨୩୦ |
| ୩ | ଇଛାପୁର | ୧୯୫ | ୧୩୦୪ | ଜଳସେଚିତ | ୦.୧୫୦ |
| ୪ | ଇଛାପୁର | ୧୯୫ | ୧୨୨୨ | ଘର | ୦.୦୧୮ |
| ୫ | ଇଛାପୁର | ୧୯୫ | ୧୨୫୫ | ଘର | ୦.୦୪୦ |
| ୬ | ଇଛାପୁର | ୧୯୫ | ୧୨୬୫ | ବାରି | ୦.୦୫୦ |

ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୦୨।୨୦୨୬ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ, ରାମପୁରଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।
OIPR-24001/24323/1/25-26/0001 ସ୍ୱା./- ତହସିଲଦାର, ରାମପୁର

**ODISHA COAL AND POWER LTD.**
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664
**NOTICE INVITING TENDER**
NIT No.: OCPL/MCMP/SER-190/2026 Dt.: 11.02.2026
Bids in prescribed format are invited in **www.tendersodisha.gov.in** from the Agency for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of bid Submission | Last Date of Opening of Bid |
|---|---|---|---|---|---|
| 1 | Construction of Boundary wall and Pathway at Kechhobahal Kalyan Mandap, Jharsuguda, Odisha | Rs. 1000 Incl. of GST | 11.02.2026 3.00 P.M. | 07.03.2026 5.00 P.M. | 03.30 P.M. on 11.03.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., **www.tendersodisha.gov.in** or may refer our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.
Sd./- Sr. Manager (Contract and Commercial)

**GOVT. OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY: KARANJIA**
**DIST- MAYURBHANJ,**
E-PROCUREMENT NOTICE
BID IDENTIFICATION NO-06/2025-26
e-mail: itdakja@nic.in/ itdakaranjia@gmail.com
No.215, Dtd. 02.02.26
**No.19001/26/2526:** Bid documents consisting of Work, Estimated Costs, Cost of Tender Papers, EMD, Time of Completion, Class of Contractors and the set of terms and conditions of contract and other necessary documents can be seen/ downloaded from Govt. Website i.e. www.tendersorissa.gov.in.
1. No. of Works : 25 (Twenty Five) Nos.
2. Estimated Cost : Varies from 15.00 Lakh to 80.00 Lakh
3. Period of Completion : Varies from 3 Calendar Months to 6 Calendar Months.
4. Date & Time of availability of bid documents : From 10 AM of 4th Day of February 2026 to 21st Day of February 2026 upto 5 PM
5. Last date & time of receipt of bids in the portal : Dt. 21st Day of February 2026 upto 5 P.M.
6. Last date & time of receipt of Bids through Tender Box : Dt.23rd Day of February 2026 upto 3.00 P.M.
7. Bids received through Tender Box shall be opened on : Dt.23rd Day of February 2026 3.30 P.M. onwards
8. Name and address of the Officer Inviting Bids : Project Administrator, ITDA, Karanjia
Further details can be seen/downloaded from the procurement portal i.e. www.tendersorissa.gov.in.
Sd./- Project Administrator I.T.D.A., Karanjia
OIPR-19001/19007/1/25-26/0005

## ପ୍ରବୋଧନ ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଯାପିତ

ଅସ୍ତରଙ୍ଗ,(ମମତା ଜେନା): କାକଟପୁର ବ୍ଲକ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ କାଣ୍ଡିଙ୍କ ତତ୍ତ୍ୱାବଧାନରେ ସରକାରୀ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ପାଞ୍ଚଦିନିଆ ପ୍ରବୋଧନ ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇଥିଲେ। ମୁଖ୍ୟ ପ୍ରଶିକ୍ଷକ ଡ. ହୃଦାନନ୍ଦ ସାସମଲ, ବିଶ୍ୱଜିତ ସ୍ୱାଇଁ, ଯଜ୍ଞଦତ୍ତ ଦଳାଇ, ଯଶୋବନ୍ତ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ନିରୀକ୍ଷଣ କରିଥିବାବେଳେ ସନ୍ତୋଷ କୁମାର ସାହୁ, ଜିଆଉଲ ହକ୍ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ରିଲ୍ସ ଶୁଟିଂ ପାଇଁ ଡାକି ଲୁଟିନେଲେ ଭିଡିଓ କ୍ୟାମେରା

ପିପିଲି,୧୦।୨ (ପ୍ରଭାତ କୁମାର ମହାପାତ୍ର)

ଭିଡିଓ ଶୁଟ୍ ପାଇଁ ତାଙ୍କୁ ଡାକି ପ୍ରାୟ ୪ଲକ୍ଷ ଟଙ୍କାର କ୍ୟାମେରା ସହ ସମସ୍ତ ଶୁଟିଂ ସାମଗ୍ରୀ ଲୁଟିନିଆଯାଇଥିବା ପୁରୀର ବିଭୂତି ଭୂଷଣ ସ୍ୱାଇଁ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୮୭/୨୬) ରୁଜୁ କରି ତଦନ୍ତ ଚଳାଇଛି। ବିଭୂତି ଅଭିଯୋଗ କରିଛନ୍ତି ଯେ, ୩ଜଣ ଯୁବକ ତାଙ୍କୁ ଫୋନ୍ କରି ପିପିଲିରେ ଭିଡିଓ ଶୁଟ୍‌ହେବ ବୋଲି କହିଥିଲେ। ବିଭୂତି ସୁଟିଂ କରିବାକୁ ଅଗ୍ରିମ ଟଙ୍କା ମାଗିବାରୁ ପିପିଲିରେ ପହଞ୍ଚିଲେ ତୁମ ପ୍ରାପ୍ୟ ଦିଆଯିବ ବୋଲି ସେମାନେ କହିଥିଲେ। ରବିବାର ବିଭୂତି ପିପିଲିରେ ପହଞ୍ଚିବା ପରେ ଯୁବକମାନେ ତାଙ୍କୁ ନେଇ କେତେକ ସ୍ଥାନରେ ରିଲ୍ସ ଭିଡିଓ କରିଥିଲେ। ଦିନକର ପ୍ରାପ୍ୟ ବାବଦରେ ୩ହଜାର ଟଙ୍କା ମଧ ଦେଇଥିଲେ। ସୋମବାର ମଧ ଭିଡିଓ ହେବାର ଥିଲା। ତେଣୁ ରବିବାର ରାତିରେ ଏକ ମଣ୍ଡପରେ ରହିବାକୁ ସ୍ଥିର ହୋଇଥିଲା। ସେହି ଅନୁଯାୟୀ ଦୁଇଟି ରୁମ୍‌ରେ ସମସ୍ତେ ଏକାଠି ରହିଥିଲେ। ସୋମବାର ସକାଳୁ ସେମାନେ ବିଭୂତିଙ୍କୁ ଜଳଖିଆ ଖାଇବା ପାଇଁ ବାହାରକୁ ପଠାଇ ଲକ୍ଷାଧିକ ଟଙ୍କାର ଭିଡିଓ କ୍ୟାମେରା ସହ ଅନ୍ୟ ସମସ୍ତ ଜିନିଷ ଲୁଟିନେଇଥିଲେ। ଏହାପରେ ବିଭୂତି ପିପିଲି ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ବିନା କୌଣସି ପ୍ରମାଣପତ୍ରରେ ସମ୍ପୃକ୍ତ ମଣ୍ଡପରେ ସେମାନଙ୍କୁ ରଖାଯିବାକୁ ନେଇ ମଣ୍ଡପ ମାଲିକଙ୍କ ପ୍ରତି ସନ୍ଦେହ ଉପୁଜିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ବୋଲି ଅନୁମାନ କରାଯାଉଛି।

## ସୁଧବାରିମୂଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ଚାରିଛକ,୧୦।୨ (ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ସୁଧବାରିମୂଳ ଗ୍ରାମରେ ୨୬ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଅଧିବାସ ଦିନ ଶୋଭାଯାତ୍ରାରେ ତେଲେଙ୍ଗା ପୁଷ୍କରିଣୀରୁ କଳସରେ ପାଣି ଆଣି କୁଞ୍ଜରେ ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ରଘୁନାଥ ବେହେରା ଓ କର୍ତ୍ତୀ ଭାବେ ସ୍ୱର୍ଣ୍ଣଲତା ବେହେରା ଦାୟିତ୍ୱ ତୁଲାଇଥିବାବେଳେ ଗନୀ ଦାସ ଓ ଘନଶ୍ୟାମ ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଅନେକ ସଙ୍କୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

# ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ୧୫ ପଦବୀ ଖାଲି

ନିମାପଡ଼ା,୧୦।୨ (ବିଚିତ୍ରାନନ୍ଦ ସାହୁ)




ନିମାପଡ଼ା ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ୧୫ ପଦବୀ ଖାଲିପଡ଼ିଛି। ଫଳରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସରକାର କୃଷକଙ୍କ ଉନ୍ନତି ପାଇଁ ପଦକ୍ଷେପ ନେଉଥିବା କହୁଥିବାବେଳେ ନିମାପଡ଼ା କୃଷି ଜିଲା ପ୍ରତି ଏଭଳି ଅଣଦେଖା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ୧୫ଜଣ ଭିଏଡବ୍ଲ୍ୟୁ ରହିବାର ନିୟମ ଥିବାବେଳେ ଏବେ ମାତ୍ର ଜଣେ ଅଛନ୍ତି। ୧୪ଟି ପଦବୀ ଖାଲି ପଡ଼ିଛି। ସେହିପରି ଏକବର୍ଷରୁ ଉର୍ଦ୍ଧ୍ୱ ହେଲା ଗୋଟିଏ ସହକାରୀ କୃଷି ଅଧିକାରୀ ପଦବୀ ଖାଲି ରହିଛି। ଏଠାରେ ଦୁଇଜଣ ସହକାରୀ କୃଷି ଅଧିକାରୀଙ୍କ ସ୍ଥାନରେ ଜଣେ ସହକାରୀ କୃଷି ଅଧିକାରୀ ଦାୟିତ୍ୱ ତୁଲାଉଛନ୍ତି। ଏଥିଯୋଗୁ ସମୟାନୁସାରେ ଚାଷୀଙ୍କୁ ଆବଶ୍ୟକ ସେବା ଯୋଗାଇଦେବାରେ ଘୋର ଅନ୍ତରାୟ ସୃଷ୍ଟି ହେଉଛି। ସରକାରଙ୍କ କୃଷି ବିକାଶମୁଖୀ ଯୋଜନାର ସଫଳ ରୂପାୟନରେ ବାଧା ଉପୁଜୁଛି। ଖାଲିପଡ଼ିଥିବା ପଦବୀଗୁଡିକ ତୁରନ୍ତ ପୂରଣ କରାଯିବାକୁ ନିମାପଡ଼ା ବ୍ଲକର ଶତାଧିକ ଚାଷୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କୃଷିମନ୍ତ୍ରୀ ଓ କୃଷି ସଚିବଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି କହିଛନ୍ତି, ଆମ କାର୍ଯ୍ୟାଳୟରେ ଖାଲିପଡ଼ିଥିବା ପଦବୀଗୁଡ଼ିକ ତୁରନ୍ତ ପୂରଣ କରାଯିବା ପାଇଁ ପଦକ୍ଷେପ ନିଆଯିବାକୁ ପୂର୍ବରୁ ଆମେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିଛୁ।



ଜ.ବ.ରା. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କିଶୋରୀ ବାଳିକାମାନେ ଆତ୍ମରକ୍ଷା କୌଶଳ ତାଲିମ ନେଉଛନ୍ତି।

## କିଶୋରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ନିମାପଡ଼ା,୧୦।୨ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ରାଣୀ ଲକ୍ଷ୍ମୀବାଇ ଅଦ୍ୱିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜ.ବ.ରା. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ବ୍ଲକ ଶିଶୁବିକାଶ ପ୍ରକଳ୍ପ ବିଭାଗ ଅଧିକାରିଣୀ ମାଧବୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କିଶୋରୀ ବାଳିକାମାନେ ବିପଦଆପଦ ବେଳେ ନିଜକୁ କିପରି ସୁରକ୍ଷିତ ରଖିବା ଦିଗରେ ସକ୍ଷମ ହୋଇପାରିବେ ଓ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ରୋକିପାରିବେ ସେନେଇ ଅତିଥିମାନେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ୫୦ଜଣ କିଶୋରୀ ପ୍ରଶିକ୍ଷଣ ନେଇଥିଲେ। ସୁରେଶ କୁମାର ବାରିକ, ଲିଜା ଭୋଇ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଶିଶୁ ବିକାଶ ପ୍ରକଳ୍ପ ବିଭାଗର ସୁପରଭାଇଜର ବନଲତା ନନ୍ଦ, ମିନାକ୍ଷୀ ମଲ୍ଲିକ, ସୁଶ୍ରୀ ଗୀତା ଗୌତମୀ, ନମିତା ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।

## ମେଧାବୃତ୍ତି ପାଇଲେ ଦିବ୍ୟରଶ୍ମି

ଯୋଗେଶ୍ୱରପୁର,୧୦।୨ (ରଶ୍ମିରଞ୍ଜନ ସାହୁ)

ବଉଲାଙ୍ଗ ପ୍ରାଥମିକ ବିଦ୍ୟାଳୟର ଛାତ୍ର ତଥା ଦେବାଶିଷ ଖୁଣ୍ଟିଆଙ୍କ ପୁତ୍ର ଦିବ୍ୟରଶ୍ମି ଖୁଣ୍ଟିଆ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଶିକ୍ଷକ ସରୋଜ କୁମାର ବେହେରା ଓ ଟ୍ୟୁଶନ୍ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବିଶ୍ୱାଳଙ୍କ ଚେଷ୍ଟା ଫଳରେ ଦିବ୍ୟରଶ୍ମିଙ୍କୁ ଏହି ସଫଳତା ମିଳିଥିବା ତାଙ୍କ ପରିବାର ଲୋକେ କହିଛନ୍ତି।

## କବାଡ଼ି ଖେଳିବାକୁ ଶିକ୍ଷକ ସୁଚିତ୍ର ଖଟେଇଙ୍କ ଚଣ୍ଡିଗଡ଼ ଗସ୍ତ

ସାକ୍ଷୀଗୋପାଳ,୧୦।୨ (ଭରତ ରାଉତ)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ସୁଚିତ୍ର ଖଟେଇ ଅଲ୍‌ଇଣ୍ଡିଆ ସିଭିଲ ସର୍ଭିସ୍ କବାଡ଼ି ଟୁର୍ନାମେଣ୍ଟରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ଚଣ୍ଡିଗଡ଼ରେ ଫେବୃଆରୀ ୯ରୁ ୧୪ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଖେଳିବାକୁ ଖଟେଇ ଚଣ୍ଡିଗଡ଼ ଯାଉଥିବାରୁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି।

# ବହୁମୁଖୀ ଗୃହ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ

କୋଣାର୍କ,୧୦।୨ (ଜ୍ୟୋତିରାଜ ମହାନ୍ତି)



କୋଣାର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ବହୁମୁଖୀ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ପରେ ବି ଶେଷ ହୋଇପାରିନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୨୦୨୩ରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ପକ୍ଷରୁ ୬କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ବହୁମୁଖୀ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହା କଲ୍ୟାଣ ମଣ୍ଡପ ସମେତ ଅନ୍ୟ କେତେକ କାମରେ ବ୍ୟବହାର ହେବାର ଯୋଜନା ରହିଛି। ଏହି କାମ ଆରମ୍ଭ ହେବାର ୨ ବର୍ଷ ବିତିଯାଇଥିଲେ ମଧ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନୋମୁଖୀ ନୀତି ଯୋଗୁ କାର୍ଯ୍ୟ ଅଧାପନ୍ତରିଆ ରହିଥିବାବେଳେ ନିମ୍ନମାନର ସିମେଣ୍ଟ, ବାଲି ଓ ରଡ ବ୍ୟବହାର କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତଦନ୍ତ କରି ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପୁର୍ତ୍ତି କହିଛନ୍ତି, ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ଠିକାଦାରଙ୍କୁ ତାଗିଦ୍ କରାଯିବା ସହ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଯାଇ ନୋଟିସ ଜାରି ପାଇଁ ସୁପାରିସ କରାଯିବ।

## ଅଡ଼ଙ୍ଗେଇ ମନ୍ଦିରରୁ ଚୋରି: ଜଣେ ଅଟକ

ଗୋପ,୧୦।୨ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅନ୍ତର୍ଗତ ନାଗପୁର ପଞ୍ଚାୟତର ଶୋଳପୁରସ୍ଥିତ ଅଡଙ୍ଗେଇ ମନ୍ଦିରରୁ ସୋମବାର ବିଳମ୍ବିତ ରାତ୍ରରେ ଚୋରି ହୋଇଛି। ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଦୁଇଟି ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ସହିତ ଠାକୁରାଣୀଙ୍କ ସୁନାରୁପା ଅଳଙ୍କାର ଓ ଟଙ୍କା ଚୋରି କରିନେଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ ସହ ଡଗ୍‌ସ୍କ୍ୱାଡ୍ ଦ୍ୱାରା ତଦନ୍ତ ଚଳାଇଛି। ଚୋରି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଶୋଳପୁର ଅଞ୍ଚଳର ଜଣେ ଯୁବକଙ୍କୁ ଥାନାରେ ପୋଲିସ ଅଟକ ରଖି ପଚରାଉଚରା କରୁଛି। ତଦନ୍ତକାରୀ ଅଧିକାରୀ ବୁଦ୍ଧରାୟ ମାଝୀ କହିଛନ୍ତି, ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହ ଲୁଟ୍ ଅଳଙ୍କାର ଓ ଟଙ୍କା ଜବତ କରାଯିବାକୁ ପୋଲିସ ଉଦ୍ୟମ ଜାରି ରଖିଛି। ସୂଚନା ଅନୁଯାୟୀ, ଅଡଙ୍ଗେଇ ମନ୍ଦିରରେ ସୋମବାର ବିଳମ୍ବିତ ରାତ୍ରରେ ୫ ଜଣ ଯୁବକ ମୁଖାପିନ୍ଧି ମନ୍ଦିର ପରିସରରେ ଥିବା ଦୁଇ ବଡ଼ ହୁଣ୍ଡି ନେବା ପରେ ମନ୍ଦିର ଗ୍ରିଲ୍ ତାଲା ଭାଙ୍ଗି ସୁନାରୁପା ଅଳଙ୍କାର ଚୋରି କରି ଫେରାର ହୋଇଯାଇଥିଲେ। ମଙ୍ଗଳବାର ସକାଳୁ ପୂଜକମାନେ ଏ ସମ୍ପର୍କରେ ଅବଗତ ହେବା ପରେ ଥାନାରେ ଅଭିଯୋଗ କରିଥିଲେ।

## ବିଣ୍ଡିପୁର ପ୍ରିମିୟମ୍ ଲିଗ୍: ତେଲଙ୍ଗାପଡ଼ା ରାମଚଣ୍ଡୀ କ୍ଲବ ଚାମ୍ପିୟନ

କଣାସ,୧୦।୨ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ବଡାଳ ପଞ୍ଚାୟତର ବିଣ୍ଡିପୁର ଗ୍ରାମ ଖେଳପଡ଼ିଆରେ ମହାବୀର କ୍ରିକେଟ କ୍ଲବ ପକ୍ଷରୁ ଦ୍ୱିତୀୟ ବର୍ଷ ପ୍ରିମିୟମ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୫ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ରାମଚଣ୍ଡୀ କ୍ରିକେଟ କ୍ଲବ ତେଲଙ୍ଗାପଡ଼ା ଏବଂ ମଙ୍ଗରାଜ ଇଲେଭେନ ଷ୍ଟାର ବିଣ୍ଡିପୁର ପରସ୍ପରକୁ ଭେଟିଥିଲେ। ମଙ୍ଗରାଜ ଇଲେଭେନ ଟସ୍ ଜିତି ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ ହରାଇ ୭୫ ରନ କରିଥିଲା। ଜବାବରେ ରାମଚଣ୍ଡୀ କ୍ଲବ ୧୧.୪ ବଲରେ ୬ ଉଇକେଟ ହରାଇ ୭୬ ରନ କରି ବିଜୟୀ ହୋଇଥିଲା। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ମୋହନ ପରିଡ଼ା, ସମ୍ମାନିତ ଅତିଥି ଭାବେ ଅଜୟ ପ୍ରଧାନ, ଆଶୁତୋଷ ପାଇକରାୟ, ପ୍ରଦୀପ କୁମାର ସାହୁ ଓ ଗୁଗା ବଡଜେନା ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଏବଂ ରାନର୍ସଅପ ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ଦିବସ ସୁନ୍ଦରାୟ, ଲିଟୁ ଗୁମାନସିଂହ, ଜଗନ ମହାପାତ୍ର, ସଚିକାନ୍ତ ପାଇକରାୟ, ସୁଧାକର ମାର୍ଥା, ପ୍ରଦୀପ ବଲିୟାରସିଂହଙ୍କ ସମେତ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

# କୋଣାର୍କ କପ୍: ଭୁବନେଶ୍ୱର ରାମେଶ୍ୱର ସେମିରେ

କୋଣାର୍କ,୧୦।୨ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସ୍ପୋର୍ଟସ୍ ଏକାଡେମୀ ଦ୍ୱାରା ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଦ୍ୱିତୀୟ ବାର୍ଷିକ କୋଣାର୍କ କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ କଟକ ଜୁଭେନାଇଲକୁ ୩୧ ରନରେ ହରାଇ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୩ ରନ କରିଥିଲା। ସିଦ୍ଧାର୍ଥ ଚନ୍ଦ୍ର ବେହେରା ସର୍ବାଧିକ ୬୮ ରନ କରିଥିଲେ। କଟକ ଜୁଭେନାଇଲର ପୀୟୂଷ ମନ୍ତ୍ରୀ ୪ ଓଭର ବୋଲିଂ କରି ୧୫ ରନ ଦେଇ ୪ ଉଇକେଟ୍ ନେଇଥିଲେ। ଜବାବରେ ଜୁଭେନାଇଲ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୨୨ ରନ କରିଥିଲା। ଆୟୁଷ ରଞ୍ଜନ ମନ୍ତ୍ରୀ ୩୦ ରନ କରିଥିଲେ। ରାମେଶ୍ୱର ଦଳର ଜଗଦୀଶ ମହାପାତ୍ର ୪ ଓଭରରେ ୨୦ ରନ ଦେଇ ୩ ଉଇକେଟ ନେଇଥିଲେ। ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂର ସିଦ୍ଧାର୍ଥ ବେହେରା ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଭଗବତୀ ମହାବିଦ୍ୟାଳୟ ଅଧକ୍ଷ ଅବତାର ମିଶ୍ର, ଅଗ୍ନିଶମ ବିଭାଗ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, ଯୁବନେତା ପଦ୍ମଚରଣ ବେହେରା, କାଉନସିଲର ନିହାର ବେଉରା, ସ୍ୱପ୍ନା ଗୋଚ୍ଛାୟତ ଏବଂ ସମୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟାର ନିର୍ମଳ ମିଶ୍ର ଏବଂ ଅୟସକାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିମାନେ କୋଣାର୍କ କପ୍ କ୍ରିକେଟ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

# ଶୁଭ୍ରଜିତ୍ ମହାପାତ୍ରଙ୍କୁ ଶାରଳା ଶିକ୍ଷା ସମ୍ମାନ



ଅତିଥିମାନେ ଶୁଭ୍ରଜିତ୍ ମହାପାତ୍ରଙ୍କୁ ଶାରଳା ଶିକ୍ଷା ସମ୍ମାନ ପ୍ରଦାନ କରୁଛନ୍ତି ।

ଅସ୍ତରଙ୍ଗ/କାକଟପୁର,୧୦।୨ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶାରଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ସମାରୋହରେ ଶିକ୍ଷାକ୍ଷେତ୍ରରେ ଉତ୍କର୍ଷ ପାଇଁ ମହୋଦଧି ଏକାଡେମୀ ପ୍ରତିଷ୍ଠାତା ଶୁଭ୍ରଜିତ୍ ମହାପାତ୍ରଙ୍କୁ ଶାରଳା ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। ସୋମବାର ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଶାରଳା ସ୍ପୋର୍ଟିଂ କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତିପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସମାଜର ସମ୍ପଦ। ସେମାନେ ଦେଶକୁ ପ୍ରଗତି ପଥରେ ଆଗେଇ ନେଇଥାନ୍ତି ବୋଲି ଅତିଥିମାନେ କହିଥିଲେ। ମହାପାତ୍ର କହିଥିଲେ, ଆମର ପ୍ରବୃତ୍ତିକୁ ଦୃଷ୍ଟିରେ ରଖି ବୃତ୍ତି ଚୟନ କରିବାକୁ ହେବ। ଶିକ୍ଷକ ଏବଂ ଅଭିଭାବକଙ୍କ ସହଯୋଗ ଓ ସମର୍ଥନ ମିଳିଲେ ପିଲାମାନେ ସଫଳତା ହାସଲ କରିପାରିବେ।


**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

**(1) ଷ୍ଟେସନ ଏବଂ ସ୍ଥାନ :** କଟକ-2 ଚକିଆ (ରେଳବାଇ ପ୍ରତିଷ୍ଠାନ ନିକଟରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.02.2026, 1500 ଘଟିକା, **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 20.02.2026, 1530 ଘଟିକା।

**(2) ଷ୍ଟେସନ ଏବଂ ସ୍ଥାନ :** କେନ୍ଦୁଝର-MIX (2 ଚକିଆ-ସହ-4 ଚକିଆ) (ପ୍ଲାଟଫର୍ମ-1 ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 23.02.2026, 1500 ଘଟିକା, **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 23.02.2026, 1530 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଲିଙ୍କ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1106/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସ୍ୟୁ/କେଜିପି /୧/୨୦୨୬, ତାରିଖ: ୦୭।୦୨।୨୦୨୬।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେଗୁଡ଼ିକ ୧୫.୩୦ ଘଟିକା ପୂର୍ବରୁ ଖୋଲାଯିବ। **ଟେଣ୍ଡର ନଂ.:** ଇ/କେଜିପି/ଜିଏସ୍/୧/୨୦୨୬ । **କାର୍ଯ୍ୟର ବର୍ଣ୍ଣନା:** ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ଜିଏସ୍ୟୁ/ଖଡ଼ଗପୁର, ଖଡ଼ଗପୁର ମଣ୍ଡଳଙ୍କ ଅଧୀନରେ ଗତି ଶକ୍ତି ୟୁନିଟ୍‌ର ପ୍ରକଳ୍ପ ନିମନ୍ତେ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଯୋଗାଇବା ପାଇଁ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଏଜେନ୍ସି (ପିଏସ୍ଏସ୍ଏ)ର ନିଯୁକ୍ତି; **ଟେଣ୍ଡର ମୂଲ୍ୟ:** ₹୮,୬୧,୩୮,୨୫୪.୧୦ । **ଅମାନତ ରାଶି:** ₹୧୭,୨୨,୮୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ୦.୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୨୪ ମାସ । **ଖୋଲାଯିବା ତାରିଖ:** ୧୮।୦୩।୨୦୨୬। ବିଡ଼ିଂ ଆରମ୍ଭ ତାରିଖ: ତା୦୪।୦୩।୨୦୨୬ରିଖରୁ ତା୧୮।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1165)

**OFFICE OF THE NOTIFIED AREA COUNCIL, G.UDAYAGIRI**

**CORRIGENDUM**

No. 371 Dt. 07.02.2026

No. 13001/149/2526: In continuation to this Office Bid Identification No. GUDGR-NAC-02/2025-26 invite vide this Office Notice No. 290 Dt.22.01.2026, the following partial modification has been made:
1. Availability of tender online for bidding extended upto : Dt.16.02.2026 at 5.00 P.M.
2. Date & time of opening of the tender : Dt.17.02.2026 at 10.00 A.M.
3. Date & time of evaluation : Dt.18.02.2026 at 11.00 A.M.

All other terms and condition will remain unaltered.

Sd./- Executive Officer, N.A.C. G.Udayagiri
OIPR-13001/13066/1/25-26/0001

**GOVERNMENT OF ODISHA**

**"e" PROCUREMENT NOTICE**

**OFFICE OF THE NOTIFIED AREA COUNCIL, DASPALLA**

**2nd Corrigendum on Tender Call Notice No. 66 Dt. 08.01.2026**

Bid Identification No. NAC-Daspalla-(SAN)-2025-26

No. 422 Dt.: 03.02.2026

No. 13001/151/2526: Corrigendum hereby issued for Tender Call Notice No. 66 / Dt.08.01.2026 for Sanitation Work of Daspalla NAC regarding extension of date opening of Financial Bid due to unavoidable circumstances.
1. Date & time of opening of Financial Bid : Dt.12.02.2026 at 11.00 A.M.

*All other terms & conditions remain unaltered.

Sd./- Executive Officer, Notified Area Council, Daspalla
OIPR-13001/13141/1/25-26/0001

**ତହସିଲ କାର୍ଯ୍ୟାଳୟ, ରାମପୁର, ଜିଲ୍ଲା: ସୁବର୍ଣ୍ଣପୁର**

**ନୋଟିସ**

No. 24001/18/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମାନ୍ୟବର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସାର୍ଟିଫିକେଟ କେସ୍ ନଂ. ୦୧/୨୦୨୧ର ଆଦେଶ ମୁତାବକ ଶ୍ରୀ ନବୀନ କୁମାର ସାହୁ, ପିତା: ନାରାୟଣ ସାହୁ, ନିବାସୀ: କନ୍ଦୋମୁଣ୍ଡାଙ୍କଠାରୁ ଟ.୨,୯୯,୬୯,୦୭୭.୦୦ (ଦୁଇ କୋଟି ଅନେଶତ ଲକ୍ଷ ଅଣସ୍ତରି ହଜାର ସତସ୍ତରୀ) ଟଙ୍କା ମାତ୍ର ଆଦାୟ ନିମନ୍ତେ ନିମ୍ନ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଛି।

| କ୍ର. ସଂଖ୍ୟା | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକରରେ) |
|---|---|---|---|---|---|
| ୧ | ସାହାଜବାହାଲ | ୮୯ | ୩୩୫ | | ୦.୯୦୮ |
| ୨ | ସାହାଜବାହାଲ | ୮୯ | ୩୪୧ | | ୧.୨୩୦ |
| ୩ | ଇଚ୍ଛାପୁର | ୧୯୫ | ୧୩୦୪ | ଜଳସେଚିତ | ୦.୧୫୦ |
| ୪ | ଇଚ୍ଛାପୁର | ୧୯୫ | ୧୨୨୨ | ଘର | ୦.୦୧୮ |
| ୫ | ଇଚ୍ଛାପୁର | ୧୯୫ | ୧୨୫୫ | ଘର | ୦.୦୪୦ |
| ୬ | ଇଚ୍ଛାପୁର | ୧୯୫ | ୧୨୬୫ | ବାରି | ୦.୦୫୦ |

ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୦୨।୨୦୨୬ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ, ରାମପୁରଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

OIPR-24001/24323/1/25-26/0001 ସ୍ୱା./– ତହସିଲଦାର, ରାମପୁର

Your classified advertisement published in Dharitri will be listed free in Dharitri online edition : www.dharitri.com

**OFFICE OF THE DISTRICT FISHERIES OFFICER, ANGUL**

Ph.: (06764) 236458, E-mail: dfoangul123@gmail.com

**QUOTATION CALL NOTICE**

No. 330 Date: 09.02.2026

**(Hiring of Vehicle for Official Purpose on Monthly rent basis)**

No. 6001/9/2526: Sealed quotations/tenders are invited from interested reputed travel agencies/tour operators or private individuals for providing 1 (One) No. of vehicle having sitting capacity not more than five including driver, for official use in District Fisheries Officer, Angul on monthly rent basis. The tender should reach the undersigned by 23.02.2026 5.30 P.M. through Registered Post/Courier. All tender shall be opened on 24.02.2026 12.00 Noon in the Office of the District Fisheries Office, Angul. The tender should be submitted to DFO, Angul, Mishra Pada, Near Jagannath Temple, Odisha, PIN Code - 759122. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available in Office of the District Fisheries Officer, Angul or can be downloaded from **www.angul.odisha.gov.in** from Dt.11.02.2026 to 23.02.2026.
The undersigned deserve right to postpone/cancel the tender without assign any reason thereof.

OIPR-6001/6064/1/2526/0001 Sd./- District Fisheries Officer, Angul

**ODISHA COAL AND POWER LTD.**

Odisha Coal and Power Limited OCPL

(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664

**NOTICE INVITING TENDER**

**NIT No.: OCPL/MCMP/SER-190/2026** **Dt.: 11.02.2026**

Bids in prescribed format are invited in **www.tendersodisha.gov.in** from the Agency for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of bid Submission | Last Date of Opening of Bid |
|---|---|---|---|---|---|
| 1 | Construction of Boundary wall and Pathway at Kechhobahal Kalyan Mandap, Jharsuguda, Odisha | Rs. 1000 Incl. of GST | 11.02.2026 3.00 P.M. | 07.03.2026 5.00 P.M. | 03.30 P.M. on 11.03.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., **www.tendersodisha.gov.in** or may refer our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Sr. Manager (Contract and Commercial)**

**GOVT. OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY: KARANJIA**
**DIST- MAYURBHANJ,**

**E-PROCUREMENT NOTICE**

**BID IDENTIFICATION NO-06/2025-26**

e-mail: itdakja@nic.in/ itdakaranjia@gmail.com

No.215, Dtd. 02.02.26

**No.19001/26/2526:** Bid documents consisting of Work, Estimated Costs, Cost of Tender Papers, EMD, Time of Completion, Class of Contractors and the set of terms and conditions of contract and other necessary documents can be seen/ downloaded from Govt. Website i.e. www.tendersorissa.gov.in.
1. No. of Works : 25 (Twenty Five) Nos.
2. Estimated Cost : Varies from 15.00 Lakh to 80.00 Lakh
3. Period of Completion : Varies from 3 Calendar Months to 6 Calendar Months.
4. Date & Time of availability of bid documents : From 10 AM of 4th Day of February 2026 to 21st Day of February 2026 upto 5 PM
5. Last date & time of receipt of bids in the portal : Dt. 21st Day of February 2026 upto 5 P.M.
6. Last date & time of receipt of Bids through Tender Box : Dt.23rd Day of February 2026 upto 3.00 P.M.
7. Bids received through Tender Box shall be opened on : Dt.23rd Day of February 2026 3.30 P.M. onwards
8. Name and address of the Officer Inviting Bids : Project Administrator, ITDA, Karanjia

Further details can be seen/downloaded from the procurement portal i.e. www.tendersorissa.gov.in.

OIPR-19001/19007/1/25-26/0005 Sd./- Project Administrator, I.T.D.A., Karanjia

# ଜଗତସିଂହପୁର ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ

## ପ୍ରଥମ ପ୍ରେମିକ ଦ୍ୱିତୀୟ ପ୍ରେମିକଙ୍କ ତଣ୍ଟିକାଟି ହତ୍ୟା ଘଟଣା

- କାନ୍ଦି କାନ୍ଦି ପୋଲିସ ଆଗରେ କହିଲେ ସତ କଥା
- ପ୍ରେମିକାଙ୍କୁ ପରପୁରୁଷ ସହ ଦେଖି ସହିପାରିଲେନି ଦୀନେଶ
- ଦୀନେଶଙ୍କ ସହ ପ୍ରେମିକାଙ୍କ ମୁହାଁମୁହିଁ ଜେରା
- ସିସିଟିଭି ଫୁଟେଜରେ ରକ୍ତ ଜୁଡୁବୁଡୁ ହୋଇ ଜୀବନ ବଞ୍ଚାଇବାକୁ ଦୌଡୁଛନ୍ତି ସତ୍ୟବ୍ରତ



ଦୀନବନ୍ଧୁ ନାୟକ

ଭୁବନେଶ୍ୱର,୧୦।୨(ତ୍ରିନାଥ ମହାନ୍ତି)

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ରବିବାର ବିଳମ୍ବିତ ରାତିରେ ନୀଳାଦ୍ରି ବିହାରରେ ହୋଇଥିବା ହତ୍ୟାକାଣ୍ଡର ଅଭିଯୁକ୍ତ ଦୀନବନ୍ଧୁ ନାୟକ ଓରଫ ଦୀନେଶ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଜଗତ୍‌ସିଂହପୁର ଟାଉନ୍ ଥାନାରେ ସେ ଆତ୍ମସମର୍ପଣ କରିବା ପରେ କମିଶନରେଟ୍ ପୋଲିସକୁ ଖବର ଦିଆଯାଇଥିଲା। ପରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଜଗତ୍‌ସିଂହପୁର ଥାନାରୁ ଦୀନେଶଙ୍କୁ ଭୁବନେଶ୍ୱର ଆଣି ପଚରାଉଚରା କରିଛି। ଦୀନେଶ କ'ଣ ପାଇଁ ସତ୍ୟବ୍ରତ ପ୍ରଧାନଙ୍କୁ ମାରିଲେ ସେନେଇ ପଚରାଉଚରା ସମୟରେ କାନ୍ଦି କାନ୍ଦି ପୋଲିସ ଆଗରେ ସବୁ ସତ ବଖାଣିଛନ୍ତି। ପ୍ରେମିକା ସୁମିତ୍ରା(ଛଦ୍ମନାମ)ଙ୍କୁ ସେ ବିଶ୍ୱାସ କରିବା ସହ ବହୁତ ଭଲ ପାଉଥିଲେ। ଏପରିକି ତାଙ୍କ ପାଇଁ ବହୁ ଟଙ୍କା ଖର୍ଚ୍ଚ ମଧ୍ୟ କରିଛନ୍ତି। କିନ୍ତୁ ପ୍ରପୋଜ ଡେ'ରେ ପ୍ରେମିକାଙ୍କୁ ପରପୁରୁଷ ସହ ଅସଂଯତ ଅବସ୍ଥାରେ ଦେଖି ଦୀନେଶ ସହ୍ୟ କରିପାରି ନ ଥିଲେ। ଘରେ ଥିବା ଏକ ଧାରୁଆ ଛୁରିରେ ସତ୍ୟବ୍ରତଙ୍କ ବେକ କାଟି ଦେଇଥିଲେ। ତେବେ ସେ ମରିଯିବେ ବୋଲି ଭାବି ନ ଥିଲେ। ସତ୍ୟବ୍ରତଙ୍କୁ ଆମେ ମେଡିକାଲ ନେଇଥିଲେ ମଧ୍ୟ ତାଙ୍କ ମୃତ୍ୟୁ ଘଟିଥିବାରୁ ଡରିଯାଇ ଫେରାର ହୋଇଯାଇଥିଲେ ବୋଲି ଦୀନେଶ ପୋଲିସ ନିକଟରେ କହିଛନ୍ତି। ଅଭିଯୁକ୍ତ ଦୀନେଶ ବେକ କାଟିବା ପରେ ଘର ନିକଟରେ ଫିଙ୍ଗିଥିବା ଛୁରିକୁ ଜବତ କରାଯାଇଥିବା ଜଣାପଡ଼ିଛି। ଦୀନେଶଙ୍କ ନାମରେ ପୂର୍ବରୁ ୩ରୁ ଅଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ବୁଧବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ପୋଲିସ ପ୍ରେମିକା ସୁମିତ୍ରାଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଘର ମାଲିକ, କାର୍ ମାଲିକ, ସୁମିତ୍ରାଙ୍କ ପଡ଼ୋଶୀ ଏବଂ ପାର୍ଲରରେ କାମ କରୁଥିବା କେତେଜଣ କର୍ମଚାରୀଙ୍କୁ ପଚରାଉଚରା କରିଛି। ଏଥିସହ ପୋଲିସ ସୁମିତ୍ରାଙ୍କ ପାର୍ଲରରେ ଚଢ଼ାଉ କରି ଛାନ୍‌ଭିନ୍ କରିଛି। ସେ ସୋମବାରଠାରୁ ବାରମ୍ବାର ବୟାନ ବଦଳାଉଛନ୍ତି। ଜୋନ୍-୬ ଏସିପି, ଚନ୍ଦକା ଥାନା ଅଧିକାରୀ, ଚନ୍ଦ୍ରଶେଖରପୁର ଥାନା ପୋଲିସ ପଚରାଉଚରା କରିଥିଲେ ମଧ୍ୟ ସେ ସମସ୍ତଙ୍କୁ ଭିନ୍ନ ଭିନ୍ନ ବୟାନ ଦେଇଛନ୍ତି। ତେଣୁ ବିଏନ୍‌ଏସ୍ ୧୮୦ ଧାରାରେ ଜଣେ ବରିଷ୍ଠ ମହିଳା ପୋଲିସ ଅଧିକାରୀ ତାଙ୍କ ବୟାନ ରେକର୍ଡ କରିଛନ୍ତି। ଆହୁରି ମଧ୍ୟ ପୋଲିସ ହତ୍ୟାକାରୀ ଏବଂ ପ୍ରେମିକା ସୁମିତ୍ରାଙ୍କୁ ମୁହାଁମୁହିଁ ଜେରା କରିବା ପରେ ସତ ପଦାକୁ ଆସିଛି। ମଙ୍ଗଳବାର ପୋଲିସ ସୁମିତ୍ରାଙ୍କ ସିଡିଆର ଏବଂ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ କରିଥିଲା। ତାଙ୍କ ଆକାଉଣ୍ଟରୁ ମୃତ ସତ୍ୟବ୍ରତଙ୍କ ନିକଟକୁ ଟଙ୍କା ଯାଇଥିବାବେଳେ ହଜାର ହଜାର ଟଙ୍କା ମଧ୍ୟ ଆସିଛି। ସିଡିଆର ଯାଞ୍ଚ ପରେ ସତ୍ୟବ୍ରତଙ୍କ ସହ ସୁମିତ୍ରା ଦିନକୁ ୨୦ ଥର କଥା ହେଉଥିବା ଜଣାପଡ଼ିଛି। ଦୀନବନ୍ଧୁ ଇଭେଣ୍ଟ କାମରେ ବାହାରକୁ ଯିବା ପରେ ସୁମିତ୍ରା ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କ ସହ କଥା ହେଉଥିଲେ। ଘଟଣାଦିନ ସୁମିତ୍ରା ଫୋନ୍ କରି ସତ୍ୟବ୍ରତଙ୍କୁ ଡାକିଥିବା ସିଡିଆରରୁ ଜଣାପଡ଼ିଛି।

ମାଉସୀ ମା' ଓଭରବ୍ରିଜ୍ ତଳକୁ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିବା ଗାଡ଼ିକୁ ପୋଲିସ ଯାଞ୍ଚ କରିଛି। ଗାଡ଼ି ଭିତରେ ଲେଡିଜ୍ ବ୍ୟବହାର କରୁଥିବା ଏକାଧିକ କସ୍‌ମେଟିକ୍ ସାମଗ୍ରୀ ଥିବା ସହ ଗାଡ଼ି ଆଗ ଲକରରେ ଶୁଖି ଯାଇଥିବା ଗୋଲାପ, ସିନ୍ଦୂର ଏବଂ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା। ସେହିପରି ଗାଡ଼ିର ପଛ ଡିକିରେ ଯୁବତୀଙ୍କ ଫୋନ୍ ସହ ଶୁଖିଲା ବୁକେ ରହିଥିଲା, ଯାହାକୁ ସୁମିତ୍ରା ଦେଇଥିବା ପୋଲିସ ସନ୍ଦେହ କରୁଛି। ଗାଡ଼ି ସତ୍ୟବ୍ରତ ଚଲାଉଥିବାରୁ ସେଥିରୁ ଲେଡିଜ୍ ସାମଗ୍ରୀ ଜବତ ହୋଇଥିବାରୁ କାରରେ ବହୁବାର ସୁମିତ୍ରା ବୁଲାବୁଲି କରିଥିବା ମଧ୍ୟ ସ୍ପଷ୍ଟ ହୋଇଛି।

### ସିସିଟିଭି ଫୁଟେଜରୁ ମିଳିଲା ସୁରାକ୍

ନୀଳାଦ୍ରି ବିହାରରେ ସତ୍ୟବ୍ରତ ପ୍ରଧାନଙ୍କ ଗଳାକାଟି ହତ୍ୟା ସମୟର ଏକ ସିସିଟିଭି ଫୁଟେଜ ମଙ୍ଗଳବାର ସାମ୍ନାକୁ ଆସିଛି। ରାତି ଗୋଟାଏ ୩୧ ମିନିଟରେ ତଣ୍ଟି କଟା ଅବସ୍ଥାରେ ସତ୍ୟବ୍ରତ ପ୍ରଧାନ ଦୌଡୁଥିବା ଦେଖିବାକୁ ମିଳିଛି। ଏହାର ଠିକ୍ ୧୧ ମିନିଟର ବ୍ୟବଧାନ ଭିତରେ ସୁମିତ୍ରା ଦୌଡୁଥିବାବେଳେ ପଛରେ ଦୀନବନ୍ଧୁ ମଧ୍ୟ ଦୌଡୁଥିବାର ଦୃଶ୍ୟ ସିସିଟିଭିରୁ ଜଣାପଡ଼ିଛି। ଏହି ସିସିଟିଭି ଫୁଟେଜକୁ ପୋଲିସ ଜବତ କରି ଡିଜିଟାଲ ପ୍ରମାଣ ପାଇଁ ରଖିଛି। ପ୍ରେମ ସପ୍ତାହର ପାପ କାହାଣୀ ଭିତରେ କେବଳ ଦୀନେଶ କି ସୁମିତ୍ରା ନୁହଁନ୍ତି, କାର୍‌ର ମାଲିକାଣୀଙ୍କ ଉପରେ ବି ରହିଛି ପୋଲିସର ସନ୍ଦେହ ଆଖି। କାରଣ ଶିଶୁଭବନ ଓଭରବ୍ରିଜ୍‌ରେ ଦୁର୍ଘଟଣାଗ୍ରସ୍ତ କାର ଭିତରେ ଅନେକ ପ୍ରମାଣ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି।



ସିସିଟିଭିରେ କଏଦ ଦୃଶ୍ୟ।

# ଏମ୍‌କେସିଜି ମେଡିକାଲ ସର୍ଜରି ୱାର୍ଡରେ ବିକ୍ରମ

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୧୦।୨(ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ମଙ୍ଗଳବାର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ୨ ଦିନ ପୂର୍ବେ ସେ ଏମ୍‌କେସିଜିରେ ଚିକିତ୍ସିତ ହୋଇ ଜେଲ ଫେରିଥିବା ବେଳେ ତାଙ୍କ ପେଟ ଓ ଛାତିରେ ଯନ୍ତ୍ରଣା ହେବାରୁ ପୁଣି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ସୁରକ୍ଷା ବଳୟରେ ସେ ଏବେ ୩୨୦ ନଂ. ବେଡ୍‌ରେ ରହିଛନ୍ତି। ତାଙ୍କର ଗଲ୍ ବ୍ଲାଡର ସମସ୍ୟା ରହିଥିବା ବେଳେ ଅସ୍ତ୍ରୋପଚାର ହୋଇପାରେ ବୋଲି ଜଣାପଡ଼ିଛି। ସେହିପରି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ବିଜେଡି ନେତା ମଦନ ଦଳାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସୋମବାର ତାଙ୍କୁ ହୁଇଲ ଚେୟାରରେ ଆଣି ଜିଲା ଦୌରାଜଜ୍ କୋର୍ଟରେ ହାଜର କରାଯାଇଥିଲା। ମଙ୍ଗଳବାର ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ଏ ନେଇ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ଦୁର୍ଗାମାଧବ ଶତପଥୀଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ବିକ୍ରମ ପଣ୍ଡା ସର୍ଜରି ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ବିଭାଗୀୟ ଡାକ୍ତର ତାଙ୍କର ଚିକିତ୍ସା ଚଳାଇଛନ୍ତି। ମଦନ ଦଳେଇ ଚିକିତ୍ସା ପାଇଁ ଏମ୍‌କେସିଜି ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି ହୋଇଥିବା ମେଡିକାଲ ଅଧୀକ୍ଷକ କହିଛନ୍ତି। ପୀତବାସ ହତ୍ୟା ଘଟଣାରେ ପୋଲିସ ପୂର୍ବତନ ବିଧାୟକ ବିକ୍ରମ, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଗତ ୯ ତାରିଖରେ ମାମଲାର କମିଟିମେଣ୍ଟ ହୋଇଥିଲା। ଏହାପରେ ଏହି ମାମଲାକୁ ଏଡିଜେ-୩ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଆସନ୍ତା ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ସେହିଦିନ କେତେଜଣଙ୍କ ଜାମିନ ଆବେଦନ ଶୁଣାଣି ସହ ଚାର୍ଜଫ୍ରେମ୍ ହେବ ବୋଲି ପ୍ରତିପକ୍ଷ ଓକିଲ ଚକ୍ରପାଣି ନାହାକ କହିଛନ୍ତି।

# ଏଏସ୍‌ଆଇଙ୍କୁ ନିଲମ୍ବନ କଲେ ଏସ୍‌ପି

## ଥାନାରେ ଛାତ୍ରଙ୍କୁ ନିର୍ଯାତନା ଦେବା ଘଟଣା

ମୋରଡ଼ା,୧୦।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ୨୦୨୫ ଡିସେମ୍ବର ୨୫ ତାରିଖ ରାତିରେ ତଦନ୍ତ ଆଳରେ ଜଣେ ଛାତ୍ରଙ୍କୁ ଥାନାକୁ ଡାକି ନିର୍ଯାତନା ଦେବା ଘଟଣାରେ ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ନିରାକାର ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି।

ସୂଚନାଯୋଗ୍ୟ, ଏକ ମହାବିଦ୍ୟାଳୟର ଜଣେ ଛାତ୍ରୀ କେଉଁଆଡ଼େ ପଳାଇ ଯାଇଥିଲେ। ତଦନ୍ତ ଆଳରେ ପୋଲିସ ସୁଶାନ୍ତ ପାତ୍ର ନାମକ ଜଣେ ଛାତ୍ରଙ୍କୁ ଥାନାକୁ ଡାକି ଆଣିଥିଲା। ଥାନା ଏଏସ୍‌ଆଇ ନିରାକାର ପ୍ରଧାନ ଏବଂ ଏସ୍‌ଆଇ ନିବେଦିତା ନାଏକ ଧମକଚମକ ଦେବା ସହିତ ସୁଶାନ୍ତଙ୍କୁ ମାଡ଼ ମାରିଥିଲେ ଏବଂ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏ ବାବଦରେ ପୋଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତି ଏସ୍‌ଆଇ ନାଏକଙ୍କୁ ପଚାରିବାରୁ ସେ ମାଡ଼ ମରାଯିବା କଥାକୁ ସ୍ୱୀକାର କରିଥିଲେ, ଯାହାର ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏନେଇ ବିଭିନ୍ନ ଛାତ୍ର ସଂଗଠନ, ଅଞ୍ଚଳବାସୀ ଏସ୍‌ପିଙ୍କଠାରେ ଲିଖିତ ଅଭିଯୋଗ କରିବା ପରେ ତଦନ୍ତ କରି ରିପୋର୍ଟ ଆଧାରରେ ଏସ୍‌ପି ଏଏସ୍‌ଆଇ ପ୍ରଧାନଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି।



ଏଏସ୍‌ଆଇ ନିରାକାର ପ୍ରଧାନ

# ସଶସ୍ତ୍ର ଡକାୟତି ଘଟଣାରେ ୩ ଗିରଫ

କେନ୍ଦୁଝର,୧୦।୨(ନରେଶ୍ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବାୟାପାଣ୍ଡାଧାରରେ ଜଣଙ୍କ ଘରୁ ଓ ଡୁରୁମୁଙ୍ଗା ଥାନା ଅଞ୍ଚଳରେ ସଶସ୍ତ୍ର ଡକାୟତି ଘଟଣାରେ ପୋଲିସ ୩ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟର ଧାନବାଦ୍ ଜିଲା ତୁଣ୍ଡି ଥାନା ଅନ୍ତର୍ଗତ ଚରକ ଗ୍ରାମର ରିଜ୍‌ୱାନ ଅନ୍‌ସାରୀ, ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗାଇଡେହେରା ଗ୍ରାମର ଅସ୍‌ଗର ଅନ୍‌ସାରୀ ଓ ଉକ୍ତ ଥାନା କୁରେଶିନଗର ଗ୍ରାମର ମାନିକ ରବିଦାସ। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୧ ତାରିଖ ରାତି ପ୍ରାୟ ୧୦ଟାରେ ଜାତୀୟ ରାଜପଥ ୪୯ କଡ଼ରେ ଥିବା ସଂଗ୍ରାମ କେଶରୀ ନାୟକଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିଲା। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୬୦/୨୦୨୬)ରୁଜୁ ହୋଇଥିଲା।

# ମଦ ପାଇଁ ଟଙ୍କା ନ ଦେବାରୁ ଆକ୍ରମଣ

## ଭାଜପା ମଣ୍ଡଳ ସଭାପତିଙ୍କ ସମେତ ୨ ଆହତ

ତିହିଡ଼ି,୧୦।୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଳୀପଡ଼ିଆ ନିକଟରେ ସୋମବାର ରାତି ୧୦ଟା ୩୦ ବେଳେ ମଦ ପିଇବାକୁ ଟଙ୍କା ନ ଦେବାରୁ ଭାଜପା ସାହାଡ଼ାଶୁଣୀ ମଣ୍ଡଳ ସଭାପତିଙ୍କ ସମେତ ୨ ଯୁବକଙ୍କୁ ଆକ୍ରମଣ କରାଯାଇଛି। ମଣ୍ଡଳ ସଭାପତି ତିହିଡ଼ି ଗ୍ରାମର କେଶବ ବେହେରା ଓ ତାଙ୍କ ବନ୍ଧୁ ସେହି ଗ୍ରାମର ଗଣେଶ କର ଆହତ ହୋଇଛନ୍ତି। ଏନେଇ କେଶବ ଓ ଗଣେଶ ତିହିଡ଼ି ଥାନାରେ ପୃଥକ୍ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୪୦/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, କେଶବ ଓ ଗଣେଶ ସ୍ଥାନୀୟ କାଳୀପଡ଼ିଆରେ ଚାଲିଥିବା ମହୋତ୍ସବ ଦେଖି ଫେରୁଥିଲେ। ସେହି ସମୟରେ ପାଟଣାସାହି ଓ ବଡ଼ଲପାଳ ଗ୍ରାମର ୨ ଯୁବକ ସେମାନଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେହି ୨ ଯୁବକ ଏକ ଲୁହା ରଡ୍‌ରେ ସେମାନଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଦୁଇଜଣଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## Business

# ଓଡ଼ିଶାରେ ୪୧୧୧ କୋଟି ନିବେଶକୁ ଅନୁମୋଦନ

- ୧୧ ଜିଲାରେ ହେବ ୨୩ ଶିଳ୍ପ ପ୍ରକଳ୍ପ
- ୯୯୨୪ ନିଯୁକ୍ତି ସୃଷ୍ଟି ଆଶା

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୪ତମ ଷ୍ଟେଟ୍ ଲେଭଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥୋରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁଏ) ବୈଠକରେ ୨୩ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ନିବେଶ ପରିମାଣ ୪,୧୧୧.୮୦ କୋଟି ଟଙ୍କା ହେବା ସହ ପ୍ରାୟ ୯,୯୨୪ ନିଯୁକ୍ତି ସୃଷ୍ଟିହେବ ବୋଲି ଆଶା କରାଯାଉଛି। ଏହି ଅନୁମୋଦନ ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତି ଆଧାରିତ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ବଡ଼ ମାଇଲଖୁଣ୍ଟ ସାଜିଛି। ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଯାନ୍ତ୍ରିକ ଓ ବିଦ୍ୟୁତ୍ କ୍ୟାପିଟାଲ ଗୁଡ୍‌ସ, ପୋଷାକ ଓ ଟେକ୍ସଟାଇଲ, ଏରୋସ୍ପେସ୍ ଓ ପ୍ରତିରକ୍ଷା ଉତ୍ପାଦନ, ଜାହାଜ ନିର୍ମାଣ ଓ ମରାମତି, ଔଷଧ ଓ ରସାୟନ, ରିଫ୍ରାକ୍ଟରିଜ, ଆଲୁମିନିୟମ ଡାଉନଷ୍ଟ୍ରିମ୍, ଖଣିଜ ଉପକରଣ, ଧାତୁ ଡାଉନଷ୍ଟ୍ରିମ୍ ପ୍ଲାଷ୍ଟିକ, କାଚ ଉତ୍ପାଦନ, ଲଜିଷ୍ଟିକ୍ସ ଓ ଗୋଦାମ ବ୍ୟବସ୍ଥା, ଅବସଂରଚନା ଏବଂ ପର୍ଯ୍ୟଟନ ଓ ଆତିଥ୍ୟତା ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟାପ୍ତ ରହିଛି। ଏହା ରାଜ୍ୟର ବିବିଧତାପୂର୍ଣ୍ଣ, ଭବିଷ୍ୟତ ପ୍ରସ୍ତୁତି ଓ ସ୍ଥିର ଶିଳ୍ପ ରଣନୀତିକୁ ସ୍ପଷ୍ଟ କରୁଛି। ଏହି ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ସମେତ ୧୧ ଜିଲାରେ କାର୍ଯ୍ୟକାରୀ ହେବ, ଯାହା ରାଜ୍ୟରେ ସନ୍ତୁଳିତ ଶିଳ୍ପ ବିକାଶ ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ। ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଖୋର୍ଦ୍ଧାରେ ନିଫା ଲିମିଟେଡ୍‌ର ରେଳପଥ ଉପାଦାନ ଉତ୍ପାଦନ ୟୁନିଟ୍ ପାଇଁ ୩୮୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ୩୧୦ ନିଯୁକ୍ତି ସୃଷ୍ଟି କରିବ। ଗଞ୍ଜାମରେ ୩୦୦ କୋଟି ବ୍ୟୟରେ ଇନ୍‌ଭେଷ୍ଟଗ୍ରିଡ ଇଣ୍ଡିଆର ଆଡଭାନ୍ସଡ ମଲ୍ଟି-ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ହେବ। ଏହାଦ୍ୱାରା ୧,୦୦୦ ନିଯୁକ୍ତି ମିଳିବ। ଭଦ୍ରକରେ ନର୍ଦର୍ନ ଏକ୍ସପ୍ରେସ୍‌ର ଜାହାଜ ନିର୍ମାଣ ଓ ମରାମତି ସୁବିଧା ପାଇଁ ୩୩୯.୪୦ କୋଟି ଟଙ୍କା ଅନୁମୋଦିତ ହୋଇଛି। ଏହା ୫୦୭ ଜଣଙ୍କୁ ନିଯୁକ୍ତି ଦେବ। ଖୋର୍ଦ୍ଧାରେ ଜେ.ଜି. ହୋସିଆରିର ପୋଷାକ ଉତ୍ପାଦନ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୨,୩୫୦ ଜଣ ନିଯୁକ୍ତି ପାଇବେ। ସୁନ୍ଦରଗଡ଼ରେ କଳିଙ୍ଗା ମେଟାଲିକ୍ସର ୪ ଏମ୍‌ଟିପିଏ ଆୟରନ ଓର୍ ବେନିଫିସିଏସନ ପ୍ଲାଣ୍ଟ ପାଇଁ ୬୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୭୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଖୋର୍ଦ୍ଧାରେ ଏମ୍‌କେ ଆସେମ୍ବ୍ଲର ୫-ଷ୍ଟାର ହୋଟେଲ ପାଇଁ ୨୧୦ କୋଟି ଖର୍ଚ୍ଚ ହେବାକୁ ଥିବାବେଳେ ଏହି ପ୍ରକଳ୍ପ ୨୪୦ଜଣଙ୍କୁ ନିଯୁକ୍ତି ଦେବ। ଏହିଭଳି ଅନେକ ପ୍ରକଳ୍ପ ରାଜ୍ୟରେ ପାରମ୍ପରିକ ଉତ୍ପାଦନରୁ ଆରମ୍ଭକରି ଏରୋସ୍ପେସ୍, ପ୍ରତିରକ୍ଷା, ଆଧୁନିକ ଉତ୍ପାଦନ, ଲଜିଷ୍ଟିକ୍ସ, ଅବସଂରଚନା ଓ ଉଚ୍ଚମାନର ପର୍ଯ୍ୟଟନ କ୍ଷେତ୍ର ରହିଛି। ଏହି ୨୩ଟି ପ୍ରକଳ୍ପ ମିଶି ରାଜ୍ୟରେ ଶିଳ୍ପ ବିକାଶକୁ ନୂତନ ଗତିଦେବା ସହ ପୂର୍ବାଞ୍ଚଳରେ ଓଡ଼ିଶାକୁ ଏକ ଉଚ୍ଚ ସମ୍ଭାବନାଯୁକ୍ତ ନିବେଶ ଗନ୍ତବ୍ୟ ଭାବେ ପ୍ରତିଷ୍ଠିତ କରୁଛି।




# ନିରବଚ୍ଛିନ୍ନ ଉତ୍ପାଦନ, ପ୍ରେରଣ ପାଇଁ ଏମ୍‌ସିଏଲ୍ ସିଏମ୍‌ଡିଙ୍କ ନିବେଦନ

ତାଳଚେର,୧୦।୨ (ମନୋଜ ନନ୍ଦ)

୧୨ ତାରିଖରେ ବିଭିନ୍ନ ଶ୍ରମିକ ସଙ୍ଗଠନ ଦ୍ୱାରା ପ୍ରସ୍ତାବିତ ଦେଶବ୍ୟାପୀ ଧର୍ମଘଟ ବିଜ୍ଞପ୍ତିକୁ ନଜରରେ ରଖି ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ମଙ୍ଗଳବାର କମ୍ପାନୀର ମୁଖ୍ୟାଳୟଠାରେ ସମସ୍ତ ଶ୍ରମିକ ସଙ୍ଗଠନର ପ୍ରତିନିଧିମାନଙ୍କୁ ନେଇ ଏକ ଜରୁରୀ ସଂଯୁକ୍ତ ପରାମର୍ଶଦାତା ସମିତି ବୈଠକ କରିଥିଲେ। କମ୍ପାନୀର ସମସ୍ତ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଓ ଶ୍ରମିକ ସଙ୍ଗଠନର ପ୍ରତିନିଧିଙ୍କ ମଧ୍ୟରେ ରଞ୍ଜନ ବେହେରା (ବିଏମ୍‌ଏସ୍), ଶଙ୍କର ବେହେରା (ଏଚ୍‌ଏମ୍‌ଏସ୍), ଅଶୋକ କୁମାର ଦାସ (ଏଆଇଟିୟୁସି) ଏବଂ ପ୍ରକାଶ ଜୈନ (ସିଏମ୍‌ଓଏଆଇ) ଉପସ୍ଥିତ ଥିଲେ। ବୈଠକରେ ସିଏମ୍‌ଡି କାଓଲେ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। କେଶବ ରାଓ ନିର୍ଦ୍ଦେଶକ (ମାନବ ସମ୍ବଳ) ନିରବଚ୍ଛିନ୍ନ କୋଇଲା ଉତ୍ପାଦନ ଏବଂ ପ୍ରେରଣ ବଜାୟ ରଖିବା ପାଇଁ ସମସ୍ତ ଶ୍ରମିକ ସଙ୍ଗଠନର ପ୍ରତିନିଧିଙ୍କୁ ନିବେଦନ କରିଥିଲେ।

# ଆଇସିଏଲ୍ ଫିନକର୍ପର ନୂତନ ଏନ୍‌ସିଡି ଇସ୍ୟୁ




ଭୁବନେଶ୍ୱର,୧୦।୨

ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ଆଇସିଏଲ ଫିନ୍‌କର୍ପ ନୂତନ ସୁରକ୍ଷିତ ରିଡିମେବଲ ନନ୍-କନ୍‌ଭର୍ଟିବଲ ଡିବେଞ୍ଚର (ଏନ୍‌ସିଡି) ପବ୍ଲିକ ଇସ୍ୟୁ ଘୋଷଣା କରିଛି। ଏହି ଇସ୍ୟୁ ଫେବୃଆରୀ ୫ ରୁ ଫେବୃଆରୀ ୧୮ ପର୍ଯ୍ୟନ୍ତ ଖୋଲା ରହିବ। ଆଇସିଏଲ୍ ଫିନ୍‌କର୍ପ ସିଏମଡି ଆଡଭୋକେଟ କେ.ଜି. ଅନିଲକୁମାର, ବିକାଶ ଟିଭିର କମ୍ପାନୀ ସେକ୍ରେଟାରି ଏବଂ ଆଇସିଏଲ୍ ଫିନ୍‌କର୍ପର ସିଏଫ୍‌ଓ ମାଧବନ୍‌କୁଟ୍ଟି ଥେକ୍କେଦଥ୍ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ପ୍ରଭାବୀ ଆୟ ୧୨.୨୫% ପର୍ଯ୍ୟନ୍ତ ପ୍ରଦାନ କରାଯାଉଛି। ପୂର୍ବ ଇସ୍ୟୁଗୁଡ଼ିକରେ ପ୍ରାପ୍ତ ଉତ୍ସାହଜନକ ପ୍ରତିକ୍ରିୟା ପାଇଁ କମ୍ପାନି ନିବେଶକମାନଙ୍କର ବିଶ୍ୱାସକୁ ଗୁରୁତ୍ୱ ଦେଇଛି। ଏହି ନୂତନ ଇସ୍ୟୁ ମାଧ୍ୟମରେ ଗ୍ରାହକଙ୍କ ପରିବର୍ତ୍ତନଶୀଳ ଆବଶ୍ୟକତା ଅନୁଯାୟୀ ଆହୁରି ଦୃଢ଼ ଆର୍ଥିକ ସମାଧାନ ପ୍ରଦାନ କରିବାକୁ କମ୍ପାନି ପ୍ରତିବଦ୍ଧ। ପ୍ରତ୍ୟେକ ଏନ୍‌ସିଡିର ମୂଲ୍ୟ ୧,୦୦୦ ଟଙ୍କା ରହିଛି ଏବଂ ନ୍ୟୂନତମ ଆବେଦନ ପରିମାଣ ୧୦,୦୦୦ ଟଙ୍କା ରହିଛି। ଏହି ଇସ୍ୟୁରେ ୧୦ଟି ବିକଳ୍ପ (୧୦ ଆଇଏସ୍‌ଆଇଏନ୍) ରହିଛି, ଯେଉଁଥିରେ ୧୩, ୨୪, ୩୬, ୬୦ ଓ ୭୨ ମାସର ଟେନ୍ୟୁର ସହ ମାସିକ, ବାର୍ଷିକ ଓ କ୍ୟୁମୁଲେଟିଭ ସୁଧ ବିକଳ୍ପ ଉପଲବ୍ଧ। ସୁଧ ହାର ୧୦.୦୦%ରୁ ୧୨.୨୫% ପର୍ଯ୍ୟନ୍ତ ରହିଛି। ଏହି ଇସ୍ୟୁ କ୍ରିସିଲ ବିବିବି/ଷ୍ଟେବଲ୍ ରେଟିଂ ପ୍ରାପ୍ତ। ଏହି ଇସ୍ୟୁରୁ ପ୍ରାପ୍ତ ଅର୍ଥ ଆଇସିଏଲ୍ ଫିନ୍‌କର୍ପର ବୃଦ୍ଧି, ସେବା ଗୁଣବତ୍ତା ଉନ୍ନତି ଏବଂ ଭାରତବ୍ୟାପୀ ଗ୍ରାହକ ଓ ଷ୍ଟେକ୍‌ହୋଲଡରଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ବ୍ୟବହାର କରାଯିବ।

# କ୍ୟୋର୍‌ବେ'ର ସିଓଓ ହେଲେ ସିଦ୍ଧାର୍ଥ ଅଗ୍ରୱାଲ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)



ହାଇବ୍ରିଡ୍ ହେଲ୍‌ଥ କେୟାର ପ୍ଲାଟ୍‌ଫର୍ମ କ୍ୟୋର୍‌ବେ' କମ୍ପାନୀ ସିଦ୍ଧାର୍ଥ ଅଗ୍ରୱାଲଙ୍କୁ ଚିଫ୍ ଅପରେଟିଂ ଅଫିସର (ସିଓଓ) ଭାବେ ନିଯୁକ୍ତି ଦେଇଛି। ସିଦ୍ଧାର୍ଥ ଅଗ୍ରୱାଲ ସମ୍ପୃକ୍ତ କ୍ଷେତ୍ରରେ ୨ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରଖିଥିବାବେଳେ ଗ୍ଲୋବାଲ ଏଫ୍‌ଏମ୍‌ସିଜି କମ୍ପାନୀ ଓ ଉଚ୍ଚ ବୃଦ୍ଧିଶୀଳ କଞ୍ଜ୍ୟୁମର ଟେକ୍ ପ୍ଲାଟ୍‌ଫର୍ମରେ ସିନିୟର ନେତୃତ୍ୱ ଭୂମିକା ରହିଛି। ତାଙ୍କର ପୂର୍ବ କାର୍ଯ୍ୟକ୍ଷେତ୍ରରେ ଓଏଲ୍‌ଏକ୍ସ ଇଣ୍ଡିଆକ୍, ଓଲା ୟୁନିଲିଭର ଏବଂ ପର୍ଫେଟି ଭ୍ୟାନ ମେଲେ ଭଳି କମ୍ପାନୀରେ ବୃହତ୍ ପରିମାଣର ଅପରେଶନ ଓ ବୃଦ୍ଧି ଉଦ୍ୟମକୁ ନେତୃତ୍ୱ ଦେଇଛନ୍ତି। ସିଓଓ ଭାବେ ସିଦ୍ଧାର୍ଥ କମ୍ପାନୀର ଏଣ୍ଡ-ଟୁ-ଏଣ୍ଡ ଅପରେଶନ ତଦାରଖ କରିବେ। କମ୍ପାନୀର ବିସ୍ତାର ଯୋଜନାରେ ଇନ୍‌କ୍ଲିନିକ୍ ନେଟ୍‌ୱର୍କକୁ ବଢ଼ାଇବା,ସ୍ୱାସ୍ଥ୍ୟ ମିତ୍ର ଇକୋସିଷ୍ଟମକୁ ମଜଭୁତ କରିବା ଏବଂ ଟେକ୍ନୋଲୋଜି ଆଧାରିତ ସମାଧାନ ସଂଯୋଜନ କରି ଅପେକ୍ଷାକୃତ ସମ୍ପ୍ରଦାୟକୁ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ରହିଛି। ଏହି ନିଯୁକ୍ତି ଉପରେ ମନ୍ତବ୍ୟ ଦେଇ କ୍ୟୋର୍‌ବେ' ପ୍ରତିଷ୍ଠାତା ଓ ସିଇଓ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, ଭାରତର ଅପେକ୍ଷାକୃତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟବଧାନ ଦୂର କରିବା ପାଇଁ କ୍ୟୋର୍‌ବେ' ଆରମ୍ଭ ହୋଇଥିଲା। ସିଦ୍ଧାର୍ଥଙ୍କ ନିଯୁକ୍ତି ଆମ ନେତୃତ୍ୱ ଦଳକୁ ମଜବୁତ କରିବ ଏବଂ ଅପରେଶନ ଓ ବିସ୍ତାରକୁ ଆହୁରି ଆକାର ଦେବାରେ ସାହାଯ୍ୟ କରିବ।

# ଝାରସୁଗୁଡ଼ାରେ ଅଶୋକ ଲେଲାଣ୍ଡର ୫୪ତମ ଟଚ୍‌ପଏଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)




ଅଶୋକ ଲେଲାଣ୍ଡର ଓଡ଼ିଶାରେ ୫୪ତମ ଟଚ୍‌ପଏଣ୍ଟ (ଡିଲରଶିପ ଓ ସର୍ଭିସ୍ ଆଉଟ୍‌ଲେଟ) ମଙ୍ଗଳବାର ଝାରସୁଗୁଡ଼ାରେ ଉଦ୍‌ଘାଟିତ ହୋଇଛି। ଅଶୋକ ଲେଲାଣ୍ଡର ପୂର୍ବାଞ୍ଚଳ ଜୋନାଲ ମ୍ୟାନେଜର ଦୀପକ ରଜଦାନ ଏହି ଅତ୍ୟାଧୁନିକ ସୁବିଧାଯୁକ୍ତ ଆଉଟ୍‌ଲେଟକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଶୋକ ଲେଲାଣ୍ଡର ଓଡ଼ିଶା ରିଜିଓନାଲ ମ୍ୟାନେଜର ଅଭିନବ ପ୍ରତୀକ, ଜଲନ ଅଟୋମୋବାଇଲ୍ସର ଚେୟାରମ୍ୟାନ ଅଶୋକ କୁମାର ଜଲନ, ଡାଇରେକ୍ଟର ଯୋଗେଶ ଜଲନ ଏବଂ ମନୀଷ ଚୌଧୁରୀ ଉପସ୍ଥିତ ଥିଲେ। ଏହା ଜଲନ ଅଟୋମୋବାଇଲ୍ସର ଓଡ଼ିଶାରେ ଚତୁର୍ଥ ଆଉଟଲେଟ। ଏହି ଅତ୍ୟାଧୁନିକ ସର୍ଭିସ୍ ୱାର୍କଶପରେ ୧୦ଟି ସର୍ଭିସ୍ ବେ ରହିଛି ଏବଂ ଆଧୁନିକ ଯନ୍ତ୍ରପାତି ଓ ଉପକରଣ ଦ୍ୱାରା ଉଚ୍ଚମାନର ସେବା ପ୍ରଦାନ କରାଯିବ। ଏହା ଏସ୍‌ଏଚ୍-୧୦ ରେ ରଣନୈତିକ ଭାବେ ସ୍ଥାପିତ ହୋଇଛି, ଯାହା ସମ୍ବଲପୁର-ରାଉରକେଲା ରୁଟ୍‌ରେ ଚଳାଚଳ କରୁଥିବା ସମସ୍ତ ଅଶୋକ ଲେଲାଣ୍ଡ ଯାନକୁ ସେବା ପ୍ରଦାନ କରିବ। ଏହା ସମଲେଶ୍ୱରୀ ଓ ଲଖନପୁର ଭଳି ନିକଟବର୍ତ୍ତୀ ପ୍ରମୁଖ କୋଇଲା ଖଣି ତଥା ଶ୍ୟାମ ମେଟାଲିକ୍ସ, ଜେଏସ୍‌ଡବ୍ଲ୍ୟୁ, ଆଦିତ୍ୟ ବିର୍ଲା ଗ୍ରୁପ୍ ଏବଂ ବେଦାନ୍ତ ଭଳି ଇସ୍ପାତ ଓ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକ ଆଖପାଖରେ ଚଳାଚଳ କରୁଥିବା ଯାନଗୁଡ଼ିକୁ ମଧ୍ୟ ସେବା ପ୍ରଦାନ କରିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ୫୫୨୫ ଟିଟି, ୩୫୩୨ ଟିପ୍ପର ଏବଂ ୨୮୩୨ ଟିପ୍ପର ଭଳି ଯାନଗୁଡ଼ିକର ପ୍ରଦର୍ଶନୀ କରାଯାଇଥିଲା। ଏହି ନୂତନ ଆଉଟ୍‌ଲେଟ ଅଞ୍ଚଳର ପରିବହନ ଓ ଶିଳ୍ପ କ୍ଷେତ୍ରରେ ଅଶୋକ ଲେଲାଣ୍ଡର ସ୍ଥିତି ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି।

# ଆଇଜି ଡିଫେନ୍ସକୁ ସ୍ୱଦେଶୀ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ' ପାଇଁ ମିଳିଲା ପେଟେଣ୍ଟ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)

ଆଧୁନିକ ଯୁଦ୍ଧକ୍ଷେତ୍ରର ବଦଳୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇଜି ଡିଫେନ୍ସ ଦ୍ୱାରା ବିକଶିତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଅନମ୍ୟାନଡ୍ ଏରିଅଲ ସିଷ୍ଟମ' ପାଇଁ କମ୍ପାନୀକୁ ପେଟେଣ୍ଟ ପ୍ରଦାନ କରାଯାଇଛି। ଏହି ଅତ୍ୟାଧୁନିକ ସିଷ୍ଟମ ଶତ୍ରୁ ଉପରେ ନଜର ରଖିବା ଏବଂ ସଠିକ ଲକ୍ଷ୍ୟଭେଦ କରିବାରେ ସକ୍ଷମ, ଯାହା ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଅଧିକ ମଜଭୁତ କରିବ। ଆଇଜି ଡିଫେନ୍ସର ଏହି ନୂତନ ପେଟେଣ୍ଟ ପ୍ରାପ୍ତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ' ସେନାବାହିନୀକୁ ଅତ୍ୟନ୍ତ ସଠିକତାର ସହ ଶତ୍ରୁକୁ ଚିହ୍ନଟ କରିବା, ଗତିବିଧି ଉପରେ ନଜର ରଖିବା ଏବଂ ଆକ୍ରମଣ କରିବାରେ ସକ୍ଷମ କରାଏ, ଯାହାଦ୍ୱାରା ଭୂମିରେ ଥିବା ସୈନିକମାନଙ୍କ ପ୍ରତି ବିପଦ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଥାଏ। ଯୁଦ୍ଧକ୍ଷେତ୍ରର କଠିନ ପରିସ୍ଥିତିରେ, ଗୁପ୍ତ ତଥ୍ୟ ସଂଗ୍ରହ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଏହି କ୍ଷମତା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଆଇଜି ଡିଫେନ୍ସର ପ୍ରତିଷ୍ଠାତା ତଥା ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ଆଧୁନିକ ଯୁଦ୍ଧର ବାସ୍ତବତାକୁ ଦୃଷ୍ଟିରେ ରଖି ଏହି 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ'କୁ ବିକଶିତ କରାଯାଇଛି। ସଶସ୍ତ୍ର ବାହିନୀକୁ ନିର୍ଭରଯୋଗ୍ୟ ଉପକରଣ ଯୋଗାଇଦେବା ଆମର ଲକ୍ଷ୍ୟ। ଆଇଜି ଡିଫେନ୍ସର ପରାମର୍ଶଦାତା, ଏୟାର କମୋଡୋର ଆର.ଏନ. ଗାଏକ୍ୱା କହିଛନ୍ତି, କମ୍ପାନୀ କେବଳ ପ୍ରଦର୍ଶନ ପାଇଁ ନୁହେଁ, ବରଂ ବାସ୍ତବ ଯୁଦ୍ଧକ୍ଷେତ୍ରରେ ବ୍ୟବହାର ଉପଯୋଗୀ ଜ୍ଞାନକୌଶଳ ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛି।

**ଦୁର୍ଘଟଣାରେ ଆଈ, ନାତୁଣୀଙ୍କ ମୃତ୍ୟୁ**

ପାରଳାଖେମୁଣ୍ଡି,(ଗିରିଧାରୀ ପରିଡ଼ା): ସମ୍ପର୍କୀୟଙ୍କ ଏକାଦଶାହରେ ଯୋଗଦେଇ ଫେରୁଥିବା ଆଈ, ନାତୁଣୀଙ୍କ ମଙ୍ଗଳବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗଜପତି ଜିଲ୍ଲା କାଶୀନଗର ଥାନା ଅନ୍ତର୍ଗତ ଖାଉଡା ଗ୍ରାମ ଛକରେ ଘଟିଥିବା ଏହି ଦୁର୍ଘଟଣାରେ ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଉଦ୍ଦପୁର ପଞ୍ଚାୟତ ତିରିଙ୍ଗି ଗ୍ରାମର ପୂର୍ବତନ ସରପଞ୍ଚ କଳ୍ପନା କେଉଟ (୫୦) ଓ ତାଙ୍କ ନାତୁଣୀ ପବିତ୍ରା କେଉଟ (୮)ଙ୍କ ଜୀବନ ଯାଇଛି। ସେମାନଙ୍କୁ ଏକ୍ସେଲ ଗାଡ଼ିରେ ଆଣୁଥିବା କଳ୍ପନାଙ୍କ ସ୍ୱାମୀ ଶ୍ରୀରାମୁଲୁ କେଉଟ (୫୫) ଗୁରୁତର ହୋଇ ପାରଳାଖେମୁଣ୍ଡି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କାଶୀନଗର ପୋଲିସ ୨ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

# ମିଲର୍ସ ଆସୋସିଏଶନ ସହ ଗର୍ଗଙ୍କ ଆଲୋଚନା



## ଧାନ ସଂଗ୍ରହ ସମସ୍ୟା
### ଅସୁବିଧା ଜଣାଇଲେ ମିଲର

ଭୁବନେଶ୍ୱର, ୧୦।୨ (ସୁନିତ୍ ମିଶ୍ର)

ରାଜ୍ୟର ଅନେକ ସ୍ଥାନରେ ବର୍ତ୍ତମାନ ଚାଷୀଙ୍କଠାରୁ ଠିକ୍ ଭାବେ ଧାନ ସଂଗ୍ରହ କରାଯାଉନାହିଁ। ଦୀର୍ଘଦିନ ଧରି ମଣ୍ଡିରେ ସେମାନଙ୍କ ଧାନ ପଡ଼ି ରହୁଛି ଆଦି ଅନେକ ସମସ୍ୟା ସୃଷ୍ଟି ହେଉଥିବା ଖବର ନଜରକୁ ଆସୁଛି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ପକ୍ଷରୁ ସରକାରଙ୍କୁ ଟାର୍ଗେଟ କରାଯାଉଥିବା ବେଳେ ପଶ୍ଚିମ ଓଡ଼ିଶାରେ କୃଷକ ଆନ୍ଦୋଳନ ମଧ୍ୟ ଦେଖିବାକୁ ମିଳୁଛି। ଏଭଳିସ୍ଥଳେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମିଲରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଙ୍ଗଳବାର ଓଡ଼ିଶା ରାଇସ୍ ମିଲର୍ସ ସଂଘର କର୍ମକର୍ତ୍ତାମାନଙ୍କ ସାଙ୍ଗରେ ଆଲୋଚନା କରିଛନ୍ତି।

ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ ସରକାରୀ ବ୍ୟବସ୍ଥାରେ ଧାନ ସଂଗ୍ରହ, ଧାନରୁ ଚାଉଳ ପ୍ରସ୍ତୁତି ପରେ ସରକାରଙ୍କୁ ଚୁକ୍ତିଭିତ୍ତିକ ଚାଉଳ ଯୋଗାଣ ଓ ରାଜ୍ୟ ସରକାରଙ୍କଠାରୁ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଚାଉଳ ସଂଗ୍ରହ କରିବା ଆଦି ସବିଶେଷ ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ସମସ୍ୟା ଓ ସେସବୁର ସମାଧାନ ଦିଗରେ ସଂଘର କର୍ମକର୍ତ୍ତାମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖରିଫ ମାର୍କେଟିଂ ଋତୁ ୨୦୨୪-୨୫ରେ ସଂଗୃହୀତ ଧାନ ଅନୁସାରେ ସେସବୁର କଷ୍ଟମ ମିଲିଂ ଓ ଚାଉଳ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଛି। ୨୦୨୫-୨୬ ମାର୍କେଟିଂ ଋତୁ ଆରମ୍ଭ ହୋଇସାରିଥିଲେ ମଧ୍ୟ ୨୦୨୪-୨୫ର ଚୁକ୍ତିଭିତ୍ତିକ ମିଲିଂ ଚାଉଳର ପ୍ରାୟ ୧୦ ପ୍ରତିଶତ ବାକି ରହିଛି। ଏହାର ଯୋଗାଣ ବର୍ତ୍ତମାନ ଜାରି ରହିଛି। ଦୀର୍ଘଦିନ ଧରି ମିଲ୍‌ରେ କଷ୍ଟମ ମିଲ୍ଡ ଚାଉଳ ଓ ନୂଆ ଧାନ ରଖିବା ପାଇଁ ସ୍ଥାନ ସମସ୍ୟା ରହୁଛି। ରାଜ୍ୟ ଖାଦ୍ୟ ଓ ଯୋଗାଣ ନିଗମ ସହାୟତାରେ ମିଲରମାନଙ୍କ ଦ୍ୱାରା ମିଲ୍ ପରିସରରେ ଧାନ ସଂଗ୍ରହ ପାଇଁ ଅତିରିକ୍ତ ସୁବିଧା କରାଯାଇଥିଲେ ହେଁ ଧାର୍ଯ୍ୟ ମାସରୁ ଅଧିକ ସମୟ ଧରି ସେସବୁକୁ ରଖିବାକୁ ପଡୁଥିବାରୁ ଅଧିକ ଭଡ଼ା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ସମସ୍ୟା ଉପୁଜିଥିବା ମିଲର ଆସୋସିଏଶନ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ମିଲରମାନେ ଧାନ ସଂଗ୍ରହ ଓ ଚାଉଳ ସଂରକ୍ଷଣ ରଖିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଓ ଉଦ୍ୟୋଗ ଯୋଜନାରେ ବଡ଼ ବଡ଼ ଧାନ ସଂରକ୍ଷଣ କେନ୍ଦ୍ର ବ୍ୟବସ୍ଥା କରିବାକୁ ସଂଘ ତରଫରୁ ପ୍ରସ୍ତାବ ଦିଆଯାଇଛି।

ମିଲରମାନଙ୍କ ସମସ୍ୟାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇ ସେସବୁର ସମାଧାନ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ମିଲର୍ସ ଆସୋସିଏଶନ ପକ୍ଷରୁ କୁହାଯାଇଛି, ଧାନ ସଂଗ୍ରହ, ଚୁକ୍ତିଭିତ୍ତିକ କଷ୍ଟମ ମିଲ୍ଡ ଚାଉଳ ପ୍ରଦାନ କରିବା ଏକ ନିରନ୍ତର ପ୍ରକ୍ରିୟା। ଏଥିରେ ମିଲରମାନଙ୍କ ସହଯୋଗ ରହିଛି। କିନ୍ତୁ ସାମଗ୍ରିକ ପ୍ରକ୍ରିୟାରେ ମିଲରମାନେ ଦୀର୍ଘଦିନରୁ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ଦୃଷ୍ଟିଦେବା ଲାଗି ସେମାନେ ଅନୁରୋଧ କରିଛନ୍ତି।

# ପିଏମ୍-କିଷାନ: ଚାଷୀ ନେଲେଣି ୪.୦୯ ଲକ୍ଷ କୋଟି

ଭୁବନେଶ୍ୱର,୧୦।୨ (ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍-କିଷାନ ଯୋଜନାରେ ଦେଶର ଚାଷୀଙ୍କୁ ୨୧ଟି କିସ୍ତିରେ ୪ ଲକ୍ଷ ୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ଲୋକ ସଭାରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ଦେଶରେ ୩୦ ଲକ୍ଷ ୧୮ ହଜାର ୩୬୧ ଚାଷୀଙ୍କ ଏପର୍ଯ୍ୟନ୍ତ ଆଧାର ଲିଙ୍କ୍ ହୋଇପାରିନାହିଁ। ସେଥିମଧ୍ୟରେ ଉତ୍ତରପ୍ରଦେଶର ସର୍ବାଧିକ ୧୦ ଲକ୍ଷ ୪୪ ହଜାର ୨୦୦ ଚାଷୀ ରହିଥିବାବେଳେ ଓଡ଼ିଶାର ୭୩ ହଜାର ୫୩୨ ଜଣ ଚାଷୀ ପିଏମ୍-କିଷାନ ଥିବା ଜଣାଯାଇଛି। ସେହିପରି ଗୁଜରାଟର ୨ ଲକ୍ଷ ୯୦ ହଜାର ୩୫୮ ଜଣ ରହିଥିବାବେଳେ ରାଜସ୍ଥାନର ୨ ଲକ୍ଷ ୧୩ ହଜାର ୭୭୯, ମଧ୍ୟପ୍ରଦେଶର ୧ ଲକ୍ଷ ୮୭ ହଜାର ୧୧, ମହାରାଷ୍ଟ୍ରର ୧ ଲକ୍ଷ ୭୨ ହଜାର ୩୪୯, ବିହାରର ୧ ଲକ୍ଷ ୩୯ ହଜାର ୪୩୦, କର୍ଣାଟକର ୧ ଲକ୍ଷ ୩୦ ହଜାର ୨୬୩ ଏବଂ ପଶ୍ଚିମବଙ୍ଗର ୧ ଲକ୍ଷ ୨୨ ହଜାର ୧୦୬ ଜଣ ଚାଷୀଙ୍କ ଆଧାର ଲିଙ୍କ୍ ହୋଇ ନ ଥିବା ଜଣାଯାଇଛି। କେନ୍ଦ୍ରମନ୍ତ୍ରୀ ଆହୁରି ଦର୍ଶାଇଛନ୍ତି, ପିଏମ୍-କିଷାନ ଯୋଜନାରେ ଚାଷୀଙ୍କୁ କେବଳ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ଜରିଆରେ ସେମାନଙ୍କ ବ୍ୟାଙ୍କଖାତାକୁ ସହାୟତା ରାଶି ପ୍ରଦାନ କରାଯାଉଛି। ପ୍ରତି ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ଦିଆଯାଉଛି। ୨୦୧୯ରୁ ଉକ୍ତ ଯୋଜନା କାର୍ଯ୍ୟକାରୀ ହେବା ପରେ ଏହି ପ୍ରକ୍ରିୟା ଜାରି ରହିଛି।

# ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଦିଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୨(ସୁନିତ୍ ମିଶ୍ର)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗ୍ରାମୀଣ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସବୁ ଗ୍ରାମକୁ ପାଇପ୍ ଜଳ ଯୋଗାଣ ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟ ମିଶନ୍ ମୋଡ୍‌ରେ କାର୍ଯ୍ୟକାରୀ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେପରି ସମସ୍ତ ଗ୍ରାମକୁ ପାନୀୟଜଳ ସୁବିଧା ଯୋଗାଇ ଦିଆଯିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ସୂଚନା ମୁତାବକ, ବର୍ତ୍ତମାନ ରାଜ୍ୟର ୪୬,୫୩୧ଟି ଗ୍ରାମ ମଧ୍ୟରୁ ୧୯,୬୨୧ଟିରେ ପାଇପ୍‌ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ। ଏହାସହିତ ସୌରଶକ୍ତି, ମେଗା ପାନୀୟଜଳ ପ୍ରକଳ୍ପ ଆଦି ନିର୍ମାଣାଧୀନ ରହିଛି। ପ୍ରକଳ୍ପଗୁଡ଼ିକ ନିଜସ୍ୱ ପାଣ୍ଠିରୁ ପ୍ରଦାନ କରିବେ। ୨୦୧୭ରୁ ୨୦୨୪ ଜୁନ୍ ୧୨ ମଧ୍ୟରେ ରାଜ୍ୟରେ ୩୮ଟି ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୨୩ଟି ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଜୁନ୍ ୨୦୨୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୦ ମାସ ମଧ୍ୟରେ ରାଜ୍ୟରେ ୨,୯୫୧ ଏକକ ଗ୍ରାମ ପ୍ରକଳ୍ପ, ୨,୭୦୨ଟି ସୌରଶକ୍ତି ପାନୀୟଜଳ ପ୍ରକଳ୍ପ ଏବଂ ୨୨,୧୩୭ଟି ନଳକୂପ ସ୍ଥାପିତ ହୋଇଥିବା ସୂଚନା ଦିଆଯାଇଛି। ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ମାର୍ଚ୍ଚ ୨୦୨୭ ସୁଦ୍ଧା ରାଜ୍ୟର ସବୁ ଗାଁକୁ ପାଇପ ଜଳଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ସବୁ ଗାଁକୁ ପାଇପ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ୫୪ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି। ତନ୍ମଧ୍ୟରୁ ଜଳ ଜୀବନ ମିଶନ ଯୋଜନାରେ ୩୨,୧୨୮ କୋଟି ଟଙ୍କାର ପ୍ରାବଧାନ ଥିବାବେଳେ ଅବଶିଷ୍ଟ ୨୧,୧୦୯ କୋଟି ଟଙ୍କା ରାଜ୍ୟ ସରକାର

ବୈଠକରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ ଗିରିଶ ଏସ୍.ଏନ୍, ପାନୀୟଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ଥାୟୀ କୁଳପତି ଚୟନ ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି ଛାମୁଆ ସଙ୍ଗଠନ

ଭୁବନେଶ୍ୱର, ୧୦।୨(ସୁନିତ୍ ମିଶ୍ର)

ରାଜ୍ୟର ୧୪ ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ କୁଳପତି ନିଯୁକ୍ତିରେ ଅହେତୁକ ବିଳମ୍ବ ଯୋଗୁ ଉଚ୍ଚଶିକ୍ଷା ବ୍ୟବସ୍ଥା ଏକପ୍ରକାର କୋମାରେ ରହିଛି ବୋଲି ବିଜେଡି ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ବିଜେଡି ପକ୍ଷରୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ଦୀର୍ଘ ସମୟ ଧରି ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନ ରହିବା କାରଣରୁ ପ୍ରଶାସନିକ ସ୍ଥାଣୁତା, ଦାୟିତ୍ୱହୀନତା ଶିକ୍ଷା ଅନୁଶାସନ, ଗବେଷଣା କାର୍ଯ୍ୟରେ ବାଧା, ପରୀକ୍ଷା ପରିଚାଳନାରେ ବିଭ୍ରାଟ, ନିଯୁକ୍ତିରେ ବିଳମ୍ବ ସହ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଗଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଜୁ ଯୁବ ଓ ଛାତ୍ର ନେତାମାନେ କହିଛନ୍ତି, ବିଜେଡି ଶାସନ ସମୟରେ ଅର୍ଥାତ୍ ୨୦୨୦ରେ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଅଣାଯାଇଥିଲା, ଯଦ୍ୱାରା କୁଳପତି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ମେରିଟ୍ ଆଧାରିତ ଚୟନ ଓ ସଂସ୍ଥାଗତ ଦାୟିତ୍ୱବୋଧତାକୁ ସୁନିଶ୍ଚିତ କରିଥିଲା। କିନ୍ତୁ ୨୦୨୪ ଏବଂ ୨୦୨୫ରେ ହୋଇଥିବା ପରବର୍ତ୍ତୀ ସଂଶୋଧନଗୁଡ଼ିକ ଏହି ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା ସହ ସର୍ଚ୍ଚ କମିଟି ଗଠନରେ ସ୍ୱଚ୍ଛତା ଏବଂ ନ୍ୟାୟସଙ୍ଗତ ବିଷୟ ପ୍ରତି ଗଭୀର ପ୍ରଶ୍ନ ଉଠାଇଛି। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାକୁ ଜଳାଞ୍ଜଳି ଦେଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୈରିକୀକରଣ କରିବା ଲାଗି ରାଜ୍ୟ ଭାଜପା ସରକାର ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଛନ୍ତି।

# ଉମରକୋଟ, ଝରିଗାଁ ୧୨ ଘଣ୍ଟା ବନ୍ଦ

ଉମରକୋଟ/ରାଇଘର, ୧୦।୨
(ସନ୍ତୋଷ ଶତପଥୀ/କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲ୍ଲାର ଉମରକୋଟ ଓ ଝରିଗାଁ ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ବିଭିନ୍ନ ଦାବିରେ ସଂଗ୍ରାମ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ଉମରକୋଟ, ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡିରେ ଚକଅଖ ସହ ଦୋକାନବଜାର ଆଦି ବନ୍ଦ ଥିଲା। ଉମରକୋଟକୁ ସବ୍‌ଡିଭିଜନ ମାନ୍ୟତା, ମେଡିକାଲ କଲେଜ ପ୍ରତିଷ୍ଠା, ଧାନମଣ୍ଡି ସମସ୍ୟା ସମାଧାନ ଆଦି ଦାବି ନେଇ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା।

## ଅବଶିଷ୍ଟାଂଶ

### ଭାରତୀୟଙ୍କ ...

ନେଇ ଆକଳନ କରାଯାଇଥିଲା ବେଳେ ଏହାଠାରୁ ଭାରତୀୟଙ୍କ ସୁନା ମୂଲ୍ୟ ଅଧିକ ହେବ ବୋଲି କୁହାଯାଇଛି। ଦେଶର ସାମଗ୍ରିକ ସେବା ଏବଂ ଉତ୍ପାଦନକୁ ନେଇ ଗୋଟିଏ ବର୍ଷର ଜିଡିପି ସ୍ଥିର କରାଯାଇଥାଏ। କିନ୍ତୁ ସୁନା ମୂଲ୍ୟ ଗତ କିଛି ବର୍ଷ ଧରି ଯେଉଁଭଳି ବୃଦ୍ଧି ପାଇଚାଲିଛି ତଦ୍ୱାରା ଭାରତୀୟଙ୍କ ଗଚ୍ଛିତ ସୁନା ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇ ଚାଲିଛି। ବିଶେଷକରି ୨୦୨୫ରେ ସୁନା ମୂଲ୍ୟରେ ଅନ୍ୟୂନ ୬୫ ପ୍ରତିଶତ ବୃଦ୍ଧି ଘଟିଥିବାରୁ ଭାରତୀୟଙ୍କ ସୁନା ମୂଲ୍ୟ ମଧ୍ୟ ବହୁଗୁଣିତ ହୋଇଛି ବୋଲି ଅନ୍ତର୍ଜାତୀୟ ଅର୍ଥନୈତିକ ସଂସ୍ଥା ମୋର୍ଗାନ ଷ୍ଟାନ୍‌ଲି ପକ୍ଷରୁ ପୃଥକ ରିପୋର୍ଟରେ କୁହାଯାଇଛି।

### ୨୩,୩୮୭ କନିଷ୍ଠ ...

ଆଗାମୀଦିନରେ ରାଜ୍ୟରେ ଖାଲିଥିବା ଶତାଧିକ ପ୍ରଧାନଶିକ୍ଷକ ପଦ ପୂରଣ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବାଲେଶ୍ୱର, ବରଗଡ଼, କଳାହାଣ୍ଡି, କୋରାପୁଟ, ବରଗଡ଼ ଓ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀମାନେ ସେମାନଙ୍କ ଜିଲ୍ଲାର ଯୋଗ୍ୟ କନିଷ୍ଠ ଶିକ୍ଷକଙ୍କ ତାଲିକା ଦେବାରେ ବିଳମ୍ବ କରିବାରୁ ପଦୋନ୍ନତି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ଏହାକୁ ନେଇ କନିଷ୍ଠ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ 'ଧରିତ୍ରୀ'ରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇବା ପରେ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତେବେ ତାଲିକା ପ୍ରକାଶ ପାଇଥିବାରୁ କନିଷ୍ଠ ଶିକ୍ଷକ ମହଲରେ ଖୁସିର ଲହରି ଖେଳିଯାଇଛି। ଏଥିପାଇଁ 'ଓଷ୍ଟା' ପକ୍ଷରୁ ସମ୍ପାଦକ ରଞ୍ଜନ ଦାସ ଓ ଅନ୍ୟମାନେ ନିର୍ଦ୍ଦେଶକ କୋରକୋରାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ୨୦ ସୁଦ୍ଧା ଆଇ୪ଏମ୍‌ଏସ୍‌ରେ ଷ୍ଟୋନ୍ କ୍ରଶର ପଞ୍ଜୀକରଣ କର

## ଲଘୁ ଖଣି ବିଭାଗର ନିର୍ଦ୍ଦେଶ

ଯାଜପୁର, ୧୦।୨
(ହର୍ଷବର୍ଦ୍ଧନ ବେହେରା)

ସାରା ରାଜ୍ୟରେ ବେଆଇନ ଷ୍ଟୋନ୍ କ୍ରଶର ୟୁନିଟ୍ ଯୋଗୁ ସରକାର ବିପୁଳ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଲଘୁ ଖଣିଜ ବିଭାଗ ପକ୍ଷରୁ ଷ୍ଟୋନ୍ କ୍ରଶରଗୁଡ଼ିକରେ ପରିବେଶଗତ ଅନୁମତି, ଟ୍ରାନ୍‌ଜିଟ୍ ପାସ୍, ବିକ୍ରି ରସିଦ ଇତ୍ୟାଦି ଯାଞ୍ଚ ହେଉଛି। ହେଲେ ବେଆଇନ ଷ୍ଟୋନ୍ କ୍ରଶର ବିରୋଧରେ ଏଯାଏ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ତେଣୁ ଏଭଳି ବେଆଇନ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ପ୍ରଥମେ ୫।୫।୨୦୨୫ରେ ଷ୍ଟୋନ୍ କ୍ରଶରଗୁଡ଼ିକୁ ଇଣ୍ଟିଗ୍ରେଟେଡ୍ ମାଇନର ମିନେରାଲ ମାଇନିଂ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇ୪ଏମ୍‌ଏସ୍) ପୋର୍ଟାଲରେ ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ ହୋଇଥିଲା। ପରବର୍ତ୍ତୀ ସମୟରେ ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ୯।୫।୨୦୨୫ ଓ ୩୦।୧୦।୨୦୨୫ରେ ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ବିଡମ୍ବନା ଯେ, ଏହି ନିର୍ଦ୍ଦେଶକୁ ୯ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି କ୍ରଶର ମାଲିକ ଏହାକୁ ମାନିନାହାନ୍ତି। ତେଣୁ ରାଜ୍ୟ ସରକାରଙ୍କ ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ଉପନିର୍ଦ୍ଦେଶକ ତୁରାମ ବଲେଇ ମୁଣ୍ଡା ୯।୨।୨୦୨୬ରେ ସମସ୍ତ ବିଭାଗୀୟ ଡେପୁଟି ଡାଇରେକ୍ଟର ମାଇନ୍ସ(ଡିଡିଏମ୍) ଓ ମାଇନିଂ ଅଫିସର(ଏମ୍‌ଓ)ମାନଙ୍କୁ ୨୦।୨।୨୦୨୬ ସୁଦ୍ଧା ଆଇ୪ଏମ୍‌ଏସ୍ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ



DIRECTORATE OF MINOR MINERALS
STEEL & MINES DEPARTMENT, GOVERNMENT OF ODISHA
Block No.06, Ground floor, Lokseva Bhawan, Bhubaneswar-751001
(e-mail:dirmms-rev@od.gov.in)

File No.DOMM-DMM-ITPMU-0075-2025 446 Date: 09/02/2026

From
Sri Turam Balei Munda,
Deputy Director (Tech-Geology)

To
All DDMs/ All MOs

Sub: Registration of Stone Crusher Units under i4MS.

Ref: This Directorate letter no.1246 dtd.09.05.2025 and letter no.2713 dtd.30.10.2025.

Madam/Sir,

In inviting a reference to the subject and letter cited above, I am directed to say that, this Directorate vide letter no. 2713 dtd.30.10.2025 has intimated that, the application module for the registration of Stone Crusher Units under the i4MS has been made live.

It is observed that, though three months had been passed, the registration of Stone Crusher Units under i4MS is not completed yet.

Therefore, It is hereby instructed to sensitize and direct all the Stone Crusher Units under your jurisdiction to complete the registration/onboarding of Stone Crusher Units in i4MS within a **week positively by dt.20.02.2026.**

This matter may please be accorded as **"Top Priority"**.

Encl : As above

Yours faithfully,
Deputy Director(Tech-Geology)

ଉପନିର୍ଦ୍ଦେଶକ ମୁଣ୍ଡା ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

ଇସ୍ପାତ ଓ ଖଣି ବିଭାଗର ଲଘୁ ଖଣିଜ ନିର୍ଦ୍ଦେଶାଳୟ ଆଇ୪ଏମ୍‌ଏସ୍ ପୋର୍ଟାଲରେ ପଥର କ୍ରଶର ୟୁନିଟଗୁଡ଼ିକର ପଞ୍ଜୀକରଣ ପାଇଁ ମାନକ ପରିଚାଳନା ପଦ୍ଧତି ବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର(ଏସ୍‌ଓପି) ଜାରି କରାଯାଇଛି। ଏଥିରେ କାର୍ଯ୍ୟକ୍ଷମ ସମସ୍ତ ପଥର କ୍ରଶର ୟୁନିଟ୍ ଏକ ମାସ ମଧ୍ୟରେ ଆଇ୪ଏମ୍‌ଏସ୍ ପୋର୍ଟାଲରେ ପଞ୍ଜୀକରଣ କାର୍ଯ୍ୟ ସମାପ୍ତ କରିବେ। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସିଏସ୍‌ଏମ୍ ଟେକ୍ନୋଲୋଜି ଲିମିଟେଡ୍‌କୁ ଏଥିପାଇଁ ଅବଗତ କରାଯାଇଛି। ପଞ୍ଜୀକରଣ ପ୍ରମାଣପତ୍ରର ଅବଧି ସିଟିଂ କ୍ରାଇଟେରିଆ କିମ୍ବା କନ୍‌ସେଣ୍ଟ ଟୁ ଅପରେଟ (ସିଟିଓ) ବୈଧତା ପର୍ଯ୍ୟନ୍ତ ବଳବତ୍ତର ରହିବ। ପଞ୍ଜୀକରଣ ଅବଧି ଶେଷ ହେବାର ୩୦ ଦିନ ପୂର୍ବରୁ ପୋର୍ଟାଲ ମାଧ୍ୟମରେ ପୁଣି ଆବେଦନ କରିବାକୁ ହେବ। କ୍ରଶରରୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ଆଇ୪ଏମ୍‌ଏସ୍ ମାଧ୍ୟମରେ କର୍ତ୍ତୃପକ୍ଷଙ୍କ ଅନୁମତି ଏବଂ ଇ-ଟ୍ରାନ୍‌ଜିଟ୍ ପାସ୍(ଇଟିପି) ନେବା ଅନିବାର୍ଯ୍ୟ। କ୍ରଶର ୟୁନିଟ୍‌କୁ ଦୈନିକ କେତେ ପରିମାଣର କଞ୍ଚାମାଲ ଆସିଲା ଏବଂ କେତେ ପ୍ରକ୍ରିୟାକରଣ ହୋଇ ବାହାରକୁ ଗଲା ତାର ଠିକ୍ ହିସାବ ପୋର୍ଟାଲର ଫର୍ମ-ସିରେ ମାଲିକ ଦର୍ଶାଇବେ। ପ୍ରତି ମାସର ପ୍ରଥମ ସପ୍ତାହ ମଧ୍ୟରେ ଫର୍ମ-ସିର ଏକ ସଙ୍କଳିତ ପୁସ୍ତିକା କର୍ତ୍ତୃପକ୍ଷଙ୍କୁ ଦାଖଲ କରିବେ। ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମସ୍ତ ନିୟମ ମାନିବାକୁ ହେବ। ସରକାରୀ ଅଧିକାରୀଙ୍କୁ ଯାଞ୍ଚ ସମୟରେ ଖଣିଜ ଷ୍ଟକ୍ ଏବଂ ରେକର୍ଡ ଦେଖାଇବାକୁ ପଡ଼ିବ। ଷ୍ଟକ୍‌ର ଠିକ୍ ତଦାରଖ ପାଇଁ ସିସିଟିଭି କ୍ୟାମେରା ଏବଂ ଚେକ୍ ଗେଟ୍ ଲଗାଇବା ବାଧ୍ୟତାମୂଳକ। ନିୟମ ଉଲ୍ଲଂଘନ କଲେ ପଞ୍ଜୀକରଣ ବାତିଲ କରାଯାଇପାରେ। ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ଏହି ସମସ୍ତ ପଞ୍ଜୀକରଣ ଏବଂ ଅନୁପାଳନ ପ୍ରକ୍ରିୟାର ତଦାରଖ କରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିୟମିତ ଭାବେ ପ୍ରଶାସନ ପକ୍ଷରୁ କ୍ରଶରରୁ ଚିପ୍ସ, ଡଷ୍ଟ ଓ ମେଟାଲ ପରିବହନ କରୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ ରାସ୍ତାରେ କରାଯିବ। ଇଟିପି ନ ଥିଲେ ଗାଡ଼ିମାଲିକଙ୍କ ଉପରେ ଜରିମାନା ସହ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ପଥର କ୍ରଶର ୟୁନିଟ୍‌ର ପଞ୍ଜୀକରଣ ବାତିଲ କରାଯାଇପାରିବ। ବିଭାଗ ପକ୍ଷରୁ ନିଆଯାଇଥିବା ଉପରୋକ୍ତ ପଦକ୍ଷେପଗୁଡ଼ିକୁ କଡ଼ାକଡ଼ି ଭାବେ ଲାଗୁ କରାଗଲେ ବହୁ କୋଟି ଟଙ୍କା ରାଜସ୍ୱ ବଢ଼ିବା ସହ ଚୋରା କଳାପଥର ଖନନ ଓ ପରିବହନ ଉପରେ ନିଶ୍ଚିତ ଭାବେ ଅଙ୍କୁଶ ଲାଗି ପାରିବ ବୋଲି ଆଶା କରାଯାଇଛି।

# ଆଇନଶୃଙ୍ଖଳା ହୁଗୁଳା, ତାତିଲେ ଓକିଲ

- ଜିଲ୍ଲା ଓକିଲ ସଂଘର ସ୍ମାରକପତ୍ର ପ୍ରଦାନ
- ଏସ୍‌ପିଙ୍କ ବଦଳି ଦାବିରେ ଶୋଭାଯାତ୍ରା

ବରଗଡ଼, ୧୦।୨
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ଦିନ ଦ୍ୱିପ୍ରହରରେ ଲୁଟ୍‌ପାଟ୍ ହେଉଛି। ବିଚ୍‌ରାସ୍ତା ଉପରେ ଜନଗହଳି ସ୍ଥାନରେ ହତ୍ୟାକାଣ୍ଡ ଘଟୁଛି। ଏଭଳି ସ୍ଥିତିକୁ ନେଇ ସ୍ଥାନୀୟ ଲୋକେ ନିଜକୁ ସୁରକ୍ଷିତ ମନେକରୁ ନାହାନ୍ତି। ନିଶା କାରବାରରୁ ଏଭଳି ଅପରାଧ ବଢ଼ି ଚାଲିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ପୋଲିସ ନିଶା କାରବାରକୁ ଦମନ କରିପାରୁ ନ ଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାରେ ଏଭଳି ସ୍ଥିତିକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି କ୍ରମରେ ମଙ୍ଗଳବାର ବରଗଡ଼ ଜିଲ୍ଲା ଓକିଲ ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଏସ୍‌ପିଙ୍କ ବଦଳି ସହିତ ଜିଲ୍ଲାରେ ପର୍ଯ୍ୟାପ୍ତ ପୋଲିସ କର୍ମଚାରୀ ଅବସ୍ଥାପିତ, ଅସାମାଜିକ କାର୍ଯ୍ୟକଳାପକୁ ଦୃଢ଼ଭାବେ ଦମନ କରିବା ଏବଂ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଦାବି ହୋଇଛି।


**OFFICE OF THE SUPERINTENDENT**
**FAKIR MOHAN MEDICAL COLLEGE & HOSPITAL, BALASORE**
(Formerly known as Government Medical College & Hospital, Balasore)
At/P.O./Dist.: Balasore, PIN - 756019 (Odisha), E mail: supdt.fmmchb@gmail.com
Letter No. 649/S/FMMCHB Date: 06.02.2026

**QUOTATION NOTICE FOR ACCESORIES OF MULTIPARA MONITOR (5 PARA) OF FMMC&H, BALASORE (2025-26)**

Quotation No. 592/S/FMMCHB Date: 06.02.2026

No. 10001/49/2526: FMMC&H, Balasore invites sealed quotation from registered Firm/Agencies/Company for Accessories of Multipara Monitor (5 Para) for FMMC&H, Balasore. The proposal in the presecirbed format along with all supportive documents should reach to the Office of the Superintendent, Remuna, FMMCH, Balasore by Dt.18.02.2026 upto 5 P.M. through Registered Post/Speed Post/Courier only and the same will be opened on Dt.18.02.2026, 5 P.M. at Office Chamber of Superintendent, Remuna, FMMCH, Balasore. Application form as well as other details will be available and downloaded from district website: **www.baleswar.nic.in/ www.blsmch.nic.in**. Authority reserves every rights to reject all or any of the tender without assign any reason thereof.

OIPR-10001/10134/1/25-26/0001 Sd./- Superintendent, FMMC&H, Balasore



**OFFICE OF THE DIVISIONAL FOREST OFFICER, RAYAGADA DIVISION**
ଖଣ୍ଡୀୟବନାଧିକାରୀଙ୍କ କାର୍ଯ୍ୟାଳୟ, ରାୟଗଡ଼ା ବନଖଣ୍ଡ, ରାୟଗଡ଼ା
(E-mail: dforgda17@gmail.com & dfo.rayagada@odisha.gov.in)
Office Order No. 27/IF (Accts) 326/2026
Dated, Rayagada the 09th February' 2026.

**TENDER CALL NOTICE No. 04/2025-26 Date: 09.02.2026 for Purchasing of "CAMERA TRAP"**

No. 8001/54/2526: Sealed tenders are invited from eligible suppliers for the **Supply of Various Equipment/Materials for official use under Rayagada Forest Division** through **offline Two-Bid System (Technical & Financial)**.
**Tendering Authority:** Divisional Forest Officer, Rayagada Forest Division, Rayagada, Odisha - 765001.
**Estimated Cost & EMD:** As specified in the Detailed Tender Document.
**Important Dates:**
- **Sale of Tender Documents:** From 11.02.2026 at 11.00 A.M.
- **Last date for submission:** 20.02.2026 upto 5.00 P.M.
- **Opening of Technical Bids:** 21.02.2026 at 11.00 A.M.

Bidders may apply **item-wise.** Separate sealed envelopes are required for each item, clearly superscribed with the **Item Name/Item Code**.
Detailed Tender Document, eligibility criteria, terms & conditions are available at **www.rayagada.nic.in**.
The undersigned reserves the right to accept or reject any or all tenders without assigning any reason thereof.

OIPR-8001/8062/1/25-26/0001 Sd./- Divisional Forest Officer, Rayagada Division



**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR) ODISHA-768017**
E.mail: vimsarsuptd24@gmail.com
NO.1898/VIMSAR Dated, Burla, the 05th February, 2026

**TENDER CALL NOTICE**

**No.10001/52/2526:** Sealed tenders are hereby invited by the undersigned from the reputed Authorized Dealers and Registered firms under GST Act for repair of 02 (two) nos. P.S.A. Plant of Pulmonary Medicine Department of VIMSAR, Burla, so as to reach this office of the Superintendent, VSS Institute of Medical Sciences & Research, Burla on or before dt.26.02.2026 upto 5.00 P.M. through Regd. Post/ Speed Post/ Couriers only and that will be opened on next working day on 27.02.2026 at 11.30 A.M. The tenderer may attend the office at the time of opening of the tenders. The delay in receipt of tender paper is the responsibility of the tenderer.
The detail terms and conditions of this Tender Call Notice can be downloaded from Dist. website http://Sambalpur.odisha.gov.in & www.vimsar.ac.in.
The undersigned/committee reserves the full right to accept in full or reject any or all the tenders without assigning any reason thereof.

OIPR-10001/10026/1/25-26/0001 Sd./- Superintendent, VIMSAR, Burla



**ODISHA PUBLIC SERVICE COMMISSION**
19, DR. P.K. PARIJA ROAD, CUTTACK-753001
**NOTICE**
No.870/ P.S.C., Dt.10.02.26
(1E-07-2025/26) (DR-II)

No.12001/12/2526: It is for information of all concerned that the Written Examination for recruitment to the Post of **Assistant Agriculture Officer,** Group-B under the Department of Agriculture & Farmers' Empowerment, pursuant to Advertisement No. **06 of 2025-26** will be held at **Cuttack and Bhubaneswar** Zones as per the programme detailed below:

**Programme of Examination**

| Date | Time | Subject Code | Total Candidates allotted |
|---|---|---|---|
| 19.02.2026 (Thursday) | Paper-I 10.00 A.M. to 12.00 Noon (10.00 A.M. to 12.40 P.M. for PWD | 01 | 4872 |
| | Paper-II 2.00 P.M. to 4.00 P.M. (2.00 P.M. to 4.40 P.M. for PWD Candidates) | 02 | |

The Candidates are required to download their " **Admission Certificate" and "Instruction to Candidates"** from website of the Commission **(www.opsc.gov.in) from 13.02.2026 onwards.**

OIPR-12001/12002/1/25-26/0006 Sd./- Additional Secretary



**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051:
Phones:06861-232581(O)/ 232641(R), Fax-06861-232541, Email- unit.head_balimela@yahoo.com
REGD.OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, Fax:2542102,
GRAM:HYDROPOWER, E-Mail:ohpc.co@gmail.com/md@ohpcltd.com, WEB: www.ohpcltd.com, CIN: U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE**
**NOTICE INVITING TENDER No.BHEP/62/2025-26, Dated 09.02.2026**

**No.4001/10/2526:** The Sealed tenders are invited in two parts bid basis (Part-A: Technical Bid & Part B: Price Bid) from the Electrical Contractors/ Firms/ Agencies having **Valid Electrical Contractor's License (HT) having Supervision License of EHT &** fulfilling the eligibility criteria as per the tender specification for the work as mentioned below:

| Sl. No. | Name of the Work | Cost of Tender Paper (in Rs.) | EMD (in Rs.) |
|---|---|---|---|
| 1 | "Supply, Erection, Testing & Commissioning of 245 KV, 2000 Amp, Gang Operated, Double Break, Horizontal Type Isolator with Earth Switch at BHEP, Balimela | Rs.7080/- (Rs.6000/- + GST @ 18%) | 1% of quoted value (exclusive of GST) |

Availability of bid document: **From 10.00 Hrs. of 12.02.2026 to 12.00 Hrs. of 24.02.2026**. The Last date & time of receipt of tenders: **Upto 12.00 Hrs. of 24.02.2026.** Date & time of opening of the bid : **12.30 Hrs. onwards of 24.02.2026** (Only Technical Bid). **The date and time of opening of Price Bid will be intimated later on to the Technically qualified bidders.**
***For details of tender documents, Terms & Conditions, Eligibility criteria and downloading, please visit our website at www.ohpcltd.com***

OIPR-4001/4019/1/25-26/0001 Sd./- C & P Head, BHEP, Balimela



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, KANDHAMAL & BOUDH**
ଓଡ଼ିଶା ସରକାର
Email Id. deikandhamal-od@od.gov.in
Plot No.356/2059, At-Goudapada, Ps-Khajuripada, Dist.-Kandhamal, Pin-762012
Tender Call Notice No.-02/2025-26 Dtd.06.02.2026

**No.AA-54:** Sealed tenders are invited from interested reputed Travel Agencies/ Tour Operators/ Private Individuals for providing 1(One) No. of AC vehicle (suitable for forest area) having seating capacity not more than 7 (Seven) including driver on monthly hire basis for the office of The Superintending Engineer-cum-Deputy Electrical Inspector, Kandhamal & Boudh.

| Sl. No. | Type of Vehicle | Maximum Hiring Charges excluding GST & fuel | Minimum Average Mileage |
|---|---|---|---|
| 01 | BS-VI compliant Petrol/Diesel driven vehicle Bolero/ TUV300 or similar model) | Rs.37,200.00 (Rupees Thirty-Seven Thousand Two Hundred) Only | 10 Km per Litre |

The tenders shall be opened on dt.27.02.2026 at 3.30 PM in the presence of tenderers or their authorized representatives if any. The Application Form of quotation/Tender containing General Bid information & Terms & Conditions for hiring of vehicles etc. will be freely available in the office of undersigned only till 1.30 PM of 27.02.2026 during office hours. The undersigned reserves the right to reject the tenders without assigning any reason thereof.

OIPR- Sd./- SE-CUM-DEI, KANDHAMAL & BOUDH

**ପରିବାରର ୫ ଜଣଙ୍କ ଆତ୍ମହତ୍ୟା**

ନୂଆଦିଲ୍ଲୀ,୧୦।୨: ଉତ୍ତରପ୍ରଦେଶ ମଥୁରା ଜିଲାର ଖପ୍ପରପୁର ଗ୍ରାମରେ ମଙ୍ଗଳବାର ଗୋଟିଏ ପରିବାରର ୫ ସଦସ୍ୟଙ୍କ ମୃତଦେହ ଘରୁ ମିଳିଥିବାବେଳେ ଏହା ଗଣଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି। ମୃତକଙ୍କ ମଧ୍ୟରେ ୩ ଜଣ ଛୋଟ ପିଲା ଅଛନ୍ତି। ପୋଲିସ ଉକ୍ତ ଘରୁ ଏକ ସୁଇସାଇଡ୍ ନୋଟ ଏବଂ ଭିଡିଓ ପାଇବା ସହ କାନ୍ଥରେ ଏକ ବାର୍ତ୍ତା ଲେଖାଥିବା ଦେଖିବାକୁ ମିଳିଛି। ମୃତକ ହେଲେ ମନୀଷ କୁମାର(୩୫), ତାଙ୍କ ସ୍ତ୍ରୀ, ୨ ଝିଅ ଓ ଗୋଟିଏ ପୁଅ। ସୁଇସାଇଡ୍ ନୋଟ୍ ଏବଂ ଭିଡିଓରେ କ'ଣ ଅଛି, ତାହା ତୁରନ୍ତ ଜଣାପଡ଼ିନାହିଁ।


## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ସୌରଭ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କ୍ରୀଡ଼ା ପାଇଁ ଜମି ଅଭାବ

ଭୁବନେଶ୍ୱର,୧୦।୨(ରବିନାରାୟଣ ଜେନା)

କ୍ରୀଡ଼ାକ୍ଷେତ୍ରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ସବୁ ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲା। ହେଲେ ଜିଲା ପ୍ରଶାସନ ଏଥିପାଇଁ ଆବଶ୍ୟକ ଜମି ଯୋଗାଇପାରୁନାହିଁ। କେଉଁଠି କମ୍ ପରିମାଣର ଜମି ରହିଛି ତ ଆଉ କେଉଁଠି ଆଦୌ ନାହିଁ। ସେହିପରି କେଉଁଠି ଜମି ସ୍ଥିର କରାଯାଇ ନ ଥିବା ବେଳେ କେଉଁଠାରେ ଜମି ଚିହ୍ନଟ ପାଇଁ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସହଯୋଗ କରୁନାହାନ୍ତି। ବିଭିନ୍ନ ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ ପାଇଁ ଦିଆଯାଇଥିବା ଜମି ଜଳାବଦ୍ଧ ଅଞ୍ଚଳ, ଜଙ୍ଗଲ ଜମି, ସରକାରୀ ଜମି ଜବରଦଖଲ, ବିବାଦୀୟ ପ୍ଲଟ୍, ଆବଶ୍ୟକ ଜମି ଉପଲବ୍ଧ ନ ରହିବା ଇତ୍ୟାଦି କାରଣରୁ କାମ ଆଗେଇପାରୁନାହିଁ। ତେବେ ଜିଲା ପ୍ରଶାସନ ପକ୍ଷରୁ ଏଭଳି ରିପୋର୍ଟ ଆସିବା ପରେ କ୍ରୀଡ଼ା ଭିତ୍ତିଭୂମି କିଭଳି ନିର୍ମାଣ ହେବ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ବଜେଟରେ ପ୍ରାୟ ୧୩୦୦ କୋଟି ଟଙ୍କା ଏ ବାବଦକୁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ଖର୍ଚ୍ଚ ହୋଇପାରୁନାହିଁ। ଏବାବଦ ଅର୍ଥ ଏବେ ବି ବିଭିନ୍ନ ବ୍ୟାଙ୍କରେ ଗଡୁଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ମୁଖ୍ୟ ଯନ୍ତ୍ରୀ(ଗ୍ରାମ୍ୟ ନିର୍ମାଣ) କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଅତିରିକ୍ତ ସଚିବଙ୍କୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି, ଯେଉଁଥିରେ ବିଭିନ୍ନ ଜିଲାର ୪୪ଟି ବ୍ଲକରେ ଆଦୌ ଉପଯୋଗୀ ଜମି ନ ଥିବା ଦର୍ଶାଇଛନ୍ତି। ଏହାକୁ ନେଇ ଏବେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ମୁଖ୍ୟ ଯନ୍ତ୍ରୀଙ୍କ ରିପୋର୍ଟ ଅନୁଯାୟୀ, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ମୟୂରଭଞ୍ଜ, ଗଞ୍ଜାମ, କୋରାପୁଟ, ରାୟଗଡ଼ା ଭଳି ଜିଲାରେ ଏଭଳି ଜମି ସମସ୍ୟା ରହିଛି। ତେବେ ଯୋଜନା ଅନୁଯାୟୀ, ପ୍ରତ୍ୟେକ ବ୍ଲକସ୍ତରୀୟ ଷ୍ଟାଡିୟମ ପାଇଁ ୮ରୁ ୧୦ ଏକର ଜମି ଆବଶ୍ୟକ। ଏଥିରେ ଫୁଟ୍‌ବଲ କିମ୍ବା କ୍ରିକେଟ ପଡ଼ିଆ, ଥ୍ରୋ ଓ ଜମ୍ପ ଫିଲ୍ଡ ସମେତ ଆଥ୍‌ଲେଟିକ୍ ଟ୍ରାକ୍, ଭଲିବଲ୍, ଖୋ ଖୋ, କବାଡ଼ି କୋର୍ଟ, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ୍ ଇତ୍ୟାଦି ଖେଳର ସୁବିଧା ସହ ଇନ୍‌ଡୋର ହଲ୍ ନିର୍ମାଣ କରାଯାଇଥାନ୍ତା। ହେଲେ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଷ୍ଟାଡିୟମ ନିର୍ମାଣ ହୋଇପାରୁ ନ ଥିବାବେଳେ ଯୋଜନା ବାବଦ ଅର୍ଥ ବିଭିନ୍ନ ବ୍ୟାଙ୍କରେ ପଡ଼ିରହିଛି।

ସୂଚନାଯୋଗ୍ୟ, ବିଜେଡି ପକ୍ଷରୁ 'ସବୁ ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ' ପାଇଁ ପ୍ରତିଶ୍ରୁତି ମିଳିଥିଲା। ହେଲେ ୨୦୨୪ ନିର୍ବାଚନରେ ଭାଜପା କ୍ଷମତାକୁ ଆସିବା ପରେ ୩୧୪ ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ କରିବାକୁ ଆଗଭର ହୋଇଥିଲା। ଏଥିପାଇଁ ୫ ବର୍ଷରେ ୪,୧୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ପ୍ରସ୍ତାବ ରହିଥିଲା। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ୨୦୨୫ ଫେବୃଆରୀରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ମଧ୍ୟ ମୋହର ମାରିଥିଲା। ହେଲେ ଏବେ ଏଥିରେ ଜମି ବଡ଼ ବାଧକ ସାଜିଥିବା ଦେଖାଯାଉଛି।

## ପିଲା ନିଖୋଜ ନେଇ କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୦।୨(ପି.ଟି.)

ଦେଶର ବିଭିନ୍ନ ପ୍ରାନ୍ତରୁ ପିଲାମାନେ ନିଖୋଜ ହେଉଥିବାବେଳେ ଏହା ପଛରେ କୌଣସି ଜାତୀୟସ୍ତରର ନେଟ୍‌ୱର୍କ କିମ୍ବା ରାଜ୍ୟଓ୍ୱାରି ଗ୍ରୁପ୍ ରହିଛି କି ନାହିଁ ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ କହିଛନ୍ତି। ନିଖୋଜ ଘଟଣା ପଛରେ କୌଣସି ନିର୍ଦ୍ଦିଷ୍ଟ କାରଣ ରହିଛି ନା ଏମିତି ଘଟୁଛି, ରାଜ୍ୟଗୁଡ଼ିକର ତଥ୍ୟ ସଂଗ୍ରହ କରିବା ପାଇଁ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କେନ୍ଦ୍ରକୁ କହିଛନ୍ତି। କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ଉପସ୍ଥିତ ରହି କହିଥିଲେ, କେତେକ ରାଜ୍ୟ ନିଖୋଜ ପିଲା ଓ ମାମଲା ସମ୍ପର୍କିତ ତଥ୍ୟ ଦେଇଥିବାବେଳେ ଅନ୍ୟ କେତେକ ଦାଖଲ କରିନାହାନ୍ତି। ସମ୍ପୂର୍ଣ୍ଣ ତଥ୍ୟ ପାଇବା ପରେ କେନ୍ଦ୍ର ସରକାର ଏହା ଉପରେ ବିଶ୍ଳେଷଣ କରିବେ ବୋଲି ଭଟ୍ଟି କହିଥିଲେ। ଉଦ୍ଧାର ହୋଇଥିବା ପିଲାଙ୍କ ସାକ୍ଷାତ୍‌କାର ନିଆଯାଇ ଉକ୍ତ ଘଟଣା ପାଇଁ କିଏ ଦାୟୀ, ତାହା ନିଶ୍ଚିତ ହେବା ଆବଶ୍ୟକ ବୋଲି ଖଣ୍ଡପୀଠ କହିବା ସହ ତଥ୍ୟ ଦାଖଲ କରିନ ଥିବା ରାଜ୍ୟଗୁଡ଼ିକୁ ସମାଲୋଚନା କରିଛନ୍ତି।

## ରାଜପାଲଙ୍କୁ ସହାୟତା କରିବେ ସୋନୁ ସୁଦ୍

ନୂଆଦିଲ୍ଲୀ,୧୦।୨


ରାଜପାଲ ଯାଦବ

ବଲିଉଡ ହାସ୍ୟାଭିନେତା ରାଜପାଲ ଯାଦବ ଚେକ୍ ବାଉନ୍ସ ମାମଲାରେ ଟଙ୍କା ଯୋଗାଡ଼ କରି ନ ପାରି କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୫ ତାରିଖରେ ତିହାର ଜେଲରେ ଆତ୍ମସମର୍ପଣ କରିଥିଲେ। ଜେଲରେ ସେ ଭାବପ୍ରବଣ ହୋଇ କହିଥିଲେ, ମୁଁ କ'ଣ କରିବି, ମୋ ପାଖରେ ଟଙ୍କା ନାହିଁ। ମୁଁ ଅନ୍ୟ କୌଣସି ସମାଧାନ ଦେଖୁନାହିଁ କି ସାହାଯ୍ୟ ମଧ୍ୟ ମିଳୁନାହିଁ। ମୋତେ ଏହି ସମସ୍ୟାଗୁଡ଼ିକର ସମାଧାନ ନିଜେ କରିବାକୁ ପଡ଼ିବ। ଏହି ଘଟଣା ପରେ ଅଭିନେତା ସୋନୁ ସୁଦ୍ ରାଜପାଲଙ୍କୁ ସହାୟତା କରିବାକୁ ଆଗେଇ ଆସିଛନ୍ତି। ସଙ୍କଟ ସମୟରେ ହାସ୍ୟାଭିନେତାଙ୍କୁ ସହାୟତା କରିବା ନିମନ୍ତେ ସୋନୁ ଚଳଚ୍ଚିତ୍ର ନିର୍ମାତା ଓ ଅନ୍ୟ ସହକର୍ମୀମାନଙ୍କୁ ନିବେଦନ କରିଛନ୍ତି।

୨୦୧୦ରେ ରାଜପାଲ ନିର୍ଦ୍ଦେଶକ ଭାବେ ତାଙ୍କର ପ୍ରଥମ ଫିଲ୍ମ 'ଅତା ପତା ଲାପତା' ପାଇଁ ମୁରଲୀ ପ୍ରୋଜେକ୍ଟସ ପ୍ରାଇଭେଟ୍ ଲିମିଟେଡ୍‌ରୁ ୫ କୋଟି ଟଙ୍କା ଋଣ ନେଇଥିଲେ। ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହେବାରୁ ସେ ଋଣ ପରିଶୋଧ କରିପାରିଲେ ନାହିଁ। ସେ ଏବଂ ତାଙ୍କ ସ୍ତ୍ରୀ ଯେଉଁ ଚେକ୍ ଦେଇଥିଲେ ତାହା ବାଉନ୍ସ ହେବାରୁ ସେମାନଙ୍କୁ ୨୦୧୮ରେ ୬ ମାସ ଜେଲଦଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନେ ହାଇକୋର୍ଟରୁ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ପାଇଥିଲେ। କିନ୍ତୁ ସମାଧାନ ଅଭାବରୁ ସ୍ଥଗିତାଦେଶ ପ୍ରତ୍ୟାହାର କରାଯାଇଥିଲା। ଏବେ ସୁଧ ସହ ରାଜପାଲଙ୍କୁ ପାଖାପାଖି ୯ କୋଟି ଟଙ୍କା ପରିଶୋଧ କରିବାକୁ ପଡ଼ିବ।

## ୨ ସପ୍ତାହରେ ସତ୍ୟପାଠ ଦାଖଲ କରିବେ ରାଜ୍ୟ ସରକାର

**ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ, ସଦସ୍ୟ ପଦ ପୂରଣ ମାମଲା**

କଟକ,୧୦।୨(କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ ପାଇଁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କୁ ଜବାବ ତଲବ କରିଛନ୍ତି। ରାଜ୍ୟ ସରକାର ପରିଷଦର ନିଯୁକ୍ତି ବାବଦରେ ନେଇଥିବା ପଦକ୍ଷେପ ଉପରେ ବିସ୍ତୃତ ରିପୋର୍ଟ ସତ୍ୟପାଠ ଜରିଆରେ ଆଗାମୀ ୨ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଓ ତାହାର ଏକ ସପ୍ତାହ ଭିତରେ ପ୍ରତିଜବାବ ଆବେଦନକାରୀ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୦ରେ ହେବାକୁ ଧାର୍ଯ୍ୟ ହୋଇଛି।

## ରାୟଗଡ଼ା କୋର୍ଟରେ ହାଜରହେଲେ ମାଓବାଦୀ ନେତା ଆଜାଦ୍

ରାୟଗଡ଼ା,୧୦।୨(ଆଶିଷ ରଞ୍ଜନ ପଣ୍ଡା)

ନାବାଳିକାଙ୍କୁ ବଳାତ୍କାର ଓ ନିର୍ଯାତନା ଅଭିଯୋଗ ମାମଲାରେ ମାଓବାଦୀ ନେତା ଆଜାଦ୍ ଓରଫ୍ ଦୁନା କେଶବ ରାଓ ମଙ୍ଗଳବାର ରାୟଗଡ଼ା ପୋକ୍‌ସୋ କୋର୍ଟରେ ହାଜର ହୋଇଥିଲେ। ଆଜାଦ୍ କୋର୍ଟରେ ହାଜର ହେବା ପରେ ତାଙ୍କ ଉପରେ ଚାର୍ଜଫ୍ରେମ୍ ହୋଇଥିଲା। ଆଜାଦ୍ ଏହି ମାମଲାରେ ସମ୍ପୃକ୍ତି ନ ଥିବା ଏବଂ ଉକ୍ତ ମାମଲାରୁ ତାଙ୍କୁ ମୁକ୍ତକରିବା ପାଇଁ ତାଙ୍କ ଓକିଲ ନବ କୁମାର କଣ୍ଡା କୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍‌ସୋ ଅଧିକାରିଣୀ ଶ୍ୱେତା ମିଶ୍ର ପିଟିଶନ ଖାରଜକରି ଆଜାଦଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା ଜଣାପଡ଼ିଛି।

**ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି ଆଜାଦ୍**

ଆଜାଦ୍‌ଙ୍କ ଓକିଲ କଣ୍ଡାଙ୍କଠାରୁ ମିଳିଥିବା ସୂଚନା ମୁତାବକ, ୨୦୧୩ ଏପ୍ରିଲ ୨୫ରେ ବିଷମକଟକ ଥାନାରେ ଦାଏର ହୋଇଥିବା ଜଣେ ନାବାଳିକାଙ୍କ ଏତଲା ପ୍ରକାରେ ସମ୍ପୃକ୍ତ ନାବାଳିକାଙ୍କୁ ଆଜାଦ୍, ନିଖିଲ, ସାଗର, ମିଟୁ, ସାଧୁ ଓ ସୁବାସଙ୍କ ସମେତ ଅନ୍ୟ ମାଓବାଦୀମାନେ ତାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିନେଇ ଗଣବଳାତ୍କାର କରିଥିଲେ। ପରେ ଆଜାଦ୍, ନିଖିଲ ଓ ଅନ୍ୟମାନେ ନାବାଳିକାଙ୍କୁ ଚନ୍ଦ୍ରପୁର, ଫୁଲବାଣୀ, ଗଜପତି, କର୍ଲାଘାଟି ଓ ନିୟମଗିରି ଜଙ୍ଗଲରେ ଜବରଦସ୍ତି ରଖିଥିଲେ।

## ନିଶା ମହାରଣାଙ୍କୁ ମିଳିଲା ଜାମିନ

ବଲାଙ୍ଗୀର,୧୦।୨(ବୀରେନ୍ଦ୍ର କୁମାର ଝାଙ୍କର)

ଅଶ୍ଳୀଳ ନୃତ୍ୟ ମାମଲାରେ ଛନ୍ଦି ହୋଇଥିବା ଚର୍ଚ୍ଚିତ ଆଇଟମ୍ ଗାର୍ଲ ନିଶା ମହାରଣାଙ୍କୁ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟରୁ ମଙ୍ଗଳବାର ସର୍ତ୍ତମୂଳକ ଜାମିନ ମଞ୍ଜୁର ହୋଇଛି। ୨୦ ହଜାର ଟଙ୍କା ଏବଂ ଜଣେ ଜାମିନଦାରଙ୍କ ବଦଳରେ ତାଙ୍କୁ ଜାମିନ ମିଳିଛି। ଜାମିନ ମିଳିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନିଶା କହିଥିଲେ, ତାଙ୍କୁ ଜାମିନ ମିଳିଯାଇଛି। ଆଗକୁ ଓଡିଶାର କୌଣସି ଯାତ୍ରା ମଞ୍ଚରେ ସେ ଆଉ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବେ ନାହିଁ। ମାତ୍ର ହଟ୍ କଷ୍ଟ୍ୟୁମ୍ ପିନ୍ଧି ଆଇଟମ୍ ଡ୍ୟାନ୍ସ ଜାରି ରଖିବେ ବୋଲି କହିଥିଲେ। ପ୍ରକାଶ ଯେ, ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗାଁରେ ଗତମାସ ୧୨ ତାରିଖରେ ଆୟୋଜିତ ଏକ ଯାତ୍ରା ମଞ୍ଚରେ ନିଶା ଅଶ୍ଳୀଳ ଓ ନଗ୍ନ ନୃତ୍ୟ ପ୍ରଦର୍ଶନ କରିଥିବାରୁ ତତ୍କାଳୀନ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ଏକ ମାମଲା ରୁଜୁ କରିଥିଲେ। ନିଶା, ଯାତ୍ରା ଆୟୋଜକ କମିଟି ସଭାପତି, ସମ୍ପାଦକ ଏବଂ ଅନ୍ୟ କେତେଜଣ ସଦସ୍ୟଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ କରିବା ପରେ ସଦର ଥାନା ପୋଲିସ ଯାତ୍ରା ଆୟୋଜକ କମିଟି ସଭାପତି ସୁରେନ୍ଦ୍ର ନାଗ ଏବଂ ସମ୍ପାଦକ ରାଧେଶ୍ୟାମ ମେହେରଙ୍କୁ ଗିରଫ କରିଥିଲେ। ଏହାପରେ ନିଶାଙ୍କ ଗିରଫଦାରି ଭୟ ବଢ଼ିଥିଲା।


**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



**୰ଉପେନ୍ଦ୍ର କୁମାର ଦାସ**

ଟ୍ରେଜୋରୀ ଛକ, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ– ୧୧।୦୭।୧୯୫୬
ତିରୋଧାନ– ୦୧।୦୨।୨୦୨୬

ହେ ପୂଣ୍ୟାତ୍ମା, ଆପଣଙ୍କ ଅବର୍ତ୍ତମାନକୁ ଦଶଦିନ ବିତିଗଲାଣି, ହେଲେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଭୁଲିହେଉନି ଆପଣଙ୍କ କର୍ମମୟ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ତ୍ୟାଗ। ଆପଣଙ୍କ ଆଶୀର୍ବାଦ ଆମ ପାଇଁ ଚିରପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ:– ହତଭାଗ୍ୟ ପୁତ୍ର– ସ୍ୱାଧୀନ, ସୌଭାଗ୍ୟ, ପୁତ୍ରବଧୂ– ଶୁଭଶ୍ରୀ, ସ୍ମୃତିରେଖା, ଭାଇ– ଗୋପବନ୍ଧୁ, ଧୀରେନ୍ଦ୍ର, ଦୁର୍ଗାଶଙ୍କର, ରଞ୍ଜନ, ଭାଇବୋହୂ– କୁମୁଦିନୀ, ମନୋରମା, ତୁଳସୀ, କାମିନୀ, ଭଉଣୀ/ଭିଣୋଇ– ଗୀତାଞ୍ଜଳି, ରଞ୍ଜନ, ନାତି/ନାତୁଣୀ– ଋଷି, ଅନ୍ବୀ, ବନ୍ଧୁ ଓ ପରିବାରବର୍ଗ।

ଧ–୩୩୫୩





happy Wedding Day

ତୁମ ଦୁହିଁଙ୍କର ଚଲାପଥ ସଦାସର୍ବଦା କୁସୁମିତ ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି କାମନା

୧୧।୦୨।୨୦୨୬ ବିବାହ ଓ ପାଣିଗ୍ରହଣ
୧୮।୦୨।୨୦୨୬ ରିସେପ୍‌ସନ ପାର୍ଟି

ଜେନାଭବନ, ଗଙ୍ଗଦା ହାଟ, ନାଉଗାଁ, ଜଗତ୍‌ସିଂହପୁର

ଶୁଭ୍ରଜିତ୍ (ଲିଙ୍କନ)
ସହିତ
ଅନିଶା (ପୂଜା)

ଶୁଭେଚ୍ଛା ସହ: ଶ୍ରୀକୃଷ୍ଣ ଜୁଏଲାରୀ ହାଉସ୍ ଓ ନିୟତୀ ଷ୍ଟଡି ପଏଣ୍ଟ ଓ ଜେନା ପରିବାରବର୍ଗ

ଧ–୩୩୫


## କୃମିନାଶକ ଔଷଧ ଖାଇ ୪୯ ଛାତ୍ରୀଛାତ୍ର ଅସୁସ୍ଥ

ପାଣିକୋଇଲି/ପାଟଣା,୧୦।୨
(ବିକାଶ ଚନ୍ଦ୍ର ମଲ୍ଲିକ/ବୀରକିଶୋର ଦାଶ)

କୃମି ଦିବସ ଅବସରରେ ଶିକ୍ଷା ବିଭାଗ ଜରିଆରେ ମଙ୍ଗଳବାର ପ୍ରତ୍ୟେକ ବିଦ୍ୟାଳୟକୁ କୃମିନାଶକ ଔଷଧ ଯୋଗାଇ ଦିଆଯାଇଥିଲା। ତେବେ ଏହି ଔଷଧ ଖାଇବା ପରେ ଯାଜପୁର ଓ କେନ୍ଦୁଝର ଜିଲାରେ ୪୯ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିବା ଜଣାଯାଇଛି। ଯାଜପୁର ଜିଲା କୋରେଇ ଶିକ୍ଷାମଣ୍ଡଳ ଅଧୀନ ପଥରପଦା ପଞ୍ଚାୟତର ଓଟିନ୍ଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କୃମିନାଶକ ଔଷଧ ଖାଇ ୪୦ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାକୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କପୁଣ୍ଡି ପଞ୍ଚାୟତ ରେଙ୍ଗାଲବେଡ଼ା ପ୍ରାଥମିକ ବିଦ୍ୟାଳୟରେ କୃମିନାଶକ ଔଷଧ ଖାଇ ୯ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।


# Classified Everyday

0674-2580101, 9692975378

### REAL ESTATE



**SALE**

ଭୁବନେଶ୍ୱର GITA **Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.** D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

Suitable for ଆଶ୍ରମ, ଗୋଶାଳା, Fish farm, Resort, Nursery, Ashbricks Eastfacing 20' Govt. Road, Electri Pole waterlines କଟକ- ଭୁବନେଶ୍ୱରରୁ ୪୦ କି.ମି. ତ୍ରିଶୂଳିଆ ଛକରୁ ୨୨କି.ମି. ବାଙ୍କୀ- ଡମପଡ଼ାରେ ସ୍ଥିତିବାନ Litigationfree 65000sqft. Plot Sale immediately 7894196157. D-3354

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

All types of physiotherapy and massage contact 9556924059/ 7656969134. D-3339

Newly open Jyoti SPA positively health benefits (Expert therapist). Contact- 8458067955. D-76955


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit sworn before the Executive Magistrate, Rasulpur, Jajpur, dtd.- 30.12.2025, I, Pradeep Maharana, At- Bhagatbhagaban, P.O.- Sribantapur, Dist.- Jajpur, PIN- 755015 declare that I have changed my daughter's name from Subhashree Maharana to Meera Maharana. Henceforth, she shall be known as Meera Maharana for all purposes.
Pradeep Maharana
D-3352

By virtue of affidavit before Executive Magistrate, Bhubaneswar, I, Sarita Das, D/o.- Radha Govinda Das, presently resides at Qr. No. Type-III-250, New A.G. Colony, Nayapalli, Bhubaneswar, Odisha, PIN- 751012 hereby declare that after my marriage to Sri Kshirod Kumar Mohanty, I have changed my name from Sarita Das to Sarita Mohanty. Sarita Das and Sarita Mohanty is one & same person. Now I have been known as Sarita Mohanty for all purposes and all time to come. D-3351

### LEGAL NOTICE

Letter No.- 188, Date- 04.02.2026

ମାନ୍ୟବର ଆଡିସନାଲ କମିଶନର, ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.,
ଆଡିସନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା,
ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.– ୫୮/୨୦୨୪

ଶ୍ରୀ ରବିନାରାୟଣ ଷଡ଼ଙ୍ଗୀ ........ବାଦୀ/ଦରଖାସ୍ତକାରୀ

ବନାମ

ବନ୍ଦୋବସ୍ତ ଅଧିକାରୀ, ବନ୍ଦୋବସ୍ତ କମିଶନରଙ୍କ କାର୍ଯ୍ୟାଳୟ, ଜୋବ୍ରା, କଟକ ଏବଂ ଅନ୍ୟମାନେ, .........ପ୍ରତିବାଦୀ ଗଣ

ନୋଟିସ

ପ୍ରାପ୍ତେଷୁ –

ସମସ୍ତଙ୍କ ଠିକଣା: ୪ କ. ଅଜୟ ପାହାଡସିଂ, ୬ କ. ସରବ ପାହାଡସିଂ, ୯ କ. ହରେକୃଷ୍ଣ ପାହାଡସିଂ, ୯ ଖ. ଉପେନ୍ଦ୍ର ପାହାଡସିଂ, ୯ ଗ. ରମେଶ ପାହାଡସିଂ, ୯ ଘ. ସୁରେଶ ପାହାଡସିଂ, ୯ ଙ. ଫୌଜି ପାହାଡ଼ସିଂ, ସମସ୍ତଙ୍କ ଠିକଣା: ଗ୍ରାମ– ଭୁଆସୁଣୀ/ଜୁଝାଗଡ, ପୋ.ଅ.– ଦାରୁଠେଙ୍ଗ, ଭୁବନେଶ୍ୱର, ଖୋର୍ଦ୍ଧା।

ସି.ପି.ସି. ଅର୍ଡର– ୫, ରୁଲ୍– ୨୦ (୧–କ) ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ସର୍ଭେ ଏବଂ ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ୍ କମିଶନର, ଆଡିସନାଲ୍ ରିଭିଜନ କୋର୍ଟ ନଂ.– ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ରବିନାରାୟଣ ଷଡ଼ଙ୍ଗୀ ଖରିଦ୍ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର କରିଛନ୍ତି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀଗଣଙ୍କ ଠିକଣାରେ ନୋଟିସ ସ୍ପିଡ୍‌ପୋଷ୍ଟ ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଏହି ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀଗଣଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଜରିଆରେ ଜଣାଇଦିଆଯାଉଛି କି ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନ କୋର୍ଟ ନଂ.୪ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ଆସନ୍ତା ତା.୦୯।୦୩।୨୦୨୬ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ଦିଆଗଲା।

ତଫସିଲଭୁକ୍ତ ବୃତ୍ତି

ଜିଲ୍ଲା– ଖୋର୍ଦ୍ଧା, ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ମୌଜା– ଭୁଆଶୁଣୀ, ସାବକ ଖାତା ନଂ.– ୨୧୮/୨୧, ସାବକ ପ୍ଲଟ୍ ନଂ.– ୨୭୨/୮୧୮, ଏରିଆ: ୦.୨୭୩ ଡେ., ଏହାର ହାଲ୍ ଖାତା ନଂ.– ୯୦୭, ହାଲ୍ ପ୍ଲଟ୍ ନଂ.– ୧୩୧୩।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀଗଣ କିମ୍ବା ମୃତ ହୋଇଥିଲେ, ଔରସ ମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପରୋକ୍ତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦ୍‌ବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣମାନଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ଆଡିସନାଲ୍ ରିଭିଜନ କୋର୍ଟ ନଂ –୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
ସ୍ୱା.– କୋର୍ଟ ଅଫିସର

ଧ– ୩୩୫୦

ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ, ଶ୍ରୀ ସତ୍ୟବ୍ରତ ସାହୁ (ଭାରତୀୟ ପ୍ରଶାସନିକ ସେବା)ଙ୍କ ଶିବିର ଅଦାଲତ, ଭୁବନେଶ୍ୱର, ୟୁନିଟ୍– ୫,
କେଶରୀ ନଗର, ଭୁବନେଶ୍ୱର,
ଓ.ଏସ୍.ଏସ୍. କେସ୍ ନଂ.– ୩୯୨/୨୦୨୩

ପ୍ରଶାନ୍ତ କୁମାର ସାହୁ, ବୟସ ୫୪ ବର୍ଷ, ପି.– ୰ ଜୟକୃଷ୍ଣ ସାହୁ, ଗ୍ରାମ/ପୋ/ଥାନା– ଗୋପ, ଜିଲ୍ଲା– ପୁରୀ .........ବାଦୀ

ବନାମ

ତହସିଲଦାର, ଗୋପ ଏବଂ ଓଗେର ........ପ୍ରତିବାଦୀ

ନୋଟିସ

(ଦେୱାନା କାର୍ଯ୍ୟବିଧି ସଂହିତାର ଆଦେଶ ନଂ. ୫ ଏବଂ ନିୟମ ନଂ.୨୦ ମୁତାବକ)

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ.୨– ସେକ୍ ତାଲିମ, ବୟସ ୬୧ ବର୍ଷ, ପ୍ରତିବାଦୀ ନମ୍ବର ୩– ସେକ୍ କଲିମ, ବୟସ ୪୯ ବର୍ଷ, ଏମାନଙ୍କ ପିତା– ସେକ୍ ସଲିମ୍। ପ୍ରତିବାଦୀ ନଂ.୪– ସ୍ମରଣ କୁମାର ସାହୁ, ବୟସ ୬୪ ବର୍ଷ, ପ୍ରତିବାଦୀ ନଂ.୫– ସୌଭାଗ୍ୟ କୁମାର ସାହୁ, ବୟସ ୫୫ ବର୍ଷ, ଏମାନଙ୍କ ପିତା ୰ ବନମାଳୀ ସାହୁ, ପ୍ରତିବାଦୀ ନମ୍ବର ୬– ସୁକେଶୀ ସାହୁ, ବୟସ ୭୯ ବର୍ଷ, ସ୍ୱା– ୰ ବନମାଳୀ ସାହୁ, ଏ ସମସ୍ତଙ୍କ ଗ୍ରାମ/ପୋ/ଥା– ଗୋପ, ଜିଲ୍ଲା– ପୁରୀ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନ ତଫସିଲ ଜମି ପାଇଁ ତହସିଲଦାର, ଗୋପ ଫଇସଲା କରିଥିବା ବିବିଧ ମୋକଦ୍ଦମା ନମ୍ବର ୮୧/୨୦୨୩କୁ ଖାରଜ କରିବା ନିମନ୍ତେ ଉପରୋକ୍ତ ଅଦାଲତରେ ଓ.ଏସ୍.ଏସ୍. ଆଇନର ଧାରା ୩୨ ମୁତାବକ ରିଭିଜନ ମୋକଦ୍ଦମା ଦାଏର କରିଅଛନ୍ତି। ଉପରୋକ୍ତ ପ୍ରତିବାଦୀମାନେ ଡାକ ଯୋଗେ ପଠାଯାଇଥିବା ନୋଟିସ ଗ୍ରହଣ କରିଥିଲେ ସୁଦ୍ଧା ଅଦାଲତରେ ବାରମ୍ବାର ଅନୁପସ୍ଥିତ ରହି ଆସୁଛନ୍ତି।

ଏଣୁ ଶେଷ ସୁଯୋଗ ପ୍ରାପ୍ତି ନିମନ୍ତେ, ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଉପରୋକ୍ତ ରିଭିଜନ ମୋକଦ୍ଦମାର ଶୁଣାଣି ତା୨୬।୦୩।୨୬ରିଖ, ଗୁରୁବାର ଦିବା ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଏଣୁ ତୁମ୍ଭେମାନେ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଓ ସମୟରେ ଅଦାଲତ ପରିସରରେ ହାଜର ହୋଇ ପକ୍ଷ ରଖିବେ। ଅନ୍ୟଥା, ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ଜମିର ବିବରଣୀ

ମୌଜା– ଗୋପ, ଥାନା/ତହସିଲ– ଗୋପ, ଜିଲ୍ଲା– ପୁରୀ, ହାଲ୍ ଖାତା ନଂ.– ୧୬୨୬, ପ୍ଲଟ୍ ନଂ. ୩୦୯୪, ଏ୦.୦୮ଡି. ଦାଖଲ ଖାରଜ ଖାତା ନଂ.– ୧୭୩୩/୬୫୬, ପ୍ଲଟ୍ ନମ୍ବର– ୩୦୯୪– ଏ୦.୦୮ଡି.।

ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକଙ୍କ ଆଦେଶକ୍ରମେ
ସ୍ୱା.– ଶ୍ରୀ ଶଶାଙ୍କ ଶେଖର ମିଶ୍ର, ଅନୁ ସଚିବ (ବିଚାର)
୦୪।୦୨।୨୦୨୬
ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ

ଧ–୩୩୪୯

# ରଜନୀଗନ୍ଧା ଚାଷରେ ସାର ପ୍ରୟୋଗ



ରଜନୀଗନ୍ଧା ଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର, ସିଙ୍ଗଲ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦ କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ରାଶି ଚାଷ କରୁଥିଲେ



ଜାନୁଆରୀ ଶେଷରୁ ଫେବୃଆରୀ ୧୫ ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ।

## ସଫଳ ଚାଷୀ
### ଧନଞ୍ଜୟ ନାୟକ

# ପନିପରିବା ଚାଷରୁ ସ୍ୱତନ୍ତ୍ର ପରିଚୟ ମିଳିଛି



ଧନଞ୍ଜୟ

ପେସା ଥିଲା ଦେଶସେବା। କିନ୍ତୁ ତା'ଭିତରେ ଚାଷବାସ ସହ ଜଡ଼ିତ ରହିବାକୁ ମନ ବଳାଇଥିଲେ ସେ। ପରବର୍ତ୍ତୀ ସମୟରେ ସେ ସୈନିକ ଚାକିରି ଛାଡ଼ି ଚାଷକୁ ପେସା ଭାବରେ ଗ୍ରହଣ କରିନେଇଥିଲେ। ଆଉ ଏବେ ଏଥିରୁ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ସେ ହେଲେ ଧନଞ୍ଜୟ ନାୟକ। ନିଜେ ରୋଜଗାର କରିବା ସହ ପ୍ରାୟ ୪୦ ଜଣଙ୍କୁ କିଛି କିଛି ରୋଜଗାର କରିବାରେ ମଧ୍ୟ ସହାୟକ ହୋଇଛନ୍ତି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଧାମନପୁର ଗ୍ରାମରେ ତାଙ୍କର ଜନ୍ମ। ନିଜ ବିଷୟରେ ସେ କହନ୍ତି, ''ମୁଁ ୨୦୦୨ ମସିହାରେ ଆଇଆର୍‌ବି ଯବାନ ଭାବେ ଯୋଗଦେଇଥିଲି। ସେଠାରେ କିଛିଦିନ ଟ୍ରେନିଂ ନେବା ପରେ ଚାକିରି କରିବାକୁ ଇଚ୍ଛା ନ କରି ଗାଁକୁ ଫେରିଆସିଲି। ସେତେବେଳେ ଆମ ପଡ଼ୋଶୀ ସାନଚେର ଗାଁର ଚାଷୀ କୃଷ୍ଣଚନ୍ଦ୍ର ନାଗଙ୍କ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରୁଥାଆନ୍ତି। ତାହାକୁ ଦେଖି ମୁଁ ଚାଷ ପ୍ରତି ଅଧିକ ଅନୁପ୍ରାଣିତ ହେଲି। ଏହାପରେ ୨୦୧୨ରେ ପ୍ରଥମେ ୨୫ ଡେସିମିଲ ଜମିରେ ଲଙ୍କାଚାଷ ଆରମ୍ଭକଲି। ସେଥିରୁ ବେଶ୍ କିଛି ଆୟ କରିବା ପରେ ଚାଷ ଯେ ରୋଜଗାରର ଅନ୍ୟତମ ପ୍ରମୁଖ ମାଧ୍ୟମ ତାହା ମୋ ମନରେ ଆହୁରି ଦୃଢ଼ୀଭୂତ ହୋଇଥିଲା। ଆଉ ସେବେଠାରୁ କେବେ ପଛକୁ ଫେରି ଚାହିଁନାହିଁ। ବର୍ତ୍ତମାନ ମୁଁ ପ୍ରାୟ ୨୫ ଏକର ଜମିରେ ଟମାଟୋ, ବାଇଗଣ, ଫୁଲକୋବି, କାକୁଡ଼ି, କଞ୍ଚାଲଙ୍କା ଓ ଅନ୍ୟ ପନିପରିବା ଚାଷ କରୁଛି। ଏଥିରୁ ନିଜେ ଆଶାନୁରୂପ ରୋଜଗାର କରିବା ସହ ଆୟ କରିବା ସହ ପ୍ରାୟ ୪୦ ଜଣଙ୍କୁ ରୋଜଗାର ଦେବାରେ ସକ୍ଷମ ହୋଇଛି। ଆଜି ପନିପରିବା ଚାଷ ମୋତେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ।'' ତାଙ୍କର ଏହି ଚାଷ ମଡେଲକୁ ଦେଖିବା ପାଇଁ ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ସେଠାକୁ ଆସୁଛନ୍ତି। ଏହା ବାଦ୍ ସେ ଜଣେ ମଧ୍ୟ ପ୍ରକୃତିପ୍ରେମୀ । ଜୀବଜଗତର ସୁରକ୍ଷା ପାଇଁ ସେ ୨ ଏକର ଜମିରେ ଜଙ୍ଗଲ ସୃଷ୍ଟି କରିଛନ୍ତି। ଚାଷ କାର୍ଯ୍ୟକରି ସ୍ୱାଧୀନ ଭାବେ ବଞ୍ଚିବା ସହ ଅନ୍ୟ ଲୋକଙ୍କୁ ରୋଜଗାର ଦେଉଥିବାରୁ ଖୁସି ଲାଗୁଛି ବୋଲି କହନ୍ତି ଧନଞ୍ଜୟ ।

–ଉତ୍ତମ କୁମାର ଦାଶ

# ଆନ୍ଥ୍ରାକ୍ସ ରୋଗ



ଡା. ବୀରକିଶୋର ପରିଡ଼ା

''ଆନ୍ଥ୍ରାକ୍ସ ରୋଗ ସାଧାରଣତଃ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ହୋଇଥାଏ । ଗୋରୁ ଓ ମେଣ୍ଢା ଏହି ରୋଗରେ ସର୍ବାଧିକ ଆକ୍ରାନ୍ତ ହୁଅନ୍ତି । ଘୋଡ଼ା, ଛେଳି ଏବଂ ଘୁଷୁରି ମଧ୍ୟ ଏହି ରୋଗରେ ବେଳେବେଳେ ଆକ୍ରାନ୍ତ ହୋଇଥାନ୍ତି । ମନୁଷ୍ୟ, କୁକୁର, ବିରାଡ଼ିଙ୍କଠାରେ ଏହି ରୋଗ ଅପେକ୍ଷାକୃତ କମ୍ ଦେଖାଯାଏ ।''

ଆନ୍ଥ୍ରାକ୍ସ ରୋଗକୁ ମଧ୍ୟ ପ୍ଲୀହା ଜ୍ୱର, ପଶମ ସଜାଇବା ବ୍ୟକ୍ତିଙ୍କ ରୋଗ, ଚାର୍‌ବନ୍, କାର୍‌ବଙ୍କଲ୍ କୁହାଯାଏ।

**କାରଣ**

ପ୍ଲୀହା ଜ୍ୱର ଏକ ଜୀବାଣୁ 'ବାସିଲସ୍ ଆନ୍ଥ୍ରାସିସ୍' ଯୋଗୁ ହୋଇଥାଏ । ଏହା ଏକଗ୍ରାମ୍ ପଜିଟିଭ୍, ଲମ୍ବାକୃତି ରଡ୍ ଏବଂ ରେଣୁ ଗଠନକାରୀ ଜୀବାଣୁ । ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାରୁ ମୁକ୍ତି ପାଇବା ପାଇଁ ଏହି ରୋଗ ପୃଥିବୀର ସର୍ବତ୍ର ଦେଖାଯାଏ । ଏହି ଜୀବାଣୁ ଗୋଟି ଗୋଟି ହୋଇ କିମ୍ବା ଚେନ୍ ଭଳି ରହିଥାନ୍ତି।

**ଆକ୍ରାନ୍ତ ହେଉଥିବା ପ୍ରାଣୀ**

ଆନ୍ଥ୍ରାକ୍ସ ରୋଗ ସାଧାରଣତଃ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ହୋଇଥାଏ । ଗୋରୁ ଓ ମେଣ୍ଢା ଏହି ରୋଗରେ ସର୍ବାଧିକ ଆକ୍ରାନ୍ତ ହୁଅନ୍ତି । ଘୋଡ଼ା, ଛେଳି ଏବଂ ଘୁଷୁରି ମଧ୍ୟ ଏହି ରୋଗରେ ବେଳେବେଳେ ଆକ୍ରାନ୍ତ ହୋଇଥାନ୍ତି । ମନୁଷ୍ୟ, କୁକୁର, ବିରାଡ଼ିଙ୍କଠାରେ ଏହି ରୋଗ ଅପେକ୍ଷାକୃତ କମ୍ ଦେଖାଯାଏ ।

**ରୋଗ ସୃଷ୍ଟିହେବାର ପ୍ରଧାନ କାରଣ**

ପ୍ରାଣୀମାନଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଏବଂ ବ୍ୟାୟାମର ଅଭାବ ବା ଅଳସୁଆମି ଯୋଗୁ ଏହି ଜୀବାଣୁ ଶରୀରରେ ପ୍ରବେଶ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ।

**ରୋଗ ବ୍ୟାପେ କିପରି**

ପ୍ରକୃତରେ କହିବାକୁ ଗଲେ ମୃତପ୍ରାଣୀ ହିଁ ଏହି ରୋଗ ସୃଷ୍ଟି ହେବାର ଉତ୍ପତ୍ତିସ୍ଥଳ । ପ୍ରଥମେ ଏହି ଜୀବାଣୁ ପ୍ରାଣୀଙ୍କ ଶରୀରରୁ ଆସି ମାଟିରେ ମିଶେ ଏବଂ ଏଠାରେ ନିଜ ଚାରିପାଖରେ କୋଷା ତିଆରିକରି ବର୍ଷ ବର୍ଷ ଧରି ବଞ୍ଚିରହିପାରନ୍ତି । ଏହି ଜୀବାଣୁ ଲାଗିଥିବା ଖାଦ୍ୟ କିମ୍ବା ପାଣି ଦ୍ୱାରା ସୁସ୍ଥ ପ୍ରାଣୀ ଦେହରେ ପ୍ରବେଶ କରିଥାନ୍ତି। ମଶା, ମାଛି, ଡାଆଁଶ ଏବଂ ଟିଙ୍କ କାମୁଡ଼ିଲେ ମଧ୍ୟ ଜୀବାଣୁ ଶରୀରରେ ସହଜରେ ପ୍ରବେଶ କରିଥାଏ। ପ୍ଲୀହାଜ୍ୱର ଝରଣା ବା ନଦୀ, ମାଂସାଶୀ ପ୍ରାଣୀ, ଜଙ୍ଗଲୀ ପକ୍ଷୀ, ଗୋରୁ ଚମଡ଼ା ପରିବହନ, ହାଡ଼ଗୁଣ୍ଡ ଓ ଲୋମ ମାଧ୍ୟମରେ ମଧ୍ୟ ବ୍ୟାପିଥାଏ ବା ପଶମ ଉଲ୍ ସଜାଉଥିବା ବ୍ୟକ୍ତି, ଚମଡ଼ା ଓ ସାର କାରଖାନାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ସଂଖ୍ୟାରେ ଆନ୍ଥ୍ରାକ୍ସ ଦ୍ୱାରା ଆକ୍ରାନ୍ତ ହୁଅନ୍ତି।

**ରୋଗର ସୃଷ୍ଟି ହୁଏ କିପରି**

ଆନ୍ଥ୍ରାକ୍ସ ରେଣୁଯୁକ୍ତ ଜୀବାଣୁ ଖାଦ୍ୟ ଓ ପାଣି ମାଧ୍ୟମରେ ପାଟି ବାଟଦେଇ ପ୍ରବେଶ କରନ୍ତି। ମୁନିଆ ତନ୍ତୁଜାତୀୟ ଖାଦ୍ୟ ଦ୍ୱାରା ପାଟି ମଧ୍ୟରେ ସୃଷ୍ଟିହୋଇଥିବା ଖଣ୍ଡିଆ ସ୍ଥାନରେ ଦେହ ଭିତରକୁ ସହଜରେ ପଶିଥାନ୍ତି । ଶରୀରର ବାହାରେ ସୃଷ୍ଟି ହୋଇଥିବା ଘା' ବାଟେ କିମ୍ବା ପେଟରୁ ଶ୍ଲେଷ୍ମା ଝିଲ୍ଲୀ ମଧ୍ୟଦେଇ ମଧ୍ୟ ଜୀବାଣୁ ପ୍ରବେଶ କରିଥାନ୍ତି। ତା'ପରେ ସେମାନେ ନିକଟସ୍ଥ ଲସିକା ନଳୀଦେଇ ଲସିକା ଗ୍ରନ୍ଥିକୁ ଯାଇଥାନ୍ତି, ଯେଉଁଠାରେ ସେମାନଙ୍କ ବଂଶବୃଦ୍ଧି ଘଟିଥାଏ। ତା'ପରେ ସେମାନେ ବଡ଼ ଲସିକାବାହୀ ନଳୀ ଦେଇ ରକ୍ତରେ ମିଶନ୍ତି ଏବଂ ଶେଷରେ ଏହି ରକ୍ତ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶରେ ପ୍ରବେଶ କରିଥାନ୍ତି । ଏହି ଜୀବାଣୁର ଥିବା କୋଷ ବା କ୍ୟାପସୁଲ୍ ଏବଂ ସେମାନଙ୍କଠାରୁ ନିର୍ଗତ ଏକ ବିଷାକ୍ତ ପଦାର୍ଥ ବା ଟକ୍‌ସିନ୍ ଏହି ରୋଗ ଖୁବ୍‌ଶୀଘ୍ର ବଢ଼ାଇବାରେ ସାହାଯ୍ୟ କରିଥାଏ । ଏହି ବିଷାକ୍ତ ପଦାର୍ଥ ଶରୀରର ବହୁ ଜୀବକୋଷ ନଷ୍ଟ କରିଦିଅନ୍ତି। ଏହି ଟକ୍‌ସିନ୍ ବା ବିଷାକ୍ତ ପଦାର୍ଥ ତିନିଗୋଟି ନିମ୍ନ ଉପାୟରେ ପ୍ରାଣୀଙ୍କ ଶରୀରରେ କ୍ଷତି ଘଟାଇଥାଏ ।

**ଏଡିମା ଫ୍ୟାକ୍ଟର :** ଏହା ଶରୀରର ତଳ ବେକ ଥଳି ଏବଂ ଅନ୍ୟାନ୍ୟ ସ୍ଥାନରେ ପାଣି ଜମାକରି ଏକ ଫୁଲା ସ୍ଥାନ ବା ଏଡିମା ସୃଷ୍ଟି କରିଥାଏ ।

**ସୁରକ୍ଷା ଫ୍ୟାକ୍ଟର :** ଏହା ଶରୀରରେ ଥିବା ବିଭିନ୍ନ ନ୍ୟୁଟ୍ରୋଫିଲ୍, ମାକ୍ରୋଫେଜ୍ ଆକ୍ରମଣ ଦାଉରୁ ରକ୍ଷାକରେ।

**ଲିଥାଲ୍ ଫ୍ୟାକ୍ଟର :** ଏହା ଶରୀରକୁ ଦୁର୍ବଳ କରନ୍ତି ଏବଂ ସ୍ନାୟୁର କାର୍ଯ୍ୟଦକ୍ଷତା ହ୍ରାସ ପାଏ ।ଏହି ଜୀବାଣୁ ପ୍ଲୀହାକୁ ଆକ୍ରାନ୍ତକରି ୨ରୁ ୩ଗୁଣ ଆକାର ବୃଦ୍ଧି ଘଟାଇଥାନ୍ତି। ରକ୍ତ ଜମାଟ ବାନ୍ଧେ ନାହିଁ। ବେକ ତଳ ଫୁଲିଲା ପରି ଜଣାପଡ଼େ ।

**ଲକ୍ଷଣ**

ଏହି ରୋଗର ବିଶେଷତ୍ୱ ହେଲା ଯେ, ଏହା ଖୁବ୍ ଶୀଘ୍ର ବ୍ୟାପିଯାଏ ଏବଂ ହଠାତ୍ ଆରମ୍ଭ ହୋଇଥାଏ । ସାଧାରଣତଃ ଏହି ରୋଗରେ ଦୁଇ ପ୍ରକାର ଲକ୍ଷଣ ଦେଖାଦେଇଥାଏ । ପ୍ରଥମ ରୂପ ହେଲା ବିନା ଲକ୍ଷଣରେ ଗୋରୁମାନେ ଚରିବୁଲିବା ଅବସ୍ଥାରେ ହଠାତ୍ ପଡ଼ିମରିଯାନ୍ତି । ମୃତ୍ୟୁ ପରେ ତା'ର ମଳଦ୍ୱାର, ପାଟି ନାକପୁଡ଼ା ଓ ଯୋନିଦ୍ୱାର ପ୍ରଭୃତିରୁ ରକ୍ତସ୍ରାବ ହୋଇଥାଏ । ମୃତ ପ୍ରାଣୀର ଶରୀର ଖୁବ୍ ଶୀଘ୍ର ପଚିଯାଏ । କୌଣସି ଅଞ୍ଚଳରେ ରୋଗ ଆରମ୍ଭ ସମୟରେ ହିଁ ପ୍ରାଣୀମାନେ ହଠାତ୍ ମୃତ୍ୟୁବରଣ କରନ୍ତି। ଏହି ରୋଗର ଦ୍ୱିତୀୟ ରୂପ ବା ଲକ୍ଷଣ ହେଲା – ଆକ୍ରାନ୍ତ ପ୍ରାଣୀ ୨୪–୪୮ଘଣ୍ଟା ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ସେମାନଙ୍କ ଶରୀରର ତାପମାତ୍ରା ୧୦୬–୧୦୭ ଡିଗ୍ରୀ ଫାରେନ୍‌ହିଟ୍ ହୁଏ । ହୃଦ୍‌ସ୍ପନ୍ଦନ ଓ ଶ୍ୱାସକ୍ରିୟାର ବେଗ ଅଧିକ ହୁଏ । ଗୋରୁ କିଛି ଖାଆନ୍ତି ନାହିଁ । ଦୁଧିଆଳୀ ଗାଈଙ୍କ ଦୁଗ୍ଧଦେବା ହଠାତ୍ କମିଯାଏ। ବେକ ତଳ, ଆଗଗୋଡ଼ ଦୁଇଟି ମଝି ଅଂଶରେ, ଶରୀରର ସ୍ଥାନେ ସ୍ଥାନେ ଫୁଲିଯାଏ ଏବଂ ବେଳେବେଳେ ପେଟ ଫାମ୍ପେ। ପ୍ରାଣୀର ତରଳ ଝାଡ଼ା ହୁଏ। ଆନ୍ଥ୍ରାକ୍ସ ଜୀବାଣୁ ମଣିଷ ଶରୀରରେ ପ୍ରବେଶକଲେ କାନ୍ଧ ଓ ହାତରେ ଫୋଟକାମାନ ସୃଷ୍ଟିକରେ । ଫଳରେ ବିନ୍ଧା ଛିଟିକା ହୁଏ ଏବଂ ଶରୀରରେ ଜୀବାଣୁର ବଂଶବୃଦ୍ଧି ଓ ବିଷ ପଦାର୍ଥ ନିର୍ଗତ ହୁଏ। ସେପ୍ଟିସେମିଆ ହୋଇ ମନୁଷ୍ୟର ମୃତ୍ୟୁ ଘଟିଥାଏ । ମୃତ ପ୍ରାଣୀର ଶରୀର ମୃତ୍ୟୁ ପରେ ଲାଠି ବା ସିଧା ଟାଣ ପରି ହୁଏ ନାହିଁ । ଖୁବଶୀଘ୍ର ଫୁଲିଯାଏ । ଶବଗୁଡ଼ିକ ଖୁବ୍ ଶୀଘ୍ର ପଚିଯାଏ । ରୋଗର ଆକ୍ରାନ୍ତ ହାର ୫–୨୦ପ୍ରତିଶତ ଏବଂ ମୃତ୍ୟୁହାର ୪୦–୬୦ ପ୍ରତିଶତ । (କ୍ରମଶଃ...)



–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ



➤ଅଧିକ ଖରା ହେଲେ ପ୍ରାଣୀମାନେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ। ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ମୃତ୍ୟୁ ମଧ୍ୟ ହୋଇ ନ ଥାଏ । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଏଣ୍ଟେରୋଟକ୍ସିମିଆ ଓ ପିପିଆର୍ ରୋଗ ଟିକା ସେମାନଙ୍କୁ ଦିଅନ୍ତୁ ।

➤ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ। ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହ ୩୦ ଗ୍ରାମ୍‌ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ । ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତିଦିନ ୫ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ ।

➤ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆକୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ କରି ମାଛଙ୍କୁ ଖାଇବାକୁ ଦିଅନ୍ତୁ ।

## ମହୁଚାଷ



ମହୁବାକ୍ସଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭–୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରିଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନକରି ବିକ୍ରୟ କରନ୍ତୁ।

# ଡାଲୁଅ ଧାନରେ ରୋଗପୋକ ପରିଚାଳନା

ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧–୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮–୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ୀଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ–୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।



# ବିହନ ବ୍ୟବହାର ପୂର୍ବରୁ...

ଘରେ ସାଇତି ରଖିଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା–ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ।



# ମନ୍ଦା ପ୍ରଣାଳୀରେ ଆଖୁଚାଷ



ଫେବୃଆରୀରୁ ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୬୦ଦିନର ହୋଇଥିଲେ ଘାସ ବାଛି କୋଡାଖୁସା କରି ମନ୍ଦା ପିଛା ୧୦ଗ୍ରାମ ଲେଖାଏ ୟୁରିଆ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ମାସରେ ଲଗାଯାଇଥିବା ଆଖୁ ୪ ମାସର ହୋଇଯାଇଥିଲେ ଶୁଖିଲା ଆଖୁ ପତ୍ରକୁ ଆଖୁ ଗଛରୁ ଛଡ଼ାଇ ଦେଇ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ। ଆଖୁ ଫସଲ ଲଗାଇବାର ୧୦୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ।

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ Bhubaneswar, Wednesday, February 11/ 2026

GOVERNMENT OF INDIA
CBC 35101/13/0113/2526
ଜୀବିକାର ସୁଯୋଗକୁ ବୃଦ୍ଧି କରିବା ଓ
ସମୃଦ୍ଧ ପରିବାର ପାଇଁ ପ୍ରାଣୀଧନର ବିକାଶ
ପଶୁପାଳନ, ମତ୍ସ୍ୟଚାଷ ଏବଂ କୁକୁଡ଼ା ଚାଷ
ଭିତ୍ତିଭୂମି ଗ୍ରାମୀଣ ଅର୍ଥନୀତିକୁ ମଜଭୁତ କରିବ



ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି
ଏବଂ ଆଜୀବିକା ମିଶନ (ଗ୍ରାମୀଣ): ଭିବି - ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫
୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି



# ଆର୍ଜେଣ୍ଟିନାକୁ ହରାଇଲା ବେଲଜିୟମ

ରାଉରକେଲା,୧୦।୨(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଏଚ୍‌ଆଇଏଚ୍ ପ୍ରୋ ଲିଗ୍ ମଙ୍ଗଳବାର ଆରମ୍ଭ ହୋଇଛି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ନିର୍ଦ୍ଦେଶକ ଯଦୁଲା ବିଜୟ, ଏସିଆନ୍ ହକି ଫେଡେରେଶନ ଓ ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର୍. କେ. ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମ

**ରାଉରକେଲାରେ ଏଫ୍‌ଆଇଏଚ୍ ପ୍ରୋଲିଗ୍ ଆରମ୍ଭ**



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ମଙ୍ଗଳବାର ବେଲଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା।

ମ୍ୟାଚ୍ ବେଲଜିୟମ୍ ଓ ଆର୍ଜେଣ୍ଟିନା ମଧ୍ୟରେ ଖେଳାଯାଇଥିଲା। ଆର୍ଜେଣ୍ଟିନା ଦଳ ଆରମ୍ଭରୁ ବେଲଜିୟମ୍ ଉପରେ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌ର ୧ ମିନିଟ୍ ୧୯ ସେକେଣ୍ଡରେ ପ୍ରଥମ ପେନାଲ୍‌ଟି କର୍ନରର ସୁଯୋଗ ପାଇ ଦଳର ୨୧ ନମ୍ବର ଜର୍ସି ଖେଳାଳି ଟୋମାସ୍ ଡୋମିନି ପ୍ରଥମ ଗୋଲ କରି ଦଳକୁ ୧–୦ ଗୋଲରେ ଆଗୁଆ ରଖିଥିଲେ। ପରେ ୯ମ ମିନିଟରେ ଫରୱାର୍ଡ ନିକୋଲୋସ୍ ଡେଲା ଟୋରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ୍ କରି ବେଲଜିୟମ ଉପରେ ଚାପ ପକାଇଥିଲେ। ପ୍ରଥମ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ମ୍ୟାଚ୍‌ର ୧୪ ମିନିଟ୍ ୫୮ ସେକେଣ୍ଡରେ ବେଲଜିୟମର ଟମ୍ ବୁନ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ଆର୍ଜେଣ୍ଟିନା ଦଳ ୨–୧ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ମ୍ୟାଚର ୨୩ ମିନିଟ୍ ୩୯ ସେକେଣ୍ଡରେ ଆର୍ଜେଣ୍ଟିନା ଫରୱାର୍ଡ ଟୋମାସ୍ ଡୋମିନି ଦଳ ପକ୍ଷରୁ ୩ୟ ଗୋଲ୍ ସ୍କୋର କରିଥିଲେ। ମାତ୍ର ଦ୍ୱିତୀୟ କ୍ୱାର୍ଟର ଶେଷ ହୋଇ ଆସୁଥିବାବେଳେ ୨୯ ମିନିଟ୍ ୫୯ ସେକେଣ୍ଡରେ ଟମ୍ ବୁମ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ବେଲଜିୟମ ଆଶା ଉଜ୍ଜୀବିତ କରିଥିଲେ। ପ୍ରଥମାର୍ଦ୍ଧ ବେଳକୁ ଆର୍ଜେଣ୍ଟିନା ଆର୍ଜେଣ୍ଟିନା ମ୍ୟାଚ୍‌ରେ ୩–୨ ଗୋଲରେ ଆଗୁଆ ରହିଥିଲା।

ଦ୍ୱିତୀୟାର୍ଦ୍ଧରେ ବେଲଜିୟମ ଚମତ୍କାର ପ୍ରଦର୍ଶନ କରିଥିଲା। ୩୧ ମିନିଟ୍ ୧୬ ସେକେଣ୍ଡରେ ୧୭ ନମ୍ବର ଜର୍ସି ଖେଳାଳି ଗୁଲେମୁ ହେଲିନ୍ ଏକ ଗୋଲ ଦେବାରୁ ମ୍ୟାଚ ୩–୩ରେ ବରାବର ସ୍ତରକୁ ଚାଲି ଆସିଥିଲା। ୪ର୍ଥ କ୍ୱାର୍ଟର ଅର୍ଥାତ୍ ୫୨ ମିନିଟ୍ ୪୮ ସେକେଣ୍ଡରେ ୧୬ ନମ୍ବର ଜର୍ସି ଖେଳାଳି ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ବେଲଜିୟମ୍ ପକ୍ଷରୁ ୪ର୍ଥ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ଶେଷ ଗୋଲ ବେଲଜିୟମ ପକ୍ଷରୁ ଟମ୍ ବୁନ୍ ୫୮ତମ ମିନିଟରେ ସ୍କୋର କରିବାରୁ ଏହି ଦଳ ୫–୩ ଗୋଲରେ ବିଜୟୀ ହୋଇଥିଲା। ୩ ଗୋଲ ଦେଇ ହ୍ୟାଟ୍ରିକ କରିଥିବା ବେଲଜିୟମ୍‌ର ଟମ୍ ବୁମ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ। ବୁଧବାର ଭାରତ ଓ ବେଲଜିୟମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ନ୍ୟୁଜିଲାଣ୍ଡର ବୃହତ୍ ବିଜୟ

ଚେନ୍ନାଇ,୧୦।୨

ଚଳିତ ଟି୨୦ ବିଶ୍ୱକପ୍‌ରେ ମଙ୍ଗଳବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୦ ଉଇକେଟରେ ୟୁଏଇକୁ ପରାସ୍ତ କରିଛି। ୟୁଏଇ ଦ୍ୱାରା ଧାର୍ଯ୍ୟ ୧୭୪ ରନ୍‌ର ଟାର୍ଗେଟ୍‌କୁ ଟିମ୍ ସିଫର୍ଟ ଓ ଫିନ୍ ଆଲେନଙ୍କ ଅପରାଜିତ ଓପ୍‌ନିଂ ଭାଗୀଦାରି ବଳରେ ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ବିନା ଉଇକେଟରେ ହାସଲ କରିନେଇଥିଲା। ଦୁଇ ଓପ୍‌ନର ଅବିଭାଜିତ ପ୍ରଥମ ଉଇକେଟ ପାଇଁ ୧୭୫ ରନ୍ କରିଥିଲେ। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ଯେକୌଣସି ଉଇକେଟ ପାଇଁ ସବୁଠୁ ବଡ଼ ଭାଗୀଦାରି। ଏଥିପୂର୍ବରୁ ଏହି ରେକର୍ଡ ଇଂଲଣ୍ଡର ଯୋଶ୍ ବଟ୍‌ଲର ଓ ଆଲେକ୍ସ ହେଲ୍ସଙ୍କ ନାମରେ ଥିଲା। ଦୁହେଁ ୨୦୨୨ ଟି୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷ ସେମିଫାଇନାଲରେ ପ୍ରଥମ ଉଇକେଟ ଲାଗି ୧୭୦ ରନ୍ କରିଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ୟୁଏଇ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ୟୁଏଇର ସର୍ବାଧିକ ଦଳଗତ ସ୍କୋର। ଜବାବରେ ସିଫର୍ଟ ଓ ଆଲେନ୍‌ଙ୍କର ବିସ୍ଫୋରକ ବ୍ୟାଟିଂ ଯୋଗୁ ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ବିନା କ୍ଷତିରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସିଫର୍ଟ ୪୨ ବଲରେ ୮୯ (୧୨ ଚୌକା ଓ ୩ ଛକା) ଏବଂ ଆଲେନ୍ ୫୦ ବଲରେ ୮୪ (୫ ଲେଖାଏ ଚୌକା ଓ ଛକା) ରନ୍‌କରି ଅପରାଜିତ ରହିଥିଲେ।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଆଫଗାନିସ୍ତାନ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଅହମ୍ମଦାବାଦ୍,
ସମୟ: ପୂର୍ବାହ୍ନ ୧୧ଟା

**ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ**
ସ୍ଥାନ: କଲମ୍ବୋ,
ସମୟ: ଅପରାହ୍ନ ୩ଟା

**ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ୍**
ସ୍ଥାନ: ମୁମ୍ବାଇ,
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର



ଶତକୀୟ ଭାଗୀଦାରି ଅବସରରେ ଟିମ୍ ସିଫର୍ଟ ଓ ଫିନ୍ ଆଲେନ।

**ବିଶ୍ୱକପ୍‌ର ସବୁଠୁ ବଡ଼ ଭାଗୀଦାରି**

# ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ 'ଆସା'ର ଅଂଶଗ୍ରହଣ




ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଅଂଶଗ୍ରହଣ କରିଥିବା 'ଆସା'ର ସଦସ୍ୟବୃନ୍ଦ।

ଭୁବନେଶ୍ୱର, ୧୦।୨(ତପନ ସ୍ୱାଇଁ)

ଭୁବନେଶ୍ୱରସ୍ଥିତ ଆସୋସିଏଶନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆସା)ର ୭ ସଦସ୍ୟ ନିକଟରେ ୩୨ତମ ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଅଂଶଗ୍ରହଣକରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଚଣ୍ଡିଗଡ଼ରେ ଫେବୃଆରୀ ୨ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସୋଲଙ୍ଗ ଭାଲିରେ 'ଆସା'ର ସଦସ୍ୟମାନେ ସ୍ନୋ, ସ୍କି ଆଣ୍ଡ ଟ୍ରେକିଂରେ ଭାଗ ନେଇଥିଲେ। ଟି. ମମତା ପ୍ରଧାନ ଶ୍ରେଷ୍ଠ ପ୍ରଦର୍ଶନକାରୀ ଏବଂ ଶିବଦତ୍ତ ବକ୍ସି ଶ୍ରେଷ୍ଠ ଟିମ୍ ଲିଡର ବିବେଚିତ ହୋଇଥିଲେ। ଅନ୍ୟ ଅଂଶଗ୍ରହଣକାରୀମାନେ ହେଲେ ଅନିଲ ସେନାପତି, ପ୍ରଶାନ୍ତ ଭଞ୍ଜ, କିଶୋର ରାଉତ ଓ ଆର. ବାଲକ୍ରିଷ୍ଣା। 'ଆସା'ର ସଭାପତି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏନ୍. ମହାନ୍ତି, କାର୍ଯ୍ୟନିର୍ବାହୀ ସଭାପତି ଅଶୋକ ମହାନ୍ତି, ଉପସଭାପତି ବିକ୍ରମ ଦାସ, ସମ୍ପାଦକ ଶକ୍ତି ମହାନ୍ତି, କୋଷାଧ୍ୟକ୍ଷ କ୍ଷୀରୋଦ ସାହାଲ ଓ ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନାଗେଶ ଟ୍ରଫି ସୁପର ଲିଗ୍: ଓଡ଼ିଶାର ବୃହତ୍ ବିଜୟ

**କଟକ, ୧୦।୨ (କୁମାରଶ୍ରୀ):** ଜାତୀୟ ସିନିୟର ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ନାଗେଶ ଟ୍ରଫି ସୁପର ଲିଗ୍ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶାକୁ ବୃହତ୍ ବିଜୟ ମିଳିଛି। ମଙ୍ଗଳବାର ନୂଆଦିଲ୍ଲୀର ତାଉ ଦେବୀଲାଲ କ୍ରିକେଟ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୨୨୭ ରନ୍‌ରେ କେରଳକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ନିମନ୍ତ୍ରଣ ପାଇଥିବା ଓଡ଼ିଶା ୩ ଉଇକେଟ ହରାଇ ୩୦୧ ରନ୍ ସଂଗ୍ରହ କରିଥିଲା। ସୁଖରାମ ମାଝୀ ୧୧୪ ଏବଂ ଲାଲ୍ ପ୍ରସାଦ ସୋରେନ ୧୧୮ ରନ୍‌ର ବିସ୍ଫୋରକ ଶତକୀୟ ଇନିଂସ୍ ଖେଳିଥିଲେ। ଜବାବରେ କେରଳ ୭୩ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ସୁଖରାମ, ଲାଲ୍ ପ୍ରସାଦଙ୍କ ସମେତ ଲିଙ୍ଗରାଜ ରାଉତରା ଏବଂ କାଳିଆ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଲାଲ୍ ପ୍ରସାଦଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

# ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣକଲେ ସଚିନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଓ ତାଙ୍କ ପରିବାରବର୍ଗ।

ନୂଆଦିଲ୍ଲୀ,୧୦।୨

କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ତାଙ୍କ ପୁଅ ଅର୍ଜୁନଙ୍କ ବିବାହ ଲାଗି ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି ନିମନ୍ତ୍ରଣ କରିଛନ୍ତି। ଏହି ଅବସରରେ ସଚିନଙ୍କ ସହ ତାଙ୍କ ସ୍ତ୍ରୀ, ଝିଅ, ପୁଅ ଓ ତାଙ୍କ ଭାବୀ ସ୍ତ୍ରୀଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ଏ ନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି।

# ଖେଳାଳିଙ୍କ ଅନୁରୋଧକୁ ବିସିସିଆଇର ପ୍ରତ୍ୟାଖ୍ୟାନ

**ମୁମ୍ବାଇ,୧୦।୨:** ଚଳିତ ଟି୨୦ ବିଶ୍ୱକପ୍ ବେଳେ ପରିବାର ସହ ଟ୍ରାଭେଲ କରିବାକୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଟି୨୦ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା। ହେଲେ ଏହାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ପ୍ରତ୍ୟାଖ୍ୟାନ କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ଅଷ୍ଟ୍ରେଲିଆଠାରୁ ବର୍ଡର ଗାଭାସ୍କର ସିରିଜ୍‌ରେ ପରାଜିତ ହେବା ପରେ ବିସିସିଆଇ ଭାରତୀୟ ଦଳର ଟ୍ରାଭେଲ ନୀତିରେ ପରିବର୍ତ୍ତନ କରିଥିଲା। ପରିବର୍ତ୍ତିତ ନୀତି ମୁତାବକ, ୪୫ ଦିନରୁ ଅଧିକ ଲମ୍ବା ବିଦେଶ ଗସ୍ତରେ ଖେଳାଳିଙ୍କ ସହ ସେମାନଙ୍କ ପରିବାର ସଦସ୍ୟ ଦୁଇ ସପ୍ତାହରୁ ଅଧିକ ରହିପାରିବେ ନାହିଁ।

# ପାକିସ୍ତାନର ୨ୟ ବିଜୟ

କଲମ୍ବୋ,୧୦।୨

ଚଳିତ ଟି୨୦ ବିଶ୍ୱକପ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ପାକିସ୍ତାନ ୩୨ ରନ୍‌ରେ ୟୁଏସ୍‌ଏକୁ ପରାସ୍ତ କରିଛି। ଏହା ପାକିସ୍ତାନର ଦ୍ୱିତୀୟ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୦ ରନ୍ କରିଥିଲା। ଦଳ ପାଇଁ ଶାହିବଜାଦା ଫର୍‌ହାନ ୪୧ ବଲରେ ୭୩ (୬ ଚୌକା ଓ ୫ ଛକା), ବାବର ଆଜମ ୩୨ ବଲରେ ୪୬ (୪ ଚୌକା ଓ ୧ ଛକା) ଓ ଶଦାବ ଖାନ୍ ୧୨ ବଲରେ ୩୦(୪ ଚୌକା ଓ ୧ ଛକା) ରନ୍ କରିଥିଲେ। ଆମେରିକା ପାଇଁ ଶାଡଲି ଭାନ ସ୍କଲ୍‌କ୍ୱିକ ୪ ଉଇକେଟ ହାତେଇଥିଲେ। ଜବାବରେ ଆମେରିକା ଶେଷପର୍ଯ୍ୟନ୍ତ ଖେଳିଥିବା ସତ୍ତ୍ୱେ ୮ ଉଇକେଟ ହରାଇ ୧୫୮ ରନ୍ କରିପାରିଥିଲା। ଦଳ ପକ୍ଷରୁ ଶୁଭମ୍ ରଞ୍ଜନେ ୩୦ ବଲରେ ୫୧(୨ ଚୌକା ଓ ୩ ଛକା), ଶୟାନ ଜାହାଙ୍ଗୀର ୩୪ ବଲରେ ୪୯ (୫ ଚୌକା ଓ ୨ ଛକା) ଓ ମିଲିନ୍ଦ କୁମାର ୨୯(୨ ଚୌକା ଓ ୧ ଛକା) ରନ୍ କରିଥିଲେ। ବିଜୟୀ ପାକିସ୍ତାନ ପାଇଁ ଉସ୍ମାନ୍ ତାରିଖ ୩ ଓ ଶଦାବ ଖାନ୍ ୨ ଉଇକେଟ ନେଇଥିଲେ।

# ଭୁବନେଶ୍ୱର ବାର୍, ରେଡ୍ସ ସେମିରେ

ଭୁବନେଶ୍ୱର, ୧୦।୨(ତପନ ସ୍ୱାଇଁ)

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ୧୧ଶ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ବିଜେବି କଲେଜ ପଡ଼ିଆରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ଭୁବନେଶ୍ୱର ବାର୍ ଏବଂ ଭୁବନେଶ୍ୱର ରେଡ୍ସ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ରେଡ୍ସ ୬ ଉଇକେଟରେ ପୁରୀ ବାର୍ ଆସୋସିଏଶନକୁ ହରାଇ ସେମିରେ ପହଞ୍ଚିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁରୀ ଦଳ ୧୮ ଓଭରରେ ୫ ଉଇକେଟ ହରାଇ ୧୧୯ ରନ୍ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ମୋହିନୀ ଓ ଶିତିକଣ୍ଠ ଶତପଥୀ ୨୬ ରନ୍ ଲେଖାଏ କରିଥିଲେ। ଜବାବରେ ଭୁବନେଶ୍ୱର ରେଡ୍ସ ୧୭.୪ ଓଭରରେ ୪ ଉଇକେଟ ହରାଇ ୧୨୩ ରନ୍ ସଂଗ୍ରହ କରିନେଇଥିଲା। ପ୍ରବୋଧ କୁମାର ପରିଡ଼ା ୪୫ ରନ୍‌ରେ ଅପରାଜିତ ରହିଥିଲେ। ବିକାଶ ରାଉତରାୟ ୨୩ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିଲେ। ପୁରୀ ବୋଲରଙ୍କ ମଧ୍ୟରେ ଅଜୟ ରଣସିଂ ଓ ସମ୍ବିତ ପଟ୍ଟନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ପ୍ରବୋଧ କୁମାର ପରିଡ଼ାଙ୍କୁ ଅତିଥି ଆମ୍ରା ମହାନ୍ତି ପୁରସ୍କୃତ କରିଥିଲେ।

ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ବାର୍ ୬୯ ରନ୍‌ରେ ବାଲେଶ୍ୱର ବାର୍ ଆସୋସିଏଶନକୁ ପରାସ୍ତ କରିଛି। ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର ବାର୍ ୨୦ ଓଭରରେ ୮ ଉଇକେଟ ହରାଇ ୧୮୬ ରନ୍ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ବେହେରା ସର୍ବାଧିକ ୭୯ ଓ ପ୍ରିୟବ୍ରତ ପ୍ରିୟରଞ୍ଜନ ସାହୁ ୪୩ ରନ୍ କରିଥିଲେ। ବିପକ୍ଷ ଦଳର ଜି. ରାଜେଶ ଓ ପବିତ୍ର ତ୍ରିପାଠୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାଲେଶ୍ୱର ଦଳ ୧୭.୪ ଓଭରରେ ୧୧୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ପ୍ରିୟମ ମଲିକ ୪ଟି ଓ ଆଶୁତୋଷ ବେହେରା ୨ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଆଶୁତୋଷ ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି।




ଆଶୁତୋଷ ବେହେରାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ସିଙ୍ଗଲ୍ସ, ଡବଲ୍ସରେ ପ୍ରମୋଦଙ୍କ ପ୍ରଭାବୀ ପ୍ରଦର୍ଶନ





ଦୀପ୍ ରଞ୍ଜନ ବିଷୋୟୀ, ପ୍ରମୋଦ ଭଗତ ଓ ନୁରୁଲ ହୋସେନ ଖାଁ।

ଭୁବନେଶ୍ୱର, ୧୦।୨ (ବିଜୟ ରଣା)

ଭାରତୀୟ ଦଳରେ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ ବାହାରିନରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍ ୨୦୨୬ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ଅଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍୩ ଗ୍ରୁପ୍ ମ୍ୟାଚରେ ସେ ବୁଲଗେରିଆର ଡି. ପାଭଲୋଭଙ୍କୁ ଏବଂ ନ୍ୟୁଜିଲାଣ୍ଡର ଆର୍. ଭେନ୍ନୁଙ୍କୁ ହରାଇ ଦେଇଛନ୍ତି। ସେହିପରି ପୁରୁଷ ଡବଲ୍ସ (ଏସ୍‌ଏଲ୩–ଏସ୍‌ଏଲ୪) ସେ ଓ ତାଙ୍କ ପାର୍ଟନର ସୁକାନ୍ତ କଦମ ୨୧–୯, ୨୧–୧୦ରେ ଏମ୍. ନୁର୍–ଏଫ୍ ସୋରୁଲ୍ଲଙ୍କୁ ୨୧–୯, ୨୧–୧୦ରେ ପରାସ୍ତ କରିଛନ୍ତି। ପ୍ରମୋଦ ମିକ୍ସଡ ଡବଲ୍ସ (ଏସ୍‌ଏଲ୍୩–ଏସ୍‌ୟୁ୫)ରେ ମନୀଷା ରାମଦାସଙ୍କୁ ସାଥୀ କରି ୨୧–୭, ୨୧–୧୧ରେ ୟୁକ୍ରେନର ଭି. ସିନିୟାହୋଭସ୍କି–ଓ'କୋଜିନାଙ୍କୁ ୨୧–୭, ୨୧–୧୧ରେ ପରାସ୍ତ କରିଛନ୍ତି। ସେହିପରି ଓଡ଼ିଶାର ନୁରୁଲ ହୋସେନ ଖାଁ (ଡବ୍ଲୁଏଚ୍୨) ପୁରୁଷ ସିଙ୍ଗଲ୍ସ ଗ୍ରୁପ୍ 'ଜି'ରେ ଅଷ୍ଟ୍ରିଆର ଡି. କୋଷ୍ଟଶଙ୍କୁ ୨୧–୧୫, ୨୧–୧୪ରେରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ଡବଲ୍ସ (ଏସ୍‌ଏଲ୍୩–ଏସ୍‌ଏଲ୍୪)ରେ ମନୋଜ ସରକାରଙ୍କ ସାଥୀ କରି ଦୀପ୍ ରଞ୍ଜନ ବିଷୋୟୀ ଚାଇନାର ଜେନ୍ ଏକ୍ସ–ୟି ୟିଙ୍କୁ ହରାଇ ଦେଇଥଲେ ପରେ ପରାସ୍ତ ହୋଇଛନ୍ତି।

**ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍**

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ